

ରୋମାନିଆରେ ଫୁଟବଲ୍ ଖେଳିବେ ହର୍ଷିକା

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-36 ◆WEDNESDAY ◆30 JULY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୩୬ ◆ବୁଧବାର ◆୩୦ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ପହିଲାରୁ ୨୦୦ ଦେଶକୁ 'ଟ୍ରମ୍ପ ଶୁଳ୍କ'



■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ଅଗଷ୍ଟ ପହିଲାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବିଶ୍ୱର ପ୍ରାୟ ୨୦୦ ଦେଶ ଉପରେ ବାଣିଜ୍ୟ ଶୁଳ୍କ ଲାଗୁ କରିବାକୁ ଯାଉଛନ୍ତି। ଏବେ ଟ୍ରମ୍ପ ସେହି ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଯୋଜନା କରୁଛନ୍ତି ଯେଉଁମାନଙ୍କର ଆମେରିକା ସହିତ ପୃଥକ ବାଣିଜ୍ୟ ଚୁକ୍ତି ନାହିଁ। ଏପରି ଦେଶଗୁଡ଼ିକ ଉପରେ ୧୫-୨୦ ପ୍ରତିଶତ ଶୁଳ୍କ ଲଗାଇବାକୁ ଯୋଜନା ରହିଛି। ଆମେରିକା ସହ ପୃଥକ ବାଣିଜ୍ୟ ଚୁକ୍ତିନାମା ଉପରେ ଆଲୋଚନା ନ କରୁଥିବା ଅଧିକାଂଶ ବାଣିଜ୍ୟିକ ଅଂଶୀଦାରଙ୍କୁ ଶୀଘ୍ର ଆମେରିକାକୁ ରପ୍ତାନି ଉପରେ ୧୫%ରୁ ୨୦% ଶୁଳ୍କ ଲାଗୁ କରାଯିବ। ଏହା ଏପ୍ରିଲରେ ଟ୍ରମ୍ପ୍ ଲଗାଇଥିବା ୧୦% ଶୁଳ୍କ ଅପେକ୍ଷା ବହୁତ ଅଧିକ। ଟ୍ରମ୍ପ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ ତାଙ୍କ ପ୍ରଶାସନ ଖୁବ୍ ଶୀଘ୍ର ପ୍ରାୟ ୨୦୦ ଦେଶକୁ ତାଙ୍କର ନୂତନ "ବିଶ୍ୱ ଶୁଳ୍କ" ହାର ବିଷୟରେ ସୂଚିତ କରିବ। ତେବେ ଭାରତ ସହ ବାଣିଜ୍ୟ ଶୁଳ୍କ କେତେ ରହିବ ତାହା ଏ ପର୍ଯ୍ୟନ୍ତ ସ୍ଥିର ହୋଇପାରିନାହିଁ। ପ୍ରାୟ ସମସ୍ତ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ଶୁଳ୍କ ଲାଗୁ କରି ଦଶନ୍ଧି ଧରି ଚାଲିଥିବା ଆମେରିକାର ବାଣିଜ୍ୟ ନିଅଣ୍ଟକୁ ସମାପ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ଟ୍ରମ୍ପ ଶୁକ୍ରବାରଠାରୁ ବ୍ରାଜିଲ ସମେତ କିଛି ଦେଶ ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ ଘୋଷଣା କରିଛନ୍ତି।

## ବ୍ୟାଙ୍କରେ ୬୭ ହଜାର କୋଟି; ନାହାନ୍ତି ଦାବିଦାର



■ **ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ସମ୍ପ୍ରତି ଦେଶର ବ୍ୟାଙ୍କଗୁଡିକରେ ବଢ଼ିବାରେ ଲାଗିଛି ଦାବିଦାର ନ ଥିବା ଜମା ଅର୍ଥ ପରିମାଣ। ଚଳିତବର୍ଷ ଜୁନ୍ ଶେଷ ସୁଦ୍ଧା ବ୍ୟାଙ୍କରେ ପଡିରହିଥିବା ୬୭ ହଜାର କୋଟି ମୂଲ୍ୟର ଜମା ଅର୍ଥର କୌଣସି ଦାବିଦାର ନାହାନ୍ତି। ସବୁଠାରୁ କୌତୂହଳର ବିଷୟ ହେଉଛି ଏହି ଜମା ଅର୍ଥରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ)ର ସର୍ବାଧିକ ୨୯ ପ୍ରତିଶତ ଅଂଶ ରହିଛି। ନିକଟରେ ସଂସଦରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ରିଜର୍ଭ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ଜୁନ୍ ୩୦ ସୁଦ୍ଧା ଦେଶର ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ୫୮,୩୩୦.୨୬ କୋଟି ଟଙ୍କା ମୂଲ୍ୟର ଅଘୋଷିତ ଜମାରାଶି ଥିଲା, ଯେତେବେଳେ କି ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକରେ ୮୬୭୩.୭୨ କୋଟି ଟଙ୍କାର ଅଘୋଷିତ ଜମା ଅର୍ଥ ପଡିରହିଥିଲା। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଲୋକସଭାରେ ଏକ ଲିଖିତ ଉତ୍ତରରେ କହିଛନ୍ତି ଯେ ରାଷ୍ଟ୍ରାୟତ୍ତ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମଧ୍ୟରେ ଏସ୍‌ବିଆଇ ୧୯୩୨୯.୯୨ କୋଟି ଟଙ୍କା ମୂଲ୍ୟର ଅଘୋଷିତ ଜମା ସହିତ ତାଲିକାର ଶୀର୍ଷରେ ଅଛି। ଏହା ପଛକୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ୬୯୧୦.୬୭ କୋଟି ▶ପୃଷ୍ଠା-୭

## ଅଠାକାଠିରେ ସରକାର

### ଚାଉଳ ଉଠାଇବାକୁ ଏଫ୍‌ସିଆଇ କୁନ୍ଥକୁନ୍ଥ

# କେଉଁଠି ରଖିବେ ୧୨ଲକ୍ଷ ଟନ୍

■ **ଭୁବନେଶ୍ୱର, ୨୯।୭ (ସମିସ):** ରାଜ୍ୟରେ ଡବଲ ଇଞ୍ଜିନ ସରକାର ଗଠନ ହେଲେ ସବୁଦିଗରୁ ଓଡ଼ିଶା ଲାଭବାନ ହେବ ବୋଲି ବିଜେପି ନେତାମାନେ ଗତ ନିର୍ବାଚନ ସମୟରେ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ମାତ୍ର ବିଡ଼ମ୍ବନା ହେଉଛି ଡ଼ବଲ ଇଞ୍ଜିନ୍ ସରକାର ଓଡ଼ିଶାକୁ ଡ଼ବଲ ଲାଭ ମିଳିବା ତ ଦୂରର କଥା, ଓଲଟି ଓଡ଼ିଶା ଅଧିକ କ୍ଷତିଗ୍ରସ୍ତ ହୋଇଛି। କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି, ବିଭିନ୍ନ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ରାଶି କମିଛି। ଆନ୍ଧ୍ର, ବିହାର ପରି ରାଜ୍ୟକୁ କେନ୍ଦ୍ର ସରକାର ଅଧିକ ଆର୍ଥିକ ସହାୟତା ଦେଉଥିବାବେଳେ ଓଡ଼ିଶାର ଭାଗ କମିଛି। ବିଡ଼ମ୍ବନା ହେଉଛି ଓଡ଼ିଶା ଅଧିକ ସହାୟତା ଓ ବିଶେଷ ସହାୟତା ପାଇବା ତ ଦୂରର କଥା, ଓଲଟି ନିଜ ହକ୍‌ରୁ ବଞ୍ଚିତ ହୋଇଛି। ଓଡ଼ିଶାରୁ ଚାଉଳ ଉଠାଣରେ ଏଫସିଆଇ(ଭାରତୀୟ ଖାଦ୍ୟ ନିଗମ)ର ମନମାନି ଏହାର ସଦ୍ୟତମ ଉଦାହରଣ। ରାଜ୍ୟ

**ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ ଶୁଣିଲେନି, ଏବେ ଦାବିକଲେ ଉପମୁଖ୍ୟମନ୍ତ୍ରୀ**

**ପୂର୍ବରୁ ମଧ୍ୟ ଅନୁରୂପ ଦାବି କରିଥିଲେ ତତ୍କାଳୀନ ବିଜେଡି ସରକାର**

ସରକାରଙ୍କ କ୍ରମାଗତ ଦାବି ସତ୍ତ୍ୱେ ପୂର୍ବପରି ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଣରେ ନିଜର ଟାଳଟୁଳ ନୀତି ଜାରି ରଖିଛି। ଗତ ବିଜେଡି ସରକାର ସମୟରେ ଏଫସିଆଇ ଓଡ଼ିଶାରୁ ଚାଉଳ ଉଠାଇବାକୁ କୁନ୍ଥୁକୁନ୍ଥୁ ହେଉଥିଲା। ଏନେଇ ବିଜେଡି ସଡ଼କଠାରୁ ସଂସଦ ଯାଏଁ ନିଜର ପ୍ରତିବାଦ ଜାରି ରଖିଥିଲା। ଏବେ ଡବଲ ଇଞ୍ଜିନ ସରକାର ଆସିବା ପରେ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ବରଂ ପରିସ୍ଥିତି ଅଧିକ ଖରାପ ହୋଇଛି। ଖରିଫ ଓ ରବିକୁ ମିଶାଇ ଏଫସିଆଇ ଓଡ଼ିଶାରୁ ପ୍ରାୟ ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇନାହିଁ। ଯାହା ଫଳରେ ଆଗାମୀ ଦିନରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି।

ରାଜ୍ୟ ବିଜେପି ସରକାର ପାଇଁ ଏଫ୍‌ସିଆଇର ମନମାନି ଅଜାଗା ଘା'ରେ ପରିଣତ ହୋଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ମାଝି ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିଜେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ଖାଉଟି କଲ୍ୟାଣମନ୍ତ୍ରୀ ରାଜ୍ୟରୁ ଚାଉଳ ଉଠାଇବାକୁ ଅନୁରୋଧ କରିଥିଲେ ହେଁ କେନ୍ଦ୍ର ସରକାର ବା ଏଫ୍‌ସିଆଇ ଏ ସମ୍ପର୍କରେ ନିରବ ରହିଛି । ଏବେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବିଧିବଦ୍ଧ ଭାବେ ଏ ସଂକ୍ରାନ୍ତରେ କେନ୍ଦ୍ର ନିକଟରେ ଫେରାଦ ହୋଇଛନ୍ତି। କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀଙ୍କୁ ସେ ସାକ୍ଷାତ କରି ଖରିଫ ୨୦୨୪-୨୫ ପାଇଁ ଚାଉଳ ସଂଗ୍ରହ ଲକ୍ଷ୍ୟ ବିଷୟରେ ▶ପୃଷ୍ଠା-୭

## ସଂସଦରେ 'ସିନ୍ଦୂର' ଝଡ଼





**ମଧ୍ୟସ୍ଥତା କରିନାହିଁ ଆମେରିକା: ପ୍ରଧାନମନ୍ତ୍ରୀ**

**ଟ୍ରମ୍ପଙ୍କୁ ମିଛୁଆ କୁହନ୍ତୁ ମୋଦୀ: ରାହୁଲ**


■ **ନୂଆଦିଲ୍ଲୀ, ୨୯।୭(ଏଜେନ୍ସି):** ଅପରେସନ ସିନ୍ଦୂର ମାଧ୍ୟମରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣର ଉଚିତ ଜବାବ ଦେଇଛି ଭାରତ। ଭାରତ ଏଭଳି ଜବାବ ଦେଇଛି ଯେ ଆତଙ୍କବାଦର ମାଷ୍ଟରମାଇଣ୍ଡ ଶାନ୍ତିରେ ଶୋଇପାରିବେ ନାହିଁ। ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଲାଗି ଆମେରିକା ମଧ୍ୟସ୍ଥତା କରିନାହିଁ। ଏହାକୁ ନେଇ ଆସୁଥିବା ରିପୋର୍ଟକୁ ଖଣ୍ଡନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହି ।।ଲେ ଯେ ଆମେରିକାର ଉପରାଷ୍ଟ୍ରପତି ଭାନ୍ସଙ୍କୁ ଆମେ ଜଣାଇଦେଇଥିଲୁ ଯେ ଭାରତ ଉପରେ ପାକିସ୍ତାନ ଆକ୍ରଣ କଲେ ଆମେ ଏହାର ଭୟଙ୍କର ଜବାବ ଦେବୁ ।

ପହଲଗାମ ଆକ୍ରମଣ ଓ ଅପରେସନ ସିନ୍ଦୂର ଉପରେ ଲୋକସଭାରେ ୧୬ ଘଣ୍ଟିଆ ଆଲୋଚନାର ଉତ୍ତର ଦେଇ ପ୍ରଧାନମନ୍ତ୍ରୀ କହିଲେ ଯେ ଅପରେସନ ସିନ୍ଦୂରକୁ ଅଟକାଇବା ଲାଗି ବିଶ୍ୱର କୌଣସି ନେତା ଆମ ଉପରେ ଚାପ ପକାଇନଥିଲେ। ଅପରେସନ ସିନ୍ଦୂରର ସଫଳତା ପାଇଁ ଭାରତୀୟ ସେନାର ପ୍ରଶଂସା କରି ସେ କହିଲେ ଯେ ପାକିସ୍ତାନକୁ ଉଚିତ ▶ପୃଷ୍ଠା-୭

## ଶ୍ରୀମନ୍ଦିର ଭିତରୁ ଧରାପଡ଼ିଲେ ଯୁବକ

# ଚଷମାରେ ଗୁପ୍ତ କ୍ୟାମେରା





**■ ଅଣ୍ଡରଟେକିଂ ଲେଖିବା ପରେ ଛାଡ଼ିଲା ପୁଲିସ**

**■ ମନ୍ଦିର ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବ: ମନ୍ତ୍ରୀ**

■ **ପୁରୀ, ୨୯।୭ (ସମିସ):** ଶ୍ରୀମନ୍ଦିର ଭିତରକୁ ମୋବାଇଲ୍, କ୍ୟାମେରା ଆଦି ନେବା ଉପରେ କଡ଼ା କଟକଣା ରହିଛି। ଏହାସତ୍ତ୍ୱେ ବିଭିନ୍ନ ସମୟରେ ସୁରକ୍ଷାବଳୟକୁ ଭେଦ କରି ମନ୍ଦିର ଭିତରକୁ ଏସବୁ ଯାଉଛି। ଫଳରେ ଅନେକ ସମୟରେ ମନ୍ଦିର ଭିତରର ବହୁ ସମ୍ବେଦନଶୀଳ ଫଟୋ, ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହିଭଳି କିଛି ଘଟଣା ପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଥିବା କୁହାଯାଉଛି। ହେଲେ ବାସ୍ତବତା କିନ୍ତୁ ଭିନ୍ନ। ମଙ୍ଗଳବାର ମନ୍ଦିର ଭିତରକୁ ଗୁପ୍ତ କ୍ୟାମରା ସଂଯୁକ୍ତ ଚଷମା ଯିବା ଏହା ପ୍ରମାଣିତ କରୁଛି। ସମ୍ପୃକ୍ତ ଯୁବକ ଥାନାରେ ଅଣ୍ଡରଟେକିଂ ଲେଖିବା ପରେ ତାଙ୍କୁ ଛାଡ଼ି ଦିଆଯାଇଛି।

ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣର ଆଶଙ୍କା ରହିଛି। ଏ ନେଇ ବିଭିନ୍ନ ସମୟରେ ଗୁଇନ୍ଦା ବିଭାଗ ରିପୋର୍ଟ ଦେଇଛି। ଏହାକୁ ନଜରରେ ରଖି ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏପରିକି, ବିଭିନ୍ନ ସମୟରେ ଏନ୍‌ଏସ୍‌ଜି ପକ୍ଷରୁ ବଡ଼ଦେଉଳର ସୁରକ୍ଷା ବ୍ୟବସ୍ଥା ତଦାରଖ କରାଯାଉଛି। ବିଶେଷକରି ମନ୍ଦିର ଭିତରର ଫଟୋ ଏବଂ ଭିଡିଓ ଯେପରି ବାହାରକୁ ନ ଆସିବ, ସେଥିଲାଗି ଏସବୁର ଉତ୍ତୋଳନ ଉପରେ କଟକଣା ରହିଛି। ସୁରକ୍ଷା ଦୃଷ୍ଟିକୋଣରୁ ଏହି କଟକଣା ଲଗାଯାଇଥିଲେ ହେଁ ବିଭିନ୍ନ ସମୟରେ ଏଥିରେ ବ୍ୟତିକ୍ରମ ଘଟୁଛି। ମଙ୍ଗଳବାର ପୂର୍ବାହ୍ଣରେ ସ୍ଥାନୀୟ ଗଜପତି ନଗରର ଜଣେ ଯୁବକ ଚଷମାରେ ଗୁପ୍ତ କ୍ୟାମେରା ଖଞ୍ଜି ▶ପୃଷ୍ଠା-୭

## ସ୍ତ୍ରୀ, ଶାଶୂଙ୍କୁ ମାରି ଲେମ୍ବୁବାଡ଼ିରେ ପୋତିଦେଲା

**ମୟୂରଭଞ୍ଜରେ ଚାଞ୍ଚଲ୍ୟ** | **୧୦ ଫୁଟ୍ ତଳୁ ଗଳିତ ଶବ ଉଦ୍ଧାର କଲା ପୁଲିସ୍**



ଅଭିଯୁକ୍ତ ଗିରଫ

■ **ବାରିପଦା/ କୁଳିଅଣା, ୨୯ ।୭ (ସମିସ):** ସ୍ତ୍ରୀ ଓ ଶାଶୂକୁ ପଥରରେ ଛେଚି ହତ୍ୟା କରିବା ପରେ ରାତାରାତି ଗାତ ଖୋଳି ଲେମ୍ବୁବାଡ଼ିରେ ପୋତିଦେଲା। କାହାର ଯେପରି ସନ୍ଦେହ ନ ହେବ, ସେଥିପାଇଁ ସେଠାରେ ଏକ କଦଳୀ ଗଛ ବି ଲଗାଇ ଦେଇଥିଲା। କୁଳିଅଣା ଥାନା ଅନ୍ତର୍ଗତ ସରପଞ୍ଝା ନୂଆଁଗାଁରେ ଗତ ୧୫ ତାରିଖରେ ଘଟିଥିବା ଏଭଳି ଏକ ଜଘନ୍ୟ କାଣ୍ଡ ଉପରେ ଆଜି ପୁଲିସ୍ ପରଦା ଉଠାଇଛି। ମୃତକଦ୍ୱୟ ହେଲେ, ସୋନାଲି ଦଳାଇ ଓ ତାଙ୍କ ମା' ସୁମତା ଦଳାଇ। ୧୦ ଫୁଟ୍ ଗାତ ଖୋଳି ପୁଲିସ୍ ଜରିଗୁଡ଼ା ଅବସ୍ଥାରେ ମା'-ଝିଅଙ୍କ ଗଳିତ ଶବକୁ ଜବତ କରିବା ସହ ଏନେଇ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହାସହ ଅଭିଯୁକ୍ତ ଦେବାଶିଷ ପାତ୍ରକୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ ଦୁଇ ଦୁଇଟି ହତ୍ୟାକାଣ୍ଡ ଭିଆଇବା ସହ ୧୦ ଫୁଟ୍‌ର ଗାତ ଖୋଳି ଶବଦ୍ୱୟକୁ ପୋତିବା ଜଣଙ୍କର କାମ ନୁହେଁ ବୋଲି ପୁଲିସ୍ ସନ୍ଦେହ କରିଛି। ତେଣୁ, ଏଥିରେ ତାକୁ ଆଉ କିଛି ଲୋକ ସାହାଯ୍ୟ କରିଥିବା ପୁଲିସ୍ ▶ପୃଷ୍ଠା-୭

## ମୟୂରଭଞ୍ଜରେ ପ୍ରତିଷ୍ଠା ହେବ କୃଷି ମହାବିଦ୍ୟାଳୟ

■ **ବାରିପଦା/ଭୁବନେଶ୍ୱର, ୨୯।୭ (ସମିସ):** ମୟୂରଭଞ୍ଜରେ ପ୍ରତିଷ୍ଠା ହେବ କୃଷି ମହାବିଦ୍ୟାଳୟ। ଓୟୁଏଟିର ପରିଚାଳନା ବୋର୍ଡରେ ଏହି ନିଷ୍ପତ୍ତିକୁ ଅନୁମୋଦନ ମିଳିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଆବଶ୍ୟକ ଅନୁମତି ମିଳିବା ପରେ ଏହି କୃଷି ମହାବିଦ୍ୟାଳୟ ସ୍ଥାପନ ନେଇ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି। ଯଦିଓ ଜିଲ୍ଲାରେ ଏହା କେଉଁଠାରେ ନିର୍ମାଣ ହେବ ସ୍ଥିର ହୋଇନାହିଁ। ଆଗାମୀ ଦିନରେ ଏହି କୃଷି ମହାବିଦ୍ୟାଳୟ ସ୍ଥାପନ ଦ୍ୱାରା ମୟୂରଭଞ୍ଜରେ କୃଷି ଗବେଷଣା କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିବ।

ଦୀର୍ଘ ଦିନ ହେବ ମୟୂରଭଞ୍ଜରେ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହୋଇଆସୁଛି। ଜିଲ୍ଲାର ବାରିପଦା, ଶାମାଖୁଣ୍ଟା, ବେତନଟୀ ଓ ମୋରଡ଼ା ନିକଟରେ ଶହଶହ ଏକରରୁ ଅଧିକ ସ୍ଥାନ ଚିହ୍ନଟ ମଧ୍ୟ କରାଯାଇଛି। ତିନି ବ୍ଲକର ସୀମାରେ ଥିବା ଦାନ୍ତିଆମୁହାଁ ଓ ବାରିପଦା ଓ ଶାମାଖୁଣ୍ଟା ସୀମାରେ ଏକ କୃଷି ବିଶ୍ୱବିଦ୍ୟାଳୟ

**ଓୟୁଏଟି ପରିଚାଳନା ବୋର୍ଡରେ ନିଷ୍ପତ୍ତିକୁ ଅନୁମୋଦନ**

ପ୍ରତିଷ୍ଠା ହେବା ନେଇ ୨୦୧୪ ଅଗଷ୍ଟ ମାସରେ ତତ୍କାଳୀନ ବିଜେଡି ସରକାର ଘୋଷଣା କରିଥିଲେ। ବିଶ୍ୱର ପ୍ରମୁଖ ଜୈବମଣ୍ଡଳ ଭାବେ ଶିମିଳିପାଳ ରହିଥିବା ବେଳେ ମୟୂରଭଞ୍ଜ ଜିଲ୍ଲାକୁ ବହୁ ଚାଷୀର ଏନ୍ତୁଡ଼ିଶାଳ ବୋଲି କୁହାଯାଏ। ଖାଲି ଯେ ଧାନ ତାହା ନୁହେଁ; ଉନ୍ନତ ମାନର ମକା, ଆଳୁ, ବାଦାମ, ପିଆଜ ସହ ଭଳିକିଭଳି ପନିପରିବା ବର୍ଷକଯାକ ଉତ୍ପାଦନ କରାଯାଉଛି। ଜିଲ୍ଲାର ଜଳବାୟୁ ସବୁ ପନିପରିବା, ଧାନ, ମକା, ଆଖୁ, ବାଦାମ ଓ ଆଳୁ ପାଇଁ ମଧ୍ୟ ଉପଯୋଗୀ। ତେଣୁ ଏହିଠାରେ ଓଡ଼ିଶାର ଦ୍ୱିତୀୟ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ନେଇ ଦାବି ହୋଇଆସୁଥିଲା।

ଓଏୟୁଏଟିର ୧୦ଟି କଲେଜରେ ୫୩ଟି ପାଠ୍ୟକ୍ରମରେ ପ୍ରତିବର୍ଷ ପ୍ରାୟ ୧୯୦୦ ଛାତ୍ରଛାତ୍ରୀ ନାମ ଲେଖାଇଥା'ନ୍ତି। ତେବେ ଓଡ଼ିଶାର ୭୦ ପ୍ରତିଶତ ଓ କେବିକେ ଅଞ୍ଚଳର ୭୫ପ୍ରତିଶତ ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ଥିବା ବେଳେ ଏହି ନୂତନ କଲେଜ କେବେ ପ୍ରତିଷ୍ଠା ହେବ, ତାକୁ ଜିଲ୍ଲାବାସୀ ଚାହିଁ ରହିଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ମୋଟ ୮ଲକ୍ଷ ୮୧ହଜାର ହେକ୍ଟର ▶ପୃଷ୍ଠା-୭







ସକାଳ THE SAKALA
www.sakalaepaper.com

## ଆମେରିକାରେ ଗୁଳିକାଣ୍ଡ; ୫ ମୃତ

ନ୍ୟୁୟର୍କ, ୨୯।୭ (ଏଜେନ୍ସି): ଆମେରିକାରେ ଗୁଳିକାଣ୍ଡ ଘଟଣା ଥମିବାର ନା ଧରୁନି। ଏବେ ନ୍ୟୁୟର୍କ ସହରର ମିଡଟାଉନ ମ୍ୟାନହଟନରେ ଏକ ଅଫିସ କୋଠାରେ ଏଭଳି ଘଟଣା ଘଟିଛି। ସୋମବାର ସନ୍ଧ୍ୟାରେ ଜଣେ ପାର୍କ ଆଭିନ୍ୟୁର ହାଇପ୍ରୋଫାଇଲ କୋଠାରେ ପଶି ଅତର୍କିତ ଗୁଳିମାଡ଼ କରିଛି। ଏଥିରେ ଜଣେ ପୁଲିସ ଅଧିକାରୀଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ହୋଇଛି। ଆକ୍ରମଣକାରୀ ନିଜକୁ ଗୁଳି ମାରି ଆମ୍ୱହତ୍ୟା କରିଛି। ତା' ନିକଟରୁ ଲସ୍ ଭେଗାସର 'କନ୍‌ସିଲ୍ଡ କ୍ୟାରି ପରମିଟ' ଜବତ କରାଯାଇଛି। ଗୁଳିକାଣ୍ଡ ଘଟିଥିବା କୋଠାରେ ଆଡ଼ ଆର୍ଥିକ କମ୍ପାନୀ ଏନ୍‌ଏଫ୍‌ଏଲର ଅଫିସ ରହିଛି। ଏ ପର୍ଯ୍ୟନ୍ତ ଆକ୍ରମଣର କାରଣ ଜଣାପଡ଼ି ନାହିଁ। ଅନ୍ୟପକ୍ଷରେ ନ୍ୟୁୟର୍କ ମେୟର ସୋମବାର ରାତିରେ ପୁଲିସ ଅଧିକାରୀ ଇସ୍‌ଲାମଙ୍କ ପତ୍ନୀ ଏବଂ ପରିବାର ଲୋକଙ୍କୁ ଭେଟିଛନ୍ତି। ସେ ଲୋକଙ୍କୁ ବଞ୍ଚାଇବା ପାଇଁ ନିଜ ଜବୀନକୁ ବାଜି ଲଗାଇ ଦେଇଥିଲେ ବୋଲି କହିଛନ୍ତି। ଇସ୍‌ଲାମ ପ୍ରକୃତ ନାୟକ ଥିଲେ ବୋଲି ମେୟର କହିଛନ୍ତି। ଆମେରିକାରେ ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଡ୍ୟୁଟି ସମୟରେ ୪୩ ପୁଲିସ ଅଧିକାରୀ ପ୍ରାଣ ହରାଇଲେଣି।

## ଚୀନ୍‌ରେ ବନ୍ୟା; ୩୪ ମୃତ

ବେଜିଂ, ୨୯।୭ (ଏଜେନ୍ସି): ଚୀନ୍ ରାଜଧାନୀ ବେଜିଂ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଏହା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବର୍ଷା ସାଙ୍ଗକୁ ଭୂସ୍ଖଳନ ବିପର୍ଯ୍ୟୟ ଆଣିଛି। ଏହି ବନ୍ୟା ଏ ପର୍ଯ୍ୟନ୍ତ ୩୪ ଜଣଙ୍କ ଜୀବନ ନେଲାଣି। ୮ରୁ ଅଧିକ ଲୋକ ନିଖୋଜ ମଧ୍ୟ ଅଛନ୍ତି। ବେଜିଂର ମିୟୁନ ଜିଲ୍ଲା ବନ୍ୟାରେ ସର୍ବାଧିକ ପ୍ରଭାବିତ ହୋଇଛି। ସହର ବାହାରେ ଥିବା ଏହି ଜିଲ୍ଲାରେ କେବଳ ୨୮ ଜଣଙ୍କ ଜୀବନ ଯାଇଛି। ସେହିପରି ବେଜିଂରୁ ୮୦ ହଜାରରୁ ଅଧିକ ଲୋକଙ୍କୁ ଉଦ୍ଧାର କରାଯାଇଛି। ରାଜଧାନୀର ବିଭିନ୍ନ ଭାଗରେ ୩୦ ସେମିରୁ ଅଧିକ ବର୍ଷା ହୋଇଛି। ବେଜିଂକୁ ଲାଗିଥିବା ହପେଇ ପ୍ରଦେଶର ଲଆନପିଙ୍ଗ କାଉଣ୍ଟିରେ ସୋମବାର ବଡ଼ଧରଣର ଭୂସ୍ଖଳନ ହୋଇଛି। ଏଥିରେ ୮ ଜଣ ନିଖୋଜ ହୋଇ ଯାଇଛନ୍ତି। ସ୍ଥିତି ଏପରି ହୋଇଛି ଯେ ଅଞ୍ଚଳର ସବୁ ନେଟୱର୍କ ବନ୍ଦ ରହିଛି। ତେଣୁ ଯୋଗାଯୋଗ କରିବାରେ ସମସ୍ୟା ହେଉଛି। ବେଜିଂ ପ୍ରଶାସନ ସୋମବାର ରାତିରେ ଏମର୍ଜେନ୍ସି ବୈଠକ କରି ସବୁ ସ୍କୁଲକୁ ବନ୍ଦ କରିଦେଇଛନ୍ତି। ନିର୍ମାଣ କାର୍ଯ୍ୟ ଉପରେ କଟକଣା ଲଗାଇ ଦିଆଯାଇଛି। ହପେଇ ପ୍ରଦେଶକୁ ୫୦ ନିୟୁତ ୟୁଆନର ଜରୁରୀକାଳୀନ ସହାୟତା ପ୍ରଦାନ କରାଯାଇଛି। ପ୍ରଭାବିତ ସହରକୁ କେନ୍ଦ୍ରୀୟ ଟିମ୍ ପଠା ଯାଇଛି। ଫସି ରହିଥିବା ଲୋକଙ୍କୁ ବୁଲ୍‌ଡୋଜର ମାଧ୍ୟମରେ ଉଦ୍ଧାର କରାଯାଇଛି।

## ଜେଲ୍‌ରେ ଆକ୍ରମଣ; ୧୭ ମୃତ

କିଭ, ୨୯।୭ (ଏଜେନ୍ସି): ଦୀର୍ଘ ଦିନ ହେଲା ଜାରି ରୁଷ-ୟୁକ୍ରେନ ଯୁଦ୍ଧ ଥମିବାର ନା ଧରୁନି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି ମଧ୍ୟ ଧୂଆଁବାଣ ସାବ୍ୟସ୍ତ ହୋଇଛି। ଏହି ଯୁଦ୍ଧ ଦିନକୁ ଦିନ ଭୟାବହ ହେବାରେ ଲାଗିଛି। ମଙ୍ଗଳବାର ୟୁକ୍ରେନର ବିଲେନକିସ୍କା ଜେଲ୍ ଉପରେ ରୁଷ୍ ଆକାଶ ମାର୍ଗରୁ ଚାରୋଟି ଗାଇଡେଡ ବୋମା ମାଡ଼ କରିଛି। ଏଥିରେ ୧୭ କଏଦୀଙ୍କ ମୃତ୍ୟୁ ହୋଇଥିବାବେଳେ ୮୦ରୁ ଅଧିକ ଆହତ ହୋଇଛନ୍ତି। ତେବେ କୌଣସି କଏଦୀ ଫେରାର ହୋଇପାରିନାହାନ୍ତି। ଏହି ଆକ୍ରମଣରେ ଜେଲ୍‌ର ଡାଇନିଂ ହଲ୍ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ପ୍ରାଶାସନିକ ଏବଂ କ୍ୱାରେଣ୍ଟାଇନ କୋଠା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ୟୁକ୍ରେନର ଅନେକ ସହରରେ ମଧ୍ୟ ରୁଷ୍ ଆକ୍ରମଣ କରିଛି। ଏଥିରେ ଗୋଟିଏ ତିନି ମହଲା ବିଶିଷ୍ଟ କୋଠା ଧ୍ୱଂସ ହୋଇ ୨ ଜଣଙ୍କ ଜୀବନ ଯାଇଛି। ଗର୍ଭବତୀଙ୍କ ସମେତ ତିନି ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି।

## ବସ୍-ଟ୍ରକ୍ ଧକ୍କାରେ ୬ କାଉଡ଼ିଆଙ୍କ ଜୀବନଗଲା

ଦେଓଘର, ୨୯।୭ (ଏଜେନ୍ସି): ଝାଡ଼ଖଣ୍ଡ ଦେଓଘରର ଜାମୁନିଆ ଅନ୍ତର୍ଗତ ନାୱାକୁରା ଗ୍ରାମ ନିକଟରେ ମଙ୍ଗଳବାର ସକାଳେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଏଠାରେ କାଉଡ଼ିଆଙ୍କୁ ନେଇ ଯାଉଥିବା ଏକ ବସ୍ ନିୟନ୍ତ୍ରଣ ହରାଇ ଟ୍ରକ୍‌କୁ ଧକ୍କା ଦେଇଛି। ଏଥିରେ ୬ କାଉଡ଼ିଆଙ୍କ ମୃତ୍ୟୁ ହୋଇଛି। ଅନ୍ୟ ୨୪ ଜଣ ମଧ୍ୟ ଆହତ ହୋଇଛନ୍ତି। ତେବେ ଗୋଡା ସାଂସଦ ନିଶିକାନ୍ତ ଦୁବେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ୧୮ ଜଣଙ୍କ ଜୀବନ ଯାଇଥିବା କହିଛନ୍ତି। ଏହି ୩୨ ସିଟ୍ ବିଶିଷ୍ଟ ଘରୋଇ ବସ୍‌ରେ କାଉଡିଆ ଦେଓଘରରୁ ବାବା ବୈଦ୍ୟନାଥଙ୍କ ଧାମକୁ ଯାଉଥିଲେ। ଏହି ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଡ୍ରାଇଭର ସିଟ୍ ସହିତ ଆସି ତଳେ ପଡ଼ିଥିଲେ। ପରେ ବସ୍ ବିନା ଡ୍ରାଇଭରରେ ଆହୁରି ୨୦୦ ମିଟର ଆଗକୁ ପଳାଇ ଥିଲା। ଏହା ଏକ ଇଟା ଗଦା ସହ ମାଡ଼ ହୋଇ ରହିଥିଲା। ବସ୍‌ର ଅଧା ଭାଗ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। କାଉଡ଼ିଆଙ୍କ ସାମଗ୍ରୀ ବସ୍‌ରେ ଓହଳି ଥିବା ଦେଖାଯାଉଛି। ଏହି କାଉଡିଆ ବିହାରର ବାସିନ୍ଦା ଥିଲା। ସେମାନେ ଶ୍ରାବଣୀ ମେଳାରେ ଯୋଗଦେବାକୁ ଯାଉଥିଲେ। ଏହି ଦୁର୍ଘଟଣାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ଡେପୁଟି କମିଶନର କହିଛନ୍ତି ଯେ ଗାଡ଼ି ଚଳାଇବା ସମୟରେ ଡ୍ରାଇଭର ସୁବାଷ ତୁରି ବହୁତ କ୍ଳାନ୍ତ ଥିଲେ। ତେଣୁଙ୍କ ଆଖି ଲାଖି ଯିବାରୁ ଦୁର୍ଘଟଣା ଘଟିଥିଲା।

## ବିମାନରେ ଧାର୍ମିକ ସ୍ଲୋଗାନ ଦେଇ ଭାରତୀୟ ଗିରଫ

ଗ୍ଲାସଗୋ, ୨୯।୭ (ଏଜେନ୍ସି): ବିମାନରେ ବୋମା, ଆମେରିକା ରାଷ୍ଟ୍ରପତିଙ୍କୁ ହତ୍ୟା ଧମକ ଏବଂ 'ଆଲ୍ଲା ହୁ ଆକବର' ସ୍ଲୋଗାନ ଦେଇଥିବା ଭାରତୀୟ ନାଗରିକ ଅଭୟ ନାୟକଙ୍କୁ ଗିରଫ କରାଯାଇଛି। ଏହାର ଭିଡିଓ ଖୁବ ଭାଇରାଲ ହୋଇଥିଲା। ସ୍କଟ୍‌ଲାଣ୍ଡର ଗ୍ଲାସଗୋ ବିମାବନ୍ଦରରୁ ଗିରଫ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଛି। ତେବେ ତାଙ୍କ ବିରୋଧରେ ଆତଙ୍କବାଦର ଦଫା ଲଗାଯାଇ ନାହିଁ। ସେ ରବିବାର ଇଜିଜେଟ୍ ବିମାନରେ ଇଂଲଣ୍ଡର ଲ୍ୟୁଟନରୁ ଗ୍ଲାସଗୋ ଯାଉଥିଲେ। ଭିଡିଓରେ ସହଯୋଗୀ ଯାତ୍ରୀ ଅଭୟଙ୍କୁ ଧରି ଅଟକାଉଥିବା ଦେଖାଯାଉଛି। ଆମେରିକା ରାଷ୍ଟ୍ରପତି ସ୍କଟଲାଣ୍ଡ ଗସ୍ତରେ ଯାଇଥିବାବେଳେ ଏହି ଘଟଣା ଘଟିଛି।

# ବୋଇଙ୍ଗରେ ପୁଣି ଆତଙ୍କ

### ଆମେରିକା ବିମାନରୁ ଆସିଲା 'ମେଡେ' କଲ୍

### ଅହମଦାବାଦରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏହି ମଡେଲର ବିମାନ

ୱାଶିଂଟନ, ୨୯।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା। ଏୟାର ଇଣ୍ଡିଆର ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ୨୭୦ ଜଣଙ୍କ ଜୀବନ ନେଇଥିଲା। ଏହି ମାମଲାର ପ୍ରାରମ୍ଭିକ ତଦନ୍ତ ରିପୋର୍ଟ ସାମ୍ନାକୁ ଆସିବା ପରେ ଆମେରିକା ଗଣମାଧ୍ୟମ ପାଇଲଟଙ୍କ ଉପରେ ଦୋଷ ଦେବାରେ ଲାଗିଥିଲା। ପୂର୍ବରୁ ଏହି ବିମାନର ସୁରକ୍ଷା ବୈଶିଷ୍ଟ୍ୟକୁ ନେଇ ନେଇ ବିଶେଷଜ୍ଞ ପ୍ରଶ୍ନ ଉଠାଇ ଥିଲେ। ଖୋଦ୍ ବୋଇଂର ପୂର୍ବତନ କର୍ମଚାରୀ ବିମାନର ନିର୍ମାଣ ଶୈଳୀ ଏବଂ ମାନକୁ ଖରାପ କହିଥିଲେ। ଏବେ ଆମେରିକାରେ ଆଉ ଏକ ବୋଇଂ ୭୮୭-୮ ଡ୍ରିମ୍‌ଲାଇନର ବିମାନକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ୫ ହଜାର ଫୁଟ ଉଚ୍ଚରେ ଥିବାବେଳେ ଏହି ବିମାନର ବାମ ଇଞ୍ଜିନ କାମ କରିବା ବନ୍ଦ କରିଦେଇଛି। ଏହା ଜାଣିବା ପରେ ପାଇଲଟ ଏମର୍ଜେନ୍ସି 'ମେଡେ' କଲ୍ ଦେଇଛନ୍ତି। ଏହାକୁ ନେଇ ଯାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏୟାର ଟ୍ରାଫିକ କଣ୍ଟ୍ରୋଲର (ଏଟିସି)କୁ ପାଇଲଟ ସୂଚନା ଦେଇଛନ୍ତି। ଏହା ସତ୍ତ୍ୱେ ୨ ଘଣ୍ଟା ୩୮ ମିନିଟ ପର୍ଯ୍ୟନ୍ତ ବିମାନ ଆକାଶରେ ରହିବା ପରେ ଜରୁରୀ ଅବତରଣ କରିଛି। ଗତ ୨୫ ତାରିଖରେ ଏହି ଅଘଟଣ ଘଟିଥିବାବେଳେ ମଙ୍ଗଳବାର ଏହା ସାମ୍ନାକୁ ଆସିଛି।



ଫ୍ଲାଇଟ ଆୱେରର ସୂଚନା ଅନୁଯାୟୀ କ୍ରୁ ସଦସ୍ୟ ଏମର୍ଜେନ୍ସି ଘୋଷଣା କରିବା ପରେ ଯାତ୍ରୀଙ୍କ ମଧ୍ୟରେ ଛନକା ପଶି ଯାଇଥିଲା। ସେମାନେ ଭୟରେ ଥରହର ହେଉଥିଲେ। ତେବେ ସମସ୍ତଙ୍କୁ ଧୈର୍ଯ୍ୟ ଧରିବାକୁ କୁହାଯାଇଥିଲା। ୬ ହଜାର ଫୁଟରେ ଥିବାବେଳେ ପାଇଲଟ ଇନ୍ଧନ ଖାଲି କରିବାକୁ ଏଟିସିକୁ ଅନୁମତି ମାଗିଥିଲେ। ଅନ୍ୟ ବିମାନଠାରୁ ସୁରକ୍ଷିତ ଦୂରତ୍ୱ ରଖିବା ଲାଗି ଏଟିସି ପାଇଲଟଙ୍କୁ ପରାମର୍ଶ ଦେଇଥିଲେ। ଓଜନ କମ୍ କରିବା ପାଇଁ ବିମାନ ଅଢେଇ ଘଣ୍ଟାରୁ ଅଧିକ ସମୟ ପର୍ଯ୍ୟନ୍ତ ୱାଶିଂଟନର ଉତ୍ତର-ପଶ୍ଚିମରେ ଘୂରି ବୁଲି ଥିଲା। ଏହା ପରେ ଇନ୍‌ଷ୍ଟ୍ରୁମେଣ୍ଟ ଲ୍ୟାଣ୍ଡିଂ ସିଷ୍ଟମ (ଆଇଏଲଏସ) ସହାୟତାରେ ଅବତରଣ ଲାଗି ପାଇଲଟ ଅନୁମତି ମାଗିଥିଲେ। ୱାଶିଂଟନର ଡଲେସ ବିମାନବନ୍ଦରରେ ଅବତରଣ ପରେ ଖରାପ ଇଞ୍ଜିନ ଯୋଗୁଁ ବିମାନ ଆପେ ଆପେ ରନୱେରୁ ହଟିପାରି ନ ଥିଲା। ଏହାକୁ ଟାଣି ଟାଣି ହଟା ଯାଇଥିଲା। ସୋମବାର ପର୍ଯ୍ୟନ୍ତ ଏହି ବିମାନ ବିମାନବନ୍ଦରରେ ଛିଡ଼ା ହୋଇଥିଲା। ଏହି ଘଟଣାରେ କେହି ମୃତାହତ ହୋଇନାହାନ୍ତି। ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି। ୟୁନାଇଟେଡ ଏୟାରଲାଇନ୍ସ ଏବଂ ବିମାନ ଅଧିକାରୀ ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଏହା ପୂର୍ବରୁ ଶନିବାର ଆମେରିକାର ଡେନ୍‌ଭର ବିମାନବନ୍ଦରରେ ଶନିବାର ଆମେରିକାନ ଏୟାରଲାଇନ୍ସର ବୋଇଂ ୭୩୭ ମାକ୍ସ-୮ ବିମାନର ଲ୍ୟାଣ୍ଡିଂ ଗିୟର ଫେଲ ହୋଇ ଯାଇଥିଲା। ଏଥିଯୋଗୁଁ ବିମାନର ପଛ ଭାଗରେ ନିଆଁ ଲାଗି ଯାଇଥିଲା। ଯାତ୍ରୀଙ୍କୁ ଏମର୍ଜେନ୍ସି ସ୍ଲାଇଡର ଦେଇ ବାହାରିବାକୁ ପଡ଼ିଥିଲା।

### ବିହାର ଏସ୍‌ଆଇଆର୍ ମାମଲା

# ଅଧିକ ଭୋଟରଙ୍କ ନାମ କଟିଲେ ହସ୍ତକ୍ଷେପ କରିବୁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବିହାରରେ ଚାଲିଥିବା ସ୍ପେସିଆଲ ଇଣ୍ଟେନସିଭ ରିଭିଜନ (ଏସଆଇଆର) ପ୍ରକ୍ରିୟାକୁ ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ବାଚନ କମିଶନ (ଇସି)ଙ୍କୁ ଚେତାବନୀ ଦେଇଛନ୍ତି। ଆସନ୍ତା ୧ ତାରିଖରେ ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକାରୁ ଯଦି ଅଧିକ ଭୋଟରଙ୍କୁ ବାଦ୍ ଦିଆଯାଏ ତେବେ ମାମଲାରେ ହସ୍ତକ୍ଷେପ କରିବୁ ବୋଲି ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ କହିଛନ୍ତି। ଅଗଷ୍ଟ ୧୨ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି। ଏସଆଇଆର ବିରୋଧରେ ଦାଏର ଆବେଦନରେ କୁହାଯାଇଥିଲା ଯେ ୬୫ ଲକ୍ଷ ଭୋଟରଙ୍କ ନାମକୁ କାଟି ଦିଆଯାଇଛି। ଏମାନଙ୍କ ମଧ୍ୟରୁ କିଛି ନିଜ ଘର ଛାଡ଼ି ଅନ୍ୟ କେଉଁଆଡେ ପଳାଇଛନ୍ତି ଏବଂ ଅନ୍ୟମାନେ ପ୍ରାଣ ହରାଇଥିବା କୁହାଯାଇଛି। ଏହା ଉପରେ ଜଷ୍ଟିସ ବାଗଚୀ କହିଥିଲେ ଯେ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ମାମଲା ଉପରେ ଦୃଷ୍ଟି ରଖିଛନ୍ତି। ତାଲିକାରୁ ବିପୁଳ ସଂଖ୍ୟକ ଭୋଟରଙ୍କୁ ବାଦ୍ ଦେଲେ କୋର୍ଟ ତୁରନ୍ତ ହସ୍ତକ୍ଷେପ କରିବେ। ମୃତ କହି ଭୋଟର ତାଲିକାରୁ ନାମ କାଟି ଦିଆଯାଇଥିବା ଏଭଳି ୧୫ ଜୀବିତ ଲୋକଙ୍କୁ ଆଣି କୋର୍ଟକୁ ଆସନ୍ତୁ। ଏହା ପୂର୍ବରୁ ସୋମବାର କୋର୍ଟ ଏସଆଇଆର ପ୍ରକ୍ରିୟା ଉପରେ କଟକଣା ଲଗାଇବାକୁ ମନା କରି ଦେଇଥିଲେ। ତ୍ରୁଟି ରହିଲେ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ରଦ୍ଦ କରିଦିଆଯିବ ବୋଲି ସୁପ୍ରିମକୋର୍ଟ ଆବେଦନକାରୀ ଏଡିଆରକୁ କହିଥିଲେ।

### ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ପାଇଁ କଣ୍ଟ ଧାର୍ଯ୍ୟ ମାମଲା

# ଅଗଷ୍ଟ ୧୯ ରେ ରାଷ୍ଟ୍ରପତିଙ୍କ ମତାମତ ଉପରେ ଶୁଣାଣି



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ବିଧାନସଭାରେ ପାରିତ ବିଲ୍‌କୁ ଅନୁମୋଦନ ନେଇ ସୁପ୍ରିମକୋର୍ଟ ଏପ୍ରିଲ ୮ରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଲାଗି କଣ୍ଟ ଧାର୍ଯ୍ୟ କରିଥିଲେ। ପରେ ଗତ ମେ' ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ପରାମର୍ଶ ମାଗିଥିଲେ। ସୁପ୍ରିମକୋର୍ଟ ଅଗଷ୍ଟ ୧୯ରୁ ଏହି ମାମଲାର ଶୁଣାଣି କରିବାକୁ ଯାଉଛନ୍ତି। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଗଭାଇଙ୍କ ନେତୃତ୍ୱାଧୀନ ଜଷ୍ଟିସ ସୂର୍ଯ୍ୟକାନ୍ତ, ବିକ୍ରମ ନାଥ, ପିଏସ ନରସିମ୍ହା ଏବଂ ଏ ଏସ ଚନ୍ଦୂରକରଙ୍କ ଖଣ୍ଡପୀଠ ଏ ନେଇ ଅଗଷ୍ଟ ୧୨ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କୁ ଲିଖିତ ସତ୍ୟପାଠ ଦାଖଲ କରିବାକୁ କହିଛନ୍ତି। ଠିକ୍ ସମୟରେ ମତାମତ ଦାଖଲ କରିବାକୁ ସବୁ ପକ୍ଷଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୧୯ ତାରିଖରେ ପ୍ରଥମେ ରାଷ୍ଟ୍ରପତିଙ୍କ ସୁପାରିସ ଉପରେ ପ୍ରଶ୍ନ ଉଠାଇ କେରଳ ଏବଂ ତାମିଲନାଡୁ ସରକାର ଦାଖଲ କରିଥିବା ଆବେଦନ ଉପରେ ଘଣ୍ଟାଏ ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ରାଷ୍ଟ୍ରପତିଙ୍କ ସୁପାରିସ ସମର୍ଥନ କରୁଥିବା କେନ୍ଦ୍ର ଏବଂ ଅନ୍ୟ ରାଜ୍ୟର ଆବେଦନ ଉପରେ ଅଗଷ୍ଟ ୧୯, ୨୦, ୨୧ ଓ ୨୬ରେ ଏବଂ ବିରୋଧରେ ଦାଏର ଆବେଦନର ଶୁଣାଣି ଅଗଷ୍ଟ ୨୮, ସେପ୍ଟେମ୍ବର ୨,୩ ଓ ୯ ତାରିଖରେ ଶୁଣାଣି କରାଯିବ। ଯଦି ଏହା ଉପରେ କୌଣସି ପ୍ରତ୍ୟୁତ୍ତର ଦେବାର ଥାଏ ତେବେ ଏହାର ଶୁଣାଣି ସେପ୍ଟେମ୍ବର ୧୦ରେ ହେବ। ଏହା ପୂର୍ବରୁ ଗତ ୨୨ ତାରିଖରେ ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ କହିଥିଲେ ଯେ ରାଷ୍ଟ୍ରପତିଙ୍କ ସୁପାରିସ ସାରା ଦେଶ ଉପରେ ପ୍ରଭାବ ପକାଇବ।

ଏପ୍ରିଲ ୮ରେ ସୁପ୍ରିମକୋର୍ଟର ଦୁଇ ଜଣିଆ ଖଣ୍ଡପୀଠ ଧାରା ୧୪୨କୁ ବ୍ୟବହାର କରି ବିଲ୍ ଉପରେ ଅନୁମୋଦନ ଲାଗି ରାଷ୍ଟ୍ରପତି ଏବଂ ରାଜ୍ୟପାଳଙ୍କ ନିମନ୍ତେ ୩ ମାସର କଣ୍ଟ ଧାର୍ଯ୍ୟ କରିଥିଲେ। ଏହାକୁ ନେଇ ରାଷ୍ଟ୍ରପତି ଧାରା ୧୪୩ (୧) ଆଧାରରେ ସୁପ୍ରିମକୋର୍ଟଙ୍କୁ ୧୪ ପ୍ରଶ୍ନ ପଚାରି ରାୟ ମାଗିଥିଲେ। ରାଷ୍ଟ୍ରପତି-ରାଜ୍ୟପାଳଙ୍କ କ୍ଷମତା, ନ୍ୟାୟିକ ଦଖଲ ଏବଂ ସମୟସୀମା ଧାର୍ଯ୍ୟ କରିବା ଉପରେ ସ୍ପଷ୍ଟୀକରଣ ଦେବାକୁ କହିଥିଲେ। ସମ୍ବିଧାନରେ ଏଭଳି କୌଣସି ବ୍ୟବସ୍ଥା ନ ଥିବାବେଳେ ବିଲ୍ ଉପରେ ନିଷ୍ପତ୍ତି ନେବା ପାଇଁ ସୁପ୍ରିମକୋର୍ଟ କେମିତି ରାଷ୍ଟ୍ରପତି-ରାଜ୍ୟପାଳଙ୍କ ନିମନ୍ତେ ସମୟସୀମା ଧାର୍ଯ୍ୟ କରିବାର ନିଷ୍ପତ୍ତି ଦେଇପାରିବେ କି, ସୁପ୍ରିମକୋର୍ଟଙ୍କ ରାୟ ନେବା ରାଷ୍ଟ୍ରପତିଙ୍କ ପାଇଁ ବାଧ୍ୟତାମୂଳକ କି, ଧାରା ୧୪୨ ବ୍ୟବହାର କରି ସୁପ୍ରିମକୋର୍ଟ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ ବଦଳାଇ ପାରିବେ କି, ରାଜ୍ୟପାଳଙ୍କ ଅନୁମୋଦନ ବିନା ବିଧାନସଭାରେ ପାରିତ ବିଲ୍ କାର୍ଯ୍ୟକାରୀ ହୋଇପାରିବ କି, ସମ୍ବିଧାନର ବାଖ୍ୟା ପାଇଁ ଉଦ୍ଦିଷ୍ଟ ମାମଲାକୁ ପାଞ୍ଚ ଜଣିଆ ଖଣ୍ଡପୀଠକୁ ପଠାଇବା ବାଧ୍ୟତାମୂଳକ କି, ସମ୍ବିଧାନ କିମ୍ବା ବର୍ତ୍ତମାନ ଆଇନ ସହ ମେଳ ଖାଉ ନ ଥିବା ନିର୍ଦ୍ଦେଶ ସୁପ୍ରିମକୋର୍ଟ ଦେଇପାରିବେ କି, ସୁପ୍ରିମକୋର୍ଟ ଏବଂ ରାଜ୍ୟ ମଧ୍ୟରେ ଥିବା ବିବାଦକୁ କେବଳ ସୁପ୍ରିମକୋର୍ଟରେ ସମାଧାନ କରାଯାଇପାରିବ କି ବୋଲି ରାଷ୍ଟ୍ରପତି ପଚାରି ଥିଲେ।

## ଚୀନ୍‌ରେ ସନ୍ତାନ ଜନ୍ମ କଲେ ମିଳିବ ୧.୩୦ ଲକ୍ଷ



ବେଜିଂ, ୨୯।୭ (ଏଜେନ୍ସି): ଜନ୍ମହାର ହ୍ରାସକୁ ନେଇ ଚୀନ୍ ସରକାରଙ୍କ ନିଦ ହଜି ଯାଇଛି। ଆର୍ଥିକ ସ୍ଥିତି ଏବଂ ଅନ୍ୟ କୌଣସି କାରଣରୁ ବିବାହ କରିବାକୁ ଅମଙ୍ଗ ହେଉଥିବା ଯୁବ ପିଢ଼ିଙ୍କୁ ଆକୃଷ୍ଟ କରିବା ଲାଗି ସି ଜିନପିଙ୍ଗଙ୍କ ସରକାର ନିଆରା ପଦକ୍ଷେପ ନେଇଛନ୍ତି। ସନ୍ତାନ ଜନ୍ମ କଲେ ମାତାପିତାଙ୍କୁ ସରକାର ୧.୩୦ ଲକ୍ଷ ଟଙ୍କା ଦେବାକୁ ନିଷ୍ପତ୍ତି ନେଇଛନ୍ତି। କ୍ରମାଗତ ଭାବେ ଜନ୍ମହାର ହ୍ରାସକୁ ନେଇ ଚିନ୍ତିତ ଚୀନ୍ ସରକାର ସନ୍ତାନ ଜନ୍ମ ପରେ ମାତାପିତାଙ୍କୁ କ୍ରମାଗତ ତିନି ବର୍ଷ ପର୍ଯ୍ୟନ୍ତ ୩୬୦୦ ୟୁଆନ (ପ୍ରାୟ ୪୪ ହଜାର ଟଙ୍କା) ପ୍ରଦାନ କରିବେ। ଏବେ ଚୀନ୍‌ର ୨୧ ପ୍ରତିଶତ ଲୋକଙ୍କ ବୟସ ୬୦ ବର୍ଷରୁ ଉର୍ଦ୍ଧ୍ୱ ରହିଛି। ପ୍ରାୟ ଦଶନ୍ଧି ତଳେ ଚୀନ୍ ନିଜର ବିବାଦୀୟ ଏକ ସନ୍ତାନ ନୀତିକୁ ପ୍ରତ୍ୟାହାର କରି ନେଇଥିଲା। ଏହା ସତ୍ତ୍ୱେ ଜନ୍ମହାର ହ୍ରାସ ପାଇ ଚାଲିଥିଲା।

ବିଶ୍ୱର ବୃହତ୍ତ ରାଷ୍ଟ୍ରଙ୍କ ମଧ୍ୟରେ ଚୀନ୍‌ର ଜନ୍ମହାର ସବୁଠୁ କମ୍ ରହିଛି। ୨୦୧୬ରେ ଚୀନ୍‌ରେ ୧.୮ କୋଟି ଶିଶୁ ଜନ୍ମ ହୋଇଥିଲେ। ୨୦୨୩ରେ ଏହି ସଂଖ୍ୟା ୯୦ ଲକ୍ଷକୁ ଖସି ଆସିଥିଲା। କେବଳ ୭ ବର୍ଷରେ ଏହି କମ୍ୟୁନିଷ୍ଟ ରାଷ୍ଟ୍ରରେ ଜନ୍ମହାର ୫୦ ପ୍ରତିଶତ ହ୍ରାସ ପାଇଛି। ମୃତ୍ୟୁ ହାରଠାରୁ ଜନ୍ମ ହାର କମ୍ ଥିବାରୁ ମୋଟ ହ୍ରାସ ଧାରା ଜାରି ରହିଛି।

## ୨୨ ଅନାଥ ପିଲାଙ୍କୁ ପୋଷ୍ୟ କଲେ ରାହୁଲ

ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବଡ଼ ପଦକ୍ଷେପ ନେଇଛନ୍ତି। ପୁଞ୍ଛ ଜିଲ୍ଲାର ୨୨ ଅନାଥ ପିଲାଙ୍କୁ ସେ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଜମ୍ମୁ-କଶ୍ମୀର ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ଏହି ସୂଚନା ଦେଇଛନ୍ତି। ରାହୁଲ ଏହି ପିଲାଙ୍କ ସ୍ନାତକ ପର୍ଯ୍ୟନ୍ତ ଶିକ୍ଷାର ସମ୍ପୂର୍ଣ୍ଣ ଖର୍ଚ୍ଚ ବହନ କରିବେ। ଏହି ପିଲାମାନେ 'ଅପରେସନ ସିନ୍ଦୁର' ସମୟରେ ନିଜ ମାତାପିତାଙ୍କୁ ହରାଇଥିଲେ। ଏଲଓସିରେ ପାକିସ୍ତାନୀ ଗୁଳିମାଡ଼ରେ ଏହି ଶିଶୁଙ୍କ ମାତାପିତାଙ୍କ ଜୀବନ ଯାଇଥିଲା। ପୁଞ୍ଛ ଗସ୍ତ ସମୟରେ ରାହୁଲ ଏହି ପ୍ରଭାବିତ ପରିବାରଗୁଡ଼ିକୁ ଭେଟିଥିଲେ। ସେମାନେ ଅତି କଷ୍ଟରେ କାଳତିପାତ କରୁଥିଲେ। ଅର୍ଥାଭାବରୁ ପାଠପଢ଼ା ଉପରେ ମଧ୍ୟ ବିପଦ ଦେଖା ଦେଇଥିଲା। ଏହା ଦେଖି ଏଭଳି ପିଲାଙ୍କ ତାଲିକା ପ୍ରସ୍ତୁତ କରିବାକୁ ରାହୁଲ ଦଳୀୟ ପଦାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପୁଞ୍ଛ ଯାଇ ରାହୁଲ ଅନାଥ ପିଲାଙ୍କୁ ଭେଟୁଥିବା ସମୟର ଏକ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ସେୟାର କରାଯାଇଛି। ସେତେବେଳେ ରାହୁଲ କହିଥିଲେ ଯେ ଏହି ପିଲାମାନଙ୍କ ଶିକ୍ଷା ପାଇଁ ସେ ବ୍ୟକ୍ତିଗତ ଭାବରେ କିଛି କରିବାକୁ ଚାହୁଁଛନ୍ତି। ଏହା ପରେ କଂଗ୍ରେସ ନେତାମାନେ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୨୨ ପିଲାଙ୍କୁ ସାହାଯ୍ୟ ଦିଆଯିବ।

# ରାଜ୍ୟସଭାରେ ଖଡ଼୍‌ଗେ-ନଡ୍ଡା ମୁହାଁମୁହିଁ



ନୂଆଦିଲ୍ଲୀ, ୨୯।୭: ରାଜ୍ୟସଭାରେ ଆଜି ପହଲଗାମ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ଉପରେ ଆଲୋଚନା ଚାଲିଥିବା ବେଳେ କେନ୍ଦ୍ର ମନ୍ତ୍ରୀ ତଥା ରାଜ୍ୟସଭାର ନେତା ଜେପି ନଡ୍ଡା ଏବଂ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖଡ଼ଗେ ମୁହାଁମୁହିଁ ହୋଇଥିଲେ। ଅପରେସନ ସିନ୍ଦୂର ଉପରେ ଏକ ଘଣ୍ଟା ଧରି ତାଙ୍କର ମନ୍ତବ୍ୟ ରଖିବା ସମୟରେ ଖଡ଼ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ତୀବ୍ର ସମାଲୋଚନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରତି ସେ ଏମିତି କିଛି ଭାଷା ପ୍ରୟୋଗ କରିଥିଲେ, ଯାହାକୁ ନେଇ ଉତ୍ତେଜିତ ହୋଇପଡ଼ିଥିଲେ ନଡ୍ଡା। ସେ ଖଡ଼ଗେଙ୍କୁ ସମାଲୋଚନା କରି କହିଥିଲେ ଯେ ଖଡ଼ଗେ ତାଙ୍କର ମାନସିକ ସନ୍ତୁଳନ ହରାଇଛନ୍ତି। ତାଙ୍କର ଏଭଳି ମନ୍ତବ୍ୟକୁ ବିରୋଧୀ ଦଳ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା। ନଡ୍ଡା ତାଙ୍କର ମନ୍ତବ୍ୟ ପ୍ରତ୍ୟାହାର କରିବା ସହିତ କ୍ଷମା ମାଗନ୍ତୁ ବୋଲି ସେମାନେ ଦାବି କରିଥିଲେ। କିନ୍ତୁ ନିଜ ମନ୍ତବ୍ୟରୁ ନଡ୍ଡା ନ ଓହରିବାରୁ ଖଡ଼ଗେ କହିଥିଲେ, ସେ ଗୃହରେ ରାଜନାଥ ଓ ନଡ୍ଡାଙ୍କର ସମ୍ମାନ କରନ୍ତି। କାରଣ ସେମାନେ କେବେହେଲେ ଭାଷାରେ ସନ୍ତୁଳନ ହରାନ୍ତି ନାହିଁ। ଶେଷରେ ନଡ୍ଡା ତାଙ୍କର ମନ୍ତବ୍ୟକୁ ପ୍ରତ୍ୟାହାର କରିବା ସହିତ ଦୁଃଖ ପ୍ରକାଶ କରିଥିଲେ। ନଡ୍ଡା କହିଥିଲେ ଯେ ଖଡ଼ଗେ ଜଣେ ଅଭିଜ୍ଞ ଓ ଜ୍ଞାନୀ ଲୋକ। ବିଶ୍ୱର ଲୋକପ୍ରିୟ ନେତା ରୂପେ ପରିଚିତ ମୋଦୀଙ୍କ ପ୍ରତି ସେ ଯେଉଁ ଭାଷା ପ୍ରୟୋଗ କରିଛନ୍ତି ତାହା ତାଙ୍କର ମର୍ଯ୍ୟାଦା ଦୃଷ୍ଟିରୁ ଶୋଭା ପାଉନାହିଁ। ତେଣୁ ତାଙ୍କର ଏହି ମନ୍ତବ୍ୟକୁ ରାଜ୍ୟସଭାର ରେକର୍ଡରୁ ବାଦ୍ ଦିଆଯାଉ।

# ଷ୍ଟ୍ରେଚରରେ ଯୁବକଙ୍କ ଜୀବନ ଗଲା

### ଭାଙ୍ଗିଲାନି ଡାକ୍ତରଙ୍କ ନିଦ



ମିରଟ, ୨୯।୭ (ଏଜେନ୍ସି): ଉତ୍ତର ପ୍ରଦେଶ ମିରଟରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଈଶ୍ୱରଙ୍କ ଦ୍ୱିତୀୟ ରୂପ ଭାବେ ପରିଚିତ ଜଣେ ଡାକ୍ତରଙ୍କ ଅବହେଳା ପାଇଁ ଦୁର୍ଘଟଣା ପରେ ଚିକିତ୍ସା ନ ପାଇ ଜଣେ ଯୁବକଙ୍କ ଜୀବନ ଚାଲି ଯାଇଛି। ଦୁର୍ଘଟଣା ସେତେ ଗୁରୁତର ନ ଥିଲା। ମାତ୍ର ଠିକ୍ ସମୟରେ ଚିକିତ୍ସା ମିଳି ପାରି ନ ଥିଲା। ଡାକ୍ତର ବାବୁ ଶୋଇ ରହିଥିଲେ। ପରେ ଅନ୍ୟମାନେ ଯାଇ ତାଙ୍କୁ ଡାକି ଥିଲେ। କିନ୍ତୁ ଏହା ସତ୍ତ୍ୱେ ସେ ଉଠି ନ ଥିଲେ। ଫଳରେ ଷ୍ଟ୍ରେଚରରେ ପଡ଼ି ପଡ଼ି ଯୁବକଙ୍କ ଅଧିକ ରକ୍ତସ୍ରାବ ହୋଇଥିଲା। ଶେଷରେ ତାଙ୍କ ଜୀବନ ଚାଲି ଯାଇଥିଲା। ଏହି ଅଭାବନୀୟ ଘଟଣା ମିରଟରେ ଥିବା ସରକାରୀ ଡାକ୍ତରଖାନାରେ ଘଟିଛି।

ସୂଚନା ଅନୁଯାୟୀ ରବିବାର ରାତି ୧ଟାରେ ଯୁବକ ଦୁର୍ଘଟଣାର ଶିକାର ହୋଇଥିଲେ। ଏଥିରେ ତାଙ୍କ ଗୋଡ଼ରେ ଗମ୍ଭୀର ଆଘାତ ଲାଗିଥିଲା। ତୁରନ୍ତ ତାଙ୍କୁ ଲାଲା ଲଜପତ ରାୟ ମେମୋରିଆଲ ମେଡିକାଲ କଲେଜକୁ ନିଆ ଯାଇଥିଲା। ଜରୁରୀକାଳୀନ ୱାର୍ଡରେ ତାଙ୍କୁ ଭର୍ତ୍ତି କରା ଯାଇଥିଲା। ଏହା ପରେ ବି ଡାକ୍ତର ଭୂପେଶ କୁମାର ରାଏ ଚିକିତ୍ସା କରିବାକୁ ଆସି ନ ଥିଲେ। ପରିବାର ଲୋକେ ଅନେକ କାକୁତିମିନତି ହୋଇଥିଲେ ବି କେହି ତାଙ୍କ ଗୁହାରି ଶୁଣି ନ ଥିଲେ। କିଛି ଘଣ୍ଟା ପର୍ଯ୍ୟନ୍ତ ଯୁବକ ସେମିତି ରକ୍ତାକ୍ତ ଅବସ୍ଥାରେ ୱାର୍ଡର ଷ୍ଟ୍ରେଚରରେ ପଡ଼ି ରହିଥିଲେ। ଶେଷରେ ତାଙ୍କର ମୃତ୍ୟୁ ହୋଇଥିଲା। ଯୁବକଙ୍କ ପରିବାର ଲୋକେ ଡାକ୍ତର ବାବୁ ଶୋଇଥିବାର ଭିଡିଓ ରେକର୍ଡ କରିଛନ୍ତି। ଏହାକୁ ଅଧାର କରି ଡାକ୍ତରଙ୍କୁ ନିଲମ୍ବନ କରାଯାଇଛି। ଏହି ମାମଲାର ତଦନ୍ତ ପାଇଁ ଏକ ତିନି ଜଣିଆ କମିଟି ଗଠନ କରାଯାଇଛି।

# ୟେମେନରେ ନିମିଷା ପ୍ରିୟାଙ୍କ ଫାଶୀଙ୍କୁ ନେଇ ସଂଶୟ



ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି): ହତ୍ୟା ମାମଲାରେ ୟେମେନ ଜେଲ୍‌ରେ ବନ୍ଦୀ ଭାରତୀୟ ନର୍ସ ନିମିଷା ପ୍ରିୟାଙ୍କ ଫାଶୀ ଦଣ୍ଡାଦେଶକୁ ନେଇ ସଂଶୟ ବଢ଼ିବାରେ ଲାଗିଛି। ଭାରତୀୟ ଗ୍ରାଣ୍ଡ ମୁଫ୍ତି କାନ୍ଥାପୁରମ ଏପି ଅବୁବକର ମୁସଲିୟାରଙ୍କ କାର୍ଯ୍ୟାଳୟ ପକ୍ଷରୁ ବଡ଼ ଦାବି କରାଯାଇଛି। ପୂର୍ବରୁ ସ୍ଥଗିତ ନିମିଷା ପ୍ରିୟାଙ୍କ ମୃତ୍ୟୁଦଣ୍ଡକୁ ରଦ୍ଦ କରିଦିଆଯାଇଥିବା କୁହାଯାଇଛି। ହୁତି ବିଦ୍ରୋହୀ ଗୋଷ୍ଠୀ ପକ୍ଷରୁ ଏହାକୁ ପ୍ରତ୍ୟାହାର କରି ନିଆ ଯାଇଥିବା ଦର୍ଶାଯାଇଛି। ତେବେ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ ଏହି ଖବରକୁ ଖାରଜ କରିଦିଆଯାଇଛି। ଏଭଳି ଦାବିକୁ ଭ୍ରମାତ୍ମକ କୁହାଯାଇଛି। ଏହି ସୂଚନା ବର୍ତ୍ତମାନର ସ୍ଥିତିକୁ ସଠିକ୍ ଭାବେ ସୂଚାଉ ନାହିଁ ବୋଲି କୁହାଯାଉଛି।

ୟେମେନଙ୍କ ତଲାଲ ଅବାଦୋଙ୍କୁ ୨୦୧୭ ମସିହାରେ ନିମିଶା ପ୍ରିୟା ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ତାଙ୍କୁ ଗତ ୧୬ ତାରିଖରେ ଫାଶୀ ଦିଆଯିବାର ଥିଲା। କିନ୍ତୁ ଭାରତର ହସ୍ତକ୍ଷେପ ଫଳରେ ଫାଶୀକୁ ଶେଷ ମୁହୂର୍ତ୍ତରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। କନ୍ଥପୁରମଙ୍କ ଅନୁରୋଧକ୍ରମେ ୟେମେନର ଜଣାଶୁଣା ସୁଫି ଧାର୍ମିକ ଗୁରୁ ଶେଖ୍ ହବିବ୍ ଓମର ବିନ୍ ହଫିଜ ନିମିଶାଙ୍କ ଫାଶୀ ମାମଲାରେ ଆଲୋଚନା ଲାଗି ଆଗକୁ ଆସିଥିଲେ। ଅନ୍ୟ ଅନ୍ତର୍ଜାତୀୟ କୂଟନୀତିଜ୍ଞଙ୍କ ସହ ମିଶି ସେ ଏଥିପାଇଁ କାର୍ଯ୍ୟ କରିଥିଲେ। ଏଥିପାଇଁ ତାଙ୍କ ଫାଶୀଦଣ୍ଡକୁ ଅଟକାଇ ଦିଆଯାଇଥିଲା। ତେବେ କନ୍ଥପୁରମଙ୍କ ଦାବିକୁ ୟେମେନର ସାମାଜିକ କର୍ମୀ ତଥା ଆହ୍ୱାନ କାଉନସିଲ୍ ଫର୍ ତଲାଲ ମହଦିସ୍ ଜଷ୍ଟିସ୍-ଇନ୍- ୟେମେନର ପ୍ରବକ୍ତା ସରହନ ସମସାନ ଅଲ ୱିସୱାବିଙ୍କ ପକ୍ଷରୁ ମଧ୍ୟ ନିମିଷାଙ୍କ ଦଣ୍ଡ ରଦ୍ଦ ହେବା ଖବରକୁ ସ୍ୱୀକାର କରାଯାଇଛି। ଫେସବୁକ ପୋଷ୍ଟରେ ସେ ଏହି ସୂଚନା ଦେଇଛନ୍ତି। ସେ ଦାବି କରିଛନ୍ତି ଯେ ଧାର୍ମିକ ଗୁରୁଙ୍କ ହସ୍ତକ୍ଷେପ ଯୋଗୁଁ ନିମିଷାଙ୍କୁ ମୃତ୍ୟୁଦଣ୍ଡରୁ ମୁକ୍ତ କରାଯାଇଛି। ଏବେ ତାଙ୍କୁ ଜେଲରୁ ମୁକ୍ତ କିମ୍ବା ଆଜୀବନ କାରାଦଣ୍ଡ ଦିଆଯିବ। ନିମିଷା ଏବେ ଜେଲ୍‌ରେ ରହିବେ କି 'ବ୍ଲଡ ମନି' ଦେଇ ମୁକୁଳିବେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ଦିଲ୍ଲୀରେ ଉଠିଲା ଓଡ଼ିଶାର ନାରୀ ସୁରକ୍ଷା ପ୍ରସଙ୍ଗ

# ସଂସଦ ପରିସରରେ ଗାନ୍ଧୀ ମୂର୍ତ୍ତି ତଳେ ବିଜେଡିର ପ୍ରତିବାଦ

ଭୁବନେଶ୍ୱର,୨୯।୭(ସମିସ): ଦିଲ୍ଲୀରେ ପହଞ୍ଚିଛି ଓଡ଼ିଶାର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ନାରୀ ଅସୁରକ୍ଷା ପ୍ରସଙ୍ଗ । ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଦଳର ରାଜ୍ୟସଭା ସାଂସଦମାନେ

- ପ୍ରବଳ ବର୍ଷାରେ ଧାରଣା ଦେଲେ ବିଜେଡି ରାଜ୍ୟସଭା ସାଂସଦ
- ବଲଙ୍ଗା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ତୁରନ୍ତ ଗିରଫ ଦାବି
- ସୌମ୍ୟାଶ୍ରୀ ଆତ୍ମଦାହ ଘଟଣାରେ ଦାବି କଲେ ନ୍ୟାୟିକ ତଦନ୍ତ




ସଂସଦ ପରିସରରେ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଛନ୍ତି । ପ୍ରବଳ ବର୍ଷା ସତ୍ତ୍ୱେ ଦଳର ୬ ଜଣ ରାଜ୍ୟସଭା ସାଂସଦ ପ୍ଲାକାର୍ଡ଼ ଧରି ଓଡ଼ିଶାରେ ନାରୀ ଓ ଶିଶୁମାନଙ୍କୁ ସୁରକ୍ଷା ଦେବା ନିମନ୍ତେ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି ।

ସମ୍ପ୍ରତି ଓଡ଼ିଶାରେ ନାରୀ ଓ ଶିଶୁ ଅସୁରକ୍ଷିତ । ଜଣେ ମହିଳା ଘରୁ ବାହାରିଲେ ସୁରକ୍ଷିତ ଭାବରେ ଫେରିବାର ନିଶ୍ଚିତତା ନାହିଁ । ଗତ କିଛି ମାସ ଧରି ରାଜ୍ୟରେ ମହିଳାଙ୍କ ପ୍ରତି ଦୁଷ୍କର୍ମ ଏବଂ ଗଣଦୁଷ୍କର୍ମ ଘଟଣା ପାଇଁ ଓଡ଼ିଶା ଜାତୀୟ ସ୍ତରରେ ଲଜ୍ଜିତ ହୋଇଥିବା ବେଳେ ରାଜ୍ୟ ବିଜେପି ସରକାର ଏକ ପ୍ରକାର ସ୍ଥାଣୁ ପାଲଟି ଯାଇଛନ୍ତି ।

ଏହି ପରିପ୍ରେକ୍ଷୀରେ ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁର ନ୍ୟାୟିକ ତଦନ୍ତ ଓ ବଲଙ୍ଗା ଘଟଣାରେ ଦୋଷୀଙ୍କୁ ତୁରନ୍ତ ଗିରଫ କରାଯିବାକୁ ସାଂସଦମାନେ ଦାବି କରିଛନ୍ତି । ରାଜ୍ୟରେ ନାରୀମାନଙ୍କୁ ସୁରକ୍ଷା ଓ ସ୍ୱାଭିମାନର ସହ ବଞ୍ଚିବା ପାଇଁ ଡବଲ ଇଞ୍ଜିନ ସରକାର ଯଥେଷ୍ଟ ପଦକ୍ଷେପ ନେବାର ଆବଶ୍ୟକ ରହିଛି ବୋଲି ପ୍ରତିବାଦ କରୁଥିବା ବିଜେଡି ସାଂସଦମାନେ କହିଛନ୍ତି । ଏହି ଧାରଣାରେ ସାଂସଦ ଡ. ସସ୍ମିତ ପାତ୍ର, ମାନସ ରଞ୍ଜନ ମଙ୍ଗରାଜ, ମୁଜିବୁଲ୍ଲା ଖାନ୍(ମୁନା ଖାନ୍), ସୁଲତା ଦେଓ, ନିରଞ୍ଜନ ବିଶି ଓ ସୁବାଶିଷ ଖୁଣ୍ଟିଆ ପ୍ରମୁଖ ସାମିଲ ଥିଲେ ।

ପ୍ରତିବାଦ ସମ୍ପର୍କରେ ପ୍ରତିକ୍ରିୟା ରଖି ସାଂସଦ ମାନସ ରଞ୍ଜନ ମଙ୍ଗରାଜ କହିଛନ୍ତି ଯେ ରାଜ୍ୟରେ ନାରୀ, ଛୋଟ ଶିଶୁ ସମସ୍ତ ଅସୁରକ୍ଷିତ ଅବସ୍ଥାରେ ଅଛନ୍ତି । ବାଲେଶ୍ୱର ଏଫଏମ କଲେଜର ଜଣେ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମାହୂତି ପ୍ରଦାନ କରିଥିବା ବେଳେ, ପୁରୀ ଜିଲ୍ଲା ବଲଙ୍ଗାର ଜଣେ ଛାତ୍ରୀ ବର୍ତ୍ତମାନ ଦିଲ୍ଲୀ ଏମ୍ସରେ ମୃତ୍ୟୁ ସହ ସଂଗ୍ରାମ କରୁଛି । ଉକ୍ତ ଛାତ୍ରୀଙ୍କର ୭୫ ପ୍ରତିଶତ ଶରୀର ପୋଡ଼ି ଯାଇଛି । ଏ ସମସ୍ତ ଘଟଣାରେ ପ୍ରକୃତ ଦୋଷୀଙ୍କୁ ଠାବ କରିବାରେ ରାଜ୍ୟ ସରକାର, ପୁଲିସ ବିଫଳ ହୋଇଛନ୍ତି । ତେଣୁ ପ୍ରକୃତ ସତ୍ୟକୁ ପଦାକୁ ଆଣିବାକୁ ଆମେ ନ୍ୟାୟିକ ତଦନ୍ତ ଦାବି କରୁଛୁ । ମାତ୍ର ଏହାକୁ ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି । ଫଳସ୍ୱରୂପ ଏପରି ସମ୍ବେଦନଶୀଳ ଘଟଣା ଗୁଡ଼ିକର ପ୍ରକୃତ ସତ୍ୟ ପଦାକୁ ଆସୁନାହିଁ । ରାଜ୍ୟ ସରକାର ଯଦି ନ୍ୟାୟିକ ତଦନ୍ତ ନ କରନ୍ତି ତାହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଶ୍ରୀ ମଙ୍ଗରାଜ କହିଛନ୍ତି ।

■ ଓଡ଼ିଶା ଉପରେ ଘୂର୍ଣ୍ଣିବଳୟ ସକ୍ରିୟ

# ଆହୁରି ୨୪ ଘଣ୍ଟା ଛେଚିବ

ଭୁବନେଶ୍ୱର, ୨୯।୭(ସମିସ): ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିଛି । ଆହୁରି ୨୪ ଘଣ୍ଟା ପର୍ଯ୍ୟନ୍ତ ଏହାର ପ୍ରଭାବ ଜାରି ରହିବ । ତେବେ ୩୧ ତାରିଖ ପରଠାରୁ ବର୍ଷା କମିବା ନେଇ ଆକଳନ କରାଯାଉଛି ।

ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ, ବର୍ତ୍ତମାନ ଦକ୍ଷିଣ ବାଂଲାଦେଶ ଏବଂ ଆଖପାଖ ଅଞ୍ଚଳର ବାୟୁମଣ୍ଡଳ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବ ଓଡ଼ିଶା ଉପରେ ରହୁଛି ଓ ଏଥିପାଇଁ ରାଜ୍ୟର ଅନେକ ସ୍ଥାନରେ ବର୍ଷା ହେଉଛି । ବିଶେଷକରି ଉତ୍ତର ଆଭ୍ୟନ୍ତରୀଣ, ଉପକୂଳ ଓଡ଼ିଶାର ବର୍ଷାର ପ୍ରଭାବ ଅଧିକ ରହିଛି । ମଙ୍ଗଳବାର ସାଢ଼େ ୫ଟା ସୁଦ୍ଧା ଟିଟିଲାଗଡ଼ରେ ୩୯ ମିମି ବର୍ଷା ହୋଇଥିବା ବେଳେ ଭୁବନେଶ୍ୱରରେ ୩୭ ମିମି, ବଲାଙ୍ଗିରରେ ୨୨ ମିମି, ନୂଆପଡ଼ାରେ ୨୩ ମିମି ଓ ଖୋର୍ଦ୍ଧା, ଛତ୍ରପୁର ଏବଂ ଚାନ୍ଦବାଲିରେ ୧୦ ମିମି ଲେଖାଏଁ ବର୍ଷା ରେକର୍ଡ ହୋଇଛି । ବୁଧବାର ଅନେକ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ସହ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି । ଏଥିପାଇଁ ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, କଟକ, ଢେଙ୍କାନାଳ, ଅନୁଗୋଳ, ଦେବଗଡ଼, ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଓ ବରଗଡ଼ ଜିଲ୍ଲାକୁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି ।

ମୌସୁମୀ ଟ୍ରଫ୍ ଏବେ ଦିଲ୍ଲୀର ଶ୍ରୀଗଙ୍ଗାନଗର, ଉତ୍ତର-ପଶ୍ଚିମ ମଧ୍ୟପ୍ରଦେଶ, ସତନା, ଡାଲଟନଗଞ୍ଜ, ଜାମସେଦପୁର, ଦୀଘା ଉପରେ ଥିବା ଲଘୁଚାପ କ୍ଷେତ୍ରର କେନ୍ଦ୍ର ଦେଇ ସେଠାରୁ ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ଉତ୍ତର-ପୂର୍ବ ବଙ୍ଗୋପସାଗରକୁ ଲମ୍ବିଛି । ଧୀରେଧୀରେ ମୌସୁମୀ ଟ୍ରଫ୍ ହିମାଳୟ ଆଡ଼କୁ ଯିବାକୁ ଥିବାରୁ ୩୧ କିମ୍ବା ୧ ତାରିଖଠାରୁ ରାଜ୍ୟରେ ବର୍ଷାର ପରିମାଣ ଯଥେଷ୍ଟ ହ୍ରାସ ପାଇବାର ସମ୍ଭାବନା ରହିଛି । ଏମିତିକି, ଗୋଟିଏ ସପ୍ତାହରୁ ଅଧିକ ସମୟ ପର୍ଯ୍ୟନ୍ତ ମୌସୁମୀ ବ୍ରେକ୍ ନେବାର ଆଶଙ୍କା କରାଯାଉଛି । ଏହା ପରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେଲେ ହିଁ ମୌସୁମୀ ପୁଣିଥରେ ସକ୍ରିୟ ହେବ ଓ ମୌସୁମୀ ଟ୍ରଫ୍ ସ୍ୱାଭାବିକ ଅବସ୍ଥାକୁ ଫେରିବ ।

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୫୯୬.୯ ମିମି ବର୍ଷା ରେକର୍ଡ ହୋଇଛି । ଏହା ସ୍ୱାଭାବିକ ବର୍ଷା ୫୨୬.୪ ମିମିଠାରୁ ୧୩ପ୍ରତିଶତ ଅଧିକ । ଏହି ସମୟ ମଧ୍ୟରେ ଗୋଟିଏ ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଥିବା ବେଳେ ୮ ଜିଲ୍ଲାରେ ଅତିରିକ୍ତ, ୧୭ ଜିଲ୍ଲାରେ ସାଧାରଣ ଏବଂ ବାକି ୪ ଜିଲ୍ଲାରେ କମ୍ ବର୍ଷା ରେକର୍ଡ କରାଯାଇଛି । ସେହିପରି, ଗତ ୨୪ଘଣ୍ଟା ମଧ୍ୟରେ କଳାହାଣ୍ଡି ଥୁଆମୂଳ ରାମପୁରରେ ସର୍ବାଧିକ ୫୫.୦ ମିମି ବର୍ଷା ରେକର୍ଡ କରାଯାଇଛି ।

# ଚାଲିଚାଲି ଆସି ମହାନଦୀକୁ ଡେଇଁପଡ଼ିଲେ

ସମ୍ବଲପୁର, ୨୯ ।୭ (ସମିସ): ମହାନଦୀ ଦ୍ୱିତୀୟ ସେତୁ ବୋଲାଉଥିବା ଚାଉଁରପୁର ବ୍ରିଜ୍‌ରେ ଆଜି ପୁଣି ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି । ବ୍ରିଜ୍



ଉପରେ ଠିଆ ହୋଇ ମହାନଦୀର କ୍ଷୀପ୍ରସ୍ରୋତକୁ ସେ ଡେଇଁ ପଡ଼ିଛନ୍ତି । ଖବର ଲେଖାହେବା ବେଳକୁ ତାଙ୍କ ପରିଚୟ ମିଳି ପାରିନାହିଁ ।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଆଜି ଅପରାହ୍ଣ ପ୍ରାୟ ୨ଟାରୁ ସାଢ଼େ ୨ଟା ମଧ୍ୟରେ ଜଣେ ୫୦ରୁ ୬୦ବର୍ଷୀୟ ବ୍ୟକ୍ତି ଚାଉଁରପୁର ପାର୍ଶ୍ୱରୁ ସମ୍ବଲପୁର ପଟକୁ ଚାଲିଚାଲି ଆସୁଥିଲେ । କିଛି ସମୟ ବ୍ୟବଧାନ ଭିତରେ ସେ ବ୍ରିଜ୍ ବାଡ଼ାକୁ ଚଢ଼ି ମହାନଦୀ ସ୍ରୋତକୁ ଡେଇଁ ପଡ଼ିଥିଲେ । ପ୍ରତ୍ୟକ୍ଷଦର୍ଶୀ ଗାଡ଼ିରେ ପଛକୁ ଫେରି ଦେଖିବା ବେଳେ ସେ ବହୁ ଦୂର ଭାସି ଯାଇଥିଲେ । ସଙ୍ଗେସଙ୍ଗେ ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସେପଟେ ଅଗ୍ନିଶମ ବାହୀନି ମଧ୍ୟ ଖୋଜାଖୋଜି ଜାରି ରଖିଥିଲା । ଏବେ ହୀରାକୁଦର ୧୮ଟି ଗେଟ୍ ଖୋଲା ରହିଛି । ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ କ୍ୟୁସେକ ଜଳ ନିଷ୍କାସିତ ହେଉଛି । ମହାନଦୀର କ୍ଷୀପ୍ର ସ୍ରୋତରେ ଖୋଜିବା ପ୍ରାୟ ସମ୍ଭବପର ହୋଇନାହିଁ । ତଥାପି ଅପରାହ୍ଣ ୩ଟାରୁ ସର୍ଚ୍ଚ ଅପରେସନ୍ ଆରମ୍ଭ ହୋଇଥିଲା । ସନ୍ଧ୍ୟା ହୋଇଯିବାରୁ ସାଢ଼େ ୬ଟା ବେଳକୁ ଅପରେସନ ସ୍ଥଗିତ କରାଯାଇଥିଲା । ଆସନ୍ତାକାଲି ପୁଣି ସକାଳୁ ଖୋଜା ଯିବା ବୋଲି ଅଗ୍ନିଶମ ଅଧିକାରୀ ସୁଦାମ କିଶୋକ କହିଛନ୍ତି ।

ପ୍ରକାଶଥାଉକି ଏହି ସେତୁରେ ଆତ୍ମହତ୍ୟା କରିବା କୌଣସି ନୂଆ କଥା ନୁହେ । ଗତ ମାର୍ଚ୍ଚ ୧୦ ତାରିଖରେ ଜଣେ ମହିଳା ତଳକୁ ଡେଇଁ ଆତ୍ମହତ୍ୟା କରିଥିଲେ । ତଳେ ପାଣି ନଥିବାରୁ ପଥରରେ ମାଡ଼ ହୋଇ ତାଙ୍କ ଜୀବନ ଚାଲି ଯାଇଥିଲା ।

# ଦୁଇ ଦିନରେ ଦୁଇଥର 'ପ୍ରଳୟ'ର ସଫଳ ପରୀକ୍ଷଣ


ବାଲେଶ୍ୱର, ୨୯ ।୭ (ସମିସ): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ ହେଉଥିବା ସର୍ଟରେଞ୍ଜ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର 'ପ୍ରଳୟ'ର ପରୀକ୍ଷଣ କ୍ରମାଗତ ଭାବେ ଦୁଇଦିନ ଧରି ଦୁଇଥର ସଫଳ ହୋଇଛି । ବ୍ୟାବହାରିକ ମୂଲ୍ୟାଙ୍କନର ଅଂଶବିଶେଷ କ୍ଷେପଣାସ୍ତ୍ରର ସର୍ବୋଚ୍ଚ ଓ ସର୍ବନିମ୍ନ କ୍ଷମତା ପ୍ରମାଣିତ କରିବା ଲକ୍ଷ୍ୟରେ ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ଏହି ପରୀକ୍ଷଣ କରାଯାଇଛି । ଏହି ଅବସରରେ 'ପ୍ରଳୟ' କ୍ଷେପଣାସ୍ତ୍ର ଅତ୍ୟନ୍ତ ସଠିକ୍ ଢଙ୍ଗରେ ପୂର୍ବ ନିର୍ଦ୍ଧାରିତ ଗତିପଥ ଅନୁସରଣ ପୂର୍ବକ ନିର୍ଭୁଲ ଭାବେ ଲକ୍ଷ୍ୟସ୍ଥଳକୁ ଭେଦ କରିବା ସହ ପରୀକ୍ଷଣର ସମସ୍ତ ମାନଦଣ୍ଡ ପୂରଣ କରିଥିବା ନେଇ ପ୍ରତିରକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି ।

ଧାମରା ନିକଟ ଅବଦୁଲ କାଲାମ ଦ୍ୱୀପସ୍ଥିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରର ଲଞ୍ଚ କମ୍ପ୍ଲେକ୍ସରୁ ଏକ ମୋବାଇଲ ଲଞ୍ଚର୍ ବା କ୍ୟାନିଷ୍ଟର ମାଧ୍ୟମରେ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ଏହି ନୂତନ କ୍ଷେପଣାସ୍ତ୍ର ପ୍ରଥମେ ସୋମବାର ପୂର୍ବାହ୍ନ ପ୍ରାୟ ୯.୩୫ରେ ଉତ୍କ୍ଷେପଣ ହୋଇଥିଲା । ସେହିପରି କ୍ରମାଗତ ଭାବେ ଆଜି ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ଦ୍ୱିତୀୟଥର ପାଇଁ ଉତ୍କ୍ଷେପଣ କରାଯାଇଥିଲା । ଏହି

- ଚୀନ୍ ଓ ପାକିସ୍ତାନ ସୀମାରେ ମୁତୟନ ହେବ
- ୫ଶହରୁ ୧ହଜାର କେଜି ଯୁଦ୍ଧାସ୍ତ୍ର ବହନ କରିପାରିବ
- ୩୫୦ରୁ ୫୦୦ କି.ମି ପର୍ଯ୍ୟନ୍ତ ଟାର୍ଗେଟ୍ ଲକ୍ଷ୍ୟଭେଦୀ

ପରୀକ୍ଷଣ ମିଶନର ସମସ୍ତ ଉଦ୍ଦେଶ୍ୟ ପୂରଣ ହୋଇଛି ବୋଲି ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି ।

ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ର (ଆଇଟିଆର) ପକ୍ଷରୁ ନିୟୋଜିତ ବିଭିନ୍ନ ଟ୍ରାକିଂ ସେନ୍ସର୍ ଦ୍ୱାରା ପ୍ରାପ୍ତ ପରୀକ୍ଷଣ ତଥ୍ୟ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟସ୍ଥଳରେ ଅବସ୍ଥିତ ଜାହାଜରେ ନିୟୋଜିତ ଉପକରଣରୁ ତଥ୍ୟ ବିଶ୍ଳେଷଣରୁ ଏହା ପ୍ରମାଣିତ ହୋଇଥିବା କୁହାଯାଇଛି । ଏହି କ୍ଷେପଣାସ୍ତ୍ର କଠିନ ପ୍ରୋପେଲାଣ୍ଟ ରକେଟ୍ ମୋଟର ସହିତ ଚାଳିତ ଏବଂ ଏଥିରେ ଅନେକ ନୂତନ ଟେକ୍ନୋଲୋଜି ରହିଛି । ପ୍ରାୟ ୫ ଶହରୁ ଏକ ହଜାର କିଲୋଗ୍ରାମର ଯୁଦ୍ଧାସ୍ତ୍ର ବହନ କରି ଏହା ୩୫୦ରୁ ୫୦୦ କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟକୁ ସଠିକ ଭାବେ ଲକ୍ଷ୍ୟଭେଦ କରିପାରିବ ।



ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ଏହି କ୍ଷେପଣାସ୍ତ୍ରକୁ ଚୀନ ସୀମାର ଲାଇନ୍ ଅଫ୍ ଆକ୍ଚୁଆଲ କଣ୍ଟ୍ରୋଲ (ଏଲ୍ଏସି) ଓ ପାକିସ୍ତାନ ସୀମାର ଲାଇନ୍ ଅଫ୍ କଣ୍ଟ୍ରୋଲ (ଏଲଓସି) ଅଞ୍ଚଳରେ ମୁତୟନ କରାଯିବ ବୋଲି ପ୍ରତିରକ୍ଷା ବିଭାଗ ସୂତ୍ରରୁ ସୂଚନା ଦିଆଯାଇଛି । ଚୀନର ଡାଙ୍ଗଫେଙ୍ଗ ୧୨ ଓ ରୁଷର ଇସ୍କନ୍ଦର ଭଳି ଏହି କ୍ଷେପଣାସ୍ତ୍ର ଶକ୍ତିଶାଳୀ । ୟୁକ୍ରେନ୍ ସହ ଯୁଦ୍ଧରେ ରୁଷ ଇସ୍କନ୍ଦର କ୍ଷେପଣାସ୍ତ୍ରର ବହୁଳ ବ୍ୟବହାର କରିଛି । ପାକିସ୍ତାନ ନିକଟରେ ମଧ୍ୟ ପ୍ରଳୟ ଭଳି ଟେକ୍ଟିକାଲ ମିସାଇଲ ରହିଛି । ପ୍ରଳୟ କ୍ଷେପଣାସ୍ତ୍ର ସଠିକତା ଓ ଗତି ହିସାବରେ ସର୍ବାଧିକ ଘାତକ ସାବ୍ୟସ୍ତ ହେବ ବୋଲି କୁହାଯାଉଛି ।

୨୦୨୨ ଡିସେମ୍ବରରେ ୨୪ ଘଣ୍ଟା ମଧ୍ୟରେ ଏହି କ୍ଷେପଣାସ୍ତ୍ରର ଦୁଇ ଥର ସଫଳ ପରୀକ୍ଷଣ ହୋଇଥିବା ବେଳେ ୨୦୨୩ମସିହା ନଭେମ୍ବର ୭ ତାରିଖରେ ମଧ୍ୟ ପ୍ରଳୟର ସଫଳ ପରୀକ୍ଷଣ କରାଯାଇଥିଲା । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରଳୟର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ ଏବଂ ସହଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ବିଭାଗ ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡ. ସମୀର ଭି କାମତ ବୈଜ୍ଞାନିକଙ୍କ ସମେତ ସଫଳ ପରୀକ୍ଷଣରେ ଜଡ଼ିତ ସମସ୍ତ ଅଂଶୀଦାରଙ୍କୁ ଅଭିନନ୍ଦନ ଜଣାଇବା ସହ ପ୍ରଥମ ପର୍ଯ୍ୟାୟ ବ୍ୟାବହାରିକ ପରୀକ୍ଷଣର ସଫଳତା ନିକଟ ଭବିଷ୍ୟତରେ ପ୍ରଳୟ କ୍ଷେପଣାସ୍ତ୍ରକୁ ସେନାବାହିନୀରେ ସାମିଲ ପାଇଁ ପଥ ପ୍ରଶସ୍ତ କରିଛି ବୋଲି କହିଛନ୍ତି ।

# ହାତୀ ଆକ୍ରମଣରେ ଜଣେ ମୃତ

ବଡ଼ବିଲ,୨୯।୭(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ରେଞ୍ଜ କାରାଖେଣ୍ଡରା ଗ୍ରାମରେ ବଣୁଆ ହାତୀ ଆକ୍ରମଣରେ ଜଣଙ୍କର ମୃତ୍ୟୁ ହୋଇଛି । ସୋମବାର ରାତି ପ୍ରାୟ ୧୦ଟାରେ ଦୁଇଟି ହାତୀ ଗ୍ରାମ ଭିତରେ ପଶିଥିଲେ । ମୃତକ ଲୁଣ୍ଡୁ ମୁଣ୍ଡାଙ୍କ ବାଡ଼ିରେ ଲାଗିଥିବା କଦଳୀ ଗଛକୁ ଖାଉଥିବା ବେଳେ ଲୁଣ୍ଡୁ ଏବଂ କିଛି ଗ୍ରାମବାସୀ ସେମାନଙ୍କୁ ଘଉଡ଼ାଇବା ବେଳେ ଅସାବଧାନତା କାରଣରୁ ଲୁଣ୍ଡୁ ତଳେ ପଡ଼ିଯାଇଥିଲେ । ହାତୀଟି ତାଙ୍କୁ ଦଳିଦେବାରୁ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ପରେ ବନବିଭାଗ ଅଧିକାରୀ ମୃତଦେହକୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ନିମନ୍ତେ ପଠେଇବା ସହ ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି ।

# ଭୁବନେଶ୍ୱର ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ

- ବ୍ୟାଙ୍କକରୁ ଭୁବନେଶ୍ୱର ଆଣୁଥିଲେ ୩ ଯୁବକ
- ୩ଟି ବ୍ୟାଗରେ ଭର୍ତ୍ତି କରି ମାରିଜୁଆନା ଆଣୁଥିଲେ
- ପୂର୍ବରୁ ବିମାନବନ୍ଦରରୁ ୩ଥର ଧରାପଡ଼ିଥିଲା ମାରିଜୁଆନା

ଭୁବନେଶ୍ୱର, ୨୯ ।୭(ସମିସ): ରାଜ୍ୟରେ ବଢ଼ୁଛି ବିଦେଶୀ ନିଶା ମାରିଜୁଆନା(ବିଦେଶୀ ଗଞ୍ଜେଇ) ର ଚାହିଦା । ବାରମ୍ବାର ବିମାନବନ୍ଦରରୁ ଜବତ ହେବା ତାହା ଦର୍ଶାଉଛି । ଆଜି ପୁଣି ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ ହୋଇଛି । ବିମାନରେ ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିବା ବେଳେ କଷ୍ଟମସ ବିଭାଗ ମାରିଜୁଆନା ଜବତ କରିଛି । ମାରିଜୁଆନା ଚାଲାଣ କରୁଥିବା ୩ଜଣ ଯାତ୍ରୀଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି । ତିନି ଅଟକ ଅଭିଯୁକ୍ତ ହେଲେ ମହମ୍ମଦ ଜାମ୍, ମୋହିତ ଓ ବାମତି । ଏମାନେ ସମସ୍ତେ ଉତ୍ତରପ୍ରଦେଶ ଫତେପୁର ସିକ୍ରି ଅଞ୍ଚଳର ବୋଲି ଜଣାପଡ଼ିଛି । ଜବତ ମାରିଜୁଆନାର ବଜାର ମୂଲ୍ୟ କିଲୋ ପିଛା ୧ କୋଟି ଟଙ୍କା ବୋଲି କୁହାଯାଉଛି । ୬ଟି ବ୍ୟାଗ ଭର୍ତ୍ତି ଥିବା ହାଇଡ୍ରୋଫୋନିକ ୱିଡ୍‌ର ଆନୁମାନିକ ମୂଲ୍ୟ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମସ ବିଭାଗ ।



୩ଜଣ ଅଭିଯୁକ୍ତ ନିୟମିତ ଭାବେ ବ୍ୟାଙ୍କକରୁ ଭୁବନେଶ୍ୱରକୁ ମାରିଜୁଆନା ଚାଲାଣ କରନ୍ତି । ପୂର୍ବରୁ ସେମାନେ ଚାଲାଣ କରିଥିବା କଷ୍ଟମ ବିଭାଗ ଆଗରେ କହିଛନ୍ତି । ତେଣୁ ସେମାନେ ବ୍ୟାଙ୍କକରୁ ୩ଟି ବ୍ୟାଗ୍‌ରେ ଭର୍ତ୍ତି କରି ମାରିଜୁଆନା ଆଣିଥିବା ଖବର କଷ୍ଟମ ବିଭାଗ ଆଗୁଆ ଖବର ପାଇଯାଇଥିଲା । ୩ଜଣ ଯାତ୍ରୀ ବିମାନରୁ ଓହ୍ଲାଇବା ପୂର୍ବରୁ କଷ୍ଟମ ବିଭାଗର ଅଧିକାରୀମାନେ ଜଗି ରହିଥିଲେ । ୩ଜଣ କର୍ମଚାରୀ ବିମାନରୁ ଓହ୍ଲାଇ ବାହାରକୁ ଆସୁଥିଲେ ଏହି ସମୟରେ ସେମାନଙ୍କୁ ଅଟକ ରଖି ବ୍ୟାଗ୍ ଯାଞ୍ଚ କରାଯାଇଥିଲା । ବ୍ୟାଗ୍ ଯାଞ୍ଚ କରିବା ପରେ ୩୦ କିଲୋ ମାରିଜୁଆନା ମିଳିଥିଲା । ଏହାପରେ କଷ୍ଟମ ବିଭାଗ ୩ଜଣଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା । ମାରିଜୁଆନାର ବଜାର ମୂଲ୍ୟ କିଲୋପିଛା ୧ କୋଟି ହୋଇଥିବା ବେଳେ, ୩ଟି ବ୍ୟାଗ ଭର୍ତି ଥିବା ୩୦ କିଲୋ ମାରିଜୁଆନା ମିଳିଥିବାରୁ ଏହାର ଦାମ ୩୦ କୋଟିରୁ ଅଧିକ ହେବ ବୋଲି ଅନୁମାନ କରୁଛି କଷ୍ଟମ ବିଭାଗ । ଏହି ୩୦କୋଟିର ମାରିଜୁଆନା କୁଆଡେ ଯାଉଥିଲା । ଭୁବନେଶ୍ୱରର କିଏ ଏହି ୩ଜଣଙ୍କ ଠାରୁ ମାରିଜୁଆନା ନେଉଛନ୍ତି? ଏହି ରାକେଟ୍ ପଛର ମାଷ୍ଟରମାଇଣ୍ଡ କିଏ? ଅନ୍ୟ କେଉଁ ସବୁ ରାଜ୍ୟକୁ ଚାଲାଣ କରିଛନ୍ତି? ସେନେଇ ପଚରାଉଚରା କରୁଛି କଷ୍ଟମ ବିଭାଗ । ପୂର୍ବରୁ ମଧ୍ୟ ଭୁବନେଶ୍ୱରୀ ବିମାନ ବନ୍ଦରରୁ ୩ଥର ୧୦୦କୋଟିର ମାରିଜୁଆନା ଧରାପଡ଼ିଥିଲା । ବିଦେଶରୁ ଏଭଳି ବାରମ୍ବାର ମାରିଜୁଆନା ଭୁବନେଶ୍ୱର ଆସୁଥିବାରୁ ରାଜଧାନୀ ନିଶାରେ କବଳିତ ହୋଇଗଲାଣି ବୋଲି କୁହାଯାଉଛି ।

# ଶିମିଳିପାଳକୁ ଆସିବ ଅଣ୍ଡିରା ବାଘ

ଭୁବନେଶ୍ୱର,୨୯।୭(ସମିସ): ଶିମିଳିପାଳକୁ ଜୀନତ ଓ ଯମୁନା ଆସିବା ପରେ ଆହୁରି ବାଘଙ୍କୁ ଆଣିବାକୁ ଯୋଜନା କରାଯାଇଛି । ଶିମିଳିପାଳକୁ ଦୁଇଟି ପୁରୁଷ ବାଘ ଏବଂ ଦୁଇଟି ବାଘୁଣୀ ଆଣିବା ନେଇ ଯୋଜନା ରହିଥିଲା । ଏଥିମଧ୍ୟରୁ ଦୁଇଟି ବାଘୁଣୀ ଆସିସାରିଥିବା ବେଳେ ଆସନ୍ତା ବର୍ଷା ଆରମ୍ଭରୁ ଗୋଟିଏ ଅଣ୍ଡିରା ବାଘ ଶିମିଳିପାଳକୁ ଆଣିବା ପାଇଁ ବନ ବିଭାଗ ଯୋଜନା କରୁଛି । ବାହାର ରାଜ୍ୟରୁ ଆସିଥିବା ଯମୁନା ଓ ଜୀନତ ଦୁଇ ବାଘୁଣୀଙ୍କର ବ୍ୟବହାର ଓ ପରିବେଶ ସହିତ ସେମାନେ କିପରି ଖାପ ଖୁଆଉଛନ୍ତି, ତାହାର ଅନୁଧ୍ୟାନ କରାଯାଉଛି । ଇତି ମଧ୍ୟରେ ଗୋଟିଏ ବର୍ଷ ବିତିଯାଇଥିବା ବେଳେ ପୁଣି ଶିମିଳିପାଳକୁ ନୂଆ ବାଘ ଆଣିବା ନେଇ ଯୋଜନା ରହିଛି ବୋଲି କହିଛନ୍ତି ବନ୍ୟପ୍ରାଣୀ ପିସିସିଏଫ୍ ପ୍ରେମ୍ କୁମାର ଝା । ଆସନ୍ତା ବର୍ଷ ମହାରାଷ୍ଟ୍ର, ମଧ୍ୟପ୍ରଦେଶ କିମ୍ବା ଉତ୍ତରାଖଣ୍ଡରୁ ଗୋଟିଏ ଅଣ୍ଡିରା ବାଘ ଅଣାଯିବା ଯୋଜନା ରହିଥିବା ସେ ସୂଚନା ଦେଇଛନ୍ତି ।

**କଳାବାଘଙ୍କ ସଂଖ୍ୟାବୃଦ୍ଧିରେ ଲାଗିବ ରୋକ୍**

ବ୍ୟାଘ୍ର ଦିବସ ପାଳନ ଅବସରରେ ସେ କହିଛନ୍ତି ରାଜ୍ୟରେ ମାତ୍ର ଦୁଇଟି ଟାଇଗର ରିଜର୍ଭ ଶିମିଳିପାଳ ଓ ସାତକୋଶିଆ ରହିଛି । ବର୍ତ୍ତମାନ ସମୟରେ ଶିମିଳିପାଳରେ ବାଘ ରହିଛନ୍ତି । ଏଠାରେ ଉଭୟ ସାଧାରଣ ବାଘ ଓ କଳା ବାଘ ଅଛନ୍ତି । ଶିମିଳିପାଳରେ ବାଘଙ୍କ ସଂଖ୍ୟା ୩୦ ରହିଥିବା ବେଳେ ଅନେକ ଶାବକ ରହିଛନ୍ତି । ୨ ବର୍ଷ ହେଲା ପରେ ସେମାନଙ୍କୁ ଗଣନାରେ ସାମିଲ କରାଯିବ । ଅନ୍ୟପଟେ ସାତକୋଶିଆରେ ୫ ବର୍ଷ ପୂର୍ବରୁ ବାଘ ରହିଥିଲେ, ବର୍ତ୍ତମାନ ସେଠି ଆଉ ବାଘ ନାହାନ୍ତି । ନିକଟ ଅତୀତରେ ଏହାକୁ ନେଇ ଆଗକୁ ମଧ୍ୟ କୌଣସି ଯୋଜନା କରାଯାଇନାହିଁ । ମାତ୍ର ଡେବ୍ରିଗଡ଼ରେ ଏକ ବ୍ୟାଘ୍ର ପ୍ରକଳ୍ପ କରିବା ନେଇ ଯୋଜନା କରାଯାଉଛି । ଏହାରି ମଧ୍ୟରେ କେନ୍ଦ୍ର ସରକାର ଟାଇଗର ରିଜର୍ଭ କରିବା ପାଇଁ ଚିଠି ମଧ୍ୟ କରିଛନ୍ତି । ଏହାକୁ ନେଇ ରାଜ୍ୟ ସରକାର ଏକ ଟିମ ଗଠନ କରିଛନ୍ତି । ଏହି ଟିମ ଦେବ୍ରିଗଡ଼ ଯାଇ ସେଠାକାର ସମସ୍ତ ବ୍ୟବସ୍ଥା ଦେଖିବେ, ଏହି ପ୍ରକଳ୍ପ ପାଇଁ ପରିବେଶ କିପରି ରହିଛି ତାହା ସବୁ ପରିଲକ୍ଷିତ କରିବେ । ପରବର୍ତ୍ତୀ ସମୟରେ ପ୍ରକଳ୍ପର ଗତି ଆଗକୁ ଯିବ ବୋଲି ସେ କହିଛନ୍ତି ।

ଅନ୍ୟପଟରେ ଶିମିଳିପାଳରେ କଳା ବାଘଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଯାହାକି ଏକ ଚିନ୍ତାର କାରଣ । ଇନବିଡ଼ିଂ ଯୋଗୁଁ ଏହି ବାଘଙ୍କ ସଂଖ୍ୟା ବଢ଼ୁଛି । ଏଥିପାଇଁ ବାହାର ରାଜ୍ୟରୁ ବାଘ ଆଣିବା ପାଇଁ ବନ ବିଭାଗ ଯୋଜନା କରିଥିଲା । ଯମୁନା ଓ ଜୀନତ ଦୁଇ ବାଘୁଣୀଙ୍କୁ ଶିମିଳିପାଳରେ ଆଣି ଛଡ଼ାଯାଇଥିଲା । ପୁଣି ଅଣ୍ଡିରା ବାଘ ଆସିବା ପରେ ଶିମିଳିପାଳରେ ବାଘଙ୍କ ମଧ୍ୟରେ ଜାରି ରହିଥିବା ଇନବିଡ଼ିଂ ପ୍ରକ୍ରିୟା କମିବା ସହ କଳାବାଘଙ୍କ ସଂଖ୍ୟା ବୃଦ୍ଧିରେ ଅଙ୍କୁଶ ଲାଗିବ ବୋଲି ସେ କହିଛନ୍ତି ।

# ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା; ଛାତ୍ରୀ ଓ ନାରୀ ଅସୁରକ୍ଷିତ

## ଅଗଷ୍ଟ ୧ରୁ ୧୪ ଯାଏ ଛାତ୍ର ଓ ଯୁବ ବିଜେଡିର ଆନ୍ଦୋଳନ

ଭୁବନେଶ୍ୱର,୨୯।୭(ସମିସ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତିରେ ସୁଧାର, ଛାତ୍ରୀ ଓ ମହିଳାଙ୍କ ସୁରକ୍ଷା ଦାବିରେ ଆସନ୍ତା ଅଗଷ୍ଟ ୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ଆନ୍ଦୋଳନ କରିବ ବିଜୁ ଛାତ୍ର ଓ ଯୁବ ଜନତା ଦଳ । ଦଳ ଦୁଇ ବିଧାୟକ ବ୍ୟୋମକେଶ ରାୟ ଓ ଦେବୀରଞ୍ଜନ ତ୍ରିପାଠୀ ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ସଂକ୍ରାନ୍ତରେ ସୂଚନା ଦେଇଛନ୍ତି ।

ବ୍ୟୋମକେଶ କହିଛନ୍ତି ଯେ ଗତ ୧୩ ମାସ ବିଜେପି ଶାସନରେ, ରାଜ୍ୟର ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ, ନାରୀ ନିର୍ଯାତନା ଚରମ ସ୍ଥିତିରେ ପହଞ୍ଚିଛି । ବେଳାଭୂମି ଠାରୁ ଆରମ୍ଭ କରି କଲେଜ କ୍ୟାମ୍ପସ ପର୍ଯ୍ୟନ୍ତ ସବୁଠାରେ ଛାତ୍ରୀମାନେ ଅସୁରକ୍ଷିତ । ଛାତ୍ରୀ ନିବାସରେ ନାବାଳିକା ଗର୍ଭବତୀ ହେଉଥିବା ଖବର ଗଣମାଧ୍ୟମର ଶିରୋନାମା ପାଲଟିଛି । ଏହି ସମୟରେ ରାଜ୍ୟ ବିଜେପି ସରକାର ନିଘୋଡ ନିଦରେ ଶୋଇଛନ୍ତି । ଗୋପାଳପୁର ବେଳାଭୂମିରେ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ, ବାଲେଶ୍ୱର ଏଫଏମ କଲେଜ ଛାତ୍ରୀଙ୍କ ଆତ୍ମଦାହ ଘଟଣା ଓ ବଲଙ୍ଗା ନାବାଳିକା




- ପୁଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଛାତ୍ରଛାତ୍ରୀ ଦେବେ ସ୍ମାରକପତ୍ର
- ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିବେ ରାଜ୍ୟର ଛାତ୍ରଛାତ୍ରୀ

ପୋଡି ଘଟଣା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ଏହି ପ୍ରସଙ୍ଗରେ ସରକାରଙ୍କ ଉଦାସୀନତା ପ୍ରତିବାଦରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ କଲେଜରେ ଆନ୍ଦୋଳନ କରିଛି । ବାଲେଶ୍ୱର ବନ୍ଦ, ଲୋକସେବା ଭବନ ଘେରାଉ ସହିତ ତିନି ଆରଡିସି ଅଫିସ ଘେରାଉ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଅଗଷ୍ଟ ୧ତାରିଖରୁ ୭ ତାରିଖ ଯାଏ ସାରା ରାଜ୍ୟର ଛାତ୍ରଛାତ୍ରୀ ଏ ସଂକ୍ରାନ୍ତରେ ପ୍ରତିବାଦ ଜାରି ରଖିବେ । ଛାତ୍ରଛାତ୍ରୀ ମାନେ ନିଜ ଥାନା ଓ ଏସପିଙ୍କୁ ଭେଟି ଆଇନ ଶୃଙ୍ଖଳା, ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରଦାନ ସମ୍ବନ୍ଧରେ, ଡିଜି ପୋଲିସଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିବେ । ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କୁ ଖୋଲା ଚିଠି ଲେଖିବେ ବୋଲି ଶ୍ରୀ ରାୟ କହିଛନ୍ତି ।

ସେହିପରି ଦେବୀ ରଞ୍ଜନ ତ୍ରିପାଠୀ କହିଛନ୍ତି ଯେ ନିକଟରେ ଘଟି ଯାଇଥିବା ଘଟଣା ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଓଡ଼ିଶା ଲଜ୍ଜିତ ହୋଇଛି । ଓଡିଶା ସମେତ ଦେଶର ଛଅଟି ରାଜ୍ୟକୁ ନ ଯିବା ପାଇଁ ଆମେରିକା ନିଜ ନାଗରିକଙ୍କୁ ପରାମର୍ଶ ଦେଇଛି । ଓଡିଶା ପାଇଁ ଏହା ଲଜ୍ୟା ଓ ନିନ୍ଦା ଆଣିଛି । ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା ଓ ବଳଙ୍ଗା ନାବାଳିକା ପୋଡି ଘଟଣାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ଲଜ୍ଜା ବୋଲି କହିବାସହ ବ୍ୟବସ୍ଥାଗତ ବିଫଳତାକୁ ସମାଲୋଚନା କରିଛନ୍ତି । ଏହା ସତ୍ତ୍ୱେ ରାଜ୍ୟ ସରକାରଙ୍କ ନିଦ ଭାଙ୍ଗିନାହିଁ । ତେଣୁ ରାଜ୍ୟରେ ଛାତ୍ରୀ ଓ ନାରୀ ମାନଙ୍କୁ ସୁରକ୍ଷିତ କରିବା ପାଇଁ ରାଜ୍ୟ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବା ଦରକାର ବୋଲି ସେ କହିଛନ୍ତି ।

# କୋର୍ଟ କର୍ମଚାରୀ ସାଇବର ଠକେଇର ଶିକାର

**ବାରିପଦା, ୨୯ ।୭(ସମିସ):** ବାରିପଦା ସ୍ଥିତ ଆଡ଼ ହକ ଏବଂ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ କୋର୍ଟର ଗାଡି ଚାଳକ ଗଣେଶ୍ୱର ମହାନ୍ତ ସାଇବର ଠକେଇର ଶିକାର ହୋଇଛନ୍ତି । ଏନେଇ ସେ ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କୁ ଏକ ଅଜଣା ନମ୍ବରରୁ ଫୋନ କଲ ଆସିଥିଲା । ତାଙ୍କର ପୁରୁଣା ଋଣକୁ ଏକ ଥରକେ ପରିଶୋଧ କରିଲେ ନୂତନ ଋଣ ପ୍ରଦାନ କରାଯିବ ବୋଲି କହିଥିଲେ । ଯାହାକୁ ନେଇ ଠକଙ୍କ କହିବା ମୁତାବକ ୫୫ ହଜାର ଟଙ୍କା ପର୍ଯ୍ୟାୟକ୍ରମରେ ପ୍ରଦତ୍ତ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରିଥିଲେ; କିନ୍ତୁ ଏହାପରେ ତାଙ୍କର କୋଣସି ଋଣ ପରିଶୋଧ ହୋଇନଥିଲା । ପରେ ସେ ଉକ୍ତ ନମ୍ବରରେ ଯୋଗାଯୋଗ କରିବାରୁ ତାହା ସମ୍ଭବ ହୋଇ ନ ଥିଲା । ଅଦୃଶ୍ୟ ସାଇବର ଠକଙ୍କ ଦ୍ୱାରା ଠକେଇର ଶିକାର ହୋଇଥିବା ନେଇ ଜାଣିବାକୁ ପାଇବା ପରେ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

# ଓର୍‌ମାସ ପକ୍ଷରୁ ରାକ୍ଷୀ ଷ୍ଟଲ୍ ଉଦ୍‌ଘାଟିତ



**ବାରିପଦା, ୨୯ ।୭(ସମିସ):** ଆଗକୁ ଆସୁଛି ପାରମ୍ପରିକ ପର୍ବ ଗହ୍ମା ପୂର୍ଣ୍ଣିମା ତଥା ରକ୍ଷାବନ୍ଧନ ଉତ୍ସବ । ତେଣୁ ରାକ୍ଷୀ ପାଇଁ ଗହଳଚହଳ ହେଲାଣି ବଜାର । ଜିଲ୍ଲାର ସଦର ମହକୁମା ବାରିପଦାରେ ଭଳିକିଭଳି ରାକ୍ଷୀ ସମ୍ଭାରରେ ସଜେଇ ହେବାରେ ଲାଗିଛି ବିଭିନ୍ନ ଷ୍ଟଲ । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ବାରିପଦା ଷ୍ଟାଡିୟମ ଗୋଲେଇ ନିକଟ ମୟୂର ଶିଳ୍ପ ଆଉଟଲେଟ ସମ୍ମୁଖରେ ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି (ଓରମାସ୍) ତରଫରୁ ନିଆରା ମନଲୋଭା ରାକ୍ଷୀର ସମ୍ଭାର ନେଇ ଉଦଘାଟିତ ହୋଇଛି ଏକ ନୂତନ ଷ୍ଟଲ; ଯାହାର ନାମ ରହିଛି 'ଭାଇ ଭଉଣୀ ପ୍ରେମର ସାକ୍ଷୀ, ଓରମାସ ରାକ୍ଷୀ' । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ ଯୋଗଦେଇ ଷ୍ଟଲକୁ ଉଦ୍‌ଘାଟନ କରିଥିଲେ । ଷ୍ଟଲରେ ସବାଇ ଘାସ, ବାଉଁଶ ଓ ଅନ୍ୟାନ୍ୟ ପ୍ରାକୃତିକ ସାମଗ୍ରୀରେ ହାତତିଆରି ମନଲୋଭା ରାକ୍ଷୀ ସୁଲଭ ମୂଲ୍ୟରେ ୪୦ ଟଙ୍କାରୁ ୧୫୦ ଟଙ୍କା ମଧ୍ୟରେ ଉପଲବ୍ଧ । ଏହି ଷ୍ଟଲ ଅଗଷ୍ଟ ୯ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ । ଓରମାସର ଡେପୁଟି ସିଇଓ ଭାଗ୍ୟଲକ୍ଷ୍ମୀ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ମିଶନ ଶକ୍ତି ଡିପିସି ନିରଞ୍ଜନ ପଣ୍ଡା, ଓଡ଼ିଶା ଜୀବିକା ମିଶନ ଡିପିମ ନବୀନ କୁମାର ସେନାପତି, ଡିସିପିଓ ମମତାମୟୀ ବିଶ୍ୱାଳ, ପ୍ରୋଗ୍ରାମ ମ୍ୟାନେଜର ମଧୁସ୍ମିତା ଭୂୟାଁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବିକାଶ ରଞ୍ଜନ ମହାନ୍ତି, ଓରମାସର ସମସ୍ତ ଜିଲ୍ଲା ଅଧିକାରୀ, ମୟୂରଶିଳ୍ପ, ରବର, ଫଳ ଓ ପନିପରିବା କମ୍ପାନୀର ସମସ୍ତ କର୍ମକର୍ତ୍ତା, ଫାର୍ମର ପ୍ରଡ୍ୟୁସର କମ୍ପାନୀର କର୍ମକର୍ତ୍ତା ଏବଂ ଜିଲ୍ଲାର ବିଭିନ୍ନ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀ ଉପସ୍ଥିତ ଥିଲେ ।

# ଏମ୍‌ସିଏଏମ୍‌ରେ ଚାରା ବଣ୍ଟନ କାର୍ଯ୍ୟକ୍ରମ ଶୁଭାରମ୍ଭ



**ବାରିପଦା, ୨୯ ।୭(ସମିସ):** ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟାନ୍‌ସୀ ଆଣ୍ଡ ମ୍ୟାନେଜମେଣ୍ଟର ଜାତୀୟ ସେବା ଯୋଜନା ଓ ରେଡ଼କ୍ରସ ଶାଖାର ମିଳିତ ଆନୁକୂଲ୍ୟରେ ମଙ୍ଗଳବାରଠାରୁ ଚାରାବଣ୍ଟନ କାର୍ଯ୍ୟକ୍ରମକୁ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୂତନ ଭାରପ୍ରାପ୍ତ କୁଳପତି ପ୍ରଫେସର ଡ଼ ବିଧୁଭୂଷଣ ମିଶ୍ର ଶୁଭାରମ୍ଭ କରିଛନ୍ତି । କଲେଜ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ କୁଳପତି ପ୍ରଫେସର ମିଶ୍ରଙ୍କୁ ପ୍ରଥମେ ଏକ ରୁଦ୍ରାକ୍ଷ ଚାରା ବୃକ୍ଷ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର କୁଳସଚିବ ସୁମିତା ସିଂ ଓ ପରୀକ୍ଷା ନିୟନ୍ତ୍ରକ ଡ଼ ସୁବ୍ରତ କୁମାର ରଣା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମଏକ ସପ୍ତାହ ଚାଲୁ ରହିବ ବୋଲି ଜାତୀୟ ସେବା ଯୋଜନା ଅଧିକାରିଣୀ ସୁଶ୍ରୀ ନାୟକ ଓ ରେଡ଼କ୍ରସ ଅଧିକାରିଣୀ ପୂଜା ଶତପଥୀ ପ୍ରକାଶ କରିଛନ୍ତି ।

## ମନ୍ଦିର ଚୋର ଗ୍ୟାଙ୍ଗ ସମେତ ୬ ଗିରଫ

# ଅଳଙ୍କାର, ଟଙ୍କା, ବୈଦ୍ୟୁତିକ ସାମଗ୍ରୀ, ବାଇକ୍ ଜବତ





**ବାରିପଦା, ୨୯ ।୭(ସମିସ)**

ବାରିପଦା ସହର ଓ ଆଖପାଖ ଅଞ୍ଚଳ ମନ୍ଦିରରୁ ଚୋରି କରୁଥିବା ଗ୍ୟାଙ୍ଗକୁ ଧରିବାରେ ବାରିପଦା ସଦର ଥାନା ପୁଲିସ ସଫଳ ହୋଇଛି । ପୁଲିସ ୪ ଜଣ ଚୋର ଓ ଚୋରି ସାମଗ୍ରୀ କିଣିଥିବା ୨ ଜଣ ସମେତ ୬ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ସୁନା ଓ ରୂପା ଅଳଙ୍କାର, ୩ଟି ବାଇକ, ୫ଟି ମୋବାଇଲ ଓ ନଗଦ ୨୦ ହଜାର ଟଙ୍କା ଜବତ କରାଯାଇଛି । ଏନେଇ ମଙ୍ଗଳବାର ବାରିପଦା ସଦର ଥାନା ପରିସରରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦୀପକ କୁମାର ଗୋଛାୟତ ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ବୈଶିଙ୍ଗା ଥାନା ଅନ୍ତର୍ଗତ ଗୋବିନ୍ଦରାୟପୁର ଗ୍ରାମର ଅନସର ଖାଁ (୨୨), ନଜିମ ଖାଁ (୨୨), ସେକ ସୁଲତାନ (୨୧), ନୁର ହୁସେନ (୨୨) ଓ କ୍ରେତା ଦ୍ୱୟ ହେଲେ ଗ୍ରାମର ସେକ ଆଜାଦ (୨୯) ଓ ବାଲେଶ୍ୱର ଟାଉନ ଥାନା ଅନ୍ତର୍ଗତ ସୁନହଟ ଅଞ୍ଚଳର ସେକ ଇମ୍ରାନ ଖାଁ (୨୩) । ଏହି ଗ୍ୟାଙ୍ଗ ବାରିପଦା ସଦର ଥାନା ଅଞ୍ଚଳରେ ଥିବା ମନ୍ଦିର, ଘରୁ ଓ କାର୍ଯ୍ୟାଳୟରୁ ଚୋରି କରୁଥିଲେ । ଜୁନ ୨୫ତାରିଖ ବିଳମ୍ବିତ ରାତିରେ ବାଙ୍କିଶୋଳ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରୁ ଚୋରି ହୋଇଥିଲା । ପଞ୍ଚାୟତ କାର୍ଯ୍ୟାଳୟର ତାଲା ଭାଙ୍ଗି କମ୍ପ୍ୟୁଟର, ଲ୍ୟାପଟପ, ଇନଭର୍ଟର, ବ୍ୟାଟେରୀ ଆଦି ୧୨ଲକ୍ଷ ଟଙ୍କାର ଆସବାବପତ୍ର ଚୋରି ହୋଇଥିବା ନେଇ ସରପଞ୍ଚ ଫୁଲମଣି ମାର୍ଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ତା' ପରଦିନ ବିଳମ୍ବିତ ରାତିରେ ମଞ୍ଚାବନ୍ଧା ଗଣେଶ ମନ୍ଦିରରୁ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅଳଙ୍କାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିଲା । ଏନେଇ ସହରସାହିର ଦୀପକ କୁମାର ଅଗ୍ରୱାଲ ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଜନଶୂନ୍ୟର ସୁଯୋଗ ନେଇ ଉକ୍ତ ମନ୍ଦିରରେ କଳାକନା ବୁଲାଇଥିଲେ । ଦୁଇଟିଯାକ ଚୋରି ସମ୍ପର୍କରେ ଅଭିଯୋଗ ହେବା ପରେ ସଦର ଥାନା ଅଧିକାରୀ ଆଦିତ୍ୟ ପ୍ରସାଦ ଜେନାଙ୍କ ନେତୃତ୍ୱରେ ଏସଆଇ ଅଜୟ କୁମାର ଜେନା ତଦନ୍ତ ଆରମ୍ଭ କରିଥିଲେ । ଅଞ୍ଚଳର ସିସି ଟିଭିକୁ ଭିଡିଓକୁ ଆଧାର ପୂର୍ବକ ଯାଞ୍ଚ କରି ଗ୍ୟାଙ୍ଗକୁ ଧରିବାରେ ପୁଲିସ ସଫଳ ହୋଇଛି । ପ୍ରଥମେ ଅଭିଯୁକ୍ତକୁ ଗିରଫ କରିବା ପରେ ସାମଗ୍ରୀ କ୍ରେତାଙ୍କୁ ଧରିଥିଲା ପୁଲିସ । ତାଙ୍କ ପାଖରୁ ସୁନା ଓ ରୁପା ଅଳଙ୍କାର ସମେତ କିଛି ତରଳା ଯାଇଥିବା ସୁନା ଓ ରୂପା ଖଣ୍ଡ ଜବତ କରାଯାଇଛି । ଏଥିସହିତ କାର୍ଯ୍ୟାଳୟରୁ ଚୋରି ସାମଗ୍ରୀଗୁଡ଼ିକ ମଧ ଜବତ ହୋଇଛି । ପୁଲିସ ଅଭିଯୁକ୍ତଙ୍କୁ ଅଧିକ ପଚରା ଉଚରା କରିବାରୁ ସେମାନେ ପୂର୍ବରୁ ବିଭିନ୍ନ ଥାନା ଅଞ୍ଚଳରେ ଚୋରି କରିଥିବା ସ୍ୱୀକାର କରିଛନ୍ତି । ସୂଚନାଯୋଗ୍ୟ ଯେ, ଭଞ୍ଜପୁର ଥାନା ଅନ୍ତର୍ଗତ ୱାଲିଗଞ୍ଜ ସ୍ଥିତ ଶ୍ରୀ ଶନିଶ୍ଚର ମହାଗ୍ରହ ପୀଠ ହୁଣ୍ଡିରୁ ଚୋରି, ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ଦେବଶୋଳ ଶିବ ମନ୍ଦିର, ଉଦଳା ଥାନା ଅନ୍ତର୍ଗତ ଦୁଗଧା ତାରିଣୀ ମନ୍ଦିର ଓ ଖୁଣ୍ଟା ଥାନା ଅନ୍ତର୍ଗତ କନକ ଦୁର୍ଗା ମନ୍ଦିର ଆଦି ଚୋରିରେ ଏମାନେ ସମ୍ପୃକ୍ତ ରହିଛନ୍ତି । ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ସ୍କୁଲ, କଲେଜ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ବୈଠକ

# ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ଓହ୍ଲାଇବ ସଂଘ



**ବାରିପଦା, ୨୯ ।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ଓଷ୍ଟା ସଂଘର ସମ୍ପାଦକ ତଥା ସମନ୍ୱୟ ସମିତିର ଜିଲ୍ଲା ଆବାହକ କିଶୋର କୁମାର ଆଚାର୍ଯ୍ୟଙ୍କ ଆବାହକତ୍ୱ ଏବଂ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଳତାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ସଂଘ ବିଭିନ୍ନ ଦାବିନେଇ ବାରମ୍ବାର ସରକାରଙ୍କ ଦୃଷ୍ଟିଆକର୍ଷଣ କରୁଥିଲେ ମଧ୍ୟ କୌଣସି ଫଳ ମିଳୁ ନ ଥିବାରୁ ସମିତି ପୁଣି ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି । ଦାବି ମଧ୍ୟରେ ବର୍ଷବର୍ଷ ଧରି ବିନା ଦରମାରେ ଶିକ୍ଷାଦାନ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କଲେଜରେ କାର୍ଯ୍ୟ କରିଥିବା ଓ କରୁଥିବା ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ଚାକିରି କାଳ ୬୦ରୁ ୬୨ ବର୍ଷକୁ ବୃଦ୍ଧି, ସମସ୍ତ ଅନୁଦାନପ୍ରାପ୍ତ ଓ ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ କଲେଜକୁ ସରକାରୀ କରଣ, ୨୦୦୪ରୁ ୨୦୧୩ ମଧ୍ୟରେ ସରକାରୀ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ସହ ବରିଷ୍ଠତା ପ୍ରଦାନ ଓ ନୂତନ ପେନସନ ବଦଳରେ ପୁରୁଣା ପେନସନ ପ୍ରଦାନ ଆଦି ଅନ୍ତର୍ଭୁକ୍ତ । ବୈଠକରେ ଓଷ୍ଟାର ପୂର୍ବତନ ରାଜ୍ୟ ସମ୍ପାଦକ ଭରତ ଚନ୍ଦ୍ର ବରାଳ, ପୂର୍ବତନ ଜିଲ୍ଲା ସଭାପତି ସନ୍ତୋଷ କୁମାର କାସ୍ତ, ଓଲଓଷ୍ଟାର ଜିଲ୍ଲା ସଭାପତି ପ୍ରଦିପ ନାୟକ, ସମ୍ପାଦକ ଅଞ୍ଜନ କୁମାର ଜେନା, ୬୬୨କଲେଜ ସଂଘରୁ ଅମ୍ବିକା ଶଙ୍କର ମିଶ୍ର, ମାଦ୍ରାସାର ସଭାପତି ସେକ ମହିରୁଦିନ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୟାନିଧି ମହାନ୍ତ, ସମସ୍ତ ଉପ ସଭାପତି ପ୍ରମୁଖ ବହୁ କର୍ମକର୍ତ୍ତା ଯୋଗଦାନ କରିଥିଲେ । ଆସନ୍ତା ଅଗଷ୍ଟ ୨ ତାରିଖରେ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା, ଅଗଷ୍ଟ ୮ ତାରିଖ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଏବଂ ଅଗଷ୍ଟ ୧୬ ତାରିଖ ଭୁବନେଶ୍ୱରରେ ହେବାକୁଥିବା ଆନ୍ଦୋଳନକୁ ସଫଳ କରିବା ପାଇଁ ମତପ୍ରକାଶ ପାଇଥିଲା । ଶେଷରେ ଶିକ୍ଷକ ଦେବରାଜ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ଶିକ୍ଷା ବିଭାଗରେ ବ୍ୟାପକ ଅନିୟମିତତା

# ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ବିକ୍ଷୋଭ କରିବ ଭଞ୍ଜସେନା

**ବାରିପଦା, ୨୯ ।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଦ୍ୱାରା ଶିକ୍ଷା ବିଭାଗରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଛି; ଯାହାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଭଞ୍ଜସେନା ପକ୍ଷରୁ ବିକ୍ଷୋଭ କରାଯିବ ବୋଲି ମଙ୍ଗଳବାର ଜିଲ୍ଲା ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତିରେ ଜଣାଇଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସେଠୀ ନିଜ ପଦର ଦୁରୂପଯୋଗ କରି ପ୍ରାୟ ୧୪୦ ଜଣ ଶିକ୍ଷକ/ଶିକ୍ଷୟତ୍ରୀଙ୍କୁ ବାରିପଦା ଓ ଆଖପାଖି ସ୍କୁଲରେ ଡେପୁଟେସନ ଆଣି ରଖିଛନ୍ତି । ଜିଲ୍ଲା ମଧ୍ୟାହ୍ନ ଭୋଜନର ନୋଡାଲ ଅଫିସର ଦାୟିତ୍ୱରେ ଥିବା ଜିଲ୍ଲା ଶିକ୍ଷାଧିକାରୀ ମଧ୍ୟାହ୍ନ ଭୋଜନ ହରିଲୁଟରେ ଯୋଗାଣକାରୀଙ୍କ ସହିତ ସମ୍ପୂର୍ଣ୍ଣ ଭାବେ ସାମିଲ ରହିଛନ୍ତି । ପେନସନ ପାଇବାର ହକଦାର ଥିବା ପୂର୍ବତନ ଶିକ୍ଷକଙ୍କୁ ବିଭିନ୍ନ ଉପାୟରେ ହଇରାଣ ମଧ୍ୟ କରୁଛନ୍ତି । ବିଭିନ୍ନ ଦୁର୍ନୀତିରେ ଛନ୍ଦିହୋଇ ପଡ଼ିଥିବା ଶୁଳିଆପଦା ବିଇଓଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସେ ସୁରକ୍ଷା ଦେବା ସହ ଅନେକ କାର୍ଯ୍ୟକଳାପରେ ଜଡିତ ରହିଛନ୍ତି ବୋଲି ଅଭିଯୋଗ ହୋଇଛି । ଏହାର ସମାଧାନ ପାଇଁ ଭଞ୍ଜସେନା ପକ୍ଷରୁ ଅନେକ ଥର ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି । ତାଙ୍କ କାର୍ଯ୍ୟକାଳ ସମୟର ଏକ ଉଚ୍ଚସ୍ତରୀୟ ତଦନ୍ତ ସମେତ ନୂତନ ଶିକ୍ଷାଧିକାରୀ ନିଯୁକ୍ତି କରିବାକୁ ଦାବି ହୋଇଥିଲା । ଏ ନେଇ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ, ଶିକ୍ଷା ବିଭାଗ, ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ । କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରାଗଲା ନାହିଁ । ଆଗାମୀ ୪୮ ଘଣ୍ଟା ମଧ୍ୟରେ ରାଜ୍ୟ ସରକାର ଅନିୟମିତତା ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ଓ ନୂତନ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିଯୁକ୍ତି ପ୍ରଦାନ ନ କରନ୍ତି, ତେବେ ଭଞ୍ଜସେନା ପକ୍ଷରୁ ଅଗଷ୍ଟ ୧ ତାରିଖରେ ଜିଲ୍ଲା ଶିକ୍ଷାଧିକାରୀଙ୍କର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

### ବ୍ୟକ୍ତିଗତ ହାଜର ପାଇଁ ଜିଲ୍ଲାପାଳଙ୍କ ନୋଟିସ୍

ମୟୂରଭଞ୍ଜ ଜିଲ୍ଲାରେ ପ୍ରାଥମିକ ଶିକ୍ଷକଙ୍କ ବଦଳି ତଥା ରେସନାଲାଇଜେସନ ରୁଲରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଜିଲ୍ଲା ଶିକ୍ଷଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ନାମରେ ଅଭିଯୋଗ ହୋଇଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ତରଫରୁ ଆସନ୍ତା ୩୦ ତାରିଖରେ ସେ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ସମସ୍ତ କାଗଜପତ୍ର ପ୍ରମାଣପତ୍ର ସହିତ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନୋଟିସ ଜାରି କରାଯାଇଛି । ଏପରିକି ଜିଲ୍ଲା ଶିକ୍ଷଧିକାରୀ ଶ୍ରୀ ସେଠୀ ରେସନାଲାଇଜେସନ ରୁଲରେ ଉଦ୍ଦେଶ୍ୟମୂଳକଭାବେ ହେରଫେର କରି ବାରିପଦା ବ୍ଲକଶିକ୍ଷା କାର୍ଯ୍ୟାଳୟ ଅଧୀନରେ ପ୍ରାଥମିକ ଶିକ୍ଷୟିତ୍ରୀ ଭାବରେ ଚାକିରି କରିଥିବା ନିଜ ସ୍ତ୍ରୀ ଗୀତା ବେହେରାଙ୍କୁ ମଧ୍ୟ ଏଥିରେ ଛନ୍ଦି ପକାଇଛନ୍ତି । ଏଣୁ ତାଙ୍କୁ ମଧ୍ୟ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନୋଟିସ ଜାରି କରାଯାଇଛି ।

# ପୁଲିସ ଭଲିବଲ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜକୁ ବ୍ରୋଞ୍ଜ



**ବାରିପଦା, ୨୯ ।୭(ସମିସ):** କଟକଠାରେ ଅନୁଷ୍ଠିତ ୭୭ତମ ରାଜ୍ୟସ୍ତରୀୟ ପୁଲିସ ଭଲିବଲ ଚାମ୍ପିଅନସିପରେ ମୟୂରଭଞ୍ଜ ପୁଲିସ ଟିମ ୫ମ ରାଉଣ୍ଡରେ ୪ର୍ଥ ଆଇଆରବିଏନ, ବୌଦ୍ଧକୁ ୩-୦ ସେଟରେ ପରାସ୍ତ କରି ତୃତୀୟ ସ୍ଥାନ ଅଧିକାର କରିଛି । ପୁରସ୍କାର ସ୍ୱରୂପ ଦଳକୁ ବ୍ରୋଞ୍ଜ ମେଡାଲ ସହ ୧୦ ହଜାର ନଗଦ ରାଶି ମିଳିଛି । ଚାମ୍ପିଅନସିପ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଅଞ୍ଜନ ବେହେରାଙ୍କୁ ଟ୍ରଫି ଓ ୨ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏସ୍‌ପି ବରୁଣ ଗୁଣ୍ଟୁପଲ୍ଲି ଆଜି ପୂର୍ବାହ୍ନରେ ସମସ୍ତ ଖେଳାଳିଙ୍କ ସମେତ ମ୍ୟାନେଜର ଓ କୋଚଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସମ୍ବର୍ଦ୍ଧନା ଉତ୍ସବରେ ରିଜର୍ଭ ଇନ୍ସପେକ୍ଟର ଆଲୋକ କାନୁନଗୋ, ମୟୂରଭଞ୍ଜ ପୁଲିସ ସଂଘର ସଭାପତି ବିକାଶ କୁମାର ବାରିକ, ସମ୍ପାଦକ ସୁରଜ କୁମାର ରାଜ, କ୍ରୀଡା ସଂଗଠକ ଭାନୁପ୍ରତାପ ଭଞ୍ଜଦେଓ, ଏନଆଇଏସ କୋଚ ମନୋରଞ୍ଜନ ଜୀଉ ପ୍ରମୁଖ ଉପସ୍ଥିତ ଥିଲେ । ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିବା ଅଞ୍ଜନ ବେହେରା, ମିଲୁ ମହାନ୍ତ ଓ ଜନ୍ମେଜୟ ଦାସ ଜାତୀୟ ସ୍ତରୀୟ ପୁଲିସ ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ପାଇଁ ଓଡ଼ିଶା ପୁଲିସ ଦଳର ଚୟନ ଶିବିରକୁ ମନୋନୀତ ହୋଇଛନ୍ତି ।

## ପୋଲ ନିକଟରୁ ମାଟିଧସି ବିରାଟ ଗର୍ତ୍ତ

# ପଥର ପ୍ୟାକିଂ ନ ହେଲେ ନଦୀରେ ମିଶିବ



**ମୋରଡ଼ା, ୨୯।୭(ସମିସ)**

ମୋରଡ଼ା ବ୍ଲକ ଚିତ୍ରଡା ଗ୍ରାମ ପଞ୍ଚାୟତ ଦୋମୁହାଣି ବାଲିଆପିଠା ଶ୍ମଶାନ ଘାଟ ନିକଟରେ ବ୍ଲକ ପ୍ରଶାସନ ତରଫରୁ ଗତ ୨୦୨୨ରେ ଏକ ପୋଲ ନିର୍ମାଣ ହୋଇଥିଲା । ପଞ୍ଚମ ଏସଏଫସି ଜିଆଇଏ ଅନୁଦାନ ଅନୁସାରେ ୯ ଲକ୍ଷ ୫୦ହଜାର ଟଙ୍କାର ନୂତନ ପୋଲ ନିର୍ମାଣ କରାଯାଇଥିଲା । ତେବେ ଶୁକ୍ରବାର ଅସରାଏ ବର୍ଷାରେ ନଦୀ ଏବଂ ବିଭିନ୍ନ ବନ୍ଧର ଜଳସ୍ତର ବୃଦ୍ଧି ପାଇଥିଲା । ଫଳରେ ମାଗାଧ ବନ୍ଧ ଓ ଝଡ଼ିଆ ବନ୍ଧର ପାଣି ନଦୀରେ ମିଶିବାରୁ ସ୍ରୋତ ଅଧିକ ଥିଲା । ଫଳରେ ପୋଲମୂଳରୁ ମାଟି ଧୋଇହୋଇଯାଇ ଏକ ବିରାଟକାୟ ଗର୍ତ୍ତ ସୃଷ୍ଟି ହୋଇଛି । ଏହି ପୋଲ ନଦୀ କଡ଼ ଚାଷ ଜମିକୁ ଯିବା ନିମନ୍ତେ ଏକମାତ୍ର ମାଧ୍ୟମ । ଏବେ ପୋଲରୁ ମାଟି ଧସିଯିବା ଫଳରେ ଟ୍ରାକ୍ଟର କିମ୍ବା ଶଗଡ଼ ଯାତାୟାତ କରିପାରୁନାହିଁ । ଫଳରେ ଚାଷୀମାନେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ତୁରନ୍ତ ଉକ୍ତ ପୋଲ କଡ଼ରେ ହୋଇଥିବା ଗର୍ତ୍ତରେ ପଥର ପ୍ୟାକିଂ ଏବଂ ମାଟି ଭର୍ତ୍ତି କରିବାକୁ ଚାଷୀ ଦାବି କରିଛନ୍ତି । ଏ ନେଇ ବିଡ଼ିଓ ଅଣାକର ନାୟକଙ୍କୁ ଯୋଗାଯୋଗ କରିବାରୁ ମୁଁ ସହକାରୀ ଯନ୍ତ୍ରୀଙ୍କୁ ଅନୁଧ୍ୟାନ କରିବା ପାଇଁ ପଠାଇବା ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ । ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ନାୟକ କହିଛନ୍ତି ଯେ, ଉକ୍ତ କାର୍ଯ୍ୟ ପାଇଁ ସେ ପଞ୍ଚାୟତ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେବେ ।



### ମୁକୁଳା ପଡ଼ିଛି ବାରିପଦା ସହର ପ୍ରବେଶପଥ

# ମୁଖଶାଳା ପାଲଟିଛି ଟ୍ରକ ଓ ବସ୍ ପାର୍କିଂସ୍ଥଳ



■ ସରକାରୀ ଯୋଜନା ଡିପିଆର୍ ପ୍ରସ୍ତୁତିରେ ସୀମିତ
■ ନାହିଁ ଫଳକ, ସବୁ ଜାଣି ପ୍ରଶାସନ ନିରବଦ୍ରଷ୍ଟା

ବାରିପଦା, ୨୯ ।୭ (ସମିସ): ରାଜାରାଜୁଡା ଅମଳର ବାରିପଦା ସହର ରାଜ୍ୟର ୯ଟି ଅମୃତ ସହର ମଧ୍ୟରେ ସ୍ଥାନ ପାଇଛି; କିନ୍ତୁ ଉନ୍ନତିମୂଳକ କାର୍ଯ୍ୟ ନ ହେବାରୁ ସୌନ୍ଦର୍ଯ୍ୟ ହରାଇଛି ପ୍ରବେଶପଥ । ପାଲବଣି ସହର ମୁଖଶାଳା ଥିବା ବେଳେ ପ୍ରତିଦିନ ହଜାର ହଜାର ସଂଖ୍ୟକ ଗାଡି ମୋଟର ଯା ଆସ କରୁଛନ୍ତି । କିନ୍ତୁ ଆନ୍ତରିକତା ଅଭାବରୁ ସହରର ପ୍ରବେଶପଥକୁ ଅଣଦେଖା କରାଯାଉଛି । ପାଲବଣିଠାରେ ବାରମ୍ବାର ଦୁର୍ଘଟଣା ଘଟି ପ୍ରାଣହାନି ହେବାରୁ ଏନ୍‌ଏଚ୍‌ଏଆଇ ପକ୍ଷରୁ ପ୍ରସ୍ଥାନ ରାସ୍ତା ବନ୍ଦ କରାଯାଇଛି । ସେଠାରେ ଏକ ଗଳା ପୋଲ ନିର୍ମାଣ କରିବାକୁ ଦାବି ଥିବା ବେଳେ ତାହାକୁ ଏନ୍‌ଏଚ୍‌ଏଆଇ ପକ୍ଷରୁ କରାଗଲା ନାହିଁ । ଫଳରେ ସହର ମୁଖଶାଳାରେ ବର୍ଷ ବର୍ଷ ଧରି ଟ୍ରକ୍ ଓ ବସ ମାନଙ୍କର ପାର୍କିଂସ୍ଥଳ ପାଲଟିଛି । ପାଲବଣି ଏକ ବ୍ୟସ୍ତବହୁଳ ସ୍ଥାନ ହୋଇଥିବା ବେଳେ ଗାଡିମୋଟର ପ୍ରବେଶ କରିବା ସମୟରେ ଯାତାୟାତରେ ବାଧା ସୃଷ୍ଟି ହେଉଛି । ମୁଖଶାଳା ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବାରୁ ସେଠାରେ ଟ୍ରାଫିକ୍ ପୋଷ୍ଟର ନିହାତି ଆବଶ୍ୟକତା ରହିଛି । ତାହା ମଧ୍ୟ ପ୍ରବେଶପଥରେ ନାହିଁ । ଏପରିକି ବାରିପଦା ସହରକୁ ପ୍ରବେଶ କରିବା ନିମନ୍ତେ ବାରିପଦା ଲେଖା ଥିବା କୋଣସି ଫଳକ ମଧ ନାହିଁ । ଯଦ୍ୱାରା ନୂତନ କରି ଆସୁଥିବା ଲୋକେ ସହର ମଧ୍ୟକୁ ବାଟ ଜାଣି ନପାରି ଭୁଲ ବାଟରେ ଚାଲି ଯାଉଛନ୍ତି । ଅନ୍ୟପଟେ ବାରିପଦା ପୌରପାଳିକା ପକ୍ଷରୁ ବହୁ ବର୍ଷ ପୂର୍ବେ ସୌନ୍ଦର୍ଯ୍ୟକରଣ ପାଇଁ ପ୍ରବେଶପଥରେ ଏକ ସିମେଣ୍ଟରେ ବାଘ ତିଆରି କରାଯାଇଥିଲା । କିନ୍ତୁ ତାହା ଏନଏଚଏଆଇ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଓ ଟ୍ରକ ପାର୍କିଂ ମଧ୍ୟରେ ଲୁଚିଯାଉଛି । ପ୍ରବେଶପଥରେ ଠିକ ଭାବେ ଆଲୋକୀକରଣ ଅଭାବରୁ ରାତିରେ ଅନ୍ଧାରର ରାଜୁତି ହେଉଛି । ଯାହାକୁ ନେଇ ମଦୁଆ, ଅପରାଧିକ ସମେତ ଅନ୍ୟାନ୍ୟ ବିଭିନ୍ନ ପ୍ରକାର ଅନୈତିକ କାର୍ଯ୍ୟକଳାପ ଜାରି ରହିଛି । ଏସବୁ ଜାଣି ମଧ୍ୟ ପ୍ରଶାସନ ନିରବ । ମୁଖଶାଳାରେ ଜାତୀୟ ରାଜପଥ କଡ଼ ଜବରଦଖଲକାରୀଙ୍କ କବଜାରେ ରହିଛି । ଏମିତିକି ଜାତୀୟ ରାଜପଥ ପକ୍ଷରୁ ଥିବା ଯାତ୍ରୀ ପ୍ରତୀକ୍ଷା ସ୍ଥଳ ମଧ୍ୟ ଦୋକାନ ଘେରରେ ହଜିଯାଉଛି । ଜବରଦଖଲ ସମେତ ଟ୍ରକ ଗୁଡିକ ବର୍ଷ ବର୍ଷ ଧରି ପାର୍କିଂ ମୁଖଶାଳାର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି । ଖୋଦ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ନିଜ ଅଞ୍ଚଳ ବାରିପଦା ସହରର ପ୍ରବେଶ ପଥ ସୌନ୍ଦର୍ଯ୍ୟକରଣ ଅଭାବରୁ ପରିଚୟ ହରାଇବାରେ ଲାଗିଛି । ଗତ ସେପ୍ଟେମ୍ବର ମାସରେ ମନ୍ତ୍ରୀ ପୌରାଞ୍ଚଳସ୍ତରୀୟ ସମନ୍ୱୟ କମିଟି ବୈଠକ କରି ବିକଶିତ ଓ ବିସ୍ତାରିତ ବାରିପଦା ସହର ଗଠନ ନେଇ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରିଥିଲେ । ବାରିପଦା ସହରରେ ରାଜ୍ୟର ପ୍ରଥମ ପାଇଲଟ ପ୍ରକଳ୍ପ ଭାବେ କାର୍ଯ୍ୟ କରି ରାଜ୍ୟରେ ପରିଚୟ ସୃଷ୍ଟି କରିବ । ବାରିପଦା ପୌର ପରିଷଦ ଅଞ୍ଚଳକୁ ବିସ୍ତାରିତ ହେବ । ପ୍ରବେଶ ପଥରେ ଗଳାପୋଲ ନିର୍ମାଣ ପାଇଁ ଏନଏଚଏଆଇକୁ କୁହାଯାଇଛି । ସ୍ୱାଗତ ନିମନ୍ତେ ଶାନ୍ତି ପ୍ରୀତିର ପ୍ରତୀକ ନୂତନ ଫାଟକ ନିର୍ମାଣ କରାଯିବା ନେଇ ପ୍ରସ୍ତୁତ ଢାଞ୍ଚା ପ୍ରଦର୍ଶନ କରାଯାଇଥିଲା; କିନ୍ତୁ ଆଜିଯାଏ ଇଟା ଖଣ୍ଡିଏ ବି ପଡ଼ିନାହିଁ । ସମସ୍ତ ଯୋଜନା କେବଳ ଡିପିଆର ପ୍ରସ୍ତୁତିରେ ସୀମିତ ରହିଯାଉଛି ।

## ଭାଉଜଙ୍କୁ ଦୁଷ୍କର୍ମ ଉଦ୍ୟମ; ଅଭିଯୁକ୍ତ ଦିଅର ଗିରଫ

ବୈଶିଙ୍ଗା, ୨୯ । ୭ (ସମିସ): ବୈଶିଙ୍ଗା ଥାନା ଅଧୀନ ଆଡିଆସାହି ଗ୍ରାମରେ ଜନୈକ ଯୁବକ ନିଜ ଭାଉଜଙ୍କୁ ଦୁଷ୍କର୍ମ ଉଦ୍ୟମ ସହିତ ନିଜ ଝିଆରୀ, ଭାଇ ଓ ବାପାଙ୍କୁ ହାତୁଡ଼ିରେ ଆକ୍ରମଣ କରିବା ଘଟଣାରେ ପୁଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି ପୁଲିସ । ସୂଚନା ଅନୁସାରେ, ରବିବାର ସନ୍ଧ୍ୟାରେ ଆଡିଆସାହି ଗ୍ରାମର ଜନୈକ ମହିଳା ଘରେ ଏକୁଟିଆ ଶୋଇଥିବା ସମୟରେ ତାଙ୍କ ଦିଅର ଦୁଷ୍କର୍ମ ଉଦ୍ୟମ କରିଥିଲା । ପରେ ସେ ଚିତ୍କାର କରିବାରୁ ତାଙ୍କ ଝିଅ ସେଠାରେ ପହଞ୍ଚି ମାଆଙ୍କୁ କାକାଙ୍କ କବଳରୁ ଉଦ୍ଧାର କରିବାକୁ ଚେଷ୍ଟା କରୁଥିବାବେଳେ ଅଭିଯୁକ୍ତ ତାକୁ ମାଡ଼ ମାରିବା ସହିତ ଏକ ହାତୁଡି ସାହାଯ୍ୟରେ ଆକ୍ରମଣ କରିଥିଲା । ପରେ ମହିଳାଙ୍କ ସ୍ୱାମୀ ମଧ୍ୟ ସେଠାରେ ପହଞ୍ଚି ଦିଅରକୁ ଅଟକାଇବାକୁ ଚେଷ୍ଟା କରିଥିବାବେଳେ ହାତୁଡି ପାହାରର ଶିକାର ହୋଇ ତଳେ ପଡ଼ିଯାଇଥିଲେ । ଅନ୍ୟପଟେ ଦିଅରର ବାପା ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ବାରଣ କରିବାରୁ ସେ ତାଙ୍କୁ ମଧ୍ୟ ଠେଲାପେଲା କରିଥିଲା । ପରେ ଏ ନେଇ ମହିଳା ଜଣକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏକ ମାମଲ ରୁଜୁକରି ମଙ୍ଗଳବାର ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସାରସକଣା, ୨୯।୭ (ସମିସ): ସାରସକଣା ବ୍ଲକ ଝାରପୋଖରିଆ ଥାନା ଅନ୍ତର୍ଗତ ସୀମାନ୍ତ ଜାମଶୋଳା ନିକଟ ଏକ ଜଙ୍ଗଲରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତକ ହେଲେ ପୁରୁଣାପାଣି ଗ୍ରାମର ସଦାଶିବ ଦେହୁରୀ (୨୫) । ଏ ନେଇ ପରିବାର ପକ୍ଷରୁ ଥାନାରେ ହତ୍ୟା ଅଭିଯୋଗ କରାଯାଇଛି । ସଦାଶିବ ବାଇକ ଯୋଗେ ବେଙ୍ଗଲ ଯାଇଥିବାବେଳେ ସାଢେ ୧୨ଟାରେ ତାଙ୍କ ସ୍ତ୍ରୀଙ୍କ ସହିତ ଭିଡିଓକଲ ଯୋଗେ କଥା ହୋଇ ସେ ଘରକୁ ଫେରୁଥିବା କହିଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ତାଙ୍କ ମା' ଫୋନ କରିବାରୁ ସେ ଉଠାଇ ନ ଥିଲେ କି କୌଣସି ଖୋଜ ଖବର ମିଳିନଥିଲା । ଅନ୍ୟପଟେ ମଙ୍ଗଳବାର ସକାଳୁ ପୁରୁଣାପାଣି ଗାଁର କିଛି ଲୋକ ଶୌଚ ହେବାକୁ ଜଙ୍ଗଲକୁ ଯାଇଥିବା ବେଳେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ । ପରେ ପୁଲିସ ଏବଂ ସାଇଣ୍ଟିଫିକ ଟିମ ପହଞ୍ଚି ମୃତଦେହକୁ ଉଦ୍ଧାର କରି ତଦନ୍ତ ଚଳାଇଛି । ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି ପୁଲିସ । ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

## ବାଇକ୍ ଡିକିରୁ ୩୫ ହଜାର ଲୁଟ୍

କୁଆମରା, ୨୯।୭ (ସମିସ): ଖୁଣ୍ଟା ଥାନାଠାରୁ ମାତ୍ର ୫ଶହ ମିଟର ଦୂର ବଜାରରେ ଥିବା ଏକ ବାଇକ ଡିକି ଭାଙ୍ଗି ଦୁର୍ବୃତ୍ତମାନେ ୩୫ ହଜାର ଟଙ୍କା ଲୁଟି ନେଇଛନ୍ତି । ଗୋପବନ୍ଧୁ ନଗର ବ୍ଲକ ପଶୁଦା ପଞ୍ଚାୟତ ସାନବେଲାକୁଟି ଗ୍ରାମର ଅବସରପ୍ରାପ୍ତ କର୍ମଚାରୀ ସର୍ବେଶ୍ୱର ପୁଥାଳ ଖୁଣ୍ଟା ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ୩୫ ହଜାର ଟଙ୍କା ଉଠାଇ ବଜାରରେ ସଉଦା କରିବାକୁ ଯାଇଥିଲେ । ସଉଦା କିଣି ସାରି ଡିକି ଭିତରେ ରଖିଥିବା ଟଙ୍କା ବ୍ୟାଗକୁ ଆଣିବାକୁ ଯାଇଥିବାବେଳେ କେହି ଦୁର୍ବୃତ୍ତ ଭାଙ୍ଗିନେଇ ପଳାଇଛି । ଶ୍ରୀ ପୁଥାଳ ଏ ନେଇ ଖୁଣ୍ଟା ଥାନାରେ ଅଭିଯୋଗ କରିଥିଲେ । ହେଲେ ଲୁଟର ପ୍ରାୟ ଘଣ୍ଟାଏ ପରେ ତାଙ୍କ ବ୍ୟାଗଟି କନ୍ହେଇବନ୍ଧ-କୁଶଳଦା ରାସ୍ତାର କମ୍ପିରାହୁଡି ନିକଟ ରାସ୍ତାରେ ପଡ଼ିଥିଲା । ପରେ ଦେଖିଲାବେଳକୁ ୩୫ ହଜାର ଟଙ୍କା ବ୍ୟାଗରେ ନ ଥିଲା । ଦୁର୍ବୃତ୍ତମାନେ ଟଙ୍କା ଲୁଟିନେଇ କୁଶଳଦା ପଟକୁ ପଳାଇଯାଇଥିବା ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି ।

## ଇନୋଭେସନ ଆଣ୍ଡ ଷ୍ଟାର୍ଟ ଅପ୍ ପ୍ରତିଯୋଗିତା ଆରମ୍ଭ





କରଞ୍ଜିଆ, ୨୯।୭ (ସମିସ): ପାଞ୍ଚପିଢ଼ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଇନୋଭେସନ୍ ଏଣ୍ଡ ଷ୍ଟାର୍ଟ ଅପ ପ୍ରତିଯୋଗିତା ଅଧ୍ୟକ୍ଷା ପ୍ରଣତି ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାଏକ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ଅଧ୍ୟକ୍ଷା କାର୍ଯ୍ୟକ୍ରମରେ ସରକାରଙ୍କ ମହତ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖି ଝିଅମାନେ କିଭଳି ସ୍ୱାବଲମ୍ବୀ ହୋଇପାରିବେ ସେ ନେଇ ଦର୍ଶାଇଥିଲେ । ମୁଖ୍ୟ ଅତିଥି ଖାଦ୍ୟ ପ୍ରସ୍ତୁତ ସହ ବିଭିନ୍ନ ଛତୁ ଚାଷ, ମାଛ ଚାଷ ଆଦି କରି ରୋଜଗାର କରିପାରିବେ ବୋଲି କହିଥିଲେ । ନିଜର ଉଚ୍ଚ ଶିକ୍ଷା ଲାଭ ଏଥିରେ ନିଶ୍ଚିତ ସହାୟକ ହେବ ବୋଲି କହିଥିଲେ । ସଂଯୋଜିକା ଅଧ୍ୟାପିକା ସେବତୀ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କହିଥିଲେ । ବରିଷ୍ଠ ଅଧ୍ୟାପକ ଅନିଲ ଚାରୁଦର୍ଶୀ, ମିଳାମଣି ମହାନ୍ତ, ପ୍ରିୟଦର୍ଶୀ ଘଣା, ବନଜା ନାଏକ, ଚିନ୍ମୟୀ ମହାନ୍ତ, କ୍ଷଣପ୍ରଭା ନାଏକ, ପାୟଲ ସାହୁ ଓ ଗୌରୀଶଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ । ଅଧ୍ୟାପିକା ତୃପ୍ତି ମହାପାତ୍ର ଧନ୍ୟବାଦ ଦେଇଥିଲେ ।

## ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟଙ୍କ ସମ୍ମିଳନୀ



ବୈଶିଙ୍ଗା, ୨୯।୭ (ସମିସ): ବିଦ୍ୟାଭାରତୀ ଶିକ୍ଷା ବିକାଶ ସମିତି ଯୋଜନାର ପୂର୍ବୋତ୍ତର ସମ୍ଭାଗର ବାଲେଶ୍ୱର ଜିଲ୍ଲା ବିଭାଗ ସ୍ତରୀୟ ସମ୍ପାଦକ ଓ ପ୍ରଧାନ ଆଚାର୍ଯ୍ୟ ସମ୍ମିଳନୀ ବୈଶିଙ୍ଗା ବରଦା ବିହାରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିରର ସଭାପତି ଦେବେନ୍ଦ୍ର କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୫୨ଟି ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ଏବଂ ପ୍ରଧାନ ଆଚାର୍ଯ୍ୟ ଯୋଗଦାନ କରିଥିଲେ । ଉଦଘାଟନୀ ଉତ୍ସବରେ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ବିଭାଗ ନୀରିକ୍ଷକ ବିଜନ କୁମାର ଜେନା, ବେତନଟୀ ସଂକୁଳ ପ୍ରମୁଖ ଶଶଧର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଉଦଯାପନୀ ଉତ୍ସବରେ ପୂର୍ବୋତ୍ତର ସମ୍ଭାଗର ସମ୍ଭାଗ ସଂଯୋଜକ ବିଭୂତି ଭୂଷଣ ପାଇକରାୟ, ବାଲେଶ୍ୱର ସହଜିଲ୍ଲା ପ୍ରମୁଖ ଶ୍ରୀନିବାସ ପ୍ରଧାନ, ବରିଷ୍ଠ ଆଇନଜିବୀ କ୍ଷେତ୍ରମୋହନ ପଣ୍ଡା, ବିଦ୍ୟାମନ୍ଦିରର ପୂର୍ବତନ ସଭାପତି ପୁରୁଷୋତ୍ତମ ପଣ୍ଡା, ଅବସରପ୍ରାପ୍ତ ଶିଶୁ ମଙ୍ଗଳ ଅଧିକାରୀ ପ୍ରୀତିସୁଦ୍ଧା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ର ସଫଳ ପ୍ରୟୋଗ, ବିଭିନ୍ନ ସରକାରୀ ଓ ବେସରକାରୀ ପରୀକ୍ଷାରେ ଶତପ୍ରତିଶତ ସଫଳତା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଶତାବ୍ଦୀ ବର୍ଷ ପୂର୍ତ୍ତି ଏବଂ ଉନ୍ନତ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା । ସମ୍ପାଦକ ସତ୍ୟପ୍ରକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିସିଜେଡି ପକ୍ଷରୁ କୁଳପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ବାରିପଦା, ୨୯ ।୭ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୂତନ ଭାରପ୍ରାପ୍ତ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ କମିଟି କୁଳପତିଙ୍କୁ ଭେଟି ପୁଷ୍ପଗୁଚ୍ଛ ଓ ଚାରା ଦେଇ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରିଥିଲେ । ବିଶ୍ୱବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟରେ ଛାତ୍ରଛାତ୍ରୀଙ୍କ ସହଯୋଗ ରହିବ ବୋଲି କହିଥିଲେ । ଏହି ଅବସରରେ ଦେବାଶିଷ ମହାନ୍ତ, ମହିତ କୁମାର ମଲ୍ଲିକ, ଦୁର୍ଗେଶ ନନ୍ଦିନୀ, ଶ୍ରେୟା ପାଣି, ବିଶ୍ୱରଞ୍ଜନ ଭୋଇ, ଅଭିଜିତ, ଭବାନୀ, ପ୍ରଜ୍ଞା ପ୍ରମୁଖ ବହୁ ବିଦ୍ୟାର୍ଥୀ କୁଳପତିଙ୍କୁ ଭେଟି ସ୍ୱାଗତ ଜଣାଇଥିଲେ ।

## ଜନ୍ମଦିନରେ ରକ୍ତଦାନ କଲେ ଦମ୍ପତି



ବାରିପଦା, ୨୯ ।୭ (ସମିସ): ସମୟ ବଦଳୁଛି ଏବଂ ପରିସ୍ଥିତି ମଧ ବଦଳୁଛି । ଏଥିସହିତ ବଦଳୁଛି ପରମ୍ପରା ଓ 'ରକ୍ତଦାନ ମହାପୁଣ୍ୟ'କୁ ପାଥେୟ କରି ଆଜିର ସମାଜରେ ଆରମ୍ଭ ହୋଇଛି ନୂତନ ପରମ୍ପରା । ଜନ୍ମଦିନରେ ରକ୍ତଦାନ କରି ପୁଣ୍ୟ ଅର୍ଜନ କରୁଛନ୍ତି ଅନେକ । ଏହି ପରିପେକ୍ଷୀରେ କୁଳିଅଣା ବ୍ଲକର ଧଡ଼ିପଡ଼ା ଗ୍ରାମର ଗୌରୀମଣୀ ବାସ୍କେଙ୍କ ଜନ୍ମଦିନରେ ସେ ଏବଂ ତାଙ୍କ ସ୍ୱାମୀ ବୈଦ୍ୟନାଥ ମୁର୍ମୁ ଓଡ଼ିଶା ରକ୍ତ କେନ୍ଦ୍ର, ବାରିପଦା ପରିସରରେ ନାରାୟଣ ସେବା ଟ୍ରଷ୍ଟର ସଦସ୍ୟଙ୍କ ଉପସ୍ଥିତିରେ ରକ୍ତଦାନ କରିଥିଲେ । ପ୍ରକାଶ ଥାଉକି ଉଭୟ ନିଜର ଜନ୍ମଦିନ ଓ ବିବାହ ବାର୍ଷିକୀରେ ଲଗାତାର ରକ୍ତଦାନ କରି ଉଦାହରଣ ସୃଷ୍ଟି କରିଛନ୍ତି । ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ବସନ୍ତ କୁମାର ମହାପାତ୍ର, ପ୍ରତାପେଶ୍ୱର ଦାଶ, ଲୋକନାଥ ମହାନ୍ତ, ଜୟ ପ୍ରକାଶ ମହାନ୍ତ, ହିମାଂଶୁ ପ୍ରହରାଜ, ଅଭିଜିତ ପଣ୍ଡା, ବସନ୍ତ କୁମାର ହାଁସଦା, ଦିଲ୍ଲୀପ କୁମାର ତୁଙ୍ଗ, ଅରବିନ୍ଦ ମୁଖୀ, ସୀତାମଣି ମୁଖି, ରାଜଲକ୍ଷ୍ମୀ ମିଶ୍ର, ସୌଦାମିନୀ ସାହୁ ଓ ସୁମିତା ଚୌବେ ପ୍ରମୁଖ ଦମ୍ପତିଙ୍କୁ ମାନପତ୍ର, ଉପଢୌକନ ଓ ଚାରାଗଛ ଦେଇ ଉତ୍ସାହିତ କରିଥିଲେ ।

## ଦୁଇ ଯୁବକ ନିଖୋଜ; ୮ ମାସ ପରେ ବି ପୁଲିସ ହାତ ଖାଲି




ରାଇରଙ୍ଗପୁର, ୨୯।୭ (ସମିସ): ବାଦାମପାହାଡ ଥାନା ଅନ୍ତର୍ଗତ ଟେଣ୍ଟପୋଷି ଗାଁର ଦୁଇଜଣ ଯୁବକ ଚକ୍ରଧରପୁରରେ ନିଖୋଜ ହେବାର ଇତିମଧ୍ୟରେ ୮ ମାସ ବିତିଯାଇଥିଲେ ହେଁ ପୁଲିସ ଏ ଯାଏ କାହାକୁ ଗିରଫ କରିବାରେ ସଫଳ ହୋଇପାରିନାହିଁ । ଘଟଣାରୁ ପ୍ରକାଶ ଯେ, ଗତ ୨୦୨୪ ଡିସେମ୍ବର ୯ ତାରିଖରେ କୌଣସି କାର୍ଯ୍ୟ ପାଇଁ ଝାଡ଼ଖଣ୍ଡର ଚକ୍ରଧରପୁରକୁ ଏକ ସ୍କର୍ପିଓରେ ଉକ୍ତ ଦୁଇଜଣ ଯୁବକ ଯାଇଥିବା ପରିବାର ଲୋକେ କହିଛନ୍ତି । ହେଲେ ଦୁର୍ବୃତ୍ତମାନେ ଗାଡିକୁ ପୋଡି ଦେଇଥିବା ପରିବାର ଲୋକେ ସୂଚନା ପାଇଛନ୍ତି । ଗାଡିଟି ରାଇରଙ୍ଗପୁର ଅଞ୍ଚଳର ହୋଇଥିବାବେଳେ ୨ ଜଣ ଯୁବକ ନିଖୋଜ ହୋଇଯାଇଛନ୍ତି । ନିଖୋଜ ଯୁବକ ହେଲେ ଏସ୍‌କେ ସାହେଦ ଅଲ୍ଲି (୨୮) ଓ ଏସ୍‌କେ ନାଜିର (୩୨) । ଏହି ଦୁଇ ଜଣ ଯୁବକ ସମ୍ପର୍କୀୟ ଭାଇ । ଏହି ଦୁଇ ଯୁବକଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ପରିବାର ଲୋକେ ସନ୍ଦେହ କରୁଛନ୍ତି । ତେଣୁ ଯୁବକଙ୍କୁ ଉଦ୍ଧାର କରିବାକୁ ପରିବାର ଲୋକେ ସରକାରଙ୍କ ନିକଟରେ ନିବେଦନ କରିଛନ୍ତି ।

## ଉତ୍କଳ ସାମ୍ବାଦିକ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




ବାରିପଦା, ୨୯ ।୭ (ସମିସ): ଅନ୍ୟ ରାଜ୍ୟରେ ସାମ୍ବାଦିକଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବା ବେଳେ ଓଡ଼ିଶାର ସାମ୍ବାଦିକଙ୍କୁ ଦୀର୍ଘ ବର୍ଷ ଧରି ଉପେକ୍ଷା କରୁଛନ୍ତି ସରକାର । ବିଭିନ୍ନ ସମୟରେ ବିଭିନ୍ନ ସଙ୍ଗଠନ ସରକାରଙ୍କୁ ଅବଗତ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରୁନାହିଁ । ଏହି ପରିପ୍ରେକ୍ଷୀରେ ସୋମବାର ସାମ୍ବାଦିକଙ୍କ ସୁରକ୍ଷା ଆଇନ, ପେନସନ ଓ ବିଭିନ୍ନ ଦାବି ନେଇ ସରକାରଙ୍କ ଦ୍ୱାରସ୍ଥ ହୋଇଛି ଉତ୍କଳ ସାମ୍ବାଦିକ ସଂଘ । ମୟୂରଭଞ୍ଜ ଶାଖା ସଭାପତି ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆସନ୍ତା ୨୦୨୫-୨୬ ବର୍ଷ ପାଇଁ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ନବୀକରଣ ନିମିତ୍ତ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ଉକ୍ତ ଯୋଜନାରେ ପ୍ରତିବର୍ଷ ହାରାହାରି ୬୦୦ରୁ ଊର୍ଦ୍ଧ୍ୱ ହିତାଧାକାରୀ ଉପକୃତ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଅଧିକ ହିତାଧିକାରୀମୁଖୀ କରିବା ପାଇଁ ସାମ୍ବାଦିକଙ୍କ ପିତାମାତା ଓ ୨୫ ବର୍ଷରୁ ଊର୍ଦ୍ଧ୍ୱ ଅବିବାହିତ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ଯୋଜନା ଅନ୍ତର୍ଭୁକ୍ତ କରାଯାଇ ବୀମା ରାଶିକୁ ୧୦ଲକ୍ଷକୁ ବୃଦ୍ଧି କରାଯିବା, ଆୟୁଷ୍ମାନ ଯୋଜନାରେ ସାମିଲ ଥିବା ହିତାଧିକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର କରି ଶ୍ରୀମନ୍ଦିର ସେବାୟତଙ୍କ ଢାଞ୍ଚାରେ ସାମ୍ବାଦିକଙ୍କ କଲ୍ୟାଣାର୍ଥେ ସମସ୍ତ ସୁବିଧା ଉପଲବ୍ଧ ରହୁ । ଅନ୍ୟପକ୍ଷରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ମାସିକ ଅନ୍ୟୁନ ୧୫ ହଜାର ଟଙ୍କା ପେନସନ ପ୍ରଦାନ ସହ ବୃତ୍ତିଗତ ସୁରକ୍ଷା ପ୍ରଦାନାର୍ଥେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ । ଅତଏବ ସାମ୍ବାଦିକଙ୍କ ନ୍ୟାଯ୍ୟ ଦାବି ପରିପ୍ରେକ୍ଷୀରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛି ସଂଘ । ଦାବିପତ୍ର ସମୟରେ ସାମ୍ବାଦିକ ଦୋଳଗୋବିନ୍ଦ ବାରିକ, ଲକି ଜେନା, ଦିନେଶ ସେଠୀ, ଭକ୍ତି ପଣ୍ଡା, ରାଜକିଶୋର ବାରିକ, ଲଳିତ ବାରିକ, ସୁମିତ ନାଏକ ଓ ଚାନ୍ଦରାଇ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ ।

## ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂକ୍ରାନ୍ତ ସଚେତନତା କର୍ମଶାଳା




ବାରିପଦା, ୨୯ ।୭ (ସମିସ): ସୋମବାର ବାରିପଦା ସହର ସନ୍ନିକଟ ଇନ୍ଦପାହି ମୟୂରଭଞ୍ଜ ମେଡିକାଲ ଏକାଡେମୀରେ ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ଅଶୋକ କୁମାର ଦ୍ୱାରୀ ଓ ଅଧ୍ୟକ୍ଷ ପ୍ରଫେସର ଡକ୍ଟର ନୀଳମାଧବ ପଣ୍ଡା ଏବଂ କ୍ଲବର ସଭାପତି ରୋଟାରିଆନ ଭବାନୀ ଶଙ୍କର ସାହୁ ଓ ସମ୍ପାଦକ ରୋଟାରିଆନ ତିମିର କୁମାର ଘୋଷ କର୍ମଶାଳାକୁ ଉଦଘାଟନ କରିଥିଲେ । ଜିଲ୍ଲା ସାମାଜିକ ମଙ୍ଗଳ କାର୍ଯ୍ୟାଳୟର କାର୍ଯ୍ୟାନ୍ୱୟନ ଅଧିକାରୀ ମିନତି ସାହୁ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସଂକ୍ରାନ୍ତ ପ୍ରଶ୍ନୋତ୍ତର ମାଧ୍ୟମରେ ଆଲୋଚନା କରିଥିଲେ । କର୍ମଶାଳାରେ ନର୍ସିଂ ବିଭାଗର ଅଧ୍ୟକ୍ଷା ଡକ୍ଟର ସୁଜାତା ଶତପଥୀ ସ୍ୱାଗତ ଭାଷଣ ଓ ବିଭାଗୀୟ ମୁଖ୍ୟ ଡକ୍ଟର ସୁଶାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## ବଡ଼ବାଣ୍ଟା ପ୍ରାଥମିକ ବିଦ୍ୟାଳୟ; ୫ ଶ୍ରେଣୀକୁ ଜଣେ ଶିକ୍ଷକ



ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

ରାଇରଙ୍ଗପୁର, ୨୯।୭ (ସମିସ): ବିଜାତଳା ବ୍ଲକରେ ଶିକ୍ଷା ବ୍ୟବସ୍ଥା ଭୁଶୁଡି ଯାଇଛି । ଚାରିଆଡେ ଶିକ୍ଷକ ମରୁଡ଼ି । ସରକାର କେବଳ ଭାଷଣ ଦେଉଛନ୍ତି ବେଟି ପଢ଼ାଅ, ବେଟି ବଚାଓ; କିନ୍ତୁ ବିଦ୍ୟାଳୟରେ ଶିକ୍ଷକ ମରୁଡ଼ି ହେଲେ ସରକାରଙ୍କ ନାରା କେମିତି ସଫଳ ହେବ । ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜିଲ୍ଲାର ପଛୁଆ ଆଦିବାସୀ ଅଧ୍ୟୁଷିତ ବିଜାତଳା ବ୍ଲକ ଶିକ୍ଷାରେ ପଛୁଆ । ଏହି ଅଞ୍ଚଳକୁ ବଣ, ଜଙ୍ଗଲ, ନଦୀ, ନାଳ ଘେରି ରହିଛି । ବ୍ଲକର ସରିବା ପଞ୍ଚାୟତ ବଡବାଣ୍ଟା ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକାରେ ୫ମ ଶ୍ରେଣୀ ଜଣେ ଭାରପ୍ରାପ୍ତ ଶିକ୍ଷକଙ୍କ ଦ୍ୱାରାର ଚାଲିଛି । ବିଦ୍ୟାଳୟରେ ୫୧ ଜଣ ପିଲା ପଢୁଛନ୍ତି । ତେଣୁ ଜଣେ ଶିକ୍ଷକ କିଭଳି ୫ଟି ଶ୍ରେଣୀକୁ ପାଠ ପଢ଼ାଇବେ ସେ ନେଇ ପ୍ରଶ୍ନବାସୀ ସୃଷ୍ଟି କରିଛି । ଶିକ୍ଷକମାନେ ବିଏଲଓ, ମଧ୍ୟାହ୍ନ ଭୋଜନ, ବ୍ଲକକୁ ଯିବା ଭଳି କାମ କରୁଛନ୍ତି । ଶିକ୍ଷକ ସରକାରୀ କାମରେ ଗଲେ ରୋଷେୟାଙ୍କ ଭରସାରେ ପିଲା ରହନ୍ତି । ତେଣୁ କେତେବେଳେ କ'ଣ ହେବ କହି ହେବନି । ଶିକ୍ଷକଙ୍କ ଭାଗ୍ୟ ସୂତା ଖିଅରେ ଚାଲିଛି । ପିଲାଙ୍କ ଭବିଷ୍ୟତକୁ ନେଇ ବିଦ୍ୟାଳୟ କମିଟି, ଗ୍ରାମବାସୀ ସୋମବାର ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ବାସନ୍ତୀ ଲାକ୍ରାଙ୍କୁ ଭେଟି ଶିକ୍ଷକ ନିଯୁକ୍ତି ନେଇ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଗ୍ରାମବାସୀଙ୍କ ପକ୍ଷରୁ ସାରିବା ସୋରେନ, ସୁନିଲ ସୋରେନ, ନାରାୟଣ ଦେହୁରୀ, ଲକ୍ଷ୍ମଣ ମୁର୍ମୁ, ବିଘ୍ନୟ ପ୍ରମୁଖ ଉପସ୍ଥିତ ଥିଲେ ।

## ଏମ୍‌ପିସି ମହାବିଦ୍ୟାଳୟରେ ଚାରାରୋପଣ



ବାରିପଦା, ୨୯ ।୭ (ସମିସ): ବାରିପଦା ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ଏବଂ ସତ୍ୟସାଇ ସେବା ସଂଗଠନ ସହଯୋଗରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅଧ୍ୟକ୍ଷା ଡଃ ଆଲବର୍ଟିନା ତିର୍କୀଙ୍କ ନିର୍ଦ୍ଦେଶ ଏବଂ ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡ. ଅନାମ ଚରଣ ରାଉଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପିକା ଡଃ ଦେବସ୍ମିତା ପଳ, ସସ୍ମିତା ଦାଶ, ଜାତୀୟ ସେବା ଯୋଜନା ବ୍ୟୁରୋ ସହାୟକ ଅଜୟ କୁମାର ବଳ, ସତ୍ୟସାଇ ସେବା ସଂଗଠନର ମାନସ ରଞ୍ଜନ ମହାପାତ୍ର, ଆବାହକ ଅଂଶୁମାନ ପାଣି ପ୍ରମୁଖ ଅଂଶଗ୍ରହଣ କରିଥିଲେ ।



ଜୈବିକ ଚାଷୀମାନେ ଆଜିର ସର୍ବଶ୍ରେଷ୍ଠ ଶାନ୍ତି ଅଗ୍ରଦୂତ
-ବନ୍ଦନା ଶିବା

ସକାଳ THE SAKALA

# ମଉଳା ମେଟ୍ରୋ

ଭୁବନେଶ୍ୱରରେ ବହୁଆକାଂକ୍ଷିତ ମେଟ୍ରୋ ରେଳ ଚଳାଚଳର ସ୍ୱପ୍ନ ଆପାତତଃ ମଉଳି ଯାଇଛି। ପୂର୍ବ ସରକାର ଅମଳରେ ଏଥିପାଇଁ ହୋଇଥିବା ଟେଣ୍ଡର ଏବେ ବାତିଲ୍ ହେବା ପରେ ଏହି ବହୁ ଆକାଂକ୍ଷିତ ପ୍ରକଳ୍ପର ଭବିଷ୍ୟତ ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି। ଟେଣ୍ଡର ବାତିଲ୍ ପଛର କାରଣ ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ି ନଥିଲେ ମଧ୍ୟ ସରକାରୀ ମହଲକୁ ଛାଡ଼ି ପ୍ରାୟତଃ ସବୁଆଡ଼େ ଅସନ୍ତୋଷ ଓ ସମାଲୋଚନାର ସ୍ୱର ଶୁଣିବାକୁ ମିଳୁଛି। ନୂଆ ଡିପିଆର ଚୂଡ଼ାନ୍ତ ହେବା ଏବଂ ସାନି ଟେଣ୍ଡର ଏକ ସହଜ ପ୍ରକ୍ରିୟା ନୁହେଁ। ତା'ଛଡ଼ା ମେଟ୍ରୋ ଟ୍ରେନ୍‌ର ପରିବର୍ତ୍ତିତ ରୂପରେଖକୁ ନେଇ ମନ୍ତ୍ରିପରିଷଦର ସଦସ୍ୟମାନେ ବିଭିନ୍ନ ସମୟରେ ଦେଇଥିବା ବିବୃତ୍ତିରେ ତାଳମେଳ ରହୁ ନଥିବାରୁ ଏହି ପ୍ରକଳ୍ପ ଯେ ନିକଟ ଭବିଷ୍ୟତରେ ଆରମ୍ଭ ହେବାର ନାହିଁ ତାହା ଅନୁମାନ କରାଯାଉଛି।

ମେଟ୍ରୋ ରେଳପ୍ରକଳ୍ପ ଆଉ ବିଳାସ ହୋଇ ରହିନାହିଁ। ବରଂ କ୍ରମବର୍ଦ୍ଧିଷ୍ଣୁ ମହାନଗର ସମୂହର ଗଣପରିବହନ ଆବଶ୍ୟକତାକୁ ପୂରଣ କରିବାରେ ଅପରିହାର୍ଯ୍ୟ ହୋଇପଡ଼ିଛି। ଏପରିକି ମେଟ୍ରୋ ରେଳ ଏବେ ସହରାଞ୍ଚଳରେ ସବୁଠୁ ଲୋକପ୍ରିୟ ଗଣପରିବହନ ଏବଂ ଦ୍ରୁତ ଗମନାଗମନର ମାଧ୍ୟମ ପାଲଟିଛି। କେନ୍ଦ୍ର ସରକାର ମଧ୍ୟ ଏଥିପାଇଁ ବିପୁଳ ଅର୍ଥ ଓ ବୈଷୟିକ ଜ୍ଞାନକୌଶଳ ସହାୟତା ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ଯୋଗାଇ ଦେଉଛନ୍ତି। ସମ୍ପ୍ରତି ଦେଶର ୧୨ଟି ପ୍ରମୁଖ ସହରରେ ୬୬୦ କିମି ମେଟ୍ରୋ ରେଳପଥରେ ଟ୍ରେନ୍ ଚଳାଚଳ କରୁଛି। ଏହାବାଦ୍ ଅନ୍ୟ ୧୫ଟି ସହରରେ ୫୦୦ କିମି ମେଟ୍ରୋ ଲାଇନ୍ ନିର୍ମାଣାଧୀନ ଅଛି।

କଟକ-ଭୁବନେଶ୍ୱର ଦ୍ୱୈତନଗରୀ ଜନସଂଖ୍ୟା ଏବେ ୨୦ ଲକ୍ଷରେ ପହଞ୍ଚିଥିବା ବେଳେ ଆଇଆଇଟି ଖଡ଼ଗପୁର ରିପୋର୍ଟ ଅନୁସାରେ ଚୌଦ୍ୱାର-କଟକ-ଭୁବନେଶ୍ୱର-ଜଟଣୀ-ପିପିଲିକୁ ନେଇ ପରିକଳ୍ପିତ ବୃହତ୍ ସହରାଞ୍ଚଳର ଜନସଂଖ୍ୟା ୨୦୫୦ ବେଳକୁ ୧ କୋଟି ଟପିବ। ତେଣୁ ଏବେଠାରୁ ଗଣପରିବହନ ବ୍ୟବସ୍ଥାକୁ ସୁସଂହତ, ସୁଗମ ଓ ସୁଦୃଢ଼ ନ କଲେ ଆଉ ୨୫/୩୦ ବର୍ଷ ପରେ ପରିସ୍ଥିତି ଜଟିଳ ହେବ। ଏହି ପୃଷ୍ଠଭୂମିରେ ମେଟ୍ରୋରେଳ ଜନସାଧାରଣଙ୍କ ପାଇଁ ଯେ ଏକ ଚରମ ଆବଶ୍ୟକତା ଏହାକୁ ହୃଦୟଙ୍ଗମ କରି ଏକ ଦୂରଦୃଷ୍ଟି ସମ୍ପନ୍ନ ମହତାକାଂକ୍ଷୀ ଦୃଷ୍ଟିକୋଣ ନେଇ ନବୀନ ପଟ୍ଟନାୟକଙ୍କ ସରକାର ଭୁବନେଶ୍ୱରରେ ମେଟ୍ରୋ ପ୍ରକଳ୍ପର ରୂପରେଖ ଚୂଡ଼ାନ୍ତ କରିଥିଲେ। ଦୀର୍ଘବର୍ଷ ଧରି କେନ୍ଦ୍ର ସରକାର ଏହି ପ୍ରକଳ୍ପ ପ୍ରସ୍ତାବ ପ୍ରତି ବିଶେଷ ଆଗ୍ରହ ପ୍ରଦର୍ଶନ ନ କରିବାରୁ ଓଡ଼ିଶା ସରକାର ନିଜସ୍ୱ ଖର୍ଚ୍ଚରେ ଏଭଳି ଏକ ସାହସିକ ପଦକ୍ଷେପ ନେଇଥିଲେ।

ମୋଟ୍ ୬୨୫୫ କୋଟି ଟଙ୍କାର ପ୍ରାରମ୍ଭିକ ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପର ଶିଳାନ୍ୟାସ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪, ଜାନୁଆରୀ ୧ ତାରିଖରେ କଟକ ଉପକଣ୍ଠ ରଣଗଡ଼ଠାରେ କରିଥିଲେ। ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରଠାରୁ ତ୍ରିଶୁଳିଆ ଛକ ପର୍ଯ୍ୟନ୍ତ ମୋଟ୍ ୨୬ କିମି ଦୈର୍ଘ୍ୟବିଶିଷ୍ଟ ଏହି ମେଟ୍ରୋପଥ ଚାରିବର୍ଷରେ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏଥିରେ ଭୁବନେଶ୍ୱର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଯଥା କ୍ୟାପିଟାଲ୍ ହସ୍ପିଟାଲ, ରାଜମହଲ, ବାଣୀବିହାର, ଜୟଦେବ ବିହାର ଓ ପଟିଆଛକ ସମେତ ୨୦ଟି ଷ୍ଟେସନ ରହିବ ବୋଲି ଯୋଜନା ହୋଇଥିଲା। ପ୍ରଥମ ପର୍ଯ୍ୟାୟ କାମ ପାଇଁ ମୋଟ ୫୯୨୯ କୋଟି ୩୮ ଲକ୍ଷ ଟଙ୍କାର ବ୍ୟୟ ବରାଦ ମଧ୍ୟ କରାଯାଇଥିଲା। ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ନିମନ୍ତେ ଭୁବନେଶ୍ୱର ମେଟ୍ରୋ ରେଳ ନିଗମ ଓ ଦିଲ୍ଲୀ ମେଟ୍ରୋ ରେଳ ନିଗମ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ଏବଂ ଦିଲ୍ଲୀ ମେଟ୍ରୋ ନିଗମ ଆବଶ୍ୟକ ବୈଷୟିକ ପରାମର୍ଶ ଯୋଗାଇବ ବୋଲି ପ୍ରତିଶ୍ରୁତି ଦେଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ମେଟ୍ରୋ ରେଳପଥ କଟକ ଓ ପୁରୀ ଦିଗକୁ ସଂପ୍ରସାରିତ ହେବାର ଯୋଜନା ରଖାଯାଇଥିଲା। ତ୍ରିଶୂଳିଆକୁ ଏହି ମେଟ୍ରୋ ଟ୍ରେନ୍‌ର ପ୍ରବେଶ ପଥ ବା ମୁଖ୍ୟ ଟର୍ମିନାଲ୍ ଭାବେ ବ୍ୟବହାର କରିବାର ଉଦ୍ଦେଶ୍ୟ ଥିଲା - ବାଙ୍କୀ ଓ ଆଠଗଡ଼ ଦିଗକୁ ବଢୁଥିବା ଦ୍ୱୈତ ମହାନଗରୀର ଗମନାଗମନ ଆବଶ୍ୟକତା ପୂରଣ କରିବା। କିନ୍ତୁ ଏବେ ଟେଣ୍ଡର ବାତିଲ୍ ହୋଇଥିବାରୁ ଉପରୋକ୍ତ ସଂସ୍ଥାମାନେ ଯେ ପୁଣି ଓଡ଼ିଶା ପ୍ରକଳ୍ପ ପାଇଁ ଆଗ୍ରହୀ ହେବେ ସେ ସମ୍ଭାବନା ପ୍ରାୟତଃ ନାହିଁ କହିଲେ ଚଳେ।

ଇତିମଧ୍ୟରେ ବୈଷୟିକ ଜ୍ଞାନକୌଶଳରେ ପ୍ରଭୂତ ବିକାଶ ଫଳରେ ମେଟ୍ରୋ ଟ୍ରେନ୍ ଚଳାଚଳ ପାଇଁ ଭୂମିତଳ ସୁଡ଼ଙ୍ଗ ଆଉ ଅପରିହାର୍ଯ୍ୟ ହୋଇ ରହିନାହିଁ। ଦେଶର ପ୍ରମୁଖ ବୃହତ୍ ସହରମାନଙ୍କରେ ସଡ଼କ ଉପରେ ଉଚ୍ଚ ଭାୟାଡକ୍ଟବାହୀ ସେତୁ ଉପରେ ରେଳ ଲାଇନ୍ ନିର୍ମାଣ ହେଉଛି। କିନ୍ତୁ ବର୍ତ୍ତମାନର ରାଜ୍ୟ ସରକାର ଏହି ପ୍ରକଳ୍ପ ମାଟି ତଳେ କରାଯିବା ପାଇଁ ଯୋଜନା କରିଥିବା ସୂଚନା ମିଳିଛି। ଟେଣ୍ଡର ବାତିଲ୍ ହେବା ପଛରେ ଏହା ଆଉ ଏକ କାରଣ ବୋଲି ଜଣାପଡ଼ିଛି। ଯେଉଁ ସରକାର ସମୟର ଆହ୍ୱାନକୁ ବୁଝିପାରେ ନାହିଁ, ତାହାର ଦୂରଦୃଷ୍ଟିର ଅଭାବ ରହେ। ତେଣୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯଥାର୍ଥରେ କହିଛନ୍ତି ଯେ ମେଟ୍ରୋ ଟ୍ରେନ୍ ପ୍ରକଳ୍ପ ଟେଣ୍ଡର ବାତିଲ୍ ହେବା ପରେ ଓଡ଼ିଶା ୧୦ ବର୍ଷ ପଛକୁ ଚାଲିଯାଇଛି।

ବିଶେଷଜ୍ଞ ମହଲରେ ଏବେ ଆଲୋଚନା ହେଉଛି ଯେ ଡିପିଆରରେ କିଛି ତ୍ରୁଟିବିଚ୍ୟୁତି ଥିଲେ ତାହାକୁ ସଂଶୋଧନ କରା ଯାଇପାରିଥା'ନ୍ତା। କିନ୍ତୁ ଟେଣ୍ଡର ବାତିଲ୍ ଯଦି ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥାଏ ଏବଂ ପ୍ରକଳ୍ପର ଶ୍ରେୟ ବିଜେଡି ସରକର ନେଇଯିବାର ଭୟ ବର୍ତ୍ତମାନର ଡବଲ୍ ଇଞ୍ଜିନ୍ ସରକାରଙ୍କୁ ଘାରିଥାଏ ତେବେ ଜନମାନସରେ ସରକାର ନିନ୍ଦିତ ହେବା ହିଁ ସାର ହେବ। ମେଟ୍ରୋ ଚଳାଚଳ ପାଇଁ ଡବଲ୍ ଇଞ୍ଜିନ୍‌ର ଦକ୍ଷତା, କ୍ଷମତା ଓ ଆନ୍ତରିକତାକୁ ନେଇ ମଧ୍ୟ ଏବେ ପ୍ରଶ୍ନ ଉଠିଲାଣି। ସାନି ଡିପିଆର ପ୍ରସ୍ତୁତ ପରେ ତୁରନ୍ତ ଟେଣ୍ଡର ଚୂଡ଼ାନ୍ତ କରିବା ଏବେ ରାଜ୍ୟ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ। ଏହାଦ୍ୱାରା ବରଂ ସରକାର ଅପବାଦରୁ ମୁକ୍ତି ପାଇବେ। ସର୍ବୋପରି କିଛିଟା ବିଳମ୍ବ ହେଲେ ମଧ୍ୟ ସ୍ୱାଧୀନ ଭାରତର ଯୁଗ୍ମପ୍ରଥମ ଯୋଜନାବଦ୍ଧ ରାଜଧାନୀ ସହର ଭୁବନେଶ୍ୱର ମେଟ୍ରୋ ରେଳ ସେବା ମଣ୍ଡିତ ହୋଇପାରିବ।

# ଧରିତ୍ରୀ ଶିଖର ସମ୍ମିଳନୀ ଓ ଭାରତ

ଡକ୍ଟର ସୁନ୍ଦର ନାରାୟଣ ପାତ୍ର

ସ୍ୱିଡେନ୍‌ର ରାଜଧାନୀ ଷ୍ଟୋକହୋମ୍‌ଠାରେ ପ୍ରଥମ ଥର ପାଇଁ ମାନବୀୟ ପରିବେଶ ଉପରେ ଅନୁଷ୍ଠିତ ଅନ୍ତର୍ଜାତୀୟ ସମ୍ମିଳନୀ (୫-୧୬ ଜୁନ୍ ୧୯୭୨) ପରେ ପରବର୍ତ୍ତୀ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଭାବଶାଳୀ ଶିଖର ସମ୍ମିଳନୀ ଥିଲା 'ଜାତିସଂଘ ପରିବେଶ ଏବଂ ବିକାଶ ସମ୍ମିଳନୀ'(ୟୁଏନ୍‌ସିଇଡି), ଯାହାକୁ 'ଧରିତ୍ରୀ ଶିଖର ସମ୍ମିଳନୀ' ମଧ୍ୟ କୁହାଯାଏ। ଏହା ୧୯୯୨ ମସିହା, ଜୁନ୍ ୩-୧୪ ପର୍ଯ୍ୟନ୍ତ ବ୍ରାଜିଲର ରିଓ ଡି ଜେନେରିଓରେ ଅନୁଷ୍ଠିତ ହୋଇଥିଲା। ଏହି ଶୀର୍ଷ ସମ୍ମିଳନୀରେ ସର୍ବସମ୍ମତି କ୍ରମେ ୩ଟି ପ୍ରମୁଖ ଦଲିଲ ପ୍ରସ୍ତୁତ କରାଯାଇଥିଲା, ଯଥା - (୧) ରିଓ ଘୋଷଣାନାମା ଆଧାରିତ ପରିବେଶ ସୁରକ୍ଷା ଏବଂ ବିକାଶ ସମ୍ପର୍କରେ ମାର୍ଗଦର୍ଶନ କରିବା ପାଇଁ ବ୍ୟାପକ ନୀତିର ଏକ ବିବୃତ୍ତି, (୨) ସମସ୍ତ ପ୍ରକାରର ଜଙ୍ଗଲର ପରିଚାଳନା, ସଂରକ୍ଷଣ ଏବଂ ସ୍ଥାୟୀ ବିକାଶ ଉପରେ ଏକ ଅଣ-ଆଇନଗତ ଭାବରେ ବାଧ୍ୟତାମୂଳକ ବିବୃତ୍ତି, (୩) ଏକବିଂଶ ଶତାବ୍ଦୀ ପାଇଁ ଦୀର୍ଘସ୍ଥାୟୀ ଖସଡ଼ା, ପାଣି ପାଇଁ ବିସ୍ତୃତ କାର୍ଯ୍ୟ ଯୋଜନା ଏବଂ ଆକଳନ ଉପସ୍ଥାପନ କରୁଥିବା ଏକ ବିଶାଳ ଦଲିଲ। ୩ଟି ଚୁକ୍ତି ଯଥା - ଜଳବାୟୁ ପରିବର୍ତ୍ତନ ଉପରେ ଜାତିସଂଘ ଫ୍ରେମୱାର୍କ ଶିଖର ସମ୍ମିଳନୀ(ୟୁଏନ୍‌ଏଫ୍‌ସିସିସି), ଜୈବ ବିବିଧତା ଶିଖର ସମ୍ମିଳନୀ(ସିବିଡି), ମରୁଭୂମି ମୁକାବିଲା ପାଇଁ ମିଳିତ ଜାତିସଂଘ ଶିଖର ସମ୍ମିଳନୀ(ୟୁଏନ୍‌ସିସିଡି)। ଏଗୁଡ଼ିକ ଯଥାକ୍ରମେ ୧୯୯୪, ୧୯୯୩ ଓ ୧୯୯୬ରେ ଅନୁମୋଦନ ଲାଭ କରି କାର୍ଯ୍ୟକାରୀ ହୋଇଥିଲା।

ୟୁଏନ୍‌ଏଫ୍‌ସିସିସର ମୂଳ ଉଦ୍ଦେଶ୍ୟ ହେଉଛି ସବୁଜଗୃହ ବାଷ୍ପ ସାନ୍ଦ୍ରତାକୁ ହ୍ରାସ କରି ଏପରି ସ୍ତରରେ ସ୍ଥିର କରିବା, ଯାହା ଜଳବାୟୁ ପ୍ରଣାଳୀ ସହିତ ବିପଦପୂର୍ଣ୍ଣ ମାନବଜାତ(ମାନବ ପ୍ରେରିତ) ହସ୍ତକ୍ଷେପକୁ ରୋକିପାରିବ। ସିବିଡି ରାଷ୍ଟ୍ରଗୁଡ଼ିକର ଜୈବିକ ସମ୍ପଦ ଉପରେ ସାର୍ବଭୌମ ଅଧିକାରକୁ ପୁନଃନିର୍ଦ୍ଦିଷ୍ଟ କରିବା ସହିତ ଜୈବିକ ବିବିଧତାର ସଂରକ୍ଷଣ, ଏହାର ଉପାଦାନଗୁଡ଼ିକର ସ୍ଥାୟୀ ବ୍ୟବହାର ଏବଂ ଜେନେଟିକ୍ ବା ଜିନୀୟ ସମ୍ପଦର ବ୍ୟବହାରରୁ ଉତ୍ପନ୍ନ ଲାଭର ନିରପେକ୍ଷ ଓ ସମାନ ବଣ୍ଟନ ଉପରେ ଗୁରୁତ୍ୱାରୋପ କରେ। ୟୁଏନ୍‌ସିସିଡିର ମୌଳିକ ଉଦ୍ଦେଶ୍ୟ ହେଉଛି ଆମର ଭୂମିକୁ ସୁରକ୍ଷା ଏବଂ ପୁନରୁଦ୍ଧାର କରିବା ସହିତ ଏକ ସୁରକ୍ଷିତ, ନ୍ୟାୟପୂର୍ଣ୍ଣ ଓ ଅଧିକ ସ୍ଥାୟୀ ଭବିଷ୍ୟତ ସୁନିଶ୍ଚିତ କରିବା।

ତିନୋଟିଯାକ ଶିଖର ସମ୍ମିଳନୀ ପାଇଁ ଅଂଶୀଦାର ଦେଶର ପ୍ରତିନିଧିମାନେ ନିୟମିତ ଆୟୋଜିତ ସମ୍ମିଳନୀରେ ଏକତ୍ରିତ ହୋଇ ଆଲୋଚନା କରନ୍ତି, ଯାହାକୁ କୁହାଯାଏ କନଫରେନ୍ସ ଅଫ୍ ପାର୍ଟିସ୍(ସିଓପି ବା କୋପ୍)। 'କୋପ୍'ଗୁଡ଼ିକ ସମ୍ମିଳନୀର ପରିଚାଳନା ସଂସ୍ଥା ଏବଂ ଏହାର ସାମୟିକ ବୈଠକରେ ନିଆଯାଇଥିବା ନିଷ୍ପତ୍ତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଦାୟୀ। ୟୁଏନ୍‌ଏଫ୍‌ସିସିସିର ସର୍ବଶେଷ ବା ୨୯ତମ ଅଧିବେଶନ ଥିଲା କୋପ୍-୨୯, ଯାହା ୧୧-୨୨ ନଭେମ୍ବର ୨୦୨୪ରେ ଆଜରବାଇଜାନର ବାକୁଠାରେ ଅନୁଷ୍ଠିତ ହୋଇଥିଲା। ସେହିପରି ସିବିଡିର ସର୍ବଶେଷ ଅଧିବେଶନ ଥିଲା କୋପ୍-୧୬, ଯାହା ଅକ୍ଟୋବର ୨୧-୧ ନଭେମ୍ବର ୨୦୨୪ରେ କଲମ୍ବିଆର କାଲିରେ ଅନୁଷ୍ଠିତ ହୋଇଥିଲା। ସମଭାବରେ ୟୁଏନ୍‌ସିସିଡିର ଏପର୍ଯ୍ୟନ୍ତ ସର୍ବଶେଷ ଅଧିବେଶନ କୋପ୍-୧୬, ସାଉଦି ଆରବର ରିୟାଦରେ ୨ ରୁ ୧୩ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ୟୁଏନ୍‌ଏଫ୍‌ସିସିସ ଶିଖର ସମ୍ମିଳନୀ ୨୯ ଥର ଅନୁଷ୍ଠିତ ହୋଇସାରିଥିବା ବେଳେ ସିବିଡି ଓ ୟୁଏନ୍‌ସିସିଡିର ଶିଖର ସମ୍ମିଳନୀ ପ୍ରତ୍ୟେକେ ୧୬ ଥର ଲେଖାଏଁ ଅନୁଷ୍ଠିତ ହୋଇଛି। ଫ୍ରାନ୍ସର ରାଜଧାନୀ ପ୍ୟାରିସରେ ୧୨ ଡିସେମ୍ବର ୨୦୧୫ରେ ଶେଷ ହୋଇଥିବା ୟୁଏନ୍‌ଏଫ୍‌ସିସିସି ବା କୋପ୍-୨୧ ବହୁତ ପ୍ରଭାବଶାଳୀ ଥିଲା। ଏହି ସମ୍ମିଳନୀରେ ଗୃହୀତ ଚୁକ୍ତିନାମା, ଯାହା 'ପ୍ୟାରିସ ଚୁକ୍ତିନାମା' ନାମରେ ଖ୍ୟାତ, ହେଉଛି ଜଳବାୟୁ ପରିବର୍ତ୍ତନ ଉପରେ ଏକ ଆଇନଗତ ଭାବରେ ବାଧ୍ୟତାମୂଳକ ଅନ୍ତର୍ଜାତୀୟ ଚୁକ୍ତିନାମା। ଏହାର ପ୍ରାଥମିକ ଲକ୍ଷ୍ୟ ହେଉଛି ବିଶ୍ୱ ହାରାହାରି ତାପମାତ୍ରାକୁ ପ୍ରାକଶିଳ୍ପାୟନ ସ୍ତରଠାରୁ ୨ ଡିଗ୍ରୀ ସେଣ୍ଟିଗ୍ରେଡ ତଳେ ରଖିବା ଏବଂ ପ୍ରାକଶିଳ୍ପାୟନ ସ୍ଥିତି ସ୍ତର ଠାରୁ ତାପମାତ୍ରା ବୃଦ୍ଧିକୁ ମାତ୍ର ୧.୫ ଡିଗ୍ରୀ ସେଣ୍ଟିଗ୍ରେଡ ପର୍ଯ୍ୟନ୍ତ ସୀମିତ ରଖିବା ପାଇଁ ପ୍ରୟାସ କରିବା।

ଅଂଶୀଦାର ଦେଶମାନେ ସବୁଜ ଗୃହ ବାଷ୍ପ ପରିମାଣ ହ୍ରାସ କରିବା ପାଇଁ ପ୍ୟାରିସରେ ୨୦୧୫ ରେ କୋପ୍ ୨୧ ସମୟରେ ନିଜସ୍ୱ ଅଙ୍ଗୀକାରବଦ୍ଧତା ଦାଖଲ କରିଥିଲେ। ଭାରତ ୨୦୦୫ ସ୍ତର ତୁଳନାରେ ୨୦୩୦ ସୁଦ୍ଧା ନିର୍ଗମନ ହାରରେ ୩୩% ରୁ ୩୫% ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲା। ସିବିଡି ପ୍ରତିଶ୍ରୁତି ଅନୁଯାୟୀ, ୧୯୯୯ରେ ଭାରତର ପ୍ରଥମ ଜାତୀୟ ଜୈବ ବିବିଧତା ରଣନୀତି ଏବଂ କାର୍ଯ୍ୟଯୋଜନା ଆରମ୍ଭ କରିଥିଲା। ଭାରତ ୨୦୨୫-୩୦ ଆର୍ଥିକ ବର୍ଷରେ ଜୈବ ବିବିଧତା ସୁରକ୍ଷା ଏବଂ ସଂରକ୍ଷଣ ପାଇଁ ପ୍ରାୟ ୮୧, ୬୬୪ କୋଟି ଟଙ୍କା ଖର୍ଚ୍ଚ କରିବାକୁ ବ୍ୟୟବରାଦ କରିଛି। ୟୁଏନ୍‌ସିସିଡି ତଥ୍ୟ ଅନୁଯାୟୀ, ୨୦୧୫-୨୦୧୯ ପର୍ଯ୍ୟନ୍ତ ଭାରତର ମୋଟ ରିପୋର୍ଟ କରାଯାଇଥିବା ଜମିର ୩୦.୫୧ ନିୟୁତ ହେକ୍ଟର ଅବକ୍ଷୟ ହୋଇଥିଲା। ଏହାର ଜବାବରେ ଭାରତ ଭୂମି ଅବକ୍ଷୟକୁ ସମାଧାନ କରିବା, ମରୁଡ଼ି ସ୍ଥିତିସ୍ଥାପକତା ନିର୍ମାଣ କରିବା, ପରିବେଶ ପୁନରୁଦ୍ଧାର ଏବଂ ଜୈବ ବିବିଧତା ବୃଦ୍ଧି ପାଇଁ ଏକ ବ୍ୟାପକ ପଦ୍ଧତି ଗ୍ରହଣ କରିଛି।

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଭାରତ ଏବେ ପ୍ରତିବର୍ଷ ପ୍ରାୟ ୪.୧ ବିଲିୟନ ମେଟ୍ରିକ୍ ଟନ୍ ଅଙ୍ଗାର କାମ୍ଳ ସମତୁଲ୍ୟ ସବୁଜ ଗୃହ ବାଷ୍ପ ନିର୍ଗମନ କରେ, ଯାହା ଚୀନ୍ (୧୫.୯ ବିଲିୟନ ମେଟ୍ରିକ୍ ଟନ୍) ଏବଂ ଆମେରିକା (୬ ବିଲିୟନ ଟନ୍) ପରେ ବିଶ୍ୱରେ ତୃତୀୟ ସର୍ବାଧିକ ଯୋଗଦାନକାରୀ। ତେବେ ଭାରତରେ ମୁଣ୍ଡପିଛା ନିର୍ଗମନ (୨.୯) ମେଟ୍ରିକ୍ ଟନ୍ ଆମେରିକା (୧୭.୬) ଏବଂ ଚୀନ (୧୧.୧) ତୁଳନାରେ ବହୁତ କମ୍। ୨୦୭୦ ସୁଦ୍ଧା ନେଟ୍ ଶୂନ୍ୟ ନିର୍ଗମନ ହାସଲ କରିବାକୁ ପ୍ରତିଶ୍ରୁତିବଦ୍ଧ ହେବା ପରେ ଭାରତକୁ ଏବେ ଆର୍ଥିକ ଅଭିବୃଦ୍ଧି ହାସଲ କରିବା ସହିତ ଏହାର ସ୍ୱଚ୍ଛ ଶକ୍ତି ପରିବର୍ତ୍ତନକୁ ଆଗକୁ ବଢ଼ାଇବାକୁ ପଡ଼ିବ ଏବଂ ନିର୍ଗମନକୁ ନିୟନ୍ତ୍ରଣ କରିବାକୁ ପଡ଼ିବ।

ଯଦି ମିଳିତ ଜାତିସଂଘ ଦ୍ୱାରା ସ୍ଥିର କରାଯାଇଥିବା ୧୭ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ଧାର୍ଯ୍ୟ ୨୦୩୦ ସୁଦ୍ଧା ହାସଲ କରିବାକୁ ହୁଏ, ତେବେ ବିଶ୍ୱସ୍ତରୀୟ ସହଯୋଗ, ବିଶେଷକରି ବିକଶିତ ଦେଶମାନଙ୍କ ଦ୍ୱାରା, ଅତ୍ୟନ୍ତ ଜରୁରୀ। ୨୦୨୫ ହେଉଛି କୋପ୍ ୨୧ରେ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମା ୨୦୧୫ ର ପ୍ରଥମ ଦଶନ୍ଧି। ପ୍ୟାରିସ୍ ଚୁକ୍ତିନାମାର ଧାରା ୨.୧ ସି ନିର୍ଗମନ ହ୍ରାସ ଏବଂ ଜଳବାୟୁ-ସ୍ଥାପକତା ସହିତ 'ଆର୍ଥିକ ପ୍ରବାହକୁ ସୁସଙ୍ଗତ କରିବା' ଉପରେ ଧ୍ୟାନ ଦିଏ। ଧାରା ୯.୧ ରେ କୁହାଯାଇଛି ଯେ ବିକଶିତ ଦେଶମାନେ ବିକାଶଶୀଳ ଦେଶମାନଙ୍କୁ ଏଥିପାଇଁ 'ଅର୍ଥ ଯୋଗାଇବେ'। ଦୁଇଟି ବଡ଼ ତୈଳ ରପ୍ତାନିକାରୀ ରାଷ୍ଟ୍ର ଇରାନ ଓ ଲିବିଆ ୧୪-ସଦସ୍ୟ ପେଟ୍ରୋଲିୟମ୍ ରପ୍ତାନିକାରୀ ଦେଶ ସଂଗଠନ ମଧ୍ୟରୁ ଏବଂ ୟେମେନ୍ ପ୍ୟାରିସ୍ ଚୁକ୍ତିନାମାକୁ ଅନୁମୋଦନ କରିନାହାନ୍ତି। ଦ୍ୱିତୀୟ ସର୍ବାଧିକ ନିର୍ଗମନକାରୀ ଆମେରିକା ୨୦୨୦ରେ ଚୁକ୍ତିନାମାରୁ ଓହରିଗଲା, ୨୦୨୧ ରେ ପୁନର୍ବାର ଯୋଗ ଦେଲା ଏବଂ ୨୦୨୫ରେ ପୁଣି ପ୍ରତ୍ୟାହାର ଘୋଷଣା କଲା। ଗତ ବର୍ଷ ୟୁଏନ୍‌ଏଫ୍‌ସିସିସିର କୋପ୍୨୯ ରେ, ରାଷ୍ଟ୍ରଗୁଡ଼ିକ ୨୦୩୫ ସୁଦ୍ଧା 'ଜଳବାୟୁ ଆର୍ଥିକ ବଜେଟ ଅଟକଳ' ବାର୍ଷିକ ଅତିକମରେ ୩୦୦ ବିଲିୟନ ଡଲାରକୁ ବୃଦ୍ଧି ପାଇଁ ସହମତ ହୋଇଥିଲେ, ଯାହା ମୁଖ୍ୟତଃ ବିକଶିତ ଦେଶଗୁଡ଼ିକରୁ ଆସିବ। ଏହି ଅର୍ଥ ବିକାଶଶୀଳ ଦେଶଗୁଡ଼ିକୁ ସେମାନଙ୍କର ନିର୍ଗମନକୁ ନିୟନ୍ତ୍ରଣ କରିବାରେ ଏବଂ ଆହୁରି ଅଧିକ ଜଟିଳ ଜଳବାୟୁ ବିପଦର ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେବା ପାଇଁ ଉଦ୍ଦିଷ୍ଟ। ପୂର୍ବରୁ ସବୁଠାରୁ ବଡ଼ ଯୋଗଦାନକାରୀ ଆମେରିକା ପ୍ରାୟତଃ ସମସ୍ତ ଜଳବାୟୁ ସହାୟତା ବାତିଲ କରିସାରିଛି। ଜର୍ମାନୀ, ଫ୍ରାନ୍ସ ଏବଂ ୟୁକେ ସମେତ ପ୍ରମୁଖ ୟୁରୋପୀୟ ଦାତାମାନେ ମଧ୍ୟ ସହାୟତା ହ୍ରାସ ଘୋଷଣା କରିଛନ୍ତି। ଏହା ଆର୍ଥିକ ସହାୟତା କ୍ଷେତ୍ରରେ ସଙ୍କଟ ସୃଷ୍ଟି କରିବ।

ୟୁଏନ୍‌ଏଫ୍‌ସିସିସିର କୋପ୍ ୩୦ ଚଳିତ ବର୍ଷ ନଭେମ୍ବର ୨୦୨୫ ରେ ବ୍ରାଜିଲର ବେଲେମରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହା ପୂର୍ବରୁ ସମ୍ପୃକ୍ତ ପକ୍ଷ ରାଷ୍ଟ୍ର ପ୍ରତିନିଧିମାନେ ଗତ ଜୁନ୍ ମାସରେ ବନ୍ (ଜର୍ମାନୀ) ରେ ପୂର୍ବ ପ୍ରସ୍ତୁତି ବୈଠକ ଆଲୋଚନା କରି ଏଥିପାଇଁ ଏଜେଣ୍ଡା ବା କାର୍ଯ୍ୟସୂଚୀ ପ୍ରସ୍ତୁତ କରିଛନ୍ତି। ବର୍ତ୍ତମାନ ଜଳବାୟୁ ଜରୁରୀକାଳୀନ ପରିସ୍ଥିତି ରାଜନୈତିକ, ସାଂସ୍କୃତିକ, ଭୌଗୋଳିକ, ଅର୍ଥନୈତିକ ଏବଂ ସାମାଜିକ ସୀମା ଅତିକ୍ରମ କରି ଚାଲିଛି, ଯାହା ବ୍ୟକ୍ତି, ସମ୍ପ୍ରଦାୟ, ପରିସଂସ୍ଥା ଏବଂ ଅର୍ଥନୀତିକୁ ପ୍ରଭାବିତ କରୁଛି। ଏହାର ପ୍ରଭାବ ସବୁଠାରୁ ଦୁର୍ବଳ ଲୋକଙ୍କ ଉପରେ ଲଦି ହେଉଛି। ଆଶା କରାଯାଏ, କୋପ୍୩୦ ନିଶ୍ଚିତ ଭାବରେ ଏକ ମୋଡ଼ ହେବ, ଯାହା କେବଳ ମହତ୍ୱାକାଂକ୍ଷା ଉପରେ ନୁହେଁ ବରଂ ସର୍ବାଧିକ ଜଳବାୟୁ ବିପଦର ସମ୍ମୁଖୀନ ହେଉଥିବା ଲୋକଙ୍କ ପାଇଁ ସମାନତା, ଆର୍ଥିକ ଏବଂ ନ୍ୟାୟ ପ୍ରଦାନ କରିବ।

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

# ଦ୍ୱିତୀୟ କ୍ୱାଣ୍ଟମ ବିପ୍ଳବ

ଡ. ଗୌରୀ ଶଙ୍କର ତ୍ରିପାଠୀ

ଚଳିତ ବର୍ଷକୁ ବିଶ୍ୱରେ କ୍ୱାଣ୍ଟମ୍ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଦ୍ୟାର ବର୍ଷ ରୂପେ ପାଳନ କରାଯାଉଛି। ପ୍ରାୟ ୧୦୦ ବର୍ଷ ପୂର୍ବେ କ୍ୱାଣ୍ଟମ୍ ମେକାନିକ୍ସ ବିଜ୍ଞାନରେ ଏକ ଚାଞ୍ଚଲ୍ୟକାରୀ ଜ୍ଞାନ ଭାବେ ଆବିର୍ଭାବ ହେଇଥିଲା। କ୍ୱାଣ୍ଟମ୍ ତତ୍ତ୍ୱରେ ଏମିତି କିଛି ରହସ୍ୟ ଲୁଚି ରହିଥାଏ, ଯାହା ଅନ୍ୟ କୋଉଠି ନଥାଏ। ଯେମିତି କି କ୍ୱାଣ୍ଟମ୍ ଦୁନିଆରେ ସୁପରପୋଜିସନ୍ ନିୟମ ଲାଗୁ ହେଇଥାଏ। ଗୋଟିଏ ବସ୍ତୁ ଏକାଥରେ ଦୁଇଟା ଅବସ୍ଥାରେ ରହିପାରେ। ଆଉ ଗୋଟେ ଆଶ୍ଚର୍ଯ୍ୟ ନିୟମ ହେଲା କ୍ୱାଣ୍ଟମ ଏନଟାଙ୍ଗ୍ଲମେଣ୍ଟ ତଥା କ୍ୱାଣ୍ଟମ୍-ଜଡ଼ିତତା, ଯାହାକି ଦୁଇଟା କଣିକା ଯେତେ ଦୂରରେ ଥିଲେ ବି କିଛି ଗୋଟେ ଅଦୃଶ୍ୟ ସୂତାରେ ଦୁଇଟାକୁ ଯୋଡ଼ି ରଖିଥାଏ। ଏମିତି ଅନେକ ଆଶ୍ଚର୍ଯ୍ୟ ଘଟଣା ଦେଖିବାକୁ ମିଳେ କ୍ୱାଣ୍ଟମ୍ ଦୁନିଆରେ।

କ୍ୱାଣ୍ଟମ୍ ବିଜ୍ଞାନ ଆବିର୍ଭାବ ପରଠାରୁ ଏହି ଜ୍ଞାନ ଅନେକ ଯୁଗାନ୍ତକାରୀ ତଥ୍ୟ, ତତ୍ତ୍ୱ ଓ ପ୍ରଯୁକ୍ତିବିଦ୍ୟାକୁ ଜନ୍ମ ଦେଇଛି। ଏହାଦ୍ୱାରା ବିଂଶ ଶତାବ୍ଦୀରେ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଏଭଳିକି ଜୀବ ବିଜ୍ଞାନ ଏବଂ ଭେଷଜ ବିଜ୍ଞାନ ମଧ୍ୟ ଋଦ୍ଧିମନ୍ତ ହେଇଛି। ଏହାର ଦ୍ୱିତୀୟ ସଂସ୍କରଣ ଏବେ ଏକ ଅଭିନବ ବିଜ୍ଞାନ ଭାବେ ଉଭା ହେଇଛି। ଏହି ଜ୍ଞାନରେ ଅଧିକତର ଗବେଷଣା ଏବଂ ବିକାଶ ଭବିଷ୍ୟତରେ ଆମ ଜୀବନକୁ ଆହୁରି ଅଧିକ ବିସ୍ମୟମଣ୍ଡିତ କରିବ। ସେଇଥିପାଇଁ ସମଗ୍ର ବିଶ୍ୱ ଏହି ବିଜ୍ଞାନରେ ଶ୍ରେଷ୍ଠତା ପ୍ରାପ୍ତି ନିମନ୍ତେ ତତ୍ପର ହୋଇପଡ଼ିଛନ୍ତି।

ଭାରତର ଜାତୀୟ କ୍ୱାଣ୍ଟମ୍ ମିଶନ(ଏନ୍‌କ୍ୟୁଏମ୍) ୨୦୨୩ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହେଇଥିବା ଏକ ଆଠ ବର୍ଷିଆ ପ୍ରକଳ୍ପ, ଯେଉଁଥିପାଇଁ ପ୍ରାୟ ୬୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏନ୍‌କ୍ୟୁଏମ୍ ଚାରୋଟି ଦିଗର ବିକାଶ ଉପରେ ଧ୍ୟାନ ଦେଉଛି: (୧) କ୍ୱାଣ୍ଟମ୍ କମ୍ପ୍ୟୁଟିଂ; (୨) କ୍ୱାଣ୍ଟମ୍-ଯୋଗାଯୋଗ; (୩) କ୍ୱାଣ୍ଟମ୍-ସେନ୍ସିଂ ଓ ମାପ ବିଜ୍ଞାନ; (୪) କ୍ୱାଣ୍ଟମ୍-ବସ୍ତୁ ଓ କ୍ୱାଣ୍ଟମ୍-ଉପକରଣ। ଭାରତ ଯଦି କ୍ୱାଣ୍ଟମ୍ ପ୍ରଯୁକ୍ତିବିଦ୍ୟାରେ ନେତୃତ୍ୱ ନେବାକୁ ଚାହୁଁଛି, ତେବେ ଏହି କ୍ଷେତ୍ରରେ ପ୍ରୟାସକୁ ତୀବ୍ର କରିବା ସହିତ ଘରୋଇ ନିବେଶକୁ ବୃଦ୍ଧି କରିବାକୁ ପଡ଼ିବ। ଏହା ଏନ୍‌କ୍ୟୁଏମ୍‌ର ପ୍ରଥମ ରିପୋର୍ଟରେ ସ୍ପଷ୍ଟ କରାଯାଇଛି। ଦେଶର ଡିଜିଟାଲ୍ ଭିତ୍ତିଭୂମିକୁ କ୍ୱାଣ୍ଟମ୍-ସୁରକ୍ଷିତ କରିବା ପାଇଁ ଏହାର ସୁରକ୍ଷା ଓ ନିୟମାବଳୀରେ ଉନ୍ନତି ଆଣିବାକୁ ପଡ଼ିବ।

'ଅନ୍ତର୍ଜାତୀୟ ପ୍ରଯୁକ୍ତିବିଦ୍ୟା ସହ ଜଡ଼ିତ ହେବା ରଣନୀତି' ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି ଯେ କ୍ୱାଣ୍ଟମ୍ ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ପାଇଁ ଭାରତ ବିଶ୍ୱରେ ନେତୃତ୍ୱ ନେବାର ଆଗ୍ରହ ରଖିଛି ଏବଂ ଏହି ଦିଗରେ ପ୍ରୟାସ କରୁଛି। ଏଥିରେ ଅଛି କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ ତ୍ରୁଟି-ସଂଶୋଧନ ଆଲଗୋରିଦମ୍। ଏହାବ୍ୟତୀତ, କ୍ୱାଣ୍ଟମ୍ ହାର୍ଡୱେର ନିର୍ମାଣ ପାଇଁ ଦରକାର ସୁପରକଣ୍ଡକ୍ଟିଂ ସର୍କିଟ୍, ଫସି ରହିଥିବା ପରମାଣୁ/ଆୟନ ଏବଂ ଇଞ୍ଜିନିୟର୍ଡ କ୍ୱାଣ୍ଟମ୍-ଡଟ୍ ଉପଯୋଗର ବିକାଶ। ଉଦାହରଣ ସ୍ୱରୂପ, ଏନ୍‌କ୍ୟୁଏମ୍ ସମର୍ଥିତ ବେଙ୍ଗାଲୁରୁ-ଭିତ୍ତିକ ଷ୍ଟାର୍ଟଅପ୍ କ୍ୟୁପିଆଇଏଆଇ ସମ୍ପ୍ରତି 'ଇଣ୍ଡସ୍' ନାମକ ଏକ ୨୫-ସୁପରକଣ୍ଡକ୍ଟିଂ କ୍ୟୁବିଟ୍ କ୍ୱାଣ୍ଟମ୍ କମ୍ପ୍ୟୁଟର ବିକଶିତ କରିଛି। ଏହା ସମ୍ପୂର୍ଣ୍ଣ ଦେଶୀୟ ନୁହେଁ। ଏହାର କ୍ୟୁବିଟ୍‌ଗୁଡ଼ିକ ବିଦେଶରେ ତିଆରି ହେଇଥିବା ଅନୁମାନ କରାଯାଉଛି। ଏହାସତ୍ତ୍ୱେ ଏହା ଏକ ଉଲ୍ଲେଖଯୋଗ୍ୟ ପ୍ରୟାସ।

ତଥ୍ୟକୁ ବିରାମ ଦେଇ ବିଜ୍ଞାନ ଉପରେ ବର୍ତ୍ତମାନ ଆମେ କିଛି ଧ୍ୟାନ ଦେବା। ଏହି କ୍ୟୁବିଟ୍ କ'ଣ? ଏକ କ୍ୟୁବିଟ୍ (କ୍ୱାଣ୍ଟମ୍ ବିଟ୍) ହେଉଛି କ୍ୱାଣ୍ଟମ୍ କମ୍ପ୍ୟୁଟରରେ ସୂଚନାର ଏକ ମୌଳିକ ଏକକ। ଏକ ନିୟମିତ କମ୍ପ୍ୟୁଟରରେ ଆମେ ବିଟ୍ ବ୍ୟବହାର କରୁ, ଯାହା ୦ କିମ୍ବା ୧ ହୋଇପାରେ। କିନ୍ତୁ କ୍ୱାଣ୍ଟମ୍‌ବିଟ୍ ସ୍ୱତନ୍ତ୍ରତା ବହନକରେ। କାରଣ ଏହା ଏକ ସମୟରେ ୦, ୧, କିମ୍ବା ଉଭୟ ହୋଇପାରେ। ଏହାକୁ ଉପରେ ବର୍ଣ୍ଣିତ ସୁପରପୋଜିସନ୍ କୁହାଯାଏ। ଉଦାହରଣରେ ବାୟୁରେ ଘୁରୁଥିବା ଏକ ମୁଦ୍ରାକୁ ଭାବନ୍ତୁ। ଯେପର୍ଯ୍ୟନ୍ତ ଏହା ଅବତରଣ କରିନାହିଁ, ଏହା ଏକା ସମୟରେ ଉଭୟ ମୁଣ୍ଡ ଏବଂ ଲାଞ୍ଜ ହୋଇଥାଏ। ଏକାଧିକ ଅବସ୍ଥାରେ ରହିବାର ଏହି କ୍ଷମତା କ୍ୱାଣ୍ଟମ୍ କମ୍ପ୍ୟୁଟରକୁ ନିୟମିତ କମ୍ପ୍ୟୁଟର ଅପେକ୍ଷା ବହୁତ ଶୀଘ୍ର ଜଟିଳ ସମସ୍ୟା ସମାଧାନ କରିବାରେ ସାହାଯ୍ୟ କରେ। କ୍ୟୁବିଟ୍‌ସର ଆଉ ଏକ ଆକର୍ଷଣୀୟ ଗୁଣ ହେଉଛି ଜଡ଼ିତତା। ଦୁଇଟି କ୍ୟୁବିଟ୍ ଏପରି ଭାବରେ ସଂଯୁକ୍ତ ହୋଇପାରିବେ ଯେ, ସେମାନେ ଯେତେଦୂରରେ ଥିଲେ ମଧ୍ୟ, ଗୋଟିଏକୁ ପରିବର୍ତ୍ତନ କରିବା ସଙ୍ଗେ ସଙ୍ଗେ ଅନ୍ୟଟି ପ୍ରଭାବିତ ହୁଏ। ଏହି କ୍ୱାଣ୍ଟମ୍-ଜଡ଼ିତତା ଏପରି ଏକ ଜଟିଳ ବିଷୟ, ଯାହାକୁ ପ୍ରସିଦ୍ଧ ବିଜ୍ଞାନୀ ଆଇନଷ୍ଟାଇନ ଏକ ବିଚିତ୍ର(ସ୍ପୁକି) ଚିନ୍ତାଧାରା ବୋଲି କହିଥିଲେ।

ଭାରତରେ କ୍ୱାଣ୍ଟମ୍ କମ୍ପ୍ୟୁଟିଙ୍ଗ ଉପରେ ଗବେଷଣା ୧୯୯୦ରୁ ଆରମ୍ଭ ହୋଇଥିଲା। ଭାରତ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ସଫ୍ଟୱେର୍-କେନ୍ଦ୍ରିକ, ତାତ୍ତ୍ୱିକ ଏବଂ ଆଲଗୋରିଦମିକ୍ ଦିଗଗୁଡ଼ିକରେ ଦୃଢ଼, କିନ୍ତୁ କ୍ୱାଣ୍ଟମ୍ କମ୍ପ୍ୟୁଟିଂ ହାର୍ଡୱେରର ସମ୍ପୂର୍ଣ୍ଣ ସ୍ୱଦେଶୀ ବିକାଶ ହେଇନାହିଁ। ଏହି କାର୍ଯ୍ୟ ଏକ ନବଜାତ ପର୍ଯ୍ୟାୟରେ ରହିଛି। କ୍ୱାଣ୍ଟମ୍ କମ୍ପ୍ୟୁଟର ପାଇଁ କ୍ୱିବିଟ୍ ଏବଂ ଅନ୍ୟାନ୍ୟ ସହାୟକ ହାର୍ଡୱେର ତିଆରି କରିବା ପାଇଁ ସ୍ୱଦେଶୀ କ୍ଷମତାକୁ ଉନ୍ନୀତ କରିବା ପାଇଁ ପ୍ରୟାସର ବିଶେଷ ଆବଶ୍ୟକତା ଅଛି। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବେ ବି ବିକଶିତ ହେଉଛି। କିନ୍ତୁ ଏଥିରେ ପ୍ରଯୁକ୍ତିବିଦ୍ୟା, ବିଜ୍ଞାନ ଏବଂ ଔଷଧୀୟ-କ୍ଷେତ୍ରରେ ବିପ୍ଳବ ଆଣିବାର ସମ୍ଭାବନା ଅଛି। ସୁତରାଂ, ଅତୀତର ଜ୍ଞାନ-ଗରିମା ଉପରେ ବହୁତ ତର୍କ-ବିତର୍କ ନ କରି ବର୍ତ୍ତମାନର ଜ୍ଞାନକୌଶଳକୁ ଆଗେଇନେବା ଆମ ପକ୍ଷରେ ବୁଦ୍ଧିମାନର କାର୍ଯ୍ୟ ହେବ। ବର୍ତ୍ତମାନ ନିବେଶକ ଏବଂ ପ୍ରଯୁକ୍ତିବିଦାନଙ୍କ ପାଇଁ କ୍ୱାଣ୍ଟମ୍ ଟେକ୍ନୋଲୋଜିରେ ବିପୁଳ ନିବେଶ କରିବାର ସମୟ ଆସିଛି। କ୍ୱାଣ୍ଟମ୍ କମ୍ପ୍ୟୁଟିଂ ଏବଂ କ୍ୱାଣ୍ଟମ୍ ଟେକ୍ନୋଲୋଜିର ଭବିଷ୍ୟତର କମ୍ପ୍ୟୁଟିଂ ଏବଂ ସଞ୍ଚାର କ୍ଷମତାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସମ୍ଭାବନା ଅଛି। ଏହା ଭବିଷ୍ୟତ ଜୀବନର ପ୍ରତ୍ୟେକ ଦିଗକୁ ବଦଳାଇ ଦେବ।

(ପ୍ରାକ୍ତନ ପଦାର୍ଥ ବିଜ୍ଞାନ ପ୍ରଫେସର, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ)
ବ୍ରହ୍ମପୁର, ମୋ: ୯୯୩୭୧୮୮୪୮୫

# ରିମା ଛତ୍ର ମଠ

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ମଧ୍ୟଭାରତରେ ରିମା ନାମକ ଏକ ଛୋଟ ରାଜ୍ୟ ଥିଲା। ସେଠାରେ ରଘୁରାଜ ସିଂହ ନାମରେ ଜଣେ ବିଷ୍ଣୁଭକ୍ତ ରାଜା ରାଜତ୍ୱ କରୁଥିଲେ। ରଘୁରାଜ ମର୍ଯ୍ୟାଦାପୁରୁଷ ରଘୁନାଥଙ୍କ ପରି ସୁଶାସକ ଓ ପ୍ରଜାବତ୍ସଳ ଥିଲେ। ପୁରାଣରୁ ସେ ନୀଳାଚଳ ନିବାସୀ ଜଗନ୍ନାଥଙ୍କ ମହିମା ଶୁଣିଥିଲେ। ତେଣୁ ଶ୍ରୀକ୍ଷେତ୍ର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ରାଜାଙ୍କ ମନରେ ପ୍ରବଳ ଇଚ୍ଛା ଜାଗ୍ରତ ହେଲା। କିଛି ପାରିଷଦଙ୍କ ସାଙ୍ଗରେ ନେଇ ରାଜା ଶ୍ରୀକ୍ଷେତ୍ରରେ ପହଞ୍ଚିଲେ। ମହୋଦଧିରେ ସ୍ନାନ କରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅପୂର୍ବ ଶୋଭା ଦର୍ଶନ କରି କୃତ୍ୟକୃତ୍ୟ ହେଲେ। ସମଗ୍ର ବିଶ୍ୱର ସାଙ୍କେତିକ ସ୍ୱରୂପ, ନିରାକାର, ପୁଣି ନରାକାର ମହାପ୍ରଭୁଙ୍କ ରୂପ ତାଙ୍କୁ ବିମୋହିତ କଲା। ସେ କିଛିଦିନ କ୍ଷେତ୍ରରେ ରହି ପ୍ରଭୁଙ୍କ ଦର୍ଶନ ଓ ମହାପ୍ରସାଦ ସେବନ କରିବା ପାଇଁ ନିଷ୍ପତ୍ତି ନେଲେ।

ଦିନେ ରାଜା ଦର୍ଶନ ପାଇଁ ମନ୍ଦିରରେ ପ୍ରବେଶ କରିବା ପୂର୍ବରୁ ଅରୁଣଚକଡ଼ାରେ ଏକ ଅଦ୍ଭୁତ ଘଟଣା ଘଟିଲା। ଗୋଟିଏ କାଉ ମହାପ୍ରଭୁଙ୍କୁ ଲାଗି ହୋଇଥିବା ଖଣ୍ଡେ ଅମାଲୁ ଧରି ଉଡ଼ି ଆସିଲା। ଅମାଲୁ ଖଣ୍ଡକ କାଉ ଥଣ୍ଟରୁ ରାଜାଙ୍କ ସମ୍ମୁଖରେ ଅକସ୍ମାତ୍ ଖସି ପଡ଼ିଲା। ରାଜା ମହାପ୍ରସାଦ ଖଣ୍ଡକୁ ଉଠାଇ ଆଣିବା ପାଇଁ ହାତ ବଢ଼େଇଲା ବେଳକୁ ଗୋଟିଏ କୁକୁର କାହିଁ ଥିଲା, ପବନ ବେଗରେ ଆସି ଅମାଲୁରୁ ଖଣ୍ଡେ ନେଇ ଚାଲିଗଲା। କୁକୁର ଅଇଁଠା ହେଲେ ମଧ୍ୟ ମହାପ୍ରସାଦର ପବିତ୍ରତା ହାନି ହୁଏ ନାହିଁ। ସେ ବିଷୟରେ ଶାସ୍ତ୍ରରେ ଅନେକ ପ୍ରମାଣ ଦେଖିବାକୁ ମିଳେ। କିନ୍ତୁ ରାଜା ସେ ବିଷୟରେ ଅଜ୍ଞାତ ଥିବାରୁ ଅମାଲୁ କୁକୁର ଅଇଁଠା ହୋଇଗଲା ବୋଲି ଆଉ ଆଣିଲେ ନାହିଁ। ମହାପ୍ରସାଦକୁ ଅସମ୍ମାନ କରିବା ଅପରାଧ ଯୋଗୁଁ ରାଜା କୁଷ୍ଠ ବ୍ୟାଧିଗ୍ରସ୍ତ ହେଲେ। ରାଜା ଏକଥା ଜାଣିପାରି ପ୍ରଭୁଙ୍କର ଶରଣାଗତ ହେଲେ ଏବଂ କ୍ଷେତ୍ର ଛାଡ଼ି ଗଲେ ନାହିଁ। କିନ୍ତୁ ରାଜ୍ୟର ଭଲମନ୍ଦ କଥା ଭାବି ଭାବି ସେ ଅନେକ ସମୟରେ ଚିନ୍ତିତ ରହୁଥିଲେ। ଅନ୍ତର୍ଯ୍ୟାମୀ ମହାପ୍ରଭୁ ଭକ୍ତର ମନକଥା ଜାଣିପାରିଲେ। ସେ ଦିନେ ରାଜାଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ ଆଦେଶ ଦେଲେ - 'ରାଜା! ମୁଁ ତୁମର ଭକ୍ତିରେ ସନ୍ତୁଷ୍ଟ। ତୁମେ ମୋର କୈବଲ୍ୟ ପ୍ରସାଦ ନେଇ ରାଜ୍ୟକୁ ଫେରିଯାଅ। ମୋର କୈବଲ୍ୟ ସେବନ କରି ତୁମେ ରୋଗମୁକ୍ତ ହେବ।' ରାଜା ମହାପ୍ରଭୁଙ୍କ ଆଦେଶାନୁସାରେ କୈବଲ୍ୟ ନେଇ ରାଜ୍ୟକୁ ଫେରି ଗଲେ। ପ୍ରତିଦିନ ସ୍ନାନପରେ ମହାପ୍ରଭୁଙ୍କୁ ଆରାଧନା କରି କୈବଲ୍ୟ ସେବା କରିବା ପରେ ପାନଭୋଜନ ଗ୍ରହଣ କରୁଥିଲେ। ଅଳ୍ପଦିନ ପରେ ସେ ରୋଗମୁକ୍ତ ହୋଇ ଯିବାରୁ ମହାପ୍ରଭୁଙ୍କ ପ୍ରତି ତାଙ୍କର ଭକ୍ତିଭାବ ବହୁଗୁଣିତ ହେଲା।

ତା'ପରେ ରାଜା ପୁଣିଥରେ ଶ୍ରୀକ୍ଷେତ୍ର ଯାଇ ପ୍ରଭୁଙ୍କୁ କୃତଜ୍ଞତା ଜ୍ଞାପନ ପୂର୍ବକ ତାଙ୍କ କ୍ଷେତ୍ର ଓ ଭକ୍ତମାନଙ୍କ ପାଇଁ କିଛି କରିବାକୁ ସଙ୍କଳ୍ପ କଲେ। ସେଦିଗରେ ଉପଯୁକ୍ତ ପ୍ରସ୍ତୁତି ସହ ସେ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ। ସେ ପ୍ରଥମେ ମହାପ୍ରଭୁଙ୍କ ରତ୍ନଭଣ୍ଡାରକୁ ସାଢ଼େସାତ ମହଣ ସୁନା ଦାନ କଲେ। ତା' ପରେ ଷୋଳଶାସନ ଓ ବତିଶ କରବାଡ଼ର ବ୍ରାହ୍ମଣମାନଙ୍କୁ ସାଢ଼େସାତ ମହଣ ସୁନା ଦାନ କଲେ। ଶେଷରେ ସେ ଶ୍ରୀକ୍ଷେତ୍ରରେ ରହି ଠାକୁରଙ୍କୁ ଆରାଧନା କରୁଥିବା ସାଧୁ, ସନ୍ଥ ଓ ମଠ ମହନ୍ତମାନଙ୍କୁ ସମାନ ଓଜନର ସୁନା ଦାନ କରିବାକୁ ଚାହୁଁଥିଲେ। କିନ୍ତୁ ସାଧୁ, ସନ୍ଥ ଓ ମହନ୍ତମାନେ ମହାପ୍ରଭୁଙ୍କ ବ୍ୟତୀତ ଅନ୍ୟ କାହାର କୃପାପ୍ରାର୍ଥୀ ହେବେ ନାହିଁ ବୋଲି ଦୃଢ଼ତାର ସହ ଜଣେଇ ଦେଲେ। ତେଣୁ ରାଜା ସେ ସୁନାକୁ ଶ୍ରୀକ୍ଷେତ୍ରକୁ ଆସୁଥିବା ଭକ୍ତମାନଙ୍କ ପାଇଁ ଅନ୍ନଛତ୍ର ଖୋଲିବା ଉଦ୍ଦେଶ୍ୟରେ ଏମାର ମଠର ମହନ୍ତଙ୍କୁ ଦାନ କଲେ ଏବଂ ନିଜେ ବଡ଼ଦାଣ୍ଡ କଡ଼ରେ ଏକ ଗୃହ ନିର୍ମାଣ କରି ବାସ କଲେ। ପ୍ରଥମେ ଅନ୍ନଛତ୍ର ରାଜାଙ୍କ ବସାପାଖରେ ଆରମ୍ଭ ହୋଇ ଅନେକ ଦିନ ପର୍ଯ୍ୟନ୍ତ ଚାଲିଲା। ତା' ପରେ ଏମାର ମଠପାଖରେ ଏକ ମଣ୍ଡପ ନିର୍ମାଣ କରାଯାଇ ଅନ୍ନଛତ୍ରକୁ ସେଠକୁ ସ୍ଥାନାନ୍ତର କରାଗଲା।

ବଡ଼ଦାଣ୍ଡରେ ନିର୍ମିତ ରିମା ରାଜାଙ୍କ ପ୍ରାସାଦ ପରବର୍ତ୍ତୀ କାଳରେ ଏକ ମଠରେ ରୂପାନ୍ତରିତ ହେଲା ଏବଂ ତାହା 'ରିମା ଛତ୍ର ମଠ' ଭାବରେ ଖ୍ୟାତ ହେଲା। ଏମାର ମଠର ମହନ୍ତଙ୍କ ତଦାରଖରେ ଏ ମଠ ପୂର୍ବେ ପରିଚାଳିତ ହେଉଥିବାରୁ ଏହା ଶ୍ରୀସଂପ୍ରଦାୟର ମଠ ଥିଲା। ଶୁଣାଯାଏ ଯେ ଏମାର ମଠର ମହନ୍ତ ଶ୍ରୀଗଦାଧର ରାମାନୁଜ ଦାସଙ୍କ ସମୟରେ କୌଣସି କାରଣରୁ ମଠର ଅନ୍ନଛତ୍ର ବନ୍ଦ ହୋଇଗଲା। ପରେ ଏହି ମଠ ଶ୍ରୀମନ୍ଦିର ପରିଚାଳନା ସମିତିକୁ ହସ୍ତାନ୍ତରିତ ହେଲା।

ମୋ: ୯୯୦୦୦୮୩୪୩୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ୮ ଛାତ୍ରୀଙ୍କୁ ଅସଦାଚରଣ ଘଟଣା
# ଶିକ୍ଷକ ଫେରାର୍; ପୋକ୍ସୋ ଆକ୍ଟରେ ମାମଲା

**ବାରିପଦା/ବେତନଟୀ,୨୯।୭(ସମିସ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ଏକ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନାବାଳିକା ଛାତ୍ରୀମାନଙ୍କୁ ଅସଦାଚରଣ କରିଥିବା ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ପ୍ରଧାନ ଶିକ୍ଷକଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ପୋକସୋ ଆକ୍ଟ ଅନୁଯାୟୀ (କେସ ନଂ ୩୮୦/୨୫)ରେ ରୁଜୁ କରି ତଦନ୍ତ ଜାରି ରଖିଛି। ତେବେ ନିଲମ୍ବିତ ଶିକ୍ଷକ ଫେରାର୍ ହୋଇଯାଇଥିବାରୁ ପୁଲିସ ଗିରଫ କରିପାରିନାହିଁ।

ସୂଚନାଯୋଗ୍ୟ, ୮ ଜଣ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଙ୍କୁ ଶିକ୍ଷକ ଶ୍ରୀ ମହାନ୍ତ କୋଳରେ ବସାଇ ଗେଲ କରିବା ଆଳରେ ଅସଦାଚରଣ କରୁଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଅଭିଭାବକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଶିକ୍ଷକଙ୍କୁ କୈଫିୟତ ତଲବ ଘଟଣା ଏବଂ ପୀଡ଼ିତା ଛାତ୍ରୀଙ୍କ ତଦନ୍ତ ଘଟଣା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଶିକ୍ଷୟିତ୍ରୀଙ୍କ ଅଭିଯୋଗକ୍ରମେ ବେତନଟୀ ବିଇଓ ୨୧ ତାରିଖରେ ୧୫ ଦିନିଆ ଅସ୍ଥାୟୀ ନିଲମ୍ବନ କରି ତଦନ୍ତ ଆଦେଶ ଦେଇଥିଲେ। ମାତ୍ର ଘଟଣାକୁ ଚପାଇବା ଉଦ୍ଦେଶ୍ୟରେ ବିଭାଗ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇ ନଥିଲା; ଯାହାକୁ ନେଇ ଦୈନିକ 'ସକାଳ'ରେ ଏକ ଖବର ପ୍ରକାଶ ପାଇବା ପରେ ଉପରୋକ୍ତ ପଦକ୍ଷେପ ନିଆଯାଇଛି। ପୁଲିସ ମଙ୍ଗଳବାର ସ୍କୁଲକୁ ଯାଇ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଛାତ୍ରୀଙ୍କ ବୟାନକୁ ରେକର୍ଡ କରିଛି। ତେବେ ପୂର୍ବରୁ ଏକାଧିକ ସ୍କୁଲରେ ଶିକ୍ଷକଙ୍କ ଏଭଳି କାର୍ଯ୍ୟକଳାପକୁ ନେଇ ବିଭାଗ ପକ୍ଷରୁ ବାରମ୍ବାର ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପୂର୍ବକ ଶିକ୍ଷକଙ୍କୁ ଗିରଫ ଓ ଚାକିରିରୁ ବହିଷ୍କାର କରିବାକୁ ବେତନଟୀ ବ୍ଲକ୍ ଜେଏମ୍‌ଏମ୍ ପକ୍ଷରୁ ଦାବି କରାଯାଇ ବିଇଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି।

# ନିଆଁରେ ପୋଡ଼ି ମହିଳା ମୃତ
### ହତ୍ୟା ଅଭିଯୋଗ ଆଣିଲେ ବାପଘର ଲୋକେ

**ଖଇରା, ୨୯।୭(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ଥାନା କୁପାରୀ ପଞ୍ଚାୟତ ଅଧୀନ କବର ହାତୀମୁଣ୍ଡା ଗ୍ରାମରେ ଜଣେ ବିଧବା ମହିଳା ନିଜ ଦେହରେ ନିଆଁ ଲଗାଇ ପ୍ରାଣ ହରାଇଛନ୍ତି।

ତାଙ୍କ ମୃତ୍ୟୁ ସାଧାରଣରେ ସନ୍ଦେହ ସୃଷ୍ଟି କରିଥିବା ବେଳେ ଭାଇ ସୁକାନ୍ତ ଖଇରା ଥାନାରେ ଦେଇଥିବା ଅଭିଯୋଗରେ ଭଉଣୀଙ୍କୁ ଶାଶୂଘର ଲୋକେ ପୋଡି ମାରିଦେଇଥିବା ଅଭିଯୋଗ କରିଛନ୍ତି। ନୀଳଗିରି ଏସଡିପିଓ ପ୍ରମୋଦ ମଲ୍ଲିକ ଓ ଖଇରା ଥାନା ଆଇଆଇସି ସୁଚନ୍ଦ୍ର ମହାଳିକ ଏକ ମାମଲା(୨୨୭/୨୫)ରୁଜୁ କରି ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହ ଘଟଣାରେ ସଂପୃକ୍ତ ଥିବା ସନ୍ଦେହରେ ମହିଳାଙ୍କ ଦିଅର ଗୋପାଳ ଚନ୍ଦ୍ର ରାଉତ ଓ ଶଶୁର କୈଳାସ ରାଉତ ଓ ଶାଶୂଙ୍କୁ ପୁଲିସ ଥାନାରେ ଅଟକ ରଖି ପଚରାଉଚରା କରୁଛନ୍ତି।

ଶାଳଗଡ଼ିଆ ଗ୍ରାମର ଅନନ୍ତ ଦାସଙ୍କ ଝିଅ କୁନି ୨୩ ବର୍ଷ ତଳେ ଉକ୍ତ କବର ଗ୍ରାମର ପ୍ରଫୁଲ୍ଲ ରାଉତଙ୍କୁ ବିବାହ କରିଥିଲେ। ଗତ ୨ବର୍ଷ ତଳେ ପ୍ରଫୁଲ୍ଲଙ୍କ ମୃତ୍ୟୁ ପରେ କୁନିଙ୍କ ମାନସିକ ଅବସ୍ଥା ଠିକ୍ ନଥିଲା। ବିଶେଷ କାମଦାମ କରିପାରୁ ନଥିବାରୁ ଶ୍ୱଶୁରଘର ଲୋକେ ନିର୍ଯାତନା ଦେଉଥିଲେ। ମଙ୍ଗଳବାର ସକାଳେ ଭଉଣୀ ପୋଡ଼ି ହୋଇ ଆତ୍ମହତ୍ୟା କରିଥିବା ନେଇ ଭାଇ ସୁକାନ୍ତଙ୍କୁ ଖବର ଦେବା ପରେ ସୁକାନ୍ତ ଖଇରା ଥାନାରେ ନ୍ୟାୟ ପାଇଁ ଆଶ୍ରୟ ନେଇଥିଲେ।

## ଅବଶିଷ୍ଟାଂଶ

### ସଂସଦରେ 'ସିନ୍ଦୂର'...

ଶିକ୍ଷା ଦିଆଯାଇଛି। ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ସେନାକୁ ପୂରା ସ୍ୱାଧୀନତା ଦିଆଯାଇଥିଲା। ଆମର ସେନା ଆତଙ୍କବାଦର ମାଷ୍ଟରମାଇଣ୍ଡକୁ ଏପରି ଜବାବ ଦେଇଛନ୍ତି ଯେ ସେମାନଙ୍କର ନିଦ ହଜିଯାଇଛି। ବିରୋଧୀ ଦଳଙ୍କୁ ଟାର୍ଗେଟ କରି ପ୍ରଧାନମନ୍ତ୍ରୀ କହିଲେ ଯେ ଆମର ସେନା ପାକିସ୍ତାନ ସହିତ ଲଢ଼େଇ କରୁଥିବା ବେଳେ ବିରୋଧୀ ନେତାମାନେ 'ଛିଛୋରାପନ'ରେ ମାତିଥିଲେ। ସେମାନେ ଜାତୀୟ ସୁରକ୍ଷାର ରାଜନୀତିକରଣ କରୁଥିଲେ। ସେ କହିଲେ ଯେ ବିରୋଧୀଙ୍କ ଏଭଳି ଆଚରଣ କେବଳ ଗଣମାଧ୍ୟମରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇପାରିବ। ସେମାନେ କେବେହେଲେ ଦେଶବାସୀଙ୍କ ହୃଦୟ ଜିଣିପାରିବେ ନାହିଁ। ଅପରେସନ ସିନ୍ଦୂରର ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଲେ ଯେ ସବୁଜ ସଙ୍କେତ ମିଳିବା ମାତ୍ରେ ଭାରତୀୟ ସେନା ଲକ୍ଷ୍ୟଭେଦି ଆକ୍ରମଣ କରି ୨୨ ମିନିଟ ମଧ୍ୟରେ ସଫଳତା ପାଇଥିଲେ। ଏପ୍ରିଲ ୨୨ ତାରିଖରେ ପହଲଗାମ ଆକ୍ରମଣ ପରେ ପାକିସ୍ତାନ ଜାଣିଥିଲା ଯେ ଭାରତ ଆକ୍ରମଣ କରିବ। ଏବଂ ଆମେ ଅପରେସନ ସିନ୍ଦୂର ମାଧ୍ୟମରେ ଆମର ଦୃଢ଼ ଇଚ୍ଛାଶକ୍ତିର ପ୍ରଦର୍ଶନ କରିଛୁ। ଭାରତ ପ୍ରମାଣ କରିଦେଇଛି ଯେ କୌଣସି ପରମାଣୁ ବ୍ଲାକମେଲିଂ ଆଗରେ ଭାରତ ମୁଣ୍ଡ ନୁଆଁଇବ ନାହିଁ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନର ସାମରିକ ପ୍ରତିଷ୍ଠାନ ଓ ଭିତ୍ତିଭୂମି ଭୀଷଣ କ୍ଷତିଗ୍ରସ୍ତ ହୋଇଛି। ସେମାନଙ୍କର ଅନେକ ବାୟୁସେନା ଘାଟୀ ଏବେ ଆଇସିୟୁରେ ରହିଛି ବୋଲି ସେ କହିଥିଲେ। ଏହା ଥିଲା ଟେକନୋଲୋଜି ଭିତ୍ତିକ ଯୁଦ୍ଧ। ଗତ ୧୦ ବର୍ଷ ମଧ୍ୟରେ ଆମେ ଏଥିପାଇଁ ପ୍ରସ୍ତୁତ କରିନଥିଲେ, ପାକିସ୍ତାନର ଏଭଳି ଅକଳ୍ପନୀୟ କ୍ଷତି ହୋଇନଥାଆନ୍ତା।

ଆଲୋଚନାରେ ଅଂଶଗ୍ରହଣ କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କଂଗ୍ରେସକୁ ଟାାର୍ଗେଟ କରିଛନ୍ତି। ପହଲଗାମ ଆକ୍ରମଣରେ କଂଗ୍ରେସ ନେତା ତଥା ପୂର୍ବତନ ସ୍ୱରାଷ୍ଟ୍ର ମନ୍ତ୍ରୀ ପି. ଚିଦମ୍ବରମ ପାକିସ୍ତାନକୁ କ୍ଲିନଚିଟ୍ ଦେଇଛନ୍ତି ବୋଲି ଉାାଲ୍ଲେଖ କରି ଶାହ କହିଲେ ଏଥିରେ ପାକିସ୍ତାନୀ ଆତଙ୍କବାଦୀ ସାମିଲ ଥିଲେ, ଏହାର ପ୍ରମାଣ ଆମ ପାଖରେ ରହିଛି। ପହଲଗାମ ଆକ୍ରମଣରେ ସଂପୃକ୍ତ ତିନି ଜଣ ଆତଙ୍କବାଦୀଙ୍କୁ ନିପାତ କରାଯାଇଛି। ସେ କହିଲେ ଯେ ଭାରତର ବିଭାଜନକୁ କଂଗ୍ରେସ ବିରୋଧ କରିଥିଲେ ଯେ ଆଜି ଆତଙ୍କବାଦୀ ହିଂସା ହୋଇନଥାଆନ୍ତା। ସେ କହିଲେ ଯେ ୧୯୪୮ରେ ପାକ୍ ଅଧିକୃତ କଶ୍ମୀରକୁ ପୁଣି ଦଖଲ କରିବା ଲାଗି ଭାରତୀୟ ସେନା ପ୍ରସ୍ତୁତ ଥିବା ବେଳେ ପ୍ରଧାନମନ୍ତ୍ରୀ ଜବାହର ଲାଲ ନେହରୁ ଏକତରଫା ଭାବେ ଅସ୍ତ୍ରବିରତି ଘୋଷଣା କରିଥିଲେ। ସେହିଭଳି ୧୯୭୧ରେ ପାକିସ୍ତାନର ୯୩ ହଜାର ସୈନ୍ୟ ଆତ୍ମସମର୍ପଣ କରିଥିଲେ ଏବଂ ପାକିସ୍ତାନର ୧୫ ହଜାର ବର୍ଗକିଲୋମିଟର ଭାରତର କବ୍ଜାରେ ଥିଲା। ତଥାପି ପାକ୍ ଅଧିକୃତ କଶ୍ମୀର ଦଖଲ କରାଗଲା ନାହିଁ। ସେ କହିଲେ ଯେ ୨୦୦୫ରୁ ୨୦୧୧ ମଧ୍ୟରେ ଭାରତରେ ୨୭ଟି ଆତଙ୍କବାଦୀ ଆକ୍ରମଣ ହୋଇଥିଲା। କିନ୍ତୁ ଏହାର ମୁକାବିଲା ଲାଗି ସେତେବେଳେ କଂଗ୍ରେସ ସରକାର କଣ କରିଥିଲା ବୋଲି ସେ ପ୍ରଶ୍ନ କରିଥିଲେ। ଏବେ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ କଲେ ଏହାର କଡ଼ା ଜବାବ ଦିଆଯାଉଛି।

ଅପରେସନ ସିନ୍ଦୂର ବେଳେ ପାକିସ୍ତାନର ମୁକାବିଲା କରିବାରେ ଭାରତ ସରକାରଙ୍କର ଇଚ୍ଛାଶକ୍ତିର ଅଭାବ ଥିଲା ବୋଲି ଅଭିଯୋଗ କରିଛନ୍ତି ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ। ଲୋକସଭାରେ ଏହି ପ୍ରସଙ୍ଗରେ ଚାଲିଥିବା ଆଲୋଚନାରେ ଭାଗ ନେଇ ରାହୁଲ କହିଲେ ଯେ ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡା ଉପରେ ଆକ୍ରମଣ କରିବା ଲାଗି ଭାରତୀୟ ବାୟୁସେନାକୁ ପଠାଯାଇଥିଲା, କିନ୍ତୁ ପାଇଲଟଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ଯେ ସେମାନେ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବେ ନାହିଁ। ଏହି କାରଣରୁ ଭାରତକୁ କିଛି ଜେଟ୍ ହରାଇବାକୁ ପଡ଼ିଲା। ଏହା ନିଜେ ଭାରତୀୟ ସାମରିକ ଅଧିକାରୀ ସ୍ୱୀକାର କରିଛନ୍ତି। ଅପରେସନ ସିନ୍ଦୂର ବେଳେ ପାକିସ୍ତାନକୁ ଭାରତ କାହିଁକି ଜଣାଇଥିଲା ଯେ ପାକିସ୍ତାନର ପ୍ରତିରକ୍ଷା ପ୍ରତିଷ୍ଠାନକୁ ଆକ୍ରମଣ କରାଯିବ ନାହିଁ। ଏହା ଆମର ଦୁର୍ବଳତା ଏବଂ ରାଜନୈତିକ ଇଚ୍ଛାଶକ୍ତିର ଅଭାବକୁ ଦର୍ଶାଉଛି। ଅପରେସନ ସିନ୍ଦୂର ବେଳେ ଭାରତୀୟ ସେନା ସଫଳତା ହାସଲ କରୁଥିବା ବେଳେ କଣ ପାଇଁ ଯୁଦ୍ଧବିରତି କରାଗଲା ବୋଲି ପ୍ରଶ୍ନ ଉଠାଇ ସେ କହିଲେ ଯେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ୨୯ ଥର କହିଲେଣି ଯେ ତାଙ୍କ ଯୋଗୁଁ ଯୁଦ୍ଧବିରତି ହୋଇଛି। ଯଦି ଟ୍ରମ୍ପ ମିଛ କହୁଛନ୍ତି, ତାହୋାଲେ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କୁ ମିଛୁଆ କାହିଁକି କହୁ ନାହାନ୍ତି ବୋଲି ରାହୁଲ ପ୍ରଶ୍ନ କରିଛନ୍ତି। ଅପରେସନ ସିନ୍ଦୂରକୁ ୧୯୭୧ ଯୁଦ୍ଧ ସହିତ ରାଜନାଥ ସିଂହଙ୍କ ତୁଳନାକୁ ବିରୋଧ କରି ରାହୁଲ କହିଲେ ଯେ ବାଂଲାଦେଶ ଯୁଦ୍ଧ ବେଳେ ପାକିସ୍ତାନର ବିଭାଜନକୁ ବିରୋଧ କରିବା ଲାଗି ଆାାମେରିକା ଏହାର ଯୁଦ୍ଧ ଜାହାଜ ଓ ଯୁଦ୍ଧ ବିମାନ ପଠାଇଥିଲା। କିନ୍ତୁ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏହାକୁ ଖାତିର ନକରି ପାକିସ୍ତାନକୁ ଦୁଇ ଭାଗ କରାଇଥିଲେ। ସେଭଳି ଇଚ୍ଛାଶକ୍ତି ଅପରେସନ ସିନ୍ଦୂର ବେଳେ ନଥିଲା। ଅପରେସନ ସିନ୍ଦୂର ପରେ ଭାରତର କୁଟନୀତିର ସମାଲୋଚନା ରାହୁଲ କହିଲେ ଯେ ଚୀନ ଓ ପାକିସ୍ତାନକୁ ଅଲଗା ରଖିବାରେ ଆମ ନୀତି ବିଫଳ ହୋଇଛି। ଅପରେସନ ସିନ୍ଦୂର ବେଳେ କେବଳ ଭାରତ କେବଳ ପାକିସ୍ତାନ ନୁହେଁ, ଚୀନ ସହ ମଧ୍ୟ ଲଢ଼ିଥିଲା।

ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧୀ କହିଲେ ଯେ ଗୁଇନ୍ଦା ବିଫଳତା ଯୋଗୁଁ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଘଟିଲା। ଏଥିପାଇଁ କେହି ନିଜ ଉପରକୁ ଦୋଷ ନେଉ ନାହାନ୍ତି କାହିଁକି। ନେହରୁ, ଇନ୍ଦିରା ଓ ସୋନିଆଙ୍କ ସଂପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଲେ, କିନ୍ତୁ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କାହିଁକି ହେଲା, ସେସଂପର୍କରେ କାହିଁକି ନିରବ ରହିଲେ ବୋଲି ପ୍ରିୟଙ୍କା ପ୍ରଶ୍ନ କରିଥିଲେ।

### ବ୍ୟାଙ୍କରେ ୬୭ ହଜାର...

ଟଙ୍କାର ଅଘୋଷିତ ଜମା ସହିତ ତୃତୀୟ ସ୍ଥାନରେ ଏବଂ କାନାରା ବ୍ୟାଙ୍କ ୬୨୭୮.୧୪ କୋଟି ଟଙ୍କାର ଅଘୋଷିତ ଜମା ସହିତ ତୃତୀୟ ସ୍ଥାନରେ ରହିଛି। ସେ କହିଛନ୍ତି ଯେ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକ ମଧ୍ୟରେ ଆଇସିଆଇସିଆଇ ବ୍ୟାଙ୍କରେ ସର୍ବାଧିକ ୨୦୬୩.୪୫ କୋଟି ଟଙ୍କାର ଅଘୋଷିତ ଜମା ଅଛି। ଏହା ପଛକୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କରେ ୧୬୦୯.୫୬ କୋଟି ଟଙ୍କାର ଅଘୋଷିତ ଜମା ଅଛି ଏବଂ ଆକ୍ସିସ୍ ବ୍ୟାଙ୍କରେ ୧୩୬୦.୧୬ କୋଟି ଟଙ୍କାର ଅଘୋଷିତ ଜମା ଅଛି। ଦାବି ନ ଥିବା ଜମା ରାଶି ପର୍ଯ୍ୟନ୍ତ ପ୍ରବେଶ ବୃଦ୍ଧି କରିବା ଏବଂ ସନ୍ଧାନ ପ୍ରକ୍ରିୟାକୁ ସରଳ କରିବା ପାଇଁ, ଆର୍‌ବିଆଇ ଜନସାଧାରଣଙ୍କ ପାଇଁ ଏକ କେନ୍ଦ୍ରୀୟ ୱେବ୍ ପୋର୍ଟାଲ୍ 'ଉଦ୍‌ଗମ୍' ଆରମ୍ଭ କରିଛି। ଉକ୍ତ ପୋର୍ଟାଲ୍ ପଞ୍ଜିକୃତ ଉପଭୋକ୍ତାମାନଙ୍କୁ ଏକାଧିକ ବ୍ୟାଙ୍କରେ କେନ୍ଦ୍ରୀୟ ଭାବରେ ଏକ ସ୍ଥାନରେ ଅଘୋଷିତ ଜମା/ରାଶି ପରିମାଣ ଖୋଜିବାର ସୁବିଧା ପ୍ରଦାନ କରେ।

### କେଉଁଠି ରଖିବେ...

ଆଲୋଚନା କରିବା ସହ ଏଫସିଆଇ ଦ୍ୱାରା ଚାଉଳ ସ୍ଥାନାନ୍ତରକୁ ତ୍ୱରାନ୍ୱିତ କରିବାକୁ ଅନୁରୋଧ କରିଛନ୍ତି। ଖରିଫ ଓ ରବି ଫସଲ ସମେତ ରାଜ୍ୟର ବ୍ୟବହାର ପରେ ବଳକା ୧୨ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉଠାଇବାକୁ ସେ କେନ୍ଦ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଫସିଆଇର ମନମାନିକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ନିକଟରେ ଉପମୁଖ୍ୟମନ୍ତ୍ରୀଙ୍କ ଫେରାଦ ଓଡ଼ିଶା ପ୍ରତି କେନ୍ଦ୍ରର ଅବହେଳାକୁ ପରୋକ୍ଷରେ ସ୍ପଷ୍ଟ କରିଛି।

କେନ୍ଦ୍ର ସରକାର ତଥା ଏଫସିଆଇର ମନମାନି କରାଣରୁ ରାଜ୍ୟ ସରକାର ଦୋଛକିରେ ପଡ଼ିଛନ୍ତି। ଇନପୁଟ ସବସିଡି ସହ ଧାନର ଏମଏସପି ୩୧୦୦ ଟଙ୍କା ଘୋଷଣା କରିବା ପରେ ସରକାରଙ୍କୁ ଧାନ ବିକିବା ପାଇଁ ଚାଷୀମାନେ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାଯୋଗୁଁ ଗତ ଖରିଫରେ ସରକାର ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଥିବା ସରକାର ଦାବି କରିଥିଲେ। ମାତ୍ର ଏବେ ଏଫସିଆଇ ଚାଉଳ ଉଠାଉ ନଥିବାରୁ ଆସନ୍ତା ଖରିଫରେ ଚାଷୀଙ୍କଠାରୁ ଧାନ କିଣି ସରକାର କଣ କିଣିବେ, ସେନେଇ ଚିନ୍ତା ପ୍ରକାଶ ପାଇଲାଣି। ଅତଏବ ଚାଷୀଙ୍କ ଠାରୁ କମ୍ ଧାନ କିଣିବା ପାଇଁ ରାଜ୍ୟ ସରକାର ଚାଷୀ ପଞ୍ଜୀକରଣ, ଇ-କେୱାଇସି ପରି ଜଟିଳ ପନ୍ଥା ଆପଣେଇଛନ୍ତି ବୋଲି ଚାଷୀ ନେତାଏ ସନ୍ଦେହ ପ୍ରକାଶ କରୁଛନ୍ତି। ଅତୀତରେ ବିଜେଡି ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇଥିଲା, ଦଳୀୟ ସାଂସଦମାନେ ଏହି ପ୍ରସଙ୍ଗ ସଂସଦରେ ଉଠାଇଥିଲେ। ମାତ୍ର ଏବେ ରାଜ୍ୟରୁ ନିର୍ବାଚିତ ୨୦ ସାଂସଦ ଏହି ପ୍ରସଙ୍ଗକୁ ନେଇ ନିରବ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦଳର ସାଂସଦମାନେ ଏହାକୁ ସଂସଦରେ କାହିଁକି ଉଠାଉ ନାହାନ୍ତି ବୋଲି ରାଜ୍ୟର ଚାଷୀମାନେ ପ୍ରଶ୍ନ କରିଛନ୍ତି।

### ଚଷମାରେ ଗୁପ୍ତ...

ଶ୍ରୀମନ୍ଦିର ଭିତରେ ବୁଲୁଥିଲେ। ତେବେ ସେ ଫଟୋ କ୍ୟାପ୍‌ଚର କରୁଥିବା ପୁଲିସର ସନ୍ଦେହ ହୋଇଥିଲା। ବେହରଣ ଦ୍ୱାର ନିକଟରେ ପୁଲିସ ତାଙ୍କୁ ଅଟକାଇବା ପରେ ସିଂହଦ୍ୱାର ଥାନାକୁ ଆଣିଥିଲା। ସେଠାରେ ସମ୍ପୃକ୍ତ ଯୁବକଙ୍କୁ ପଚରାଉଚରା କରାଯିବା ସହ ତାଙ୍କ ଚଷମାକୁ ଯାଞ୍ଚ କରାଯାଇଥିଲା। ସେଥିରେ ଫଟୋ କ୍ୟାପ୍‌ଚର କରିଛନ୍ତି କି ନାହିଁ, ସେନେଇ ଖୋଳତାଡ଼ କରିଥିଲା ପୁଲିସ। ଯୁବକଜଣଙ୍କ ଅଣ୍ଡରଟେକିଂ ଲେଖି ଦେବା ପରେ ପୁଲିସ ତାଙ୍କୁ ଛାଡ଼ିଥିଲା।

ଏଠାରେ ପ୍ରଶ୍ନ ଉଠୁଛି, ସେହି ଗୁପ୍ତ କ୍ୟାମେରାରେ ସେ ଶ୍ରୀମନ୍ଦିରର ଫଟୋ ଉଠାଇଛନ୍ତି ନା ନାହିଁ? ଏ ସଂକ୍ରାନ୍ତରେ ପୁଲିସ କିଛି ସ୍ପଷ୍ଟ ସୂଚନା ଦେଇ ନଥିବା ବେଳେ ଯୁବକଙ୍କୁ ଛାଡ଼ି ଦିଆଯିବା ନେଇ ଉଠିଛି ପ୍ରଶ୍ନ। ଅନ୍ୟପକ୍ଷରେ ସମ୍ପୃକ୍ତ ଯୁବକ ନୂତନ ଜିଲ୍ଲାପାଳ ଦେବ ଜ୍ୟୋତି ପରିଡ଼ାଙ୍କ ସହିତ ଉଠାଇଥିବା ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ବେଳେ ଏହାକୁ ନେଇ ନାନା ଚର୍ଚ୍ଚା ଚାଲିଛି।

ଅନ୍ୟପକ୍ଷରେ ଏଏସ୍‌ଆଇ ସୋସିଆଲ ମିଡିଆ ପେଜ୍‌ରେ ଶ୍ରୀମନ୍ଦିର ଭିତର ଫଟୋ ପୋଷ୍ଟ ହେବା, ଭିଆଇପି ଦର୍ଶନ ପାଇଁ ସ୍ଲଟ୍ ବୁକିଂ ଏବଂ ଚଷମାରେ ହିଡେନ୍ କ୍ୟାମେରା ଲଗାଇ ମନ୍ଦିରକୁ ଯିବା ପ୍ରସଙ୍ଗରେ ମଙ୍ଗଳବାର ପ୍ରତିକ୍ରିୟା ରଖିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି, ମନ୍ଦିର ପ୍ରଶାସନକୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଯେତେ କଠୋର ପଦକ୍ଷେପ ଆବଶ୍ୟକ, ମନ୍ଦିର ପ୍ରଶାସନ ନେଇପାରିବେ। ଏହାସହ ନୀତିକାନ୍ତି ବିଳମ୍ବ ହେବା ଉପରେ ମଧ୍ୟ ମନ୍ଦିର ପ୍ରଶାସନ ତର୍ଜମା କରୁଛି। ସେ ଦିଗରେ ମଧ୍ୟ ତୁରନ୍ତ ପଦକ୍ଷେପ ନିଆଯିବ।

### ସ୍ତ୍ରୀ, ଶାଶୂଙ୍କୁ ମାରି...

ଅନୁମାନ କରୁଛି। ସେମାନଙ୍କୁ ଧରିବା ପାଇଁ ପୁଲିସ୍ ଦେବାଶିଷକୁ ପଚରାଉଚରା ଚଳାଇଛି। ଏହି ଘଟଣା ଆଜି ଜିଲ୍ଲାବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁଯାୟୀ, ପାରିବାରିକ କଳହ ଯୋଗୁ ସୋନାଲି ସ୍ୱାମୀ ଦେବାଶିଷଙ୍କୁ ଛାଡ଼ି ନିଜ ଘରେ ରହୁଥିଲେ। ଗତ ୧୨ ତାରିଖରେ ସୋନାଲି ତାଙ୍କ ମା' ସୁମତାଙ୍କ ସହ ଦେବାଶିଷଙ୍କ ଘରକୁ ଆସିଥିଲେ। ହେଲେ ଗତ ୧୭ ତାରିଖ ଦିନଠାରୁ ତାଙ୍କର ଆଉ ଖୋଜଖବର ମିଳି ନ ଥିଲା। ଏ ସଂପର୍କରେ ସୋନାଲିଙ୍କ ଭଉଣୀ ଦୁହିଁଙ୍କ ନିଖୋଜ ନେଇ କୁଳିଅଣା ଥାନାରେ ଅଭିଯୋଗ କରିଥିଲେ। ବହୁ ତଦନ୍ତ ପରେ ମଧ୍ୟ କାହାରି ସନ୍ଧାନ ନ ମିଳିବାରୁ ଆଜି ପୁଲିସ ଦେବାଶିଷ ଘରେ ପହଞ୍ଚି ତନଘନା କରିଥିଲା। ପ୍ରଥମେ ପ୍ରଥମେ ପୁଲିସ୍‌କୁ ଏଣ୍ଡୁତେଣୁ କହି ଦେବାଶିଷ ଫାଙ୍କିଥିଲା। କିନ୍ତୁ ପରେ ପୁଲିସ୍‌ର ନାଲି ଆଖି ଦେଖି ସତ ଓଗାଳିଥିଲା। ଗତ ୧୫ତାରିଖରେ ସେ ସ୍ତ୍ରୀ ଓ ଶାଶୂଙ୍କୁ ପଥରରେ ଛେଚି ହତ୍ୟା କରିବା ପାରେ ମାଟି ତଳେ ପୋତି ଦେଇଥିବା ପୁଲିସ୍ ଆଗରେ ସ୍ୱୀକାର କରିଥିଲା ଦେବାଶିଷ। ପରେ ପୁଲିସ୍ ଗାତ ଖୋଳି ଲେମ୍ବୁବାଡ଼ିରୁ ଉଭୟଙ୍କ ମୃତଦେହ ଉଦ୍ଧାର କରିଥିଲା।

### ମୟୂରଭଞ୍ଜରେ ପ୍ରତିଷ୍ଠା...

ମଧ୍ୟରୁ ୩ ଲକ୍ଷ ୧ ହଜାର ୫୦୦ ହେକ୍ଟର ଜମି ଚାଷ ଉପଯୋଗୀ। ସେଥିମଧ୍ୟରୁ ୨ଲକ୍ଷ ୯୫ହଜର ୭୦୦ ହେକ୍ଟର ଜମିରେ ଚାଷ କରାଯାଏ। ଏଥିମଧ୍ୟରୁ ୯୯ ହଜାର ହେକ୍ଟରରେ ଧାନ ଚାଷ ହେଉଥିବା ବେଳେ ୧ ଲକ୍ଷ ୮ ହଜାର୨୮୦ ହେକ୍ଟର ଜମିରେ ଅଣଧାନ ଚାଷ କରାଯାଏ। ଜିଲ୍ଲାରେ ମୋଟ ଜମିରୁ ୧ଲକ୍ଷ୨ ହାର୬୮୫ ହେକ୍ଟର ଜମି ଖରିଫ ଋତୁରେ ଓ ରବି ଋତୁରେ ୮୭ ହଜାର ୨୮୦ ହେକ୍ଟର ଜମିରେ ବିଭିନ୍ନ ଜଳଉତ୍ସ ମାଧ୍ୟମରେ ଜଳସେଚନ ହେଉଛି।

---

"e" Tender Notice — i-248

PANCHAYAT SAMITI, BALIANTA

E-mail- ori-balianta@nic.in

No.2696/ Date 28.07.2025

DETAIL TENDER CALL NOTICE NO. 02/PSB/2025-26

1. Number of Civil works : 07 (Seven)
2. Estimated Cost : Rs 1167306/- to 2213248/-
3. Period of completion : 03(Three) to 04(Four) Calender Months
4. Availability of Tender online for biding: 31.07.2025 at 11.00 AM to 16.08.2025 up to 5.00 P.M.
5. Last Date /Time of seeking Tender Clarification: 16.08.2025 up to 5.00 P.M.
6. Date & time of opening of Tender: 18.08.2025 at 11.00 A.M.
7. Further the details can be seen from the web site(http://www.tenderodisha.gov.in)

Block Development Officer, Balianta

OIPR-19265/11/0007/2526

---

IDBI BANK — ଆଇଡିବିଆଇ ବ୍ୟାଙ୍କ୍ ଲିଃ. ଖଣ୍ଡଗିରି ଶାଖା, ଭୁବନେଶ୍ୱର, ପିନ୍-୭୫୧୦୩୦

CIN: L65190MH2004GOI148838

**ସର୍ବସାଧାରଣ ନୋଟିସ୍**

ଆମ୍ଭେ **ମେସର୍ସ ମା ସି ଫିସ୍ ଟ୍ରେଡିଙ୍ଗ୍ ଆଣ୍ଡ ସପ୍ଲାୟର୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ପ୍ରଶାନ୍ତ କୁମାର ଗୁରୁ ଏବଂଏବଂ ବନ୍ଧକଦାତା ତଥା ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୁଷମା ରାଣୀ ଗୁରୁଙ୍କ** ଏନ୍‌ପିଏ (NPA) ଋଣ ଆକାଉଣ୍ଟ ନିମନ୍ତେ ବନ୍ଧକ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୯୯/୧୧୧୩, ଖାତା ନଂ.: ୬୭, ପରିମିତ କ୍ଷେତ୍ର: ଏକର୦.୦୪୬ଡିସିମିଲି, ମୌଜା: ଅରୁଣୋଦୟ ନଗର, ୟୁନିଟ୍-୩୮, ତହସିଲ/ଏସ୍‌ଆରଓ: କଟକ, ଥାନା: ମଧୁପାଟଣା, ଥାନା ନଂ.: ୫, ଜିଲ୍ଲା: କଟକ, ରାଜ୍ୟ: ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅଶୋକ ସାହୁ, ଦକ୍ଷିଣ: ରାସ୍ତା,ପୂର୍ବ: ବିରା ଗୁରୁ ଏବଂ ପଶ୍ଚିମ: ନାରାୟଣ ଗୁରୁ ତାହାକୁ ସରଫେଶୀ ଆକ୍ଟ, ୨୦୦୨ ଅନୁସାରେ ଜିଲ୍ଲା ମାଜିଷ୍ଟ୍ରେଟ, ଖୋର୍ଦ୍ଧାଙ୍କ ଆଦେଶ ପ୍ରାପ୍ତ କରି କଟକ ପୋଲିସ୍‌ଙ୍କ ସହାୟତାରେ **ତା.୧୮.୦୫.୨୦୨୨**ରିଖରେ ଭୌତିକ (Physical) ଦଖଲ ନେଇଛୁ। ଉପର ଦର୍ଶିତ ଗୃହରେ କିଛି ଘରୋଇ ବ୍ୟବହୃତ ଦ୍ରବ୍ୟ ଥିବାର ଆମ୍ଭ ଦୃଷ୍ଟିକୁ ଆସିଛି ଏବଂ ଆମ୍ଭେ ସଂପୃକ୍ତ ପକ୍ଷମାନଙ୍କୁ ସେଗୁଡିକୁ ନେଇଯିବାକୁ ଜଣାଇ ଦେଇଥିଲୁ କିନ୍ତୁ ସଂପୃକ୍ତ ପକ୍ଷମାନେ କିମ୍ବା ସେମାନଙ୍କର ପ୍ରତିନିଧି ବର୍ତ୍ତମାନ ସୁଦ୍ଧା ଉକ୍ତ ଦ୍ରବ୍ୟଗୁଡିକୁ ନେଇ ନାହାଁନ୍ତି। ତେଣୁ ଆମ୍ଭେ ସଂପୃକ୍ତ ପକ୍ଷମାନଙ୍କୁ ଜଣାଇ ଦେଉଛୁ କି ସେମାନେ ଉପର ଦର୍ଶିତ ଗୃହରୁ ସେମାନଙ୍କର ଦ୍ରବ୍ୟଗୁଡିକୁ ନିମ୍ନ ସ୍ୱାକ୍ଷରକାରୀଙ୍କଠାରୁ ଏହି ନୋଟିସ୍ ପ୍ରକାଶନର **୧୫ ଦିନ** ମଧ୍ୟରେ ନିଅନ୍ତୁ ଅନ୍ୟଥା କୌଣସି ଦାବୀ ପକ୍ଷମାନଙ୍କ ତରଫରୁ ନାହିଁ ବୋଲି ବ୍ୟାଙ୍କ ବିବେଚନା କରିବ ଏବଂ ଆଇନ ଅନୁସାରେ ଉକ୍ତ ଦ୍ରବ୍ୟଗୁଡିକର ଫଏସଲା ନିମନ୍ତେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ।

**କ୍ଷମତାପ୍ରାପ୍ତ ଅଧିକାରୀ**

---

O-488

Government of Odisha
Office of the Superintending Engineer
Rural Works Division-I, Nabarangpur.
e-mail-eerwngp@rediffmail.com

Letter No. 4144 — Date 21.07.2025

e-Procurement Notice

Name of the work :- Building Works
Total No. of works :- 29 (Twenty Nine) No's.
Approx. Estimated Cost :- Rs. 2.54 lakhs to Rs. 08.47 lakhs
Class of Contractor :- "C" & "D" Class Contractor
Period of completion :- 02 (Two) Calender Month

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | 4 | | 6 | |
| Rural Works Division-I, Nabarangpur | EERWNGP – Online -04/2025-26 | 29 (Twenty Nine) No's. | 01.08.2025 at 10.00 AM | 11.08.2025 up to 03.00 PM | 12.08.2025 at 11.00 AM | |

For Details can be seen from the Government website www.tendersorissa.gov.in

Superintending Engineer, Rural Works Division-I, Nabarangpur

OIPR-25092/11/0019/2526

---

O-508 — e-mail – serwsbd2003@yahoo.com

*GOVERNMENT OF ODISHA*
*OFFICE OF THE CHIEF CONSTRUCTION ENGINEER*
*RURAL WORKS CIRCLE, SUNABEDA*

No. 2647 — Dt. 28.07.2025

1st corrigendum

In continuation to this office Bid Identification No- CCERWCSBD Online-07/2025-26 invited vide this office Notice No.2306 Dtd. 03.07.2025, partial modification of TCN has been made as follows:-

| Sl No | Item | Time Schedule as per original TCN | Time Schedule as per Corrigendum notice |
|---|---|---|---|
| 1 | Availability of Tender online for bidding | 10.07.2025 at 11.00 AM to 30.07.2025 up to 5.00 Pm | Extended up to 14.08.2025 5.00 Pm |
| 2 | Date and Time of seeking tender clarification if any | 29.07.2025 up to 2.00 PM | 13.08.2025 up to 2.00 PM |
| 3 | Date & Time of opening of tender (Technical Bid) | 31.07.2025 at 11.00 AM | 16.08.2025 at 11.00 AM |
| 4 | Date & Time of opening of tender (Price Bid) | Will be intimated later on to the successful bidders | Will be intimated later on to the successful bidders |

* Estimated Cost : Varies from Rs.73.95 Lakhs to Rs. 283.61 Lakhs (Approximately) **is revised as Varies from Rs.70.33 Lakhs to Rs.299.10 Lakhs (Approximately).**

All other terms and conditions will remain unaltered.

Chief Construction Engineer, Rural Works Circle, Sunabeda

OIPR-25182/11/0068/2526

---

C-748

**GOVERNMENT OF ODISHA**
**OFFICE OF THE EXECUTIVE ENGINEER,**
**PUBLIC HEALTH DIVISION, RAYAGADA.**
**e-mail: -eephd.rgda.od@od.gov.in,eephdrgda@gmail.com**

NATIONAL COMPETITIVE BIDDING THROUGH e-Procurement

INVITATION FOR BIDS (IFB) NO.EEPHDRAYAGADA-17/2025-26 DT.25.07.2025

| Sl No. | Name of the work | Bid identification No. | Estimated Cost (Rs. In Lakh) | Class of Contractor | Period of Completion | Availability of Bid Document for Online Bidding | |
|---|---|---|---|---|---|---|---|
| | | | | | | From | To |
| 1. | Supply & Installation of Flow Meter at Intake Well and different Pump House at Rayagada. | EEPHDRAYAGADA-17/2025-26 Dtd.25.07.2025 | 20.01 | "C" & "B" Class | 02 (Two Months) | 04.08.2025 (11.00 Hr) | 13.08.2025 (17.00 Hr) |

Name & Address of Officer Inviting Bid: **Executive Engineer, P.H. Division, Rayagada.**
Email: eephd.rgda.od@od.gov.in, eephdrgda@gmail.com

- Further details can be seen from the e-Procurement portal "https://www.tendersorissa.gov.in".
- **All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.**

Executive Engineer, P.H. Division, Rayagda

OIPR-13052/11/0031/2526

---

**AFFIDAVIT**

I, Pradeep Jena, S/o- Dayanidhi Jena, Resident of At-Rahangiria, PO-Biraharekrushnapur, PS-Puri Sadar, Dist-Puri, Odisha 752002, declare by the affidavit No.417 dtd.-23/07/2025 that now onwards I shall be known as **PRADIP KUMAR JENA** for all future purposes.

**AFFIDAVIT**

I, Joyti Ranjan Sharma, S/o-Chandrika Sharma, resident of Bharatpur Plot No - 1729, Khandagarigi, Khordha, Odisha 751003, declare by the affidavit No.22088 dtd.- 16/08/2019 that now onwards I shall be known as ***Jyoti Ranjan Sharma*** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, At-Narasinghpur, dated- 28.07.2025. I, Bisarada Sahoo of Village - Hinjalkhal, Po-Zillinda, Ps-Jodum, Dist-Cuttack declare that I have changed the name of my minor Daughter name from Dipanjali Sahoo to Dipa Sahoo. Henceforth, she shall be known as **Dipa Sahoo** for all purposes.

**AFFIDAVIT**

**I, Purnachandra Nayak Sunksal, S/o Pranabandhu Nayak, resident of Village at - Kunchi, Kurvenagar, Gulli No-8, Behind Kalina church santacruz east Mumbai, Moharastra, Pin - 400029 declare by this affidavit No-7538, dtd. 28.07.2025 that now onwards I shall be known as PURNACHANDRA NAYAK for all future purposes.**

**Sd- PURNACHANDRA NAYAK**

**AFFIDAVIT**

By virtue of an affidavit before Executive Magistrate, Bargarh, bearing affidavit no.- 170 dtd. 30.5.2025, I Smt. Astami Bishi, W/o- Sri Saroj Kumar Bishi, resident of Vill.- Katurkata, Po.- Vijayapalli, Via- Tulandi, Ps.- Tahasil- Barpali, Dist.- Bargarh state that, my daughter's actual name **Smita Rani Bishi**, **D.O.B-13/01/2017**, but in her Aadhaar Card her name has been wrongly mentioned as Sweta Rani Bishi. henceforth she will be known as **Smita Rani Bishi** for all purposes.

**AFFIDAVIT**

I, Sayed Abdullah Shamsher, S/o- Sayed Ale Murtaza, Resident of At-Azad Mohalla, Nala Road, Rourkela, Dist- Sundargarh, Pin-769001, Odisha declare by this Affidavit No. 91, Dated 28.07.2025, that now onwards I shall be known as **SAYED ABDULLAH SHAMSHER MURTAZA** for all future purposes.

**CHANGE OF NAME**

By virtue of an affidavit before Executive Magistrate, Khordha, bearing affidavit no.1493, dtd.30.05.2025, I Radharani Dalei, W/o- Narayan Dalei, resident of Vill./Po.- Badatota, Ps.- Jatni, Dist.- Khordha, Odisha, Pin-752050 state that, I have changed my minor son's name from **Suresh Dalei** to **Suraj Dalei**. Henceforth he will be knwn as **Suraj Dalei** for all future purposes.

**AFFIDAVIT**

I , RUBITA PARIDA, D/o- Ramesh Chandra Parida, At- Singhol, Po-Khalarda, P.s- Cuttack Sadar, Dist- Cuttack , Pin -753011, Odisha declared by this affidavit No. 7942, dated 28/07/25 that now onwards I shall be known as **Rubita Parida** for all future purposes.

**AFFIDAVIT**

**I, Priya Purnachandra Nayak, W/o Purnachandra Nayak, resident of Village at - Bania, Po- Aruha, Ps- Basudevpur, Dist- Bhadrak, Odisha, Pin - 756168 declare by this affidavit No- 7537, dtd. 28.07.2025 that now onwards I shall be known as PRIYA NAYAK for all future purposes.**

**Sd- PRIYA NAYAK**

---

## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/25-26/E-Tender/48,ତା.24.07.2025ରିଖ

(1) ଟେଣ୍ଡର ସଂ.eTender-EastKUR-169-2025,ତା.17.07.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ମଣ୍ଡଳ ଯନ୍ତ୍ରୀ (ପୂର୍ବ) ସେକ୍ସନ ଅଧୀନସ୍ଥ ବିଭିନ୍ନ ୟାର୍ଡ଼ଗୁଡ଼ିକରେ **3.675** କି.ମି. ନିମନ୍ତେ **TRR(S)** ଏବଂ **4.46** କି.ମି. ଲୟ ନିମନ୍ତେ **CTR(S)** ର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 188.53 ଲକ୍ଷ, EMD (ଟଙ୍କାରେ) : **2,44,300/-**।

(2) ଟେଣ୍ଡର ସଂ.eTender-SouthKUR-168-2025,ତା.17.07.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଛତ୍ରପୁର-ପଲାସା ସେକ୍ସନର ବିଭିନ୍ନ ୟାର୍ଡ଼ଗୁଡ଼ିକରେ **5.337** କି.ମି. ଲୟ ନିମନ୍ତେ **CTR(S)** ର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 172.47 ଲକ୍ଷ, EMD (ଟଙ୍କାରେ) : **2,36,200/-**।

(3) ଟେଣ୍ଡର ସଂ.e-TenderSouthKUR-167-2025,ତା.16.07.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବାଲୁଗାଁ ଏବଂ ବ୍ରହ୍ମପୁରମ୍ ଠାରେ **TRD** କାରଖାନା ତଥା ମଡେଲ **OHE**କୁ ସ୍ଥାନ ଯୋଗାଇ ଦେବା ପାଇଁ **OHE** ଏବଂ **PSI** ଡିପୋଗୁଡ଼ିକର ଉନ୍ନତିକରଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 170.14 ଲକ୍ଷ, EMD (ଟଙ୍କାରେ) : **2,35,100/-**।

ଶେଷ ହେବା ଅବଧି : **12** ମାସ (କ୍ରମ ସଂ.1 ଏବଂ 2 ପାଇଁ) ତଥା **10** ମାସ(କ୍ରମ ସଂ.3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.**08.08.2025** ରିଖ **1500** ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ୍), ଖୋର୍ଦ୍ଧା ରୋଡ଼

PR-409/Q/25-26

**AFFIDAVIT**

By virtue of an affidavit sworn before the Executive Magistrate, Athgarh, dated- 15.07.2025 I Laxmi Narayan Pattanayak of village- Radhadarsanpur, Po-Khuntakata Ps- Athagarh, Dist-Cuttack declare that I have changed the name of my minor Son name from Ram Narayan Pattanayak to Rama Narayan Pattanayak. Henceforth, he shall be known as **Rama Narayan Pattanayak** for all purposes.

**NOTICE (FOR MINOR)**

By virtue of an affidavit sworn before Executive Magistrate, Bhubaneswar, dated 21/07/2025. I, **Sthitapragyan Routray,** Address: B1-111, G.A. Colony, Bharatpur, P.O.- Bharatpur, P.S.- Bharatpur, Bhubaneswar, Dist-Khordha, PIN- 751003, Odisha, declare that I have changed the name of my daughter from **Vanshika Routray to Vanshika P Routray.** Henceforth, she shall be known as **Vanshika P Routray** for all purposes.

**Sthitapragyan Routray**

**AFFIDAVIT**

By virtue of an affidavit sworn before the Executive Magistrate, Ranapur, I **Madhab Chandra Parida**, aged 53 yrs, resident of Vill/Po- Gopalpur, Ps- Ranapur, Dist-Nayagarh, Odisha declared that my son name has been mentioned as **Ritesh Parida** in school record and my name has been mentioned as **Madhab Parida** in Aadhar Card vide No: 9505 8804 4506 my son name has been mentioned as **Hitesh Parida** and my name has been mentioned as **Nirmal Parida**, My sons correct name is **Ritesh Parida** and my correct name is **Madhab Chandra Parida**. Henceforth both name **Ritesh Parida** and **Hitesh Parida** are same and one person and my correct name is **Madhab Chandra Parida** instead of **Nirmal Parida**, my son will be known as **Ritesh Parida** for all future purposes.

**Madhab Chandra Parida**

**AFFIDAVIT**

I, Shailendra Kumar Jain, aged about 51 years, S/o-Tek Chand Jain, resident of Main Road, Kantabanji, Po- Kantabanji, Ps-Kantabanji, Dist- Balangir, Odisha, Pin- 767039 declare by this affidavit No. 1491, dtd. 29/07/2025, that now onwards I shall be known as **SAILENDRA JAIN** for all future purposes

**AFFIDAVIT**

By virtue of an affidavit before The Notary Public, Titilagarh, on dated- 28/07/2025. I, **Bijay Kumar Goel,** aged about 54 years, S/o- Late Chamrulal Agrawal, permanent resident of At- Raghunathpada, Titilagarh, PO- Titilagarh, PS- Titilagarh, Dist- Balangir (Odisha) affirm that, my actual name is **Bijay Kumar Goel,** which has been reflected in the Aadhar Card vide No. 5843 0099 9477 and other relevant document, but in the School Certificate of my daughter namely **Komal Goel** deponent's name has been mentioned as **Bijay Goel** instead of **Bijay Kumar Goel.** Henceforth, both the names **Bijay Goel** and **Bijay Kumar Goel** is same and one person.

**Bijay Kumar Goel**

**ଜମିପଟ୍ଟା ହଜିଛି**

ମୁଁ ଶ୍ରୀ ପ୍ରତାପ ଗର୍ଡିଆ (୩୮) ,ପିତା - ନବୀନ ଚନ୍ଦ୍ର ଗର୍ଡିଆ , ଗ୍ରାମ - ଧୁତରା , ପୋ.-ଅର୍ଡା , ଥାନା-ଲଇକେରା , ଜିଲ୍ଲା - ଝାରସୁଗୁଡା ,ଓଡ଼ିଶାର ନିବାସୀ ଅଟେ। ମୁଁ ଗତ ତାରିଖ ୨୩ ଜୁଲାଇ ୨୦୨୫ , ବୁଧବାର ଦିନ ସକାଳ ୧୦ . ୩୦ ନିଜ ଗ୍ରାମ ଧୁତରାରୁ କିର୍ମିରାକୁ ଯାଉଥିବା ବେଳେ ନଂ.୭୪୭/୪୭୯୫ , ମୌଜା- ଝାରସୁଗୁଡ଼ା , ସତ୍ୟନଗର , ବାଲିଯୋରୀ, ୟୁନିଟ-୨ ନିଜସ୍ୱ ଜମିପଟାଟି ହଜିଯାଇଛି। କେହି ସହୃଦୟ ବ୍ୟକ୍ତିଙ୍କ ନଜରରେ ଆସିଲେ ମୋ ମୋବାଇଲ ନଂ. ୭୫୪୦୯୪୩୪୬୪ ଯୋଗାଯୋଗ ପାଇଁ ଅନୁରୋଧ।

# ଡି ଡି ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚର ଗଣଧାରଣା ଆରମ୍ଭ

କେନ୍ଦୁଝର,୨୯।୭(ସମିସ)



ପୂର୍ବ ନିର୍ଦ୍ଧାରିତ ଘୋଷଣା ମୁତାବକ ଆଜିଠାରୁ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ତରଫରୁ କେନ୍ଦୁଝର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ତିନି ଦିନିଆ ଗଣ ଧାରଣା ଆରମ୍ଭ ହୋଇଛି। ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବ ସ୍ଥିତି ଫେରାଇ ଆଣିବାକୁ ଆଜିଠାରୁ ୩୧ ତାରିଖ ଯାଏ ଏହିପରି ଗଣଧାରଣା ପ୍ରତିବାଦ ଚାଲିବ ବୋଲି କଲେଜ ସୁରକ୍ଷା ମଞ୍ଚ ଆବାହକ ଚକ୍ରଧର ସାହୁ କହିଛନ୍ତି। ପୂର୍ବରୁ ରାସ୍ତାରେ ରୋଡ଼ମାର୍ଚ୍ଚ ପ୍ରତିବାଦ ସହ ସରକାରଙ୍କୁ କେନ୍ଦୁଝର ଜିଲ୍ଲାର ଗର୍ବ ଗୌରବ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟର ସୁରକ୍ଷା ଲାଗି ଦାବିପତ୍ର ଦିଆଯାଇଥିଲା। ଜିଲ୍ଲାରୁ ନିର୍ବାଚିତ ହେଲାପରେ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେଲେ ତଥାପି କେନ୍ଦୁଝରକୁ ନ୍ୟାୟ ମିଳିଲା ନାହିଁ। ଏବେ ଗୋଟେ ପରିସରରେ ଯୁକ୍ତ ୨, ଯୁକ୍ତ ୩ ସହ ସ୍ନାତକୋତ୍ତର ପାଠ୍ୟକ୍ରମ ଚାଲିଛି। ବିଶ୍ୱବିଦ୍ୟାଳୟ ଲାଗି ଗରିବ ପିଲାମାନେ ତିନି ଗୁଣ ଫି ଦେଇ ପଢ଼ିବାକୁ ବାଧ ହେଉଛନ୍ତି। ବିଶ୍ୱବିଦ୍ୟାଳୟ ଖେଳ, ସେମିନାର ନାମରେ ଏବେ +୨,+୩ ପିଲାମାନେ ପାଠ ପଢ଼ାରୁ ବଞ୍ଚିତ ହେଉଛନ୍ତି। ଏପଟେ ବିଶ୍ୱବିଦ୍ୟାଳୟ ଲାଗି ନିର୍ମିତ କୋଠା ଓ ଆସବାବପତ୍ର ପୁରୁଣା ବଜାରର ସୁଲେଇ ଖମାର ଠାରେ ଉଈ ଖାଇବାକୁ ବସିଲାଣି ବୋଲି ଗୁରୁତର ଅଭିଯୋଗ ଆସିଛି। ତେଣୁ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚ ଧରଣୀଧର ବିଶ୍ୱବିଦ୍ୟାଳୟରୁ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ଅଲଗା କରି ବିଶ୍ୱବିଦ୍ୟାଳୟକୁ ସୁଲେଇଖମାରକୁ ସ୍ଥାନାନ୍ତର କରିବା ଦାବି କରାଯାଇଛି। ଏଥିସହ କଲେଜର ସମସ୍ତ ଆସବାବପତ୍ର ସୁରକ୍ଷିତ ରଖି ବିଶ୍ୱବିଦ୍ୟାଳୟ ଲାଗି ସୁଲେଇଖମାରରେ ଆବଶ୍ୟକ ଅଧିକ ଜମି ଅଧିଗ୍ରହଣ ଲାଗି ପ୍ରସ୍ତାବ ଦିଆଯାଇଛି। ଏଥିସହ କାମଚଳା କୁଳପତି ପ୍ରଫେସର ପ୍ରତାପଚନ୍ଦ୍ର ମହାନ୍ତିଙ୍କ କାର୍ଯ୍ୟକାଳ ଆଉ ବୃଦ୍ଧି ନକରି ତାଙ୍କୁ ଏଠାରୁ ବିଦା କରିବାକୁ ସରକାରଙ୍କ ପାଖେ ଦାବି କରାଯାଇଛି। ଆଜି ଏହି ଧାରଣା କାର୍ଯ୍ୟକ୍ରମ ସଭାରେ ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ ସୁରକ୍ଷା ମଞ୍ଚର ଆବାହକ ଚକ୍ରଧର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ସଦସ୍ୟ ଭରତ ପାତ୍ର ସଭା ପରିଚାଳନା କରିଥିଲେ। ଜିଲ୍ଲା ବିଜୁ ଜନତା ଦଳ ସଭାପତି ଆଶିଷ ଚକ୍ରବର୍ତ୍ତୀ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ପୂର୍ବତନ ସଦର ବିଧାୟକ ସିପିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ଆପ ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂହ, ଆପ ରାଜ୍ୟ ଆଦିବାସୀ ମୋର୍ଚ୍ଚା ସଭାପତି ମେଘନାଥ ମାଝୀ, ପୂର୍ବତନ ଡିସିସି ସଭାପତି ମୋହନ ଚରଣ ପରିଡ଼ା, ବିଶ୍ୱବିଦ୍ୟାଳୟ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ଦିଲୀପ କୁମାର ସାହୁ, ବରିଷ୍ଠ ରାଜନେତା ସତ୍ୟବ୍ରତ ନାୟକ, ବାର୍ଦ୍ଧକ୍ୟ ସଂଗଠକ ଜନାର୍ଦ୍ଦନ ନାୟକ,କବି ନିରଞ୍ଜନ ବାରିକ,ଆଶିଷ ଆଚାର୍ଯ୍ୟ, ଶିକ୍ଷାବିତ ଡ. ଗୟାଧର ଦାଶ, କ୍ଷୀରୋଦ ମିଶ୍ର, ଡ. ବିପିନ ବିହାରୀ ମହାପାତ୍ର, ପ୍ରଶାନ୍ତ ଦଳେଇ, ଡମ୍ବରୁଧର ଘଣା, ରମେଶ ମହାନ୍ତ, ରାମନାରାୟଣ ଦ୍ୱିବେଦୀ, ରଙ୍ଗନିଧି ପତି,ଉତ୍ତମ ସାହୁ, ବାବାଜୀ ପାତ୍ର, ସତ୍ୟଜିତ ମିଶ୍ର, ଜେନୁଲ ଆବେଦିନ, ଜୟକୃଷ୍ଣ ନାୟକ, ନବକୁମାର ସାହୁ, ସୁଜଳ ସେଠୀ, ପୂର୍ଣ୍ଣ ଦାସ ସୁକୁମାର ପାଣିଗ୍ରାହୀ ଆଦି ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

## ଘରେ ଛିଡ଼ା ହୋଇଛି ଗାଡ଼ି, କଟୁଛି ଇ-ଚାଲାଣ!

**ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ**

ତୁରୁମୁଙ୍ଗା,୨୯।୭(ସମିସ): ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦୀର୍ଘଦିନ ଧରି ଘରେ ବ୍ରେକ୍‌ଡାଉନ ହୋଇଥିବା ଏକ କାର୍‌ର ଇ-ଚାଲାଣକୁ ନେଇ ପ୍ରଶ୍ନ ଉଠିଛି। ଓଆର୍ ୦୯ ଏମ ୩୪୩୪ ନମ୍ବର ବିଶିଷ୍ଟ ଏକ କାରଟି ବ୍ରେକ୍ ଡାଉନ କାରଣରୁ ଦୀର୍ଘଦିନ ଧରି ଘରେ ଛିଡ଼ା ହୋଇଥିବା ବେଳେ ଗତ ୨୨ ଏପ୍ରିଲ ଅପରାହ୍ଣ ୩ଟା ୨୫ରେ ଖଣ୍ଡଘର ଟୋଲ୍‌ଗେଟ ଦେଇଯାଇଥିବା ଚାଲାଣରେ ଦର୍ଶାଇ ଗାଡ଼ିର ଫିଟନେସ ଆଉ ଇନ୍ସୁରାନ୍ସ ବାବଦରେ ୭ ହଜାର ଟଙ୍କା ଇ-ଚାଲାଣ କଟିଥିବା ମେସେଜ ଆସିଥିଲା। ଏହି ଇ-ଚାଲାଣ ପ୍ରତିମା ମିଶ୍ରଙ୍କ ଭାଇ ସନ୍ତୋଷ କୁମାର ପତିଙ୍କ ମୋବାଇଲ ନମ୍ବରକୁ ଆସିଛି। ଗାଡ଼ିଟି ସନ୍ତୋଷଙ୍କ ଭଉଣୀ ପ୍ରତିମାଙ୍କ ମାଲିକାନାରେ ଥିବା ବେଳେ ଗାଡ଼ିଟି ଦୀର୍ଘଦିନ ଧରି ତାଙ୍କ ଘରେ ଛିଡ଼ାହୋଇଛି। ଏନେଇ ସନ୍ତୋଷ ଟୋଲଗେଟକୁ ଯାଇ ଅଭିଯୋଗ କରିବା ପରେ ସେଠାକାର ସିସିଟିଭିରେ ସେହି ସମୟରେ ଓଆର୍ ୦୯ ଏମ ୩୪୩୮ ନମ୍ବର ବିଶିଷ୍ଟ ଏକ ବସ୍ ଅତିକ୍ରମ କରିଥିବା ଜଣାପଡ଼ିଥିଲା। ଟୋଲଗେଟ କର୍ମଚାରୀ ଶେଷ ନମ୍ବରକୁ ଜାଣି ଶୁଣି ୮ ବଦଳରେ ୪ ମାରିଥିବାରୁ ଏହି ଚାଲାଣ କାର ମାଲିକଙ୍କ ପାଖକୁ ଆସିଥିଲା। ତେବେ ଉକ୍ତ ଇ-ଚାଲାଣ ଟୋଲ କର୍ତ୍ତୃପକ୍ଷ ଭୁଲବଶତଃ କରିଥିବା ସହ ଉକ୍ତ ଚାଲାଣ ଟୋଲ୍ କର୍ତ୍ତୃପକ୍ଷ ଭରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏନେଇ ଟୋଲଗେଟକୁ ଯାଇ ଗାଡି ମାଲିକ ପଚାରିବାରୁ ଟୋଲ କର୍ମଚାରୀ ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗ ହେଉଛି। ସୋମବାର ସାହାରପଡା ବ୍ଲକ ଅଭିଯୋଗ ଶୁଣାଣିରେ ସନ୍ତୋଷ ଖଣ୍ଡଘର ଟୋଲ କର୍ମଚାରୀଙ୍କ ଖାମଖିଆଲି ମନୋଭାବ ସହ ଦୁର୍ବ୍ୟବହାର ସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ପ୍ରତିଶ୍ରୁତି ରଖିଲେ ଏନ୍‌ଏସି ଅଧ୍ୟକ୍ଷ
# ଆରମ୍ଭହେଲା ବିଦ୍ୟାଳୟ କାର୍ଯ୍ୟ

ଚମ୍ପୁଆ, ୨୯।୭(ସମିସ): ନିଜେ ଦେଇଥିବା ପ୍ରତିଶ୍ରୁତିକୁ ରକ୍ଷାକରିଛନ୍ତି ଚମ୍ପୁଆ ଏନଏସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁ। ଚମ୍ପୁଆ ବ୍ଲକ ଶିକ୍ଷା ବିଭାଗ ଅଧୀନରେ ଥିବା ବ୍ଲକ କଲୋନୀ ପ୍ରାଥମିକ ଶିକ୍ଷା କେନ୍ଦ୍ରରେ ବର୍ଷା ହେଲେ ଶ୍ରେଣୀଗୃହରେ ବର୍ଷା ପାଣି ଲହଡି ମାରୁଥଲା। ଏନେଇ ଖବର ପ୍ରକାଶ ପରେ ଏନଏସି ପକ୍ଷରୁ ନୂତନ ବିଦ୍ୟାଳୟ କାର୍ଯ୍ୟ ଆରମ୍ଭ ହୋଇଛି। ପୁରୁଣା ବିଦ୍ୟାଳୟ ନିକଟକୁ ଲାଗି ଦୁଇଟି ଶ୍ରେଣୀଗୃହର ପିଲର କାର୍ଯ୍ୟ ଚାଲିଥିବା ବେଳେ ଏହା ପ୍ରାୟ ୨ମାସ ମଧ୍ୟରେ ଶେଷ କରାଯିବାର ସମ୍ଭାବନା ରହିଛି। ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ନିକଟ କମ୍ୟୁନିଟି କେନ୍ଦ୍ରରେ ବସାଇ ଶିକ୍ଷାଦାନ କରାଯାଉଛି। ଏହି ବିଦ୍ୟାଳୟରେ ବାଲବାଟିକାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୩୪ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ୫ଟି ଶ୍ରେଣୀ ପାଇଁ ୨ଟି ଶ୍ରେଣୀ ଗୃହ ରହିଥିବା ବେଳେ ଉଭୟ ଶ୍ରେଣୀଗୃହର ଛାତରୁ ପ୍ଲାଷ୍ଟର ଖସି ରଡ ଦେଖାଯିବା ସହିତ ସାମାନ୍ୟ ବର୍ଷାରେ ବି ଶ୍ରେଣୀଗୃହରେ ବର୍ଷାଜଳ ଠୁଳ ହୋଇ ରହୁଥିଲା। ଏନେଇ ଚମ୍ପୁଆ ଭାରପ୍ରାପ୍ତ ବିଇଓ ନରେନ୍ଦ୍ର କୁମାର ନାଏକଙ୍କୁ ପଚାରିବାରୁ ବାରମ୍ବାର ବ୍ଲକ ପ୍ରଶାସନ ଓ ଏନଏସି ପ୍ରଶାସନଙ୍କୁ ଅବଗତ କରୁଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଥିବା ବେଳେ ଏନଏସି ଅଧ୍ୟକ୍ଷ ଗିରିଜାଶଙ୍କର ସାହୁ ବିଧାୟକ ପାଣ୍ଠିରୁ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## 'ବାଇଡଙ୍କ ବାବା'ଙ୍କୁ ନୀରଦପ୍ରଭା ହାସ୍ୟ-ବ୍ୟଙ୍ଗ ସମ୍ମାନ

ହାଟଡ଼ିହୀ,୨୯।୭(ସମିସ): ହାଟଡ଼ିହୀ ବ୍ଲକ୍ ନୂଆରମ୍ପାସ ଗ୍ରାମର ସୁବାସଚନ୍ଦ୍ର ପାତ୍ର ଓରଫ ବାଇଡ଼ଙ୍କ ବାବା ନୀରଦପ୍ରଭା ହାସ୍ୟ ବ୍ୟଙ୍ଗ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସେ ଛେନାପଦିସ୍ଥିତ ବିଶ୍ୱତାରିଣୀ ମହିଳା ମହାବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଓଡ଼ିଶାର ସର୍ବପ୍ରାଚୀନ ସାହିତ୍ୟ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ତରଫରୁ ସମ୍ମାନ ଜନକ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ ଓଡ଼ିଶାର ମାରାତ୍ମକ ବ୍ୟଙ୍ଗ କବି, କଥାକାର ଓ କଳାକାର ବାଇଡ଼ଙ୍କ ବାବା ଓରଫ ସୁବାସଚନ୍ଦ୍ର ପାତ୍ରଙ୍କୁ ପ୍ରଦାନ କରାଯାଇଛି। ଆକାଶବାଣୀ, ଦୂରଦର୍ଶନ, ମଞ୍ଚ ଓ ସୋସିଆଲ ମିଡିଆରେ ବ୍ୟଙ୍ଗକବି ଓ ଷ୍ଟାଣ୍ଡ ଅପ୍ କମେଡ଼ିଆନ୍ ବାବାଙ୍କ ନିଆରା ହାସ୍ୟବ୍ୟଙ୍ଗ ପରିବେଷଣ ଶୈଳୀ ଦର୍ଶକଙ୍କୁ ବେଶ୍ ଟୋଳି ପାରିଛି। ନକ୍ଷତ୍ର ନ୍ୟୁଜର ପ୍ରାୟୋଜିତ ହାସ୍ୟ କବି ସମ୍ମିଳନୀ, ଜୀ–କଳିଙ୍ଗର 'ଫୁଲ୍ ପଲିଟିକ୍ସ', ଏମ୍‌ବିସି ନ୍ୟୁଜର 'ଉଦ୍ଧବ କେତେ ତୁ ପଚାରୁ' ଏବଂ ଦୂରଦର୍ଶନ ଭୁବନେଶ୍ୱରର ବିଭିନ୍ନ ହାସ୍ୟ ବ୍ୟଙ୍ଗ କାର୍ଯ୍ୟକ୍ରମରେ ସେ ବେଶ୍ ଜନପ୍ରିୟ। ଅଦ୍ୟାବଧି ତାଙ୍କର ୮ଟି ହାସ୍ୟ ବ୍ୟଙ୍ଗ ପୁସ୍ତକ ପ୍ରକାଶ ପାଇଛି। ଓଡ଼ିଶାର ପ୍ରାୟ ୫୦ ପ୍ରତିଷ୍ଠିତ ଅନୁଷ୍ଠାନ ସହ ଆକାଶବାଣୀ କଟକ, ଆକାଶବାଣୀ କେନ୍ଦୁଝର, ଆକାଶବାଣୀ ବାରିପଦା ଓ ଦୂରଦର୍ଶନ, ଭୁବନେଶ୍ୱର ପକ୍ଷରୁ ସେ ପୂର୍ବରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ବାବାଙ୍କ ଫେସବୁକ୍ 'ବ୍ୟଙ୍ଗ-ବଟିକା ଓ ୟୁ-ଟ୍ୟୁବ୍ 'ଏକଦମ୍ ଚୁପ୍' ବ୍ୟଙ୍ଗ ଗରାଖଙ୍କ ପ୍ରୀତି ଲାଭ କରିଛି। ଗତକାଲି ସେ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସମାରାହରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ତାଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।




## ଦବୁନା ସାକ୍ରାଡିହି ଓଏମ୍‌ସି ଖଣିରୁ ପରିବହନ ଆରମ୍ଭ

ଯୋଡ଼ା,୨୯।୭(ସମିସ): କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ୍ ଅନ୍ତର୍ଗତ ବଡକାଳୀ ମାଟି ଗ୍ରାମପଞ୍ଚାୟତରେ ଥିବା ତଥା ଯୋଡା ଖଣି ମଣ୍ଡଳରେ ବନ୍ଦ ହୋଇ ପଡ଼ି ରହିଥିବା ଦବୁନା ସାକ୍ରାଡିହୀ ଲୌହ ଓ ମାଙ୍ଗାନିଜ ଖଣି ଖୋଲିଛି। ସୋମବାର ଠାରୁ ଖଣିରୁ ଲୁହାପଥର ପରିବହନ ଆରମ୍ଭ କରାଯାଇଛି। ଓଡ଼ିଶା ଖଣି ନିଗମର ବଡ଼ବିଲ ଆଞ୍ଚଳିକ ଅଧିକାରୀ ଅବନିକାନ୍ତ ପ୍ରଧାନଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଓଡ଼ିଶା ସରକାରଙ୍କ ଓଏମସି ଅଧୀନରେ ଏହି ଖଣିଟି ରହିଥିଲା। ବିଭିନ୍ନ କାରଣରୁ ଖଣିଟି ୨୦୦୬ରୁ ବନ୍ଦ ରହିଥିଲା। ଶ୍ରମିକ ନେତା ମହେଶ୍ୱର ରାଉତ କହିଛନ୍ତି ଯେ ଉକ୍ତ ଖଣିରେ ୫୦୦ରୁ ଉର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟହରା ହୋଇଥିଲେ। ଓଏମସିର ଏହି ଖଣିରେ ଉନ୍ନତ ମାନର ଲୁହାପଥର ଯାହାକି ଶତକଡା ୬୨ ଗ୍ରେଡ ଲୌହାଂଶ ବା ଏଫ୍‌ଇ ଅଂଶବିଶେଷ ଥାଏ। ଏକ ଲାଭଜନକ ଖଣି ହୋଇଥିବାରୁ ଏହାକୁ ବେସରକାରୀ ସଂସ୍ଥା ହାତେଇବା ପାଇଁ ଚେଷ୍ଟା କରିଥିଲେ। ଏହି ଖଣିଟି ଚାଲୁ ହେବାରୁ ମୁଖ୍ୟତଃ ରାଜ୍ୟରେ ଥିବା ଇସ୍ପାତ କାରଖାନାଗୁଡ଼ିକ ସଠିକ୍ ମୂଲ୍ୟରେ ନିଗମଠାରୁ ଖଣିଜ ପାଇପାରିବେ। ପରିବହନ କାର୍ଯ୍ୟ ଆରମ୍ଭ ହେବା ପରେ ରୁଗଣ ହୋଇ ପଡିଥିବା ଟ୍ରକ୍ ମାଲିକଙ୍କ ମନ ଭିତରେ ଆଶା ସଞ୍ଚାର କରିଛି। ଟ୍ରକ୍ ମାଲିକ ସଂଘ ସଭାପତି ମାତାପ୍ରସାଦ ଜୟସ୍ୱାଲ କହିଛନ୍ତି ଯେ ନିଗମର ଏହି ଖଣିଟି ଖୋଲିବା ପରେ ୩୦୦-୫୦୦ ଗାଡ଼ି ପରିବହନ କାର୍ଯ୍ୟ କରିପାରିବେ। ଆସନ୍ତା ନଭେମ୍ବରରୁ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବ। ଏହି ଖଣିର ବାର୍ଷିକ ଲୁହାପଥର ଉତ୍ପାଦନ କ୍ଷମତା ୩ ମିଲିୟନ ମେଟ୍ରିକ୍ ଟନ୍ ଓ ମାଙ୍ଗାନିଜ ବାର୍ଷିକ ୦.୦୫ ମିଲିୟନ ମେଟ୍ରିକ୍ ଟନ୍ କ୍ଷମତା ରହିଛି। ଲୁହାପଥର ଖଣିରେ ୩୦୦ ଓ ମାଙ୍ଗାନିଜ ଖଣିରେ ୨୦୦ ଶ୍ରମିକ ନିଯୁକ୍ତି ପାଇ ପାରିବେ। ବର୍ତ୍ତମାନ ସୁଦ୍ଧା ଯୋଡା ଖଣି ମଣ୍ଡଳରେ ଓଏମସି ଅଧୀନରେ ୮ ଟି ଖଣି ଚାଲୁଥିବା ଓଏମସିର ବଡ଼ବିଲ ଆଞ୍ଚଳିକ ଅଧିକାରୀ ଅବନିକାନ୍ତ ପ୍ରଧାନ ସୂଚନା ଦେଇଛନ୍ତି।



କେନ୍ଦୁଝରର ଜେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରକୁ ଏନ୍‌ସିସିର କର୍ଣ୍ଣଲ ଜୟନ୍ତ ମୋହନ ଯୋଶୀ ପରିଦର୍ଶନରେ ଆସି ପିଲାମାନଙ୍କ ସହିତ ବାର୍ତ୍ତାଳାପ କରିଥିଲେ।

## ଜନାର୍ଦ୍ଦନପୁର-ପାଟଣା ହରିହର ପୀଠରେ ଭଜନ ସନ୍ଧ୍ୟା



ରାମଚନ୍ଦ୍ରପୁର,୨୯।୭(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଜନାର୍ଦ୍ଦନପୁର-ପାଟଣା ଗ୍ରାମର ହରିହର ପୀଠରେ ଶ୍ରାବଣ ଦ୍ୱିତୀୟ ସୋମବାର ଅବସରରେ କାଉଡିଆଙ୍କ ଭିଡ଼ ପରିଲକ୍ଷିତ ହେବା ସହ ସନ୍ଧ୍ୟାରେ ଆଞ୍ଚଳିକ କଳାକାରଙ୍କୁ ନେଇ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦୀର୍ଘ ୧୦ ବର୍ଷ ଧରି ପ୍ରତି ଶ୍ରାବଣ ସୋମବାର ଏବଂ ସଂକ୍ରାନ୍ତି ଅବସରରେ ଦିଅଁଙ୍କ ବିଶେଷ ପୂଜାର୍ଚ୍ଚନା ସହ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥାଏ। ଶ୍ରଦ୍ଧାଳୁ ରବିନ୍ଦ୍ର କୁମାର ସ୍ୱାଇଁଙ୍କ ସଂଯୋଜନାରେ ହରିହର ପୀଠରେ ଭକ୍ତଙ୍କ ପାଇଁ ଅନ୍ନ ପ୍ରସାଦ ବ୍ୟବସ୍ଥା ସହ ଭଜନ ଅନୁଷ୍ଠିତ ହୋଇଥିଲା। ଜନାର୍ଦ୍ଦନପୁର-ପାଟଣା, ନହଙ୍ଗି, ବେଲସୁନ୍ଦରୀ, ରାମଚନ୍ଦ୍ରପୁର, ରାଇଟୋଲା, ଗଡବାନ୍ଧଗୋଡା, ଜରଦା, ବଡପଦନା, ଅଳତି, ପଦନପୁର ସମେତ ବିଭିନ୍ନ ଗ୍ରାମରୁ ପ୍ରାୟ ୫୦ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଘନଶ୍ୟାମ ବୋଇତେଇ, ବିଜୟ ଧଳ,ଉମାକାନ୍ତ ଭୂୟାଁ, ଅଭିମନ୍ୟୁ ବିଶ୍ୱାଳ, ସନ୍ତୋଷ ରାଉତ, ଗୋବିନ୍ଦଚନ୍ଦ୍ର ରାଉତ, ବିରଞ୍ଚି ନାରାୟଣ ସାହୁ, ବିଚିତ୍ରାନନ୍ଦ ବିଶ୍ୱାଳ, ସଂଜୟ ଦାସ, ଆତୁଳ ଚରଣ ନାୟକ, ମନ୍ମଥ ଓଝା, ଦୁର୍ଯ୍ୟୋଧନ ସାହୁ, ଜୟନ୍ତ ଜେନା, ଶଶିଭୂଷଣ ରାଉତ, ବିକଳ ଚରଣ ନାୟକ, ସନ୍ତୋଷ ରାଉତ, ଦୁଖବନ୍ଧୁ ରାଉତ, ଗୋଲକ ସାହୁ ଅଂଶଗ୍ରହଣ କରିଥିଲେ।

## ୭ ଗୋରୁ ଉଦ୍ଧାର; ଗାଡ଼ି ଜବତ



ତୁରୁମୁଙ୍ଗା, ୨୯।୭(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ବାଉଁଶୁଳି ନିକଟରୁ ସୋମବାର ବିଳମ୍ବିତ ରାତିରେ ଗୋରୁ ବୋଝେଇ ପିକଅପ ଭ୍ୟାନ୍‌ରେ ଗୋଚାଲାଣ କରୁଥିବା ସମୟରେ ଉକ୍ତ ଗାଡ଼ିକୁ ପୁଲିସ ଜବତ କରି ୭ ଗୋରୁଙ୍କୁ ଉଦ୍ଧାର କରିଛି। ଗୋରୁଗୁଡ଼ିକୁ କରଞ୍ଜିଆ ଗୋଶାଳାରେ ଛଡ଼ାଯାଇଛି। ଅତି ଦୟନୀୟ ଭାବରେ ଗାଡ଼ିରେ ବାନ୍ଧି ମାଫିଆମାନେ ପଶ୍ଚିମବଙ୍ଗ ଅଞ୍ଚଳକୁ ଚାଲାଣ କରୁଥିବା ବେଳେ ଘଟଣାସ୍ଥଳରୁ ମାଫିଆମାନେ ଫେରାର ହୋଇଯାଇଛନ୍ତି। ଏଏସଆଇ ସୁଜାତା ମହାନ୍ତ ଘଟଣାର ତଦନ୍ତ କରୁଛନ୍ତି।

## ରାଜନଗର ଗୋଶାଳାରେ ଅନିୟମିତତା ଅଭିଯୋଗ

ତୁରୁମୁଙ୍ଗା, ୨୯।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମରେ ଥିବା ସାଇକ୍ରିଷ୍ଣା ସୁଦ୍ଧା ଚାରିଟେବୁଲ ଷ୍ଟ୍ରଟ୍ ଦ୍ୱାରା ପରିଚାଳିତ ନନ୍ଦିନୀ ଗୋଶାଳାରେ ବ୍ୟାପକ ଅନିୟମିତତା ନେଇ ଆରଏସଏସ ପକ୍ଷରୁ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଆରଏସଏସ ବରିଷ୍ଠ କାର୍ଯ୍ୟ କର୍ତ୍ତା ମୋଚିରାମ ସାହୁଙ୍କ ନେତୃତ୍ୱରେ ସଙ୍ଘର ସଦସ୍ୟମାନେ ରାଜନଗରରେ ଥିବା ଗୋଶାଳା ବିରୋଧରେ ଅଭିଯୋଗ ଆଣିଛନ୍ତି। ଗୋଶାଳା ରେ ଥିବା ଗାଈଗୋରୁଙ୍କୁ ଅସ୍ୱାସ୍ଥ୍ୟକର ପରିବେଶରେ ରଖାଯାଉଥିବା ସହ ଗାଈଗୋରୁଙ୍କୁ ସଠିକ୍ ଯତ୍ନ ନିଆ ଯାଉ ନଥିବାରୁ ଗାଈଗୋରୁ ରୋଗୀଣା ହେଉଛନ୍ତି। ଏଥିସହ ଗୋଶାଳା କର୍ତ୍ତୃପକ୍ଷ ଗାଈଗୋରୁଙ୍କୁ ବିକ୍ରି କରି ଦେଉଥିବା ଅଭିଯୋଗ ଆଣିଛନ୍ତି। ଏନେଇ ଗୋଶାଳା କର୍ତ୍ତୃପକ୍ଷ ଗୋଶାଳା ଗାଇଡଲାଇନ୍ ଅନୁସାରେ ସମସ୍ତ କାର୍ଯ୍ୟ କରାଯାଉଥିବା କହିଛନ୍ତି। ତୁରୁମୁଙ୍ଗା ଥାନା ଏଏସ୍‌ଆଇ ଶାୟଦ ସଲିମ ହୁସେନ୍ ଘଟଣାର ତଦନ୍ତ କରୁଛନ୍ତି।

## କାର୍-ଟ୍ରକ୍ ଧକ୍କା

ତୁରୁମୁଙ୍ଗା, ୨୯।୭(ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥର ଡାବରଚୁଆ ନିକଟରେ ଏକ ଟ୍ରକ କାରକୁ ଧକ୍କା ଦେଇଛି। କାର ଥିବା ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉଭୟ ଗାଡି କେନ୍ଦୁଝର ପଟକୁ ଯାଉଥିବା ସମୟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ କାରରେ ଥିବା ଚମ୍ପୁଆ ଥାନା ହୃଦରାମପୁରମଧୁସୂଦନନାଏକଏବଂଝିଅତୃପ୍ତିପ୍ରଜ୍ଞାନାଏକଅଳ୍ପକେବର୍ତ୍ତିଯାଇଛନ୍ତି।

## ଆନନ୍ଦପୁର ଡାକ୍ତରଖାନା ଅଧୀକ୍ଷକଙ୍କ ବଦଳି

ଆନନ୍ଦପୁର,୨୯।୭ସମିସ):ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାର ଅଧୀକ୍ଷକ ଡାକ୍ତର ଧନେଶ୍ୱର ସେଠୀଙ୍କ ନୂଆପଡ଼ା ଜିଲ୍ଲାକୁ ବଦଳି ହୋଇଛି। ସେ ପଦୋନ୍ନତି ପାଇ ନୂଆପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ସ୍ୱାସ୍ଥ୍ୟ ବିଭାଗର ଚିଠିରେ ଭେଷଜ ବିଶେଷଜ୍ଞ ଭାବେ କାର୍ଯ୍ୟ କରିବାକୁ ଉଲ୍ଲେଖ କରାଯାଇଛି। ଅପରପକ୍ଷରେ, ଡାକ୍ତରଖାନାର ଅଧୀକ୍ଷକ ଭାବେ କାହାକୁ ନିଯୁକ୍ତି ଦିଆଯାଇ ନାହିଁ।

## ଟାଟା ଷ୍ଟିଲ୍ ପକ୍ଷରୁ ଜେଆର୍‌ଡି ଟାଟାଙ୍କ ଜୟନ୍ତୀ



ଯୋଡା, ୨୯।୭(ସମିସ): ଟାଟା ଷ୍ଟିଲ୍ ପକ୍ଷରୁ, ଭାରତରତ୍ନ ଜାହାଙ୍ଗୀର ରତନଜୀ ଦାଦାଭୋୟେ (ଜେଆରଡି) ଟାଟାଙ୍କ ୧୨୧ତମ ଜୟନ୍ତୀ ମଙ୍ଗଳବାର ଯୋଡାଠାରେ ପାଳନ କରାଯାଇଛି। ଯୋଡା ସେଣ୍ଟ୍ରାଲ ଅଫିସଠାରେ ଆୟୋଜିତ ଏହି ଉତ୍ସବରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ ଏବଂ ୟୁନିୟନ୍ ପ୍ରତିନିଧିଙ୍କ ଉପସ୍ଥିତିରେ ଟାଟା ଷ୍ଟିଲ୍ ଯୋଡାର ମୁଖ୍ୟ ରାଜେଶ କୁମାର ଏହି କିଂବଦନ୍ତୀ ବ୍ୟକ୍ତିତ୍ୱ ତଥା ଭାରତୀୟ ବିମାନ ଚଳାଚଳ କ୍ଷେତ୍ରର ଜନକଙ୍କୁ ପୁଷ୍ପ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ସମସ୍ତେ ସେହି ପ୍ରବାଦ ପୁରୁଷଙ୍କୁ ସ୍ମରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଯୋଡା ଇଷ୍ଟ ଲୌହ ଖଣି, ଖଣ୍ଡବନ୍ଧ ଖଣି, ମାଙ୍ଗାନିଜ୍ ଗ୍ରୁପ୍ ଅଫ୍ ମାଇନ୍ସ, କଳମଙ୍ଗ ଏବଂ ଗନ୍ଧଲପଦା ପ୍ରୋଜେକ୍ଟ ଅଫିସ, ବିଛାକୁଣ୍ଡି, ନୀଳାଚଳ ଅଫିସ ଓ ଯୋଡା ଫେରୋ ଆଲଏଜ୍ କାରଖାନାରେ ମଧ୍ୟ ଏହିଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ବିଲେଇପଦଓଠାର ଅବସ୍ଥିତ ସ୍ୱଞ୍ଜ କାରଖାନାରେ ଅନୁରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମ୍ପାନିର ଅନ୍ୟ କାର୍ଯ୍ୟକ୍ଷେତ୍ରଗୁଡିକରେ ୱାକାଥନ, ଚାରା ରୋପଣ, କୁଇଜ୍ ପ୍ରତିଯୋଗିତା ଏବଂ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## କାଳିଆହତା-ରେକୁଟି ରାସ୍ତା ଶୋଚନୀୟ



ତେଲକୋଇ, ୨୯।୭(ସମିସ): ତେଲକୋଇ ବ୍ଲକ ଉପାନ୍ତ କାଳିଆହତାରୁ ରେକୁଟିକୁ ସଂଯୋଗ କରୁଥିବା ରାସ୍ତା ଆଣ୍ଠୁଏ କାଦୁଅ ଯୋଗୁଁ ଅତ୍ୟନ୍ତ ଶୋଚନୀୟ ହୋଇ ପଡ଼ିଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହେଉଥିବା ଏହି ରାସ୍ତା ବିଭାଗୀୟ ଅବହେଳା ଯୋଗୁଁ ଅଧପନ୍ତରିଆ ହୋଇ ପଡିରହିଥିବା ଅଭିଯୋଗ ହୋଇଛି। ଲୋକେ ଗମନା ଗମନ ରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି କାଦୁଅ ରାସ୍ତା ଯୋଗୁଁ ଦୈନିକ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ସ୍ଥାନୀୟ ଲୋକେ ରାସ୍ତା ସମସ୍ୟାକୁ ନେଇ ଯେତେ ଅଭିଯୋଗ କଲେ ସୁଦ୍ଧା ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁ ନଥିବା ସଙ୍ଗୀନ ଅଭିଯୋଗ ହୋଇଛି। ଜିଲ୍ଲାପାଳ ଏ ଦିଗରେ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ହଦଗଡ଼ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ବିଳମ୍ବ

ହାଟଡ଼ିହୀ,୨୯।୭(ସମିସ): ହାଟଡ଼ିହୀ ତଫସିଲଭୁକ୍ତ ଆଦିବାସୀ ବହୁଳ ହଦଗଡ଼ ପଞ୍ଚାୟତର ହଦଗଡ଼ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ବିଳମ୍ବକୁ ନେଇ ଅସନ୍ତୋଷ ବୃଦ୍ଧି ପାଉଛି। ଏପରିକି ଏହାକେବେ କାର୍ଯ୍ୟକ୍ଷମ ହେବ ତାକୁ ନେଇ ପ୍ରଶ୍ନ ଉଠିଛି। ଆଦିବାସୀ ଅଞ୍ଚଳ ହଦଗଡ଼ରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅନୁମତି ପାଇବା ସହିତ ନୂତନ ଗୃହ ନିର୍ମାଣ ପାଇଁ ଅନୁଦାନ ଯୋଗାଇଦେଇଥିଲେ। ନୂତନ ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେବାର ମାସ ମାସ ବିତିଯାଇଥିଲେ ବି ଉଦ୍‌ଘାଟନ ହୋଇପାରୁନଥିବା ବେଳେ ଏହା କାର୍ଯ୍ୟକ୍ଷମ ହେଉନାହିଁ। ଏହି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଉପରେ ହଦଗଡ଼, ବାଙ୍ଗୋର ଓ ଢେଙ୍କା ପଞ୍ଚାୟତର ଲୋକମାନେ ସୁବିଧା ପାଇବେ ବୋଲି ଆଶା କରାଯାଇଥିଲା। ଏହା କାର୍ଯ୍ୟକ୍ଷମ ହେବାରେ ନାଁ ଧରୁ ନଥିବାବେଳେ ନିଯୁକ୍ତ ଆରଆଇ ମଧ୍ୟ ହଦଗଡ଼ ଆସୁନାହାନ୍ତି ବୋଲି ଅଭିଯୋଗ ହେଉଛି। ନିଯୁକ୍ତ ଆରଆଇ ସଢ଼ା ଅଫିସରେ ବସୁଥିବାରୁ ହଦଗଡ଼ ଓ ବାଙ୍ଗାର ପଞ୍ଚାୟତର ଲୋକମାନେ କାର୍ଯ୍ୟ ନିମନ୍ତେ ବାଧ୍ୟ ହୋଇ ୧୫କିମିରୁ ଅଧିକ ସଢ଼ା ଆରଆଇ ଅଫିସକୁ ଆସୁଛନ୍ତି। ବହୁ ସମୟରେ ତାଙ୍କୁ ପାଉ ନଥିବାରୁ ଲୋକମାନେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାର୍ଯ୍ୟାଳୟର ନୂତନ ଗୃହଟିକୁ ଉଦ୍‌ଘାଟନ କରାଗଲେ ଏଭଳି ସମସ୍ୟା ସୃଷ୍ଟି ହେବନାହିଁ ବୋଲି କୁହାଯାଉଛି। ଶୀଘ୍ର ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ନୂତନ ଗୃହକୁ କାର୍ଯ୍ୟକ୍ଷମ କରାଇବାକୁ ହଦଗଡ଼ ଓ ବାଙ୍ଗୋର ପଞ୍ଚାୟତର ବାସିନ୍ଦାଙ୍କ ସହ ହଦଗଡ଼ ସରପଞ୍ଚ ନିରୁପମା ନନ୍ଦି, ବାଙ୍ଗାର ସରପଞ୍ଚ ଅଙ୍କିତା ପଢ଼ିଆରୀଙ୍କ ସହ ଅଭୟ ରାଉତ, ବିଜୟାନନ୍ଦ ଉପାଧ୍ୟାୟ, ଚିତ୍ତରଞ୍ଜନ ସାହୁ, ଦୁର୍ଗାଚରଣ ମୁର୍ମୁ, ସୁଶୀଲ ନାଏକ, ବନମାଳି ଶଙ୍ଖୁଆ, ମଦନ ମୋହନ ନନ୍ଦି, ଅଭିମନ୍ୟୁ ନାଏକ, ବସନ୍ତ ପଢ଼ିଆରୀ, ସନ୍ତୋଷ ନାଏକ ଦାବି କରିଛନ୍ତି।



## ଟ୍ରମାକେୟାର ସେଣ୍ଟର ପ୍ରସ୍ତାବରେ ରହିଲା
# ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ପାଇଁ ରୋଗୀ ହନ୍ତସନ୍ତ




ଆନନ୍ଦପୁର, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଟ୍ରମାକେୟାର ସେଣ୍ଟର ଖୋଲାଯିବା ପାଇଁ ବିଭିନ୍ନ ମହଲରେ ଦାବି ହେବାପରେ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଏକ ପ୍ରତିନିଧି ଦଳ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଇତିମଧ୍ୟରେ ଦୀର୍ଘ ଦିନ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ। ସେହିପରି ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ମେସିନ ଥିଲେ ମଧ୍ୟ ସମସ୍ତ ରୋଗୀମାନେ ଏହାର ସୁବିଧା ପାଉନାହାନ୍ତି। ଡାକ୍ତରଖାନା ବାହାରେ ଗୋଟିଏ ମାତ୍ର କ୍ଲିନିକରେ ଅଲଟ୍ରାସାଉଣ୍ଡ କରିବାପାଇଁ ରୋଗୀମାନେ ଭିଡ଼ ଜମାଉଥିବା ଦେଖିବାକୁ ମିଳୁଛି। ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଥିବା ଅଲଟ୍ରାସାଉଣ୍ଡ ମେସିନରୁ କେବଳ ପ୍ରସୂତିମାନଙ୍କୁ ସେବା ଯୋଗାଇ ଦିଆଯାଉଛି। ସୀମିତ ସଂଖ୍ୟକ ପ୍ରସୂତିଙ୍କୁ ସେବା ମିଳୁଥିବାରୁ ଅଧିକାଂଶ ମହିଳା ଘରୋଇ କ୍ଲିନିକରେ ୭୦୦ଟଙ୍କା ଦେଇ ଅଲଟ୍ରାସାଉଣ୍ଡ କରୁଥିବା କହିଛନ୍ତି। ଡାକ୍ତରଙ୍କ ପରାମର୍ଶ ପରେ ସକାଳୁ ଆସି ରୋଗୀମାନେ ଅଲଟ୍ରାସାଉଣ୍ଡ ପାଇଁ ଅପେକ୍ଷା କରୁଛନ୍ତି। ଅନେକ ସମୟରେ କ୍ଲିନିକରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଘଟଗାଁ ବ୍ଲକ୍ ମେଲାଣ ଗ୍ରାମର ସୁଭଦ୍ରା ନାଇକ (୧୮) ଗତକାଲି ଅପରାହ୍ଣ ସାଢେ ୫ଟାରେ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ତାଙ୍କର ତଳିପେଟରେ ଯନ୍ତ୍ରଣା ହେଉଥିବାରୁ ଡାକ୍ତର ଅଲଟ୍ରାସାଉଣ୍ଡ କରିବାକୁ ପରାମର୍ଶ ଦେଇଥିଲେ। ସେ ଆଜି ଦିନସାରା କ୍ଲିନିକରେ ବସି ବସି ନିରାଶ ହେବା ପରେ ପୁଣି ଡାକ୍ତରଖାନା ଫେରିଥିଲେ। ଏ ସମ୍ପର୍କରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରୋଗୀ କିପରି ସୁବିଧାରେ ଅଲଟ୍ରାସାଉଣ୍ଡ କରିପାରିବେ ସେଥିପାଇଁ ସିଡିଏମ୍‌ଓ ଏବଂ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।

### ଆନନ୍ଦପୁର ବ୍ଲକ୍‌ରେ ବାଟ ହୁଡୁଛି ମନରେଗା

# ନାହିଁ ସୂଚନା ଫଳକ; ଅବଧିରେ ସରୁନି



### ଗୋଟିଏ ରାସ୍ତାକୁ ବିଧାୟକ ଓ ବ୍ଲକ ପଞ୍ଚାୟତ ଅନୁଦାନ

ଆନନ୍ଦପୁର, ୨୯।୭ (ସମିସ):

ଆନନ୍ଦପୁର ବ୍ଲକରେ ମନରେଗା ଯୋଜନା ବାଟବଣା ହୋଇଛି। ସରକାରୀ ନୀତିନିୟମକୁ ଭ୍ରୂକ୍ଷେପ ନକରି ଦାୟିତ୍ୱରେ ଥିବା ଯନ୍ତ୍ରୀମାନେ ସରକାରୀ ଦଳ ନେତାଙ୍କ ଇଙ୍ଗିତରେ ଯୋଜନାକୁ ଚଳାଉଛନ୍ତି। କାର୍ଯ୍ୟ କ୍ଷେତ୍ରରେ ସୂଚନାଫଳକ ଦେଖିବାକୁ ମିଳୁନାହିଁ। ନିର୍ଦ୍ଦିଷ୍ଟ ସମୟରେ ନିର୍ମାଣ କାର୍ଯ୍ୟ ମଧ୍ୟ ସରୁନାହିଁ। ୨୦୨୧-୨୨ ଆର୍ଥିକ ବର୍ଷର କାର୍ଯ୍ୟ ଏବେବି ଚାଲିଥିବା ବେଳେ ସେହି ରାସ୍ତାକୁ ପଞ୍ଚାୟତ ବ୍ଲକ ଓ ବିଧାୟକ ପାଣ୍ଠି ଅନୁଦାନ ଦିଆଯାଇ ହରିଲୁଟ ହେଉଥିବା ସଂଗୀନ ଅଭିଯୋଗ ହୋଇଛ। ମୋଚିନ୍ଦା ପଞ୍ଚାୟତର ପୁରୁଣା ମୋଚିନ୍ଦାଠାରୁ ବାଲୁଙ୍କେଶ୍ୱର ଛକରାସ୍ତାକୁ ପକା ସଡକ ନିର୍ମାଣ ପାଇଁ ଗତ ୨୦୨୧-୨୨ ଆର୍ଥିକ ବର୍ଷରେ ୯ଲକ୍ଷ ୫୦ହଜାର ଟଙ୍କାର ଅନୁଦାନ ବ୍ୟୟ ବରାଦ ହୋଇଥିଲା। ଏହି ରାସ୍ତାରେ ସାମାନ୍ୟ କିଛି ମେଟାଲ ଓ ମାଟି ପକାଯାଇ ଚଳିତ ବର୍ଷ ୨୪-୩-୨୦୨୫ରେ ୬ଲକ୍ଷ ୯୩ ହଜାର ଟଙ୍କା ପୈଠ କରାଯାଇଛି। ଦାୟିତ୍ୱରେ ଥିବା ଯନ୍ତ୍ରୀ ନିର୍ମାଣ କାର୍ଯ୍ୟ ଶେଷ ହୋଇନାହିଁ ବୋଲି କହୁଥିବା ବେଳେ ତତ୍କାଳୀନ ବିଧାୟକ ଭାଗୀରଥି ସେଠୀ ୨୦୨୩ରେ ବିଧାୟକ ପାଣ୍ଠିରୁ ୫ଲକ୍ଷ ଟଙ୍କାର ଅନୁଦାନ ଦେଇଥିବା ଜଣାଯାଇଛି। ସେହିପରି ଚଳିତ ଆର୍ଥିକ ବର୍ଷରେ ପଞ୍ଚାୟତ ପାଣ୍ଠିରୁ ୩ଲକ୍ଷ ବ୍ଲକ ପାଣ୍ଠିରୁ ୪ଲକ୍ଷ ଏବଂ ଆନନ୍ଦପୁର ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଥିବା ସୂଚନା ମିଳିଛି। ବିଭିନ୍ନ ସୂତ୍ରରୁ ଏତେ ପରିମାଣର ଅନୁଦାନ ଏହି ରାସ୍ତା ନିର୍ମାଣ ପାଇଁ ଦିଆଯାଇଥିଲେ ମଧ୍ୟ ରାସ୍ତା ଅବସ୍ଥା ଦୟନୀୟ ହୋଇପଡିଛି। ଶାଳବଣି ଓ ମୋଚିନ୍ଦା ଦୁଇ ପଞ୍ଚାୟତ ଅଧିବାସୀଙ୍କ ଏହା ଅନ୍ୟତମ ମୁଖ୍ୟ ରାସ୍ତା ହୋଇଥିବାରୁ ଅସରାଏ ବର୍ଷା ହେଲେ ଯାତାୟାତ କରିବା କଷ୍ଟକର ହୋଇପଡିଛି। ଯନ୍ତ୍ରୀଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ ଅବଶିଷ୍ଟ ଅର୍ଥକୁ ଉଠାଇନେବା ପାଇଁ ପ୍ରୟାସ ଜାରି ରହିଛି। କେନ୍ଦୁଝର ଜିଲ୍ଲାପାଳ ଓ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଏହାର ତଦନ୍ତ କରିବାକୁ ସ୍ଥାନୀୟ ଅଧିବାସୀ ଦାବି କରିଛନ୍ତି।

## ପିସି ନ ଦେଲେ ଖୋଲୁନି ଫାଇଲ୍!

ତୁରୁମୁଙ୍ଗା, ୨୯।୭ (ସମିସ): ରାଜ୍ୟରେ ଡବଲ ଇଞ୍ଜିନ ସରକାରରେ ବ୍ୟାପକ ପିସି ଆଦାୟ ହେଉଛି। ଏହାର ଏକ ଉଦାହାରଣ ଦେଖିବାକୁ ମିଳିଛି ସାହାରପଡା ବ୍ଲକରେ। ଏଥିପାଇଁ ସାମୂହିକ କାର୍ଯ୍ୟ ଆଗେଇ ପାରୁ ନାହିଁ ବୋଲି ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ସାହାରପଡା ବ୍ଲକ ପ୍ରତିନିଧି ନରେନ୍ଦ୍ର କୁମାର ମହାନ୍ତ ସୋମବାର ସାହାରପଡା ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ବ୍ଲକରେ ମନରେଗା କାର୍ଯ୍ୟ, ବିକଶିତ ଗାଁ ବିକଶିତ ଓଡିଶା ଏବଂ ଅମୃତ ସରୋବର ଯୋଜନାରେ କୌଣସି କାର୍ଯ୍ୟ ଆରମ୍ଭ ହୋଇ ପାରୁନଥିବା ନେଇ ଅଭିଯୋଗ କରିଛନ୍ତି। ଏମ୍‌ଜିଏନଆରଇଜିଏ କାର୍ଯ୍ୟରେ ଅଢ଼େଇରୁ ୩ ପରସେଣ୍ଟ ପିସି ନଦେଲେ ଫାଇଲ ଖୋଲୁନଥିବା ଅନ୍ୟ ଉନ୍ନୟନ କାର୍ଯ୍ୟରେ ୨୦ ପରସେଣ୍ଟ ପିସି ନହେଲେ ବିଲ୍ ହେଇ ପାରୁ ନଥିବା ନେଇ ଅଭିଯୋଗ କରିଛନ୍ତି। ଫଳରେ ଠିକାଦାର ଏବଂ କାମ କରୁଥିବା ଶ୍ରମିକ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶ୍ରମିକ ବାଧହୋଇ ଦାଦନ ଯାଉଥିବା ସହ ପ୍ରଶାସନିକ ଅବହେଳା ଯୋଗୁଁ ବ୍ଲକରେ ଉନ୍ନୟନ କାର୍ଯ୍ୟ ଆଗେଇ ପାରୁନାହିଁ ବୋଲି ଅଭିଯୋଗ କରାଯାଇଛି।

## ନାଗ ପଞ୍ଚମୀରେ ସାମୂହିକ ରୁଦ୍ରାଭିଷେକ

ବଡ଼ବିଲ, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ପୌରାଞ୍ଚଳ ଅନ୍ତର୍ଗତ ହୋଟେଲ ଆଧାର ନିକଟରେ ଥିବା ବାଙ୍କବିହାରୀ ଭବନଠାରେ ପବିତ୍ର ନାଗ ପଞ୍ଚମୀ ଅବସରରେ ବାବା ଭୋଲେନାଥଙ୍କ ଉଦ୍ଦେଶ୍ୟରେ ସାମୂହିକ ରୁଦ୍ରାଭିଷେକ ଆୟୋଜିତ ହୋଇଯାଇଛି। ସକାଳ ପ୍ରାୟ ଆଠଟାରୁ ଆରମ୍ଭ ହୋଇଥିବା ପୂଜା ୧୧ଟାରେ ପୂର୍ଣ୍ଣାହୁତି ହୋଇଥିଲା। ସବୁ ଧର୍ମର ପ୍ରାୟ ୬୦ ପରିବାର ଏହି ରୁଦ୍ରାଭିଷେକ ପାଳନ କରିଥିଲେ। ବିହାରୀ କଲ୍ୟାଣ ସମିତି ଓ ମହାଶିବରାତ୍ରି ସମିତି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବଡ଼ବିଲ ଅଞ୍ଚଳର ଜଣାଶୁଣା ପଣ୍ଡିତ ଅମନ ପାଣ୍ଡେ, ନିରଜ ପାଣ୍ଡେ, ଚନ୍ଦନ ପାଣ୍ଡେ, ବିଟ୍ଟୁ ପାଣ୍ଡେ ଓ ଧିରଜ ପାଣ୍ଡେ ପରିଚାଳନା କରିଥିବାବେଳେ ସମିତିର କର୍ମକର୍ତ୍ତା ବଳରାମ ଗୁପ୍ତା, ମୋହନ ଗୁପ୍ତା ଓ ରାକେଶ ଗୁପ୍ତା ଆୟୋଜନ କରିଥିଲେ।



## ପାଞ୍ଚପୀଢ ଜିଲ୍ଲା ଗଠନ ଦାବିରେ ପ୍ରଗତି ମଞ୍ଚର ବୈଠକ

କରଞ୍ଜିଆ, ୨୯।୭ (ସମିସ): ପାଞ୍ଚପୀଢ ଉପଖଣ୍ଡର ୫ଟି ବ୍ଲକ ନେଇ ପାଞ୍ଚପୀର ଜିଲ୍ଲା ଗଠନ ପାଇଁ ମଙ୍ଗଳବାର ପାଞ୍ଚପୀର ପ୍ରଗତି ମଞ୍ଚ ପକ୍ଷରୁ ଆଡ଼ଭୋକେଟ ସଞ୍ଜୟ ସାହୁଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଡ଼ଭୋକେଟ ଦିବ୍ୟପ୍ରସାଦ ସାହୁ ତୁରନ୍ତ ବ୍ଲକସ୍ତରରେ ପ୍ରତି ପଞ୍ଚାୟତରୁ ସଭ୍ୟଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ କମିଟି ଗଠନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହି ଦାବି ନେଇ ସଭାପତି ଆଗାମୀ ଅଗଷ୍ଟ ଦୁଇ ତାରିଖରୁ କରଞ୍ଜିଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବା ପାଇଁ ପ୍ରସ୍ତାବ ଆଣି କାର୍ଯ୍ୟକାରୀ କରିବା ପାଇଁ ନିବେଦନ କରିଥିଲେ। ଉମାଶଙ୍କର ଦାସ ଆନ୍ଦୋଳନ କରିବା ପାଇଁ କମିଟିକୁ ପୂର୍ଣ୍ଣାଙ୍ଗ କରିବା ସହିତ ଉପଖଣ୍ଡର ସମସ୍ତ ଅନୁଷ୍ଠାନଗୁଡ଼ିକୁ ସାମିଲ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ଗୌରୀଶଙ୍କର ସିହ୍ନା ମଧ୍ୟ ଜିଲ୍ଲା ଗଠନ ଦାବିରେ ସମସ୍ତଙ୍କ ସମର୍ଥନ ଦରକାର ବୋଲି ପ୍ରକାଶ କରିଥିଲେ। ଲୋପୁ ଭାରୁକାଙ୍କୁ ଏହି କମିଟିରେ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିଲା। ଆଗାମୀ ଦୁଇଦିନ ଭିତରେ ଏକ ସାମ୍ବାଦିକ ସମ୍ମିଳନୀ ଡାକି ଜନ ସମର୍ଥନ ଲୋଡ଼ାଯିବ ବୋଲି ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ଜଗମୋହନ ମହାନ୍ତ, ଗୌରାଙ୍ଗ ବାରିକ, ଭାରତ ରାମ, ଧରଣୀ ମହାନ୍ତ, ଉମାଶଙ୍କର ଦାସ, କର୍ଣ୍ଣାର୍ଜୁନ ସାହା ପ୍ରମୁଖ ଉପସ୍ଥିତ ଥିଲେ।

## ରାସ୍ତା ନିର୍ମାଣ ଅଧପନ୍ତରିଆ; ଲୋକେ ହନ୍ତସନ୍ତ

ହାଟଡ଼ିହୀ, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକ୍ ହଦଗଡ଼ ପଞ୍ଚାୟତ ବାଘୁଆସାହି ଗ୍ରାମର ଫରେଷ୍ଟ ଗେଟଠାରୁ ହଦଗଡ଼ ଶିବ ମନ୍ଦିର



ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଅଧପନ୍ତରିଆ ହୋଇଥିବାରୁ ଲୋକଙ୍କୁ ଯାତାୟାତରେ ସମସ୍ୟା ହେଉଛି। ଏହି ରାସ୍ତା ଉପରେ ହଦଗଡ଼, ବାଙ୍ଗୋର, ଧନୁର୍ଜୟପୁର ପଞ୍ଚାୟତର ଲୋକେ ନିର୍ଭର କରୁଛନ୍ତି। ଏହି ରାସ୍ତା ଦେଇ ଲୋକେ ହଦଗଡ଼ ହାଟକୁ ମଧ୍ୟ ଯାଉଛନ୍ତି। ୨୦୨୨-୨୩ ଅର୍ଥିକ ବର୍ଷରେ ରାସ୍ତା ନିର୍ମାଣ କରିବାକୁ ଡିଏମ୍‌ଏଫରୁ ୨କୋଟି ୫୫ଲକ୍ଷ ୨୨ହଜାର ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ନିର୍ମାଣ କାର୍ଯ୍ୟ ହୋଇଥିଲା। ଠିକାଦାର ସଞ୍ଜୟ ମିଶ୍ର ଟେଣ୍ଡର ପାଇଥିଲେ। ୨୦୨୩ରେ କାମ ଆରମ୍ଭ ହୋଇ ୧୯/୧୧/୨୦୨୩ରେ ସାରିବାକୁ ଚୁକ୍ତି ହୋଇଥିଲା। ଠିକାଦାର ପ୍ରଥମ ପର୍ଯ୍ୟାୟରେ କଂକ୍ରିଟ ରାସ୍ତା କାମ ସାରି ଦେଇଥିଲେ। ପିଚୁରାସ୍ତା କାମ ଏଯାଏଁ ଆରମ୍ଭ କରିନାହାନ୍ତି। ଦେଢ଼ବର୍ଷ ହେଲା କାମ ବନ୍ଦ ହୋଇ ପଡ଼ିରହିଛି। ଏନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ବି କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ ହୋଇଛି। ରାସ୍ତା ଅଧପନ୍ତରିଆ ହୋଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସରପଞ୍ଚ ନିରୁପମା ନନ୍ଦୀ, ବିଜୟ ଶତପଥୀ, ନବକିଶୋର ନାୟକ, ମିଥୁନ ନାୟକ, ବିଦ୍ୟାଧର ଜେନା, ଅଭୟ ରାଉତ ଦାବି କରିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ସହକାରୀ ଯନ୍ତ୍ରୀ କରୁଣାକର ନନ୍ଦ କହିଛନ୍ତି, ବର୍ଷା ପରେ ପରେ ପୁଣି କାମ ଆରମ୍ଭ ହେବ।

## ବୁଲେଟ-ବାଇକ୍ ଧକ୍କା; ଦୁଇ ଗୁରୁତର


ରାଇରଙ୍ଗପୁର, ୨୯।୭ (ସମିସ): ମଙ୍ଗଳବାର ପୂର୍ବାହ୍ନରେ ରାଇରଙ୍ଗପୁର ସହରର ମୁର୍ମୁ ଛକରେ ଏକ ବୁଲେଟ ସହିତ ବାଇକ୍‌ର ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ରାଇରଙ୍ଗପୁର୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଜଣଙ୍କର ମୁଣ୍ଡ ଫାଟିଛି ତ ଆଉ ଜଣଙ୍କର ମୁଣ୍ଡ, ଗୋଡ଼, ହାତରେ ଗଭୀର ଆଘାତ ଲାଗିଛି। ପୁଲିସ ଗାଡି ଦୁଇଟିକୁ ଜବତ କରିଛି। ବୁଲେଟ ଚାଳକ ହେଉଛନ୍ତି ରାଇରଙ୍ଗପୁର ଟାଉନ ଥାନା ଅନ୍ତର୍ଗତ ନୂଆଗାଁର ଆର୍ଯ୍ୟାନ୍ ମହାନ୍ତ ଏବଂ ବାଇକ ଚାଳକ ହେଉଛନ୍ତି ବାଇକଳାର ଅମିତ ଗିରି।

## ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା



ବିଶୋଇ, ୨୯।୭ (ସମିସ): ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜୁନିୟର ରେଡକ୍ରସ ସୋସାଇଟିର ମିଳିତ ଆନୁକୂଲ୍ୟରେ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ବ୍ଲକ ସ୍ତରୀୟ କୁଇଜ ପ୍ରତିଯୋଗିତ ଅନୁଷ୍ଠିତ ହୋଇଯାଇଛି। ଜୁନିୟର ରେଡକ୍ରସ ସୋସାଇଟିର ବ୍ଲକ ସଂଯୋଜକ ଯଜ୍ଞଶର୍ମା ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶୋଇ ବ୍ଲକ ଅଧୀନ ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ସମୁଦାୟ ୧୬ ଜଣ ଛାତ୍ରଛାତ୍ରୀ 'ଏଡ଼ସ୍ ରୋଗ' ବିଷୟବସ୍ତୁ ଉପରେ ରଖାଯାଇଥିବା କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିଲେ। କୁଇଜ ପ୍ରତିଯୋଗିତାରେ ଅଶନା ସରକାରୀ ଉଚ୍ଚବିଦ୍ୟାଳୟର ସେଲିନା ପଣ୍ଡା ପ୍ରଥମ ଓ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଜ୍ୟାଷ୍ମାରାଣୀ ମହାନ୍ତ ଦ୍ୱିତୀୟ ସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ପୁରସ୍କୃତ ହୋଇଛନ୍ତି। ପରେ ବିଶୋଇ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଦୀପିକା ସେନାପତିଙ୍କ ସଭାପତିତ୍ୱରେ ଏଡସ୍ ସମ୍ବନ୍ଧୀୟ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିଶ୍ଚନ୍ଦ୍ର ହୋତା ଯୋଗଦେଇ ଏଡସ୍ ରୋଗ ସଂକ୍ରମଣର କାରଣ ଏବଂ ରୋଗର ନିରାକରଣ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ସଚେତନତା କରାଇଥିଲେ। ମୁଖ୍ୟବ୍ୟକ୍ତା ଭାବରେ ବିଆରସିସି ସଙ୍ଗୀତା ଜେନା ଯୋଗଦେଇ ଏଚ.ଆଇ.ଭି ଏଡ଼ସ୍ ରୋଗ ସମ୍ବନ୍ଧରେ ନିଜେ ସଚେତନତା ଅବଲମ୍ବନ କରିବା ସହିତ ଅନ୍ୟକୁ ସଚେତନତା କରାଇବା ପାଇଁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ଜୟଦୀପ୍ତି ନାୟକ, ଦେବଶ୍ରୀ ନାୟକ ଏବଂ ସିପ୍ରାଲି ଘୋଷ ପ୍ରତିଯୋଗୀଙ୍କ ମୂଲ୍ୟାଙ୍କନ କରିଥିଲେ।

## ଶ୍ରୀ ଶ୍ରୀରଘୁନାଥଜୀଉ ମନ୍ଦିରର ଲିଜ୍ ବାତିଲ ଦାବି



ରାଇରଙ୍ଗପୁର, ୨୯।୭ (ସମିସ): ରାଇରଙ୍ଗପୁର ଶ୍ରୀ ଶ୍ରୀ ରଘୁନାଥ ଜୀଉଙ୍କ ଜମିକୁ ଦଲାଲ, ମାଫିଆମାନେ ବର୍ଷ ବର୍ଷ ଧରି ମାଡ଼ି ବସିବା ସହ ଘର ନିର୍ମାଣ କରି ଜବରଦଖଲରେ ରଖିଛନ୍ତି। ଫଳରେ ଏ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଛି। ସୂଚନା ଅନୁସାରେ, ରଘୁନାଥଜୀଉ ମନ୍ଦିରର ପୌରାଞ୍ଚଳର ଅଁଳାଡୁବା, ପିଛିଲିଘାଟୀ, କୁଚେଇବୁଡୀରେ ୬୨.୨୮ ଏକର ଜମିକୁ ସହରର ପ୍ରାକ୍ତନ ସରକାରୀ କର୍ମଚାରୀ, ଅଧ୍ୟାପକ, ରାଜନେତା, ବ୍ୟବସାୟୀ, ଜମି ମାଫିଆ ଲିଜ୍ ନେଇ ମାଡି ବସିଛନ୍ତି। ସେହିପରି ଜାମଦା ତହସିଲରେ ୫୧ ଏକର ୭୮ ଡେସିମିଲ ଜମି ଏବଂ କୁସୁମୀ ବ୍ଲକରେ ୩ ଏକର ୨୮ ଡେସିମିଲ ଜମି ଜବରଦଖଲ ଏବଂ ଲିଜ୍ ଆକାରରେ ମୂଲ୍ୟବାନ ଜମିକୁ ମାଡ଼ି ବସିଛନ୍ତି ମାଫିଆ। ଫଳରେ ଅର୍ଥ ଅଭାବରୁ ମନ୍ଦିରର ଅରୁଣ ସ୍ତମ୍ଭ, ପାଶ୍ୱର୍ ମନ୍ଦିର, ପାଚେରି ଏବଂ ଫାଟକ ନିର୍ମାଣ ହୋଇପାରୁନାହିଁ। ପଣ୍ଡା ଏବଂ ପଢିଆରୀଙ୍କୁ ମଧ୍ୟ ଉଚିତ୍ ପ୍ରାପ୍ୟ ଦିଆଯାଇପାରୁନାହିଁ। ସେହିପରି ଠାକୁରଙ୍କ ନୀତିକାନ୍ତି ମଧ୍ୟ ଠିକ୍‌ଭାବେ ହେଉନି। ତେଣୁ ମନ୍ଦିରର ସୁରକ୍ଷା, ଜବରଦଖଲ ଉଚ୍ଛେଦ ଏବଂ ଲିଜ ବାତିଲ କରିବା ପାଇଁ ଜେଏମଏମ ପକ୍ଷରୁ ଦାବି କରାଯାଇଥିଲା। ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଜେଏମଏମ ଜିଲ୍ଲା ଉପସଭାପତି ଘନଶ୍ୟାମ ପିଙ୍ଗୁଆ, ପ୍ରବକ୍ତା ସୁନିଲ ମାଝୀ, କେନ୍ଦ୍ରୀୟ କମିଟି ସଦସ୍ୟ ସାଲୁ କିସ୍କୁ ଏବଂ ବହୁ ଦଳୀୟ କର୍ମୀ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

### ଅମର୍ଦା ଏୟାରଷ୍ଟ୍ରିପ ଜମି ଅଧିଗ୍ରହଣ ପାଇଁ ଗ୍ରାମସଭା

## ଲୋକଙ୍କୁ ଜାଗା ବଦଳରେ ଜାଗା କିମ୍ବା ଟଙ୍କା ଦିଆଯିବ: ଉପଜିଲ୍ଲାପାଳ

ମୋରଡା, ୨୯।୭ (ସମିସ): ଦୀର୍ଘଦିନର ଲୋକଙ୍କ ଦାବି ପରେ ରାସଗୋବିନ୍ଦପୁର ଅମର୍ଦା ଏୟାରଷ୍ଟ୍ରିପ ଉଡାଣ ଯୋଜନାରେ ସାମିଲ ହୋଇଥିବା ବେଳେ ଏହାର ପୁନରୁଦ୍ଧାର ଓ କାର୍ଯ୍ୟକ୍ଷମ ପାଇଁ ପ୍ରଶାସନ ପକ୍ଷରୁ ଜାଗା ଅଧିଗ୍ରହଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ଗତ ଜୁଲାଇ ୨୪ ତାରିଖରେ ମୋରଡା ବ୍ଲକ ଅଧୀନ ଧଡ଼ାସାହି ପଞ୍ଚାୟତରେ ଏୟାରଷ୍ଟ୍ରିପକୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ପଳାସମୁଣ୍ଡୁଳି ପଞ୍ଚାୟତ ହରେକୃଷ୍ଣପୁରଠାରେ ପ୍ରଶାସନ ଏବଂ ଗ୍ରାମବାସୀଙ୍କୁ ନେଇ ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡା, ମୋରଡା ବିଡ଼ିଓ ଅଣାକର ନାଏକ, ତହସିଲଦାର ବିଦ୍ୟାଧର ଦଣ୍ଡପାଟ, ଥାନା ଅଧିକାରୀ ସୁମିତ କୁମାର ସରେନ, ପୂର୍ବତନ ଉପଜିଲ୍ଲାପାଳ ରଜନୀକାନ୍ତ ବିଶ୍ୱାଳ, ପୂର୍ତ୍ତବିଭାଗ ଏଇ ରବୀନ୍ଦ୍ର ମିଶ୍ର, ବ୍ଲକ ଭାଇସ ଚେୟାରମ୍ୟାନ ଜେମାମଣି ମହାନ୍ତ ଏବଂ ପଞ୍ଚାୟତ ପ୍ରତିନିଧି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଛନ୍ତି। ଉପଜିଲ୍ଲାପାଳ ଶ୍ରୀ ପରିଡା କହିଛନ୍ତି ଯେ, ଉକ୍ତ ଏୟାରଷ୍ଟ୍ରିପର ପୁନରୁଦ୍ଧାର ପାଇଁ ରାସଗୋବିନ୍ଦପୁର ବ୍ଲକର ୨୭୫ ଏକର ଜାଗା ଦରକାର ହେବାକୁ ଥିବା ବେଳେ ମୋରଡା ବ୍ଲକର ୧୬୮ ଏକର ଜାଗା ଦରକାର ପଡିବ। ତେଣୁ ଯେଉଁ ଲୋକଙ୍କ ଜାଗା ସରକାର ନେବେ ସେମାନଙ୍କୁ ଜାଗା ବଦଳରେ ଟଙ୍କା କିମ୍ବା ଜାଗା ପ୍ରଦାନ କରାଯିବ। ଏହାବ୍ୟତୀତ ଏୟାରଷ୍ଟ୍ରିପ କାର୍ଯ୍ୟକ୍ଷମ ହେଲେ ଅଞ୍ଚଳରେ ଗମନାଗମନର ସୁବିଧା ହେଲେ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀ ପରିଡା କହିଛନ୍ତି।




## ଗୁହାଳଡାଙ୍ଗିରୀରେ ହାତୀ ଉପଦ୍ରବ

ରାଇରଙ୍ଗପୁର, ୨୯।୭ (ସମିସ): ରାଇରଙ୍ଗପୁର ବ୍ଲକ ଗୁହାଳଡାଙ୍ଗୀରି ପଞ୍ଚାୟତ ସୁରିଆ ଗୋଡ଼ା ଏବଂ ଚିଲକୁବାଦୀ ଗ୍ରାମରେ ହାତୀ ଉପଦ୍ରବ ଯୋଗୁ ଲୋକେ ଅତିଷ୍ଠ ହୋଇପଡିଲେଣି। ଫଳରେ ହାତୀପଲ ଜନବସତି ମୁହାଁ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ରାଇରଙ୍ଗପୁର ବ୍ଲକର ଉପାନ୍ତ ଗୁହାଳଡାଙ୍ଗିରୀ ପଞ୍ଚାୟତର କରି ବିଭିନ୍ନ ସ୍ଥାନରେ ହାତୀ ଉପଦ୍ରବ କରି ଘରବାରି ନଷ୍ଟ କରିବା ଚାଷ କ୍ଷେତ ଦଳି ମକଚି କ୍ଷତିଗ୍ରସ୍ତ କରୁଛନ୍ତି। ସୁରିଆଗୋଡ଼ା ଗାଁର ବୁଡାନ ମାଝୀଙ୍କ ଘର ଭାଙ୍ଗିବା ସହିତ ଧାନ ଖାଇ ଦେଇଛନ୍ତି। ସେହିପରି ଗ୍ରାମର ମାଧିଆ ମାଟିଙ୍କ ଚାଷଜମି ନଷ୍ଟ କରିଦେଇଛନ୍ତି ହାତୀପଲ। ଚିଲକୁବାଦୀ ଗାଁର ଶୁକ୍ରା ମୁଣ୍ଡାରିଙ୍କ ଫସଲ ନଷ୍ଟ କରିଦେଇଛନ୍ତି। ଗାଁ ପାଖ ଜଙ୍ଗଲରୁ ହାତୀପଲ ବାରମ୍ବାର ଆସି ବ୍ୟାପକ କ୍ଷୟକ୍ଷତି କରୁଥିବାରୁ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।



## ବଡସାହି ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ବଡସାହି, ୨୯।୭ (ସମିସ): ବଡସାହି ସରକାରୀ ଉଚ୍ଚବିଦ୍ୟାଳୟର ୭୦ତମ ପ୍ରତିଷ୍ଠା ଦିବସ ପ୍ରଧାନଶିକ୍ଷୟିତ୍ରୀ ଅନସୂୟା ଖମାରୀଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ଲକ୍ ଉପାଧ୍ୟକ୍ଷ କାଞ୍ଚନ କୁମାର ପ୍ରଧାନ ଯୋଗଦେଇ ବିଦ୍ୟାଳୟ ଧନରେ ଗଢା ଯାଏନି। ସେଥିପାଇଁ ମନ ଲୋଡା। ବିଦ୍ୟାଳୟ ପାଇଁ ଭିତ୍ତିଭୂମି ଅସଲ ସମ୍ବଳ ନୁହେଁ, ସମ୍ବଳ ହେଉଛି ଶିକ୍ଷକ ଏବଂ ଛାତ୍ର ବୋଲି ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ବିରଞ୍ଚି ନାରାୟଣ ପତି, ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦ ସଭାପତି ଶିକ୍ଷାବିତ ରଣଜିତ କୁମାର ଦାସ, ପୂର୍ବତନ ପ୍ରଧାନଶିକ୍ଷକ ଅଜିତ କୁମାର ଷଡ଼ଙ୍ଗୀ, ଶିକ୍ଷାବିତ ସୁବାସିନୀ ପତି, ଏବିଇଓ ରାଧିଆଚରଣ ମୁଣ୍ଡା, ଆଲୁମିନି କମିଟି ପକ୍ଷରୁ ପ୍ରଦୀପ କୁମାର ବେହେରା ଓ ସରୋଜ କୁମାର ବେହେରା ପ୍ରମୁଖ ଯୋଗ ବିଦ୍ୟାଳୟର ଇତିହାସ ରୋମନ୍ଥନ କରିଥିଲେ। ଶିକ୍ଷକ ସରୋଜ କୁମାର ପ୍ରଧାନ ଓ କମଳାକାନ୍ତ ରଥ ଅତିଥିଙ୍କୁ ଆମନ୍ତ୍ରଣ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ତଟିନୀ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଛନ୍ତି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଅତିଥିମାନେ ଚାରାରୋପଣ କରିଥିଲେ। ଅତିଥିମାନେ ରାଧାମଣୀ ଭୁଗୁଡେଇ, ଅନାଦି ଚରଣ ଦାସ, ସାଧବାଣୀ ଦାସ, ରବିନ୍ଦ୍ର ବେହେରାଙ୍କୁ ଟ୍ରଷ୍ଟ ପକ୍ଷରୁ ଅର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହାବାଦ ସରୋଜ କୁମାର ବେହେରା ଓ ପ୍ରଦୀପ କୁମାର ଦାସଙ୍କୁ ମେଧାବୃତ୍ତି ମ ପ୍ରଦାନ କରାଯାଇଛି।

### ଶିକ୍ଷକଙ୍କ ପୁରୁଣା ପେନ୍‌ସନ ଓ ଅନୁଦାନ ଦାବି

## ବ୍ଲକ ଓଷ୍ଟା ସଙ୍ଘର ଆନ୍ଦୋଳନ ପ୍ରସ୍ତୁତି

ବହଳଦା, ୨୯।୭ (ସମିସ):

ବହଳଦା ବ୍ଲକ ଅନ୍ତର୍ଗତ ଝରାଡିହି ପିଏମଶ୍ରୀ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଶା ସ୍କୁଲ ଓ କଲେଜ୍ ଶିକ୍ଷକ କର୍ମଚାରୀ ସମନ୍ୱୟ ସମିତିର ଏକ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଓଷ୍ଟା ଉପସଭାପତି ମିତା ହାଁସଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଓଷ୍ଟାର ରାଜ୍ୟ ଉପସଭାପତି ଜ୍ଞାନରଞ୍ଜନ ପାଣିଗ୍ରାହୀ ଯୋଗଦେଇ ସରକାରଙ୍କ ଶିକ୍ଷକ ମାରଣ ନୀତିକୁ ସମାଲୋଚନା କରିଥିଲେ। ଦୀର୍ଘ ବର୍ଷ ଧରି ବିନା ଦରମାରେ ଚାକିରି କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କୁ ତୁରନ୍ତ ଅନୁଦାନ, ବିନା ପେନ୍‌ସନ୍ ଗ୍ରହଣ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପେନ୍‌ସନ ପ୍ରଦାନ, ସରକାରୀ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ୬ବର୍ଷ ମୂଳ ଚାକିରି ସହଯୋଗ କରିବା, ଗ୍ରେଡ୍ ପେ'ରେ ଅସଙ୍ଗତି ଆଦି ଦାବିରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଥିଲେ। ବୈଠକରେ ବ୍ଲକ୍ ସମ୍ପାଦକ ସ୍ମୃତି ରଞ୍ଜନ ପାଣି, ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରକାଶ ଚନ୍ଦ୍ର ନାୟକ, ପର୍ଯ୍ୟବେକ୍ଷକ ଭାବେ ତିରିଂ ବ୍ଲକର ଯଦୁନାଥପୁର ସୀମାନ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଜିଲ୍ଲା ଯୁଗ୍ମ ସମ୍ପାଦକ ଡକ୍ଟର ରାଧାକାନ୍ତ ମହାରଣା, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବୀରେନ୍ଦ୍ର ଦଳେଇ, ବହଳଦା କଲେଜର ଅଧ୍ୟାପକ ଗଣେଶ୍ୱର ସାମଲ, ଏନପିଏସ ସଂଘ ସଭାପତି ସୁବ୍ରତ କୁମାର ପଲେଇ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଅଗଷ୍ଟ ୨ରେ ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ, ଅଗଷ୍ଟ ୮ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା, ଅଗଷ୍ଟ ୧୬ ତାରିଖରେ ଭୁବନେଶ୍ୱରରେ ପ୍ରତିବାଦ ସଭା ଓ ଦାବିପତ୍ର ପ୍ରଦାନ କରିବାକୁ ସିଦ୍ଧାନ୍ତ କରାଯାଇଥିଲା। ବୀରେନ୍ଦ୍ର ଦଳେଇ ଧନ୍ୟବାଦ୍ ଅର୍ପଣ କରିଥିଲେ।




## ଗୋଷ୍ଠୀଗତ ଜଙ୍ଗଲ ଅଧିକାର ତାଲିମ ଶିବିର

କେନ୍ଦୁଝର, ୨୯।୭ (ସମିସ): ଧରତୀ ଆବା ଜନଜାତୀୟ ଗ୍ରାମୀଣ ଉତ୍କର୍ଷ ଯୋଜନା ଅଧୀନରେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଉପରେ ଏକ ଜିଲ୍ଲାସ୍ତରୀୟ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଆଇଟିଡିଏ ତରଫରୁ ୧୮୦ଟି ଗ୍ରାମରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜୀବନଜୀବିକା ଓ ଆଦିବାସୀଙ୍କ ଆର୍ଥିକ ବିକାଶ କିପରି ହୋଇପାରିବ ତାହା ଉପରେ ଆଲୋଚନା କରିବା ସହିତ ତାଲିମ ପ୍ରଦାନ କରାଯାଇଥିଲା। ସେହି ଗ୍ରାମଗୁଡିକରେ ଗୋଷ୍ଠୀଗତ ଜଙ୍ଗଲ ଅଧିକାର ଆଇନ ଅନୁସାରେ ସଂପୃକ୍ତ ଜଙ୍ଗଲରୁ ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ, ପରିଚାଳନା ଓ ଆର୍ଥିକ ବୃଦ୍ଧି ଉନ୍ନତି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ ଯୋଗଦେଇ ବିଭିନ୍ନ ପ୍ରକାରର ପରାମର୍ଶ ଦେଇଥିଲେ। ଆଇଟିଡିଏ କେନ୍ଦୁଝରର ପ୍ରକଳ୍ପ ପ୍ରଶାସକ ପୁନମ ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଆନନ୍ଦପୁର, କେନ୍ଦୁଝର ଓ ଚମ୍ପୁଆ ଉପଜିଲ୍ଲାପାଳ, ରାଜ୍ୟ କାର୍ଯ୍ୟକ୍ରମ ପରିଚାଳନା ବିଭାଗର କାର୍ଯ୍ୟକ୍ରମ ସଂଯୋଜକ ବାଳକୃଷ୍ଣ ସାହୁ ଓ ଏଫ୍‌ଇଏସ୍ ସ୍ୱେଚ୍ଛାସେବୀ ସଂଗଠନର ବରିଷ୍ଠ କାର୍ଯ୍ୟକ୍ରମ ପରିଚାଳକ ବର୍ଣ୍ଣ ବୈଭବ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୧୩ଟି ତହସିଲର ତହସିଲଦାର, ସମସ୍ତ ବନାଞ୍ଚଳ ଅଧିକାରୀ, ସମସ୍ତ ବ୍ଲକ ମଣ୍ଡଳ ସଂପ୍ରସାରଣ ଅଧିକାରୀ, ତେଲକୋଇ ତହସିଲ ଅଧୀନସ୍ଥ ୬ଟି ଗ୍ରାମର ଜଙ୍ଗଲ ଅଧିକାର କମିଟିର ସଭ୍ୟ ଓ ଜଙ୍ଗଲ ଜମି ଅଧିକାର ବିଭାଗର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୬.୮୬
- ୟୁରୋ ୧୦୦.୭୯ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୫୦୦ (ଭୁବନେଶ୍ୱର)
- ରୁପା : ୧,୧୮,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୧,୩୩୭.୦୦
- ନିଫ୍ଟି ୨୪,୮୨୧.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ଫେସ୍ ଆଇଡି , ଫିଙ୍ଗର ପ୍ରିଣ୍ଟରେ ୟୁପିଆଇ ପେମେଣ୍ଟ

ନୂଆଦିଲ୍ଲୀ,୨୯।୭ (ଏଜେନ୍ସି)




- ଖୁବ୍ ଶୀଘ୍ର ଆସିବ ନୂଆ ବ୍ୟବସ୍ଥା
- ବର୍ତ୍ତମାନ ନେଣଦେଣ ପାଇଁ ପିନ୍ ଦେବାକୁ ପଡୁଛି

ଏଣିକି ବିନା ପିନ୍‌ରେ ହେବ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ପେମେଣ୍ଟ। ଫେସ୍ ଆଇଡି ଏବଂ ଫିଙ୍ଗରପ୍ରିଣ୍ଟ ଜରିଆରେ ୟୁଜର କରିବେ କାରବାର। କାରଣ ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଖୁବ୍ ଶୀଘ୍ର ଏକ ନୂଆ ବୈଶିଷ୍ଟ୍ୟ ଆଣିବାକୁ ଯାଉଛି। ନ୍ୟାଏଥିପାଇଁ ସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ ୟୁପିଆଇରେ ଏକ ପ୍ରମୁଖ ଅପଡେଟ୍ ଆଣିବାକୁ ପ୍ରସ୍ତୁତ ହେଉଛି। ଏହା ବ୍ୟବହାରକାରୀମାନଙ୍କୁ ପ୍ରତ୍ୟେକ ଥର ପିନ୍ ଏଣ୍ଟ୍ରି କରିବା ପରିବର୍ତ୍ତେ ଫେସ୍ ରେକଗ୍ନିସନ୍ ଏବଂ ଫିଙ୍ଗରପ୍ରିଣ୍ଟ ଭଳି ବାୟୋମେଟ୍ରିକ୍ସ ବ୍ୟବହାର କରି କାରବାରକୁ ପ୍ରମାଣିତ କରିବାକୁ ଅନୁମତି ଦେବ।

ଏହି ନୂତନ ବୈଶିଷ୍ଟ୍ୟର ବର୍ତ୍ତମାନ ସମୀକ୍ଷା କରାଯାଉଛି ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ନିୟାମକ ଅନୁମୋଦନ ଆବଶ୍ୟକ ହେବ। ବିଶେଷଜ୍ଞମାନେ କହିଛନ୍ତି ଯେ ଏହା ୟୁପିଆଇର ସୁରକ୍ଷାକୁ ଆହୁରି ମଜବୁତ କରିବ। ଏହି ନୂଆ ବ୍ୟବସ୍ଥାକୁ ଆଗାମୀ ୨୦୨୫ ଗ୍ଲୋବାଲ୍ ଫିନଟେକ୍ ଫେଷ୍ଟରେ ପ୍ରଦର୍ଶନ କରାଯାଇପାରିବ। ଏହି ଅପଡେଟ୍ କାର୍ଯ୍ୟକାରୀ କରିବା ପରେ ବ୍ୟବହାରକାରୀମାନେ ପିନ୍ ଏଣ୍ଟ୍ରି ନ କରି କାରବାର ପାଇଁ ଫେସ୍ ଆଇଡି ଏବଂ ସେମାନଙ୍କର ଫିଙ୍ଗରପ୍ରିଣ୍ଟ ବ୍ୟବହାର କରିପାରିବେ। ଏକ ସୂତ୍ରରୁ ହୋଇଛି ଯେ, ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ ଏହି ଫିଚରର ବିବରଣୀ ୟୁପିଆଇ ଇକୋସିଷ୍ଟମର ଅଂଶଗ୍ରହଣକାରୀମାନଙ୍କ ସହିତ ସେୟାର କରିଛି, ଯାହା କାର୍ଯ୍ୟକାରୀ କରିବା ପୂର୍ବରୁ ସମୀକ୍ଷା, ମତାମତ ଏବଂ ପ୍ରସ୍ତୁତି ସୁନିଶ୍ଚିତ କରିବ। ନ୍ୟାସନାଲ ପେମେଣ୍ଟସ କର୍ପୋରେସନ ଅଫ୍ ଇଣ୍ଡିଆ ଏକ ବର୍ଷରୁ ଅଧିକ ସମୟ ଧରି ଏହା ଉପରେ କାମ କରୁଛି। ଏକ ସୂତ୍ର କୁହାଯାଇଛି ଯେ ଏହି ବୈଶିଷ୍ଟ୍ୟ ଉପରେ କାମ ଏବେ ବି ଚାଲିଛି। ନୂଆ ବ୍ୟବସ୍ଥା ଅତିରିକ୍ତ ସୁରକ୍ଷା ପ୍ରଦାନ କରିବ, ଯାହା ଓଟିପି ଅପେକ୍ଷା ଭଲ। ଏହାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ), ଜାତୀୟ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆର ଷ୍ଟିଅରିଂ କମିଟି ଏବଂ ସମଗ୍ର ଇକୋସିଷ୍ଟମରୁ ସବୁଜ ସଙ୍କେତ ପାଇବା ପରେ କାର୍ଯ୍ୟକାରୀ କରାଯିବ।

ଶିଳ୍ପ ସୂତ୍ରରୁ କୁହାଯାଇଛି ଯେ, ଏହି ବୈଶିଷ୍ଟ୍ୟ ଅନେକ ଉପାୟରେ ପାରମ୍ପରିକ ୱାନ୍-ଟାଇମ୍ ପାସୱାର୍ଡ (ଓଟିପି) କିମ୍ବା ପିନ୍ ଅପେକ୍ଷା ଅଧିକ ସୁରକ୍ଷିତ ସାବ୍ୟସ୍ତ ହେବ। ପିନ୍‌ର ବିକଳ୍ପ ଭାବରେ ବାୟୋମେଟ୍ରିକ୍ ପ୍ରମାଣୀକରଣ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ବାୟୋମେଟ୍ରିକ୍ସ ମାଧ୍ୟମରେ କରାଯାଇଥିବା କାରବାରର ଅତିରିକ୍ତ ସୁରକ୍ଷା ପାଇଁ ମୂଲ୍ୟ ସୀମା ଥାଇପାରେ ବୋଲି ସମ୍ଭାବନା ରହିଛି। ଫୋନ୍ ପେ , ଗୁଗୁଲ୍ ପେ, ପେଟିଏମ୍, ଭୀମ୍ ଭଳି ଅନ୍ୟ ଆପ୍ ପାଇଁ ବାୟୋମେଟ୍ରିକ୍-ଆଧାରିତ ପ୍ରାଧିକରଣକୁ ପୃଥକ ଭାବରେ ସେଟ୍ ଅପ୍ କରିବାକୁ ପଡିବ କି ନାହିଁ ତାହା ଏବେ ଦେଖିବା ବାକି ଅଛି।

**● ଟିସିଏସ୍ ଛଟେଇ: ଗଲା ୧୨,୦୦୦ ଚାକିରି**

# ମ୍ୟାନେଜରଙ୍କୁ ପିଙ୍କ୍ ସ୍ଲିପ୍ ଦେବାକୁ ନିର୍ଦ୍ଦେଶ




ନୂଆଦିଲ୍ଲୀ,୨୯।୭(ଏଜେନ୍ସି): ଭାରତର ସର୍ବବୃହତ ଆଇଟି ସେବା କମ୍ପାନୀ ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍) ବିଶ୍ୱ ସ୍ତରରେ ୧୨,୦୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ଯାଉଛି। ଏହା କମ୍ପାନୀ କର୍ମଚାରୀ ସଂଖ୍ୟାର ପ୍ରାୟ ୨ ପ୍ରତିଶତ। ଟିସିଏସ୍‌ର ସାମ୍ପ୍ରତିକ ଛଟେଇ ମୋଟ ୧୨,୨୬୧ କର୍ମଚାରୀଙ୍କୁ ପ୍ରଭାବିତ କରିବ। ଏହି ଛଟେଇ , ଅଧିକାଂଶ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ହେବ। ଜୁନ୍ ୩୦ ସୁଦ୍ଧା ଟିସିଏସ୍‌ର କର୍ମଚାରୀ ସଂଖ୍ୟା ୬,୧୩,୦୬୯ ରହିଥିଲା। ତେବେ ଏହା ମଧ୍ୟରେ କମ୍ପାନୀ ଏହାର ମ୍ୟାନେଜରଙ୍କୁ ଛଟେଇ ହେବାକୁ ଥିବା କର୍ମଚାରୀଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ପିଙ୍କ୍ ସ୍ଲିପ୍ ଦେବାକୁ ନିର୍ଦ୍ଦେଶ ଦେଇଛି। ଶହ ଶହ ସଂଖ୍ୟାରେ ଟିସିଏସ୍ କର୍ମଚାରୀଙ୍କୁ ପୂର୍ବରୁ ଚାକିରି ଛାଡିବାକୁ କୁହାଯାଇସାରିଛି। ଆଗାମୀ ମାସଗୁଡ଼ିକରେ ଯେଉଁ କର୍ମଚାରୀମାନଙ୍କୁ ଛଟେଇ କରାଯିବ, ସେମାନଙ୍କ ମଧ୍ୟରୁ ଏକ ତୃତୀୟାଂଶ ବେଞ୍ଚ ବର୍ଗର, ଯେତେବେଳେ କି ଅବଶିଷ୍ଟ କର୍ମଚାରୀଙ୍କୁ ଏହି ତାଲିକା ଆଧାରରେ ଛଟେଇ କରାଯିବ। ଅପରପକ୍ଷେ କେନ୍ଦ୍ର ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଟିସିଏସ୍‌ରେ ଛଟେଇ ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତି ଉପରେ କଡ଼ା ନଜର ରଖିଥିବା କହିଛି। ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ଟାଟା ଗ୍ରୁପ୍ ସହିତ ଯୋଗାଯୋଗରେ ଅଛି। ଏହି ପ୍ରସଙ୍ଗକୁ ନେଇ ମନ୍ତ୍ରଣାଳୟ ବେଶ ଚିନ୍ତିତ ଥିବା କହିଛି। ଏହି ପଦକ୍ଷେପ ପଛରେ ମୂଳ କାରଣଗୁଡ଼ିକର ତଦନ୍ତ କରାଯିବ ବୋଲି କୁହାଯାଇଛି।

# ଦୀପିକା ପାଦୁକୋନଙ୍କ ସହିତ ଡାଇସନର ନୂଆ କ୍ୟାମ୍ପେନ୍


ନୂଆଦିଲ୍ଲୀ,୨୯।୭

ଅନ୍ତର୍ଜାତୀୟ ଟେକ୍ନୋଲୋଜି କମ୍ପାନୀ ଡାଇସନ ପକ୍ଷରୁ ଡାଇସନ ବିୟୁଟିର ବ୍ରାଣ୍ଡ ଆମ୍ବାସାଡର ଦୀପିକା ପାଦୁକୋନଙ୍କୁ ନେଇ ଏହାର ନୂଆ 'ଦ ଡିଫରେନ୍ସ ଇଜ ଡାଇସନ' କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହି କ୍ୟାମ୍ପେନ ସହିତ ଡାଇସନ, ଭିନ୍ନ ପ୍ରକାରର କେଶ ଥିବା ବ୍ୟକ୍ତିମାନଙ୍କୁ ନିଜର ସ୍ୱଅଭିବ୍ୟକ୍ତିକୁ ପ୍ରକାଶ କରିବା ଏବଂ ହିଟ୍ ଡ୍ୟାମେଜ ବିନା ସଠିକ ଭାବେ ଷ୍ଟାଇଲ ହୋଇଥିବା କେଶ ପାଇବା ଲାଗି ଉତ୍ସାହିତ କରିଛି। ଏହି କ୍ୟାମ୍ପେନ ସମ୍ପର୍କରେ ଡାଇସନ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଙ୍କିତ ଜୈନ କହିଛନ୍ତି, 'ଦ ଡିଫରେନ୍ସ ଇଜ୍ ଡାଇସନ' ହେଉଛି ଏକ କ୍ୟାମ୍ପେନ ଯାହା ବ୍ୟକ୍ତିତ୍ୱକୁ ଗ୍ରହଣ କରେ ଓ ଉନ୍ନତ କରେ। ଏହା ଉଦ୍ଭାବନ ଓ ଉପଭୋକ୍ତାଙ୍କ ପାଇଁ ସମସ୍ତ ପ୍ରକାରର କେଶ ପାଇଁ ବିନା ହିଟ୍ ଡ୍ୟାମେଜରେ ଉନ୍ନତ ଷ୍ଟାଇଲ ପ୍ରଦାନ କରୁଥିବା ହେୟାର ଷ୍ଟାଇଲ ରେଞ୍ଜ ଆଣିବା ଲାଗି ଡାଇସନର ପ୍ରତିବଦ୍ଧତାକୁ ଦୃଢ କରିଛି।

ଦୀପିକା ପାଦୁକୋନ ଏହି ବିଷୟବସ୍ତୁକୁ ଜୀବନ୍ତ କରିବା ଏବଂ ହେୟାର ଷ୍ଟାଇଲିଂକୁ ନୂଆ ରୂପ ଦେବା ପାଇଁ ଆମର ଟେକ୍ନୋଲୋଜି ପ୍ରଥମ ଆଭିମୁଖ୍ୟକୁ ପ୍ରଦର୍ଶିତ କରୁଥିବାର ଦେଖି ଆମେ ଖୁବ୍ ଆନନ୍ଦିତ।

# ଭାରତରେ ମୋଟ ପେମେଣ୍ଟର ୮୩% ୟୁପିଆଇରେ ହେଉଛି

ନୂଆଦିଲ୍ଲୀ,୨୯।୭ (ଏଜେନ୍ସି)



**ଗତ ୫ ବର୍ଷରେ ୟୁପିଆଇର ବ୍ୟବହାର ୭୪% ବଢ଼ିଛି**

ୟୁନିଫାଇଡ୍ ପେମେଣ୍ଟ ଇଂଟରଫେସ୍ (ୟୁପିଆଇ) ଭାରତରେ ଡିଜିଟାଲ୍ କାରବାରର ମୁଖ୍ୟ ମାଧ୍ୟମ ହୋଇଛି, ଯାହା ୨୦୨୪ରେ ସମୁଦାୟ ପେମେଣ୍ଟ ପରିମାଣର ୮୩%। ୨୦୨୫ ଜୁନ୍‌ରେ ୟୁପିଆଇରେ ୧୮.୪୦ ବିଲିୟନ୍ କାରବାର ହୋଇଥିଲା ଯାହା ପରିମାଣରେ ୩୨% ଏବଂ ମୂଲ୍ୟରେ ୨୦% ବୃଦ୍ଧିକୁ ଦର୍ଶାଉଛି। ଗତ ୫ ବର୍ଷରେ ୟୁପିଆଇର ବ୍ୟବହାର ୭୪% ଚକ୍ରବୃଦ୍ଧି ହାରରେ (ସିଏଜିଆର୍) ବଢ଼ିଛି, ଯାହା ଏହାକୁ କାରବାର ପରିମାଣରେ ସର୍ବବୃହତ୍ ରିଟେଲ୍ ପେମେଣ୍ଟ ବ୍ୟବସ୍ଥାରେ ପରିଣତ କରିଛି। ଆରମ୍ଭରୁ ଆଜି ପର୍ଯ୍ୟନ୍ତ ୟୁପିଆଇରେ ୪୬୦ ନିୟୁତରୁ ଅଧିକ ଅନନ୍ୟ ଉପଭୋକ୍ତା ଯୋଡ଼ିପାରିଛନ୍ତି। ଡିଜିଟାଲ୍ କାରବାର ବଢ଼ିବା ସହିତ ଠକାମି ବଢ଼ିବାରେ ଲାଗିଛି। ଏଥିପାଇଁ ଏନ୍‌ପିସିଆଇର ବହୁସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଛି। ୟୁପିଆଇ କେବଳ ସୁବିଧା ନୁହେଁ, ଏହାର ମଜଭୁତ ସୁରକ୍ଷା ବ୍ୟବସ୍ଥା ସହିତ ପ୍ରତ୍ୟେକ କାରବାରର ସୁରକ୍ଷା ନିଶ୍ଚିତ କରୁଛି। ଏନ୍‌ପିସିଆଇ ପକ୍ଷରୁ ଡିଭାଇସ୍ ବାଇଣ୍ଡିଂ ପରି ଉନ୍ନତ ପ୍ରୋଟୋକଲ୍ ଏବଂ କଡ଼ା ସୁରକ୍ଷା ବ୍ୟବସ୍ଥା ବ୍ୟବହାର କରାଯାଇଛି। ଏହି ବିଶେଷତା ଉପଭୋକ୍ତାଙ୍କ ଖାତାକୁ ଏକ ନିର୍ଦ୍ଦିଷ୍ଟ ମୋବାଇଲ୍ ଡିଭାଇସ୍ ସହିତ ଲିଙ୍କ୍ କରୁଛି ଯାହାଦ୍ୱାରା ସଂଯୁକ୍ତ ଡିଭାଇସ୍ ବିନା କୌଣସି ତୃତୀୟ ପକ୍ଷ ଏହାକୁ ହାସଲ କରିପାରିବନାହିଁ। ଏହା ବ୍ୟତୀତ ୟୁପିଆଇରେ ଦୁଇ ପର୍ଯ୍ୟାୟ ପ୍ରାମାଣୀକରଣ ରହିଛି ଯେଉଁଥିରେ ଉପଭୋକ୍ତାଙ୍କୁ କାରବାର ଅନୁମୋଦନ କରିବା ପୂର୍ବରୁ ମୋବାଇଲ୍ ନମ୍ବର ଏବଂ ୟୁପିଆଇ ପିନ୍ ବ୍ୟବହାର କରି ପରିଚୟ ଯାଞ୍ଚ କରିବାକୁ ପଡୁଥିବା ଏନ୍‌ପିସିଆଇର ଚିଫ୍ ରିସ୍କ ଅଫିସର ବିଶ୍ୱନାଥ କୃଷ୍ଣମୂର୍ତ୍ତି କହିଛନ୍ତି। ଏନ୍‌ପିସିଆଇ ପକ୍ଷରୁ ଡିଜିଟାଲ୍ ପେମେଣ୍ଟ ଉପଭୋକ୍ତାଙ୍କ ସୁରକ୍ଷା ସୁଦୃଢ଼ କରିବା ପାଇଁ "ଷ୍ଟପ୍, ଥିଙ୍କ୍, ଆକ୍ଟ" ନୀତିକୁ ସାମିଲ କରାଯାଇଛି।

# ନିବେଶକଙ୍କୁ ଆର୍ଥିକ ଠକେଇରୁ ସୁରକ୍ଷିତ ରଖିବାକୁ ସେବି ଓ ଏନ୍‌ଏସ୍‌ଇର ମିଳିତ ପଦକ୍ଷେପ

ନୂଆଦିଲ୍ଲୀ,୨୯।୭: ବର୍ତ୍ତମାନ ସମୟରେ ନକଲି ଟ୍ରେଡିଂ ଆପ୍ ଓ ଡିପ୍‌ଫେକ ଭିଡିଓଗୁଡିକରୁ ଆରମ୍ଭ କରି ଅଣପଞ୍ଜୀକୃତ ନିବେଶ ପରାମର୍ଶଦାତା ଓ ସୋସିଆଲ ମିଡିଆରେ ବିଭ୍ରାନ୍ତିକର ଷ୍ଟକ୍ ପରାମର୍ଶ ପର୍ଯ୍ୟନ୍ତ ଠକମାନେ ଟେକ୍ନୋଲୋଜିର ଅପବ୍ୟବହାର କରିବା ସହ ନିବେଶକଙ୍କ ବିଶ୍ୱାସ ହ୍ରାସ କରୁଛନ୍ତି। ତେଣୁ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ପକ୍ଷରୁ ହାସଟ୍ୟାଗ ସେବି ବନାମ୍ ଦୁର୍ନୀତି ଶୀର୍ଷକ ଏକ ଜାତୀୟସ୍ତରୀୟ ନିବେଶକ ସଚେତନତା କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ଏହା ନିବେଶକମାନଙ୍କୁ ବିଭିନ୍ନ ପ୍ରକାରର ଆର୍ଥିକ ଠକେଇ ସମ୍ପର୍କରେ ସଚେତନ କରିବା ଏବଂ ସେମାନଙ୍କୁ ସେଥିରୁ ସୁରକ୍ଷିତ ରଖିବା ପାଇଁ ଲକ୍ଷ୍ୟ ରଖିଛି। ସେବିର ମାର୍ଗଦର୍ଶନ ଓ ନିୟାମକୀୟ ତତ୍ତ୍ୱାବଧାନରେ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ ଅଫ ଇଣ୍ଡିଆ ଲିମିଟେଡ (ଏନଏସଇ) ଏହି କ୍ୟାମ୍ପେନକୁ ସମର୍ଥନ କରିବା ପାଇଁ ଏକ ବିସ୍ତୃତ ନିବେଶକ ସୁରକ୍ଷା ଅଭିଯାନର ଆରମ୍ଭ କରିଛି। ଏହି ଅଭିଯାନ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ସୁରକ୍ଷିତ ନିବେଶ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସୂଚିନ୍ତିତ ନିଷ୍ପତି ନେବା ପାଇଁ ନିବେଶକଙ୍କୁ

ସଶକ୍ତ କରିବାକୁ ଚାହୁଁଛି। ସାଧାରଣ ଠକେଇଗୁଡିକୁ ଲୋକଲୋଚନକୁ ଆଣି ଏବଂ ମାର୍ଗଦର୍ଶନ ପ୍ରଦାନ କରି ଏହି କ୍ୟାମ୍ପେନ ନିବେଶକଙ୍କୁ ଚେତାବନୀ ସଙ୍କେତଗୁଡିକୁ ଚିହ୍ନଟ କରିବା, ଉତ୍ସଗୁଡିକୁ ଯାଂଚ କରିବା ଏବଂ ସନ୍ଦେହଜନକ କାର୍ଯ୍ୟକଳାପ ସମ୍ପର୍କରେ ଅଭିଯୋଗ କରିବାରେ ସାହାଯ୍ୟ କରିବା ପାଇଁ ଲକ୍ଷ୍ୟ ରଖିଛି, ଯାହା ଏକ ଅଧିକ ସୁରକ୍ଷିତ ଓ ସ୍ୱଚ୍ଛ ଆର୍ଥିକ ଇକୋସିଷ୍ଟମ ପ୍ରତି ଯୋଗଦାନ ଦେବ।

## ରାଜ୍ୟ ଖବର

■ ପୁଲିସର ପକ୍ଷପାତିତା ନେଇ ଏସପିଙ୍କୁ ଫେରାଦ ହେଲେ ମହିଳା

# ଏସ୍‌ପି ଅଫିସ୍ ଆଗରେ ଆତ୍ମାହୁତି ଚେତାବନୀ




**ବେତନଟୀ ଏସ୍‌ଡିପିଓଙ୍କୁ ତଦନ୍ତ ନିର୍ଦ୍ଦେଶ**

ବାରିପଦା, ୨୯।୭(ସମିସ): ବାରମ୍ବାର ଅଭିଯୋଗ ପରେ ବି ନ୍ୟାୟରୁ ବଞ୍ଚିତ ଜଣେ ମହିଳା ମଙ୍ଗଳବାର ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଭେଟି ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ମହିଳାଜଣଙ୍କ ହେଲେ, ବୈଶିଙ୍ଗା ଥାନା ଅଧୀନ କଳମା ଗ୍ରାମର ଅଶୋକ କୁମାର ଜେନାଙ୍କ ପତ୍ନୀ ଅନସୂୟା।

ସୂଚନାନୁସାରେ, ଏପ୍ରିଲ ୧୨ତାରିଖରେ ଘରୋଇ କଳିକୁ କେନ୍ଦ୍ର କରି ତାଙ୍କ ଭଉଣୀ କବିତା ବିଜୁଳି ଓ ତାଙ୍କ ପୁରୁଷବନ୍ଧୁ ସଞ୍ଜୟ ଜେନା (ବର୍ତ୍ତମାନ ସ୍ୱାମୀ) ଅନସୂୟାଙ୍କୁ ମାଡ଼ ମାରିଥିଲେ। ତାଙ୍କ ଝିଅ ମାମା ବିରୋଧ କରିବାରୁ ତାଙ୍କୁ ମଧ୍ୟ ଅସଦ୍ ବ୍ୟବହାର କରିଥିଲେ। ଏନେଇ ସେ ବୈଶିଙ୍ଗା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ଅପରପକ୍ଷଙ୍କ ଅଭିଯୋଗ ଆଧାରରେ ପୁଲିସ୍ ଅନସୂୟାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ସେ ଜାମିନରେ ଆସିବା ପରେ ଜୁନ ୬ ତାରିଖରେ ପୁଣି ଏକ ଅଭିଯୋଗ କରିଥିଲେ। ତଥାପି ଅଭିଯୋଗର ବିଚାର ହେଲା ନାହିଁ। ଫଳରେ ସେ ବାଧ ହୋଇ ଜୁଲାଇ ୭ ତାରିଖରେ ମୟୂରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କୁ ଜଣାଇଥିଲେ। ପୁଣି ଜୁଲାଇ ୭ ତାରିଖରେ ବୈଶିଙ୍ଗା ଥାନାରେ ଆଉ ଏକ ଲିଖିତ ଅଭିଯୋଗ କରିବା ପରେ ମଧ୍ୟ ନ୍ୟାୟ ମିଳିଲା ନାହିଁ। ଏଣୁ ସେ ପୁଣି ମଙ୍ଗଳବାର ଏସପିଙ୍କୁ ଭେଟି ଉପରୋକ୍ତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ନ୍ୟାୟ ନ ମିଳିଲେ ସେ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏସପି ଏହି ଘଟଣାର ତଦନ୍ତ ପାଇଁ ବେତନଟୀ ଏସଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଉଲ୍ଲେଖଯୋଗ୍ୟ, ଅଭିଯୋଗକାରିଣୀ ଓ ତାଙ୍କ ଭଉଣୀ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କ ସମ୍ପର୍କୀୟ ଝିଆରୀ। ବିଧାୟକଙ୍କ ଚାପରେ ବୈଶିଙ୍ଗା ଥାନା ଅଧିକାରୀ ପକ୍ଷପାତିତା କରୁଥିବାରୁ ତାଙ୍କୁ ନ୍ୟାୟ ପରିବର୍ତ୍ତେ ବିଚାର ବିଭାଗୀୟ ହାଜତରେ ରହିବାକୁ ପଡ଼ିଛି।

# କୋଟିପତି ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢଉ



- ■ ଗୋଟିଏ ବହୁତଳ କୋଠା, ୨ଟି ଫ୍ଲାଟ୍ ଠାବ
- ■ ଗ୍ୟାଲେରିଆ ଓ ସିମ୍ଫୋନୀ ମଲ୍‌ରେ ଦୋକାନ
- ■ ରାଜଧାନୀ, ନୟାଗଡ଼, ଖୋର୍ଦ୍ଧାରେ ୧୩ ଟି ପ୍ଲଟ୍

ଭୁବନେଶ୍ୱର,୨୯।୭(ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭୁବନେଶ୍ୱର ରାସ୍ତା ଓ କୋଠାବାଡ଼ି ଡିଭିଜନର ସହକାରୀ ଯନ୍ତ୍ରୀ ରାଜକିଶୋର ଜେନାଙ୍କ ଘରେ ଚଢଉ କରିଛି ଭିଜିଲାନ୍ସ। ଆଜି ଭୋରରୁ ୭ ଡିଏସପି, ୫ ଇନ୍‌ସପେକ୍ଟର, ୧୧ ଏଏସ୍‌ଆଇ ଭୁବନେଶ୍ୱର ଓ ନୟାଗଡ଼ର ୧୦ଟି ସ୍ଥାନରେ ଚଢ଼ଉ କରିଛନ୍ତି। ଚଢ଼ଉ ବେଳେ ଭୁବନେଶ୍ୱର ନୀଳାଦ୍ରିବିହାରରେ ଥିବା ୩ ମହଲା କୋଠା, କସମୋପଲିସରେ ଫ୍ଲାଟ୍, ପାହାଳର ସିମ୍ଫୋନି ମଲରେ ଦୋକାନ ଘର, ନୟାଗଡ଼ ଜଗନ୍ନାଥ ପ୍ରସାଦରେ ଥିବା ପୈତୃକ ଘର, ଅଫିସ ଚ୍ୟାମ୍ବର, ଭୁବନେଶ୍ୱର ପଟିଆରେଶ୍ୱଶୁର ଘର, ନୟାଗଡ଼ରେ ଶ୍ୱଶୁର ଘର, ଭୁବନେଶ୍ୱର କସମୋପଲିସର ଟାୱାର ଏ୍‌ରେ ଫ୍ଲାଟ୍, ଡୁମୁଡୁମାରେ ଥିବା ପ୍ଲଟ୍ ଓ ଜାଗମରାରେ ଥିବା ଏଏସ୍‌ଏନ ଇନଫ୍ରାଷ୍ଟ୍ରକଚରରେ ଚଢଉ ହୋଇଛି। ରାଜକିଶୋର ଏବଂ ତାଙ୍କ ପରିବାର ନାମରେ ଭୁବନେଶ୍ୱରରେ ୯ଟି ପ୍ଲଟ୍ ଥିବା ବେଳେ ନୟାଗଡ଼ରେ ୩ଟି ଓ ଖୋର୍ଦ୍ଧାରେ ଗୋଟିଏ ପ୍ଲଟ୍ ରହିଛି। ବ୍ୟାଙ୍କ୍ ଏବଂ ଇନ୍ସ୍ୟୁରାନ୍ସରେ ୭୫ଲକ୍ଷ ଟଙ୍କା ଜମା ଅଛି। ସେ ଦୁଇ ପିଲାଙ୍କ ପଢ଼ା ବାବଦରେ ପ୍ରାୟ ୬୭ ଲକ୍ଷ ଖର୍ଚ୍ଚ କରିଛନ୍ତି ଓ ଘରର ଆସବାବପତ୍ର ୩୦ଲକ୍ଷର ହେବ ବୋଲି ଭିଜିଲାନ୍ସ ଆକଳନ କରିଛି। ଅର୍ଜିତ ସମ୍ପତ୍ତି ଆୟ ବହିର୍ଭୂତ ହୋଇଥିବା ଅଭିଯୋଗରେ ଭିଜିଲାନ୍ସ ରାଜକିଶୋରଙ୍କୁ ଅଟକ ରଖିଛନ୍ତି । ୨୦୦୭ ଅକ୍ଟୋବର ୩ରେ ରାଜକିଶୋର ଡାଟା ଏଣ୍ଟ୍ରି ଭାବେ କାମ କରୁଥିଲେ। ସେତବେଳେ ତାଙ୍କର ଦରମା ୫ହଜାର ଟଙ୍କା ରହିଥିଲା। ଏହାପରେ ସେ ନିୟମିତ ହେବା ପରେ ୨୦୧୩ ଅକ୍ଟୋବର ୨ରେ ଭୁବନେଶ୍ୱର ଆରଡବ୍ଲ୍ୟୁ ଡିଭିଜନରେ ଜେଇ(ସିଭିଲ) ଭାବେ କାମ କରିଥିଲେ। ୨୦୧୪ ଅକ୍ଟୋବର ୧ରେ ଭୁବନେଶ୍ୱର ପୂର୍ତ୍ତ ବିଭାଗରେ କନିଷ୍ଠ ଯନ୍ତ୍ରୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ ଓ ୨୦୧୪ ନଭେମ୍ବର ୧ରେ ଭୁବନେଶ୍ୱର ଆରଆଣ୍ଡବି ଡିଭିଜନ-୨କୁ ବଦଳି ହୋଇ ଆସିଥିଲେ। ଏହାପରେ ୨୦୧୬ ଜୁନ ୧୩ରେ କେଉଁଝରର ଆରଆଣ୍ଡବି ଡିଭିଜନକୁ ବଦଳି ହୋଇ ଯାଇଥିଲେ। ୨୦୧୬ରେ ନଭେମ୍ବର ୧ରେ କଟକ ଆର୍‌ଆଣ୍ଡବି ଡିଭିଜନ-୨କୁ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ସେଠାରେ କାମ କରିବା ପରେ ୨୦୧୭ ନଭେମ୍ବର ୩୦ରେ ଭୁବନେଶ୍ୱର-୪ ଆରଆଣ୍ଡବି ଡିଭିଜନକୁ ବଦଳି ହୋଇ ଆସିଥିଲେ। ସେ ଭୁବନେଶ୍ୱର ଓ କଟକରେ ୧୮ ବର୍ଷ ହେବ କାମ କରୁଛନ୍ତି। ବର୍ତ୍ତମାନ ସେ ଦରମା ୭୭ହଜାର ୨୭ ଟଙ୍କା ପାଉଥିବା ବେଳେ କୋଟି କୋଟି ସମ୍ପତ୍ତିର କିଭଳି ମାଲିକ ହେଲେ ସେନେଇ ଭିଜିଲାନ୍ସ ଖୋଳତାଡ଼ କରୁଛି।

# ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

କେନ୍ଦୁଝର, ୨୯।୭ (ସମିସ): କେନ୍ଦୁଝର ଜିଲ୍ଲା ଘଟଗାଁ ନିକଟ ନାକଝରି ଗାଁରେ ଦୁଇଜଣ ନାବାଳିକା ଏକ ପୋଖରୀରେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ମୃତ ନାବାଳିକାଦ୍ୱୟ ହେଲେ, ସେହି ଗାଁର ଅମ୍ରିତା ବଳ (୭) ଓ ଭୂମି ନାଏକ (୧୦)। ଉଭୟ ସ୍କୁଲରୁ ଫେରି ଅପରାହ୍ଣରେ ଘର ପାଖ ଏକ ପୋଖରୀରେ ଖେଳୁଥିବା ସମୟରେ ଅସାବଧାନତାରୁ ପୋଖରୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟଲୋକ ସେମାନଙ୍କୁ ଉଦ୍ଧାର କରି ଘଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଶବ ଜବତ କରି ଅପମୃତ୍ୟୁ ମାମଲାରେ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

**ପଞ୍ଜୀକରଣରୁ ମଣ୍ଡି ଚାରିଆଡେ ଅବ୍ୟବସ୍ଥା**

# ରାଜ୍ୟରେ ମୁଣ୍ଡ ଟେକୁଛି ଚାଷୀ ଆନ୍ଦୋଳନ

ଭୁବନେଶ୍ୱର, ୨୯।୭(ସମିସ): ରାଜ୍ୟରେ ୧ଲକ୍ଷ ୮୨ ହଜାର ନକଲି ଚାଷୀ ପଞ୍ଜିକରଣ କରିଛନ୍ତି। ସାଟେଲାଇଟ୍ ସର୍ଭେ ପରେ ଏଭଳି ଦୁର୍ନୀତି ସାମ୍ନାକୁ ଆସିଛି। ଏହି ଚାଷୀମାନଙ୍କୁ ସରକାର କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ୭ଦିନ ଭିତରେ ଉତ୍ତର ଦେବାକୁ ନିର୍ଦ୍ଦେଶ ରହିଛି। ସମବାୟରେ ଥିବା ଅବ୍ୟବସ୍ଥା ବାବଦରେ ମନ୍ତ୍ରୀ ମୁହଁ ଖୋଲୁନାହାନ୍ତି। ପଞ୍ଜିକରଣଠାରୁ ଆରମ୍ଭ କରି ଧାନ ବିକିବା ପର୍ଯ୍ୟନ୍ତ ସମସ୍ୟାରେ ସନ୍ତୁଳି ହେଉଛନ୍ତି ଚାଷୀ। ଗତବର୍ଷ ଏଥିରେ ସଂସ୍କାର ଆଣିବା ନେଇ ରାଜ୍ୟ ସରକାର ଓ ସମବାୟ, ଯୋଗାଣ ଓ କୃଷି ବିଭାଗ ଆଦି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ବର୍ଷକ ପରେ ସ୍ଥିତି ଯଥା ପୂର୍ବଂ ତଥା ପରଂ। ଚାଷୀଙ୍କର ଗୋଟିଏ ବି ସମସ୍ୟା ଏଯାଏଁ ସମାଧାନ ହୋଇପାରିନାହିଁ। ଏହାକୁ ନେଇ ଚାଷୀଙ୍କ ଭିତରେ ଅସନ୍ତୋଷ ଦାନା ବାନ୍ଧୁଛି। ଖୁବ୍‌ଶୀଘ୍ର ସମସ୍ୟା ଉପରେ ଦୃଷ୍ଟିପାତ ନ କଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ଚାଷୀ ସଂଗଠନ ଚେତାବନୀ ଦେଇଛନ୍ତି।

ଚଳିତ ବର୍ଷ ରାଜ୍ୟରେ ୫୮.୫୦ ଲକ୍ଷ ହେକ୍ଟର ଖରିଫ୍ ଫସଲ କରିବା ନେଇ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ଏଥିରେ ୩୪.୯୪ ଲକ୍ଷ ହେକ୍ଟର ଧାନ ଚାଷ ପାଇଁ ଟାର୍ଗେଟ୍ ରଖାଯାଇଛି। ଏଥିପାଇଁ ଚାଷୀ ପଞ୍ଜିକରଣ ଗତ ୧୯ ତାରିଖରୁ ଆରମ୍ଭ ହୋଇଥିବାବେଳେ ଅଗଷ୍ଟ ୨୦ ତାରିଖ ଯାଏଁ ଏହି ପଞ୍ଜିକରଣ ପ୍ରକ୍ରିୟା ଜାରି ରହିବ। ହେଲେ ଚଳିତଥର ପଞ୍ଜିକରଣରେ 'ଇ-କେୱାଇସି' ବଡ଼ ବାଧକ ସାଜିଛି। ଇଣ୍ଟରନେଟ୍ ଭିତ୍ତିଭୂମି ଦୁର୍ବଳ, ସମବାୟ ଗୁଡ଼ିକରେ ମାନବ ସମ୍ବଳ ଅଭାବ ଆଦି କାରଣରୁ ଚାଷୀମାନେ ସଠିକ ଭାବେ 'ଇ-କେୱାଇସି' କରିପାରୁନାହାନ୍ତି। ଏହାକୁ ନେଇ ରାଜ୍ୟବ୍ୟାପୀ ବିରୋଧ କରାଯାଉଥିଲେ ହେଁ ସରକାର ଏହା ଉପରେ ଏବେ ସୁଦ୍ଧା କୌଣସି ଠୋସ୍ ପଦକ୍ଷେପ ନେଇନାହାନ୍ତି। ସେହିଭଳି ଗତବର୍ଷ କଟ୍‌ନୀଛଟନୀ ବନ୍ଦ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର କ୍ୱିଣ୍ଟାଲ୍ ପିଛା ୧୨ରୁ ୨୦ କିଲୋ ପର୍ଯ୍ୟନ୍ତ ଧାନ ମିଲର୍‌ମାନେ କାଟି ନେଉଥିଲେ। ଏନେଇ ସମବାୟ ସମିତିଠାରୁ ଜିଲ୍ଲାପାଳଙ୍କ ନିକଟରେ ଚାଷୀ ଅଭିଯୋଗ କରି ବି କିଛି ସୁଫଳ ମିଳିନଥିଲା। ସେହିଭଳି ଚାଷୀକୁ ଟୋକନ୍ ମିଳିବାର ଗୋଟିଏ ଦିନ ଆଗରୁ ମଣ୍ଡିକୁ ଧାନ ଆଣିବାକୁ କୁହାଯାଉଛି; କିନ୍ତୁ ମଣ୍ଡିକୁ ଧାନ ଆଣିବା ପରେ ମିଲର୍ ନିଜ ମନ ମୁତାବକ ଧାନ ଉଠାଉଛି। ମଣ୍ଡିରେ ଧାନ ବସ୍ତା ଖୋଲା ଆକାଶ ତଳେ ପଡ଼ି ନଷ୍ଟ ହେଉଛି। ଚାଷୀ ଏନେଇ ଅଭିଯୋଗଠାରୁ ଆରମ୍ଭ କରି ରାସ୍ତାରୋକ୍ କଲେ ବି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ଏମିତିକି ଦିନ ଦିନ ଧରି ଚାଷୀ ମଣ୍ଡିରେ ଧାନ ଜଗି ବସୁଥିଲେ ବି ତାଙ୍କ ପାଇଁ ଆବଶ୍ୟକ ସୁବିଧା ନାହିଁ।

ଅନ୍ୟପକ୍ଷରେ ଧାନ ବିକ୍ରିବେଳେ କଟ୍‌ନୀଛଟ୍‌ନୀରେ ଖୋଦ୍ ସମବାୟ ସମିତିର ସଦସ୍ୟମାନେ ସମ୍ପୃକ୍ତି ରହୁଥିବାବେଳେ ମନ୍ତ୍ରୀ ନିଜ ବିଭାଗୀୟ ଲୋକଙ୍କ ପାଇଁ ଉଦାସୀନ ମନୋଭାବ ପୋଷଣ କରୁଛନ୍ତି। ଚାଷୀ ସଂଗଠନମାନେ ତଥ୍ୟ ପ୍ରମାଣ ସହ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଯେଉଁ ଚାଷୀ ଧାନ ପଞ୍ଜିକରଣ ସମୟରେ ନଭେମ୍ବର-ଡିସେମ୍ବର ଭିତରେ ଧାନ ବିକ୍ରି କରିବା ପାଇଁ କଷ୍ଟ ଦେଉଥିଲେ ବି ମିଲର୍‌ଙ୍କ ମନମାନୀ ଯୋଗୁଁ ଜାନୁଆରୀ, ଫେବ୍ରୁଆରୀ ସୁଦ୍ଧା ବି ଧାନ ଉଠିପାରୁନି। ଶେଷରେ ଏକାଧିକ ଚାଷୀଙ୍କ ଟୋକନ୍ ଲାପ୍ସ ହୋଇଯାଉଛି। ଏ ବାବଦରେ ଗତବର୍ଷ ଖରିଫ୍‌ଠାରୁ ଆରମ୍ଭ କରି ରବି ପର୍ଯ୍ୟନ୍ତ ଚାଷୀମାନେ ଅଭିଯୋଗ କରିଥିଲେ ବି ଏନେଇ କୌଣସି ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇନି। ଶେଷରେ ଚାଷୀମାନେ ବାଧହୋଇ ଦଲାଲ୍‌ଙ୍କୁ ଶାଗ-ମାଛ ଦରରେ ଧାନ ବିକ୍ରି କରୁଛନ୍ତି। ତେଣୁ ଚଳିତବର୍ଷ ଏ ବାବଦରେ ସରକାର ସଚେତନ ହେବା ପାଇଁ ଓଡ଼ିଶା କିଷାନ ମୋର୍ଚ୍ଚାର ସମ୍ପାଦକ ଶୁଭେନ୍ଦୁ ବେହେରା ସରକାରଙ୍କ ନିକଟରେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ବଡ଼ ଚାଷୀ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସେ କଠୋର ଚେତାବନୀ ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। କଥାରେ ମଧୁରତା ରଖିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୮୮୨- ସ୍ୱାଧୀନତା ସଂଗ୍ରାମୀ ସତ୍ୟେନ୍ଦ୍ର ନାଥ ବସୁଙ୍କ ଜନ୍ମ।
- ୧୮୮୬- ଦେଶର ପ୍ରଥମ ମହିଳା ଡାକ୍ତର ତଥା ପ୍ରଥମ ବିଧାୟିକା ଡଃ ଏସ୍. ମୁଥୁଲକ୍ଷ୍ମୀ ରେଡ୍ଡୀଙ୍କ ଜନ୍ମ।
- ୧୯୦୯- ରାଇଟ୍ ବ୍ରଦର୍ସ ସେନା ପାଇଁ ପ୍ରଥମ ବିମାନ ତିଆରି କଲେ।
- ୧୯୬୬- ଇଂଲଣ୍ଡ ପ୍ରଥମ ଥର ପାଇଁ ଫୁଟବଲ୍ ବିଶ୍ୱକପ୍ ଜିତିଲା।
- ୨୦୧୨- ଆନ୍ଧ୍ରପ୍ରଦେଶର ଏକ ରେଳଗାଡ଼ିରେ ନିଆଁ ଲାଗିବା ଯୋଗୁଁ ୩୨ ଜଣ ମୃତ, ୨୭ ଆହତ।

# ‘ଡନ୍-୩’ରେ ରହିବ ‘ଆଜ୍ କି ରାତ୍’ ଭଳି ଗୀତ

ଫରହାନ୍ ଅଖତର୍ ଏବେ ତାଙ୍କ ଆଗାମୀ ଫିଲ୍ମ ‘ଡନ୍-୩’କୁ ନେଇ ଚର୍ଚ୍ଚାରେ ରହିଛନ୍ତି। ଏବେ ଫିଲ୍ମର ସୁଟିଂ ଚାଲିଛି। ଏଥିରେ ଲିଡ୍ ରୋଲରେ ରଣବୀର ସିଂହ ଓ କ୍ରିତି ସାନନ୍ ନଜର ଆସିବେ। ଏବେ ଏହି ଫିଲ୍ମକୁ ନେଇ ଏକ ଖବର ଆସିଛି। ଏହି ଫିଲ୍ମରେ ୨୦୦୬ରେ ଆସିଥିବା ‘ଡନ୍’ ଫିଲ୍ମର ‘ଆଜ୍ କି ରାତ୍’ ଭଳି ଏକ ଗୀତ ରହିବ। ତେବେ ଏହାର ନୂଆ ଟ୍ରାକ୍ ମୂଳ ଗୀତ ଭଳି ହେବ। ମୂଳ ଗୀତରେ ଶାହାରୁଖ୍ ଖାନ୍, ଈଶା କୋପିକର୍ ଓ ପ୍ରିୟଙ୍କା ଚୋପ୍ରା



ନଜର ଆସିଥିବାବେଳେ ନୂଆ ଟ୍ରାକ୍‌ରେ ରଣବୀର ଓ କ୍ରିତିଙ୍କ ସହ ଅନ୍ୟ ଜଣେ ଅଭିନେତ୍ରୀ ଦେଖାଯିବେ। ତେବେ ଏନେଇ କଥାବାର୍ତ୍ତା ଚାଲିଥିବାବେଳେ ଏଯାଏଁ କୌଣସି ହିରୋଇନ୍‌ଙ୍କୁ ଫାଇନାଲ କରାଯାଇନାହିଁ। ତେବେ ‘ଡନ୍-୩’ରେ ପ୍ରିୟଙ୍କା ଓ ଶାହାରୁଖ୍‌ଙ୍କର ସ୍ପେଶାଲ ଏଣ୍ଟ୍ରି ହୋଇପାରେ ବୋଲି ଚର୍ଚ୍ଚା ହେଉଥିଲେ ସୁଦ୍ଧା ଏଯାଏଁ ଏହାକୁ ନେଇ ବିଧିବଦ୍ଧ ଭାବେ କୁହାଯାଇ ନାହିଁ। ଏହା ଆସନ୍ତା ବର୍ଷ ରିଲିଜ୍ ହୋଇପାରେ ବୋଲି କୁହାଯାଉଛି।

## ସବୁଠୁ ବିରକ୍ତିକର ଗୀତ

ସଙ୍ଗୀତ ବିନା ଜୀବନ ରଙ୍ଗହୀନ ଲାଗେ। ସେହିପରି କିଛି ଗୀତ ଏଭଳି ଅଛି, ଯାହାକି ମନ ଓ ମସ୍ତିଷ୍କକୁ ଶାନ୍ତି ପ୍ରଦାନ କରିଥାଏ। କିଛି ଗୀତକୁ ଶୁଣିବା ପରେ ଖୁସିରେ ନାଚି ଉଠିବାକୁ ମନେ ହେଉଥିବାବେଳେ ଆଉ କିଛି ଗୀତ ଶୁଣି ମଣିଷ ଦୁଃଖୀ ହୋଇଯାଏ। ତେବେ ଏମିତି ବି ଏକ ଗୀତ ଅଛି, ଯାହାକୁ ଶୁଣିବା ପରେ ବିରକ୍ତିକର ଲାଗିବା ସହ କାନ୍ଦ ମଧ୍ୟ ଲାଗେ। ୨୮ ବର୍ଷ ତଳେ ଏମିତି ଏକ ଗୀତ ଆସିଥିଲା। ଏହି ଗୀତଟି ହେଉଛି ‘କର୍ମା ପୁଲିସ୍।’ ଗୀତଟିର ଅବଧି ୪ ମିନିଟ୍ ୨୩ ସେକେଣ୍ଡ। ଯାହାକି ଅତ୍ୟନ୍ତ ଦୁଃଖଦାୟକ। ଏହାକୁ ବ୍ରିଟିଶ ରକ୍ ବ୍ୟାଣ୍ଡ ରେଡିଓହେଡ ପ୍ରସ୍ତୁତ କରିଥିଲା। ଏହି ଗୀତକୁ ବ୍ୟାଣ୍ଡର ୫ ଜଣ ସଦସ୍ୟ ମିଶି ଲେଖିଥିଲେ ଏବଂ ସଙ୍ଗୀତ ମଧ୍ୟ ସେମାନେ ନିଜେ ପ୍ରସ୍ତୁତ କରିଥିଲେ। ତେବେ ଗୀତର ସ୍ୱରରେ ଥକ୍କାପଣ ଓ ଅସ୍ଥିରତା ଅନୁଭବ ହୁଏ। ଫଳରେ ଶୁଣୁଥିବା ଲୋକଙ୍କ ମନ ଉଦାସ ହୋଇଯାଏ। କେବଳ ଗୀତ ନୁହେଁ, ଏହାର ଭିଡିଓ ବି ଦେଖିଲେ ବିରକ୍ତିକର ଲାଗିବା ବି ଥୟ। ତେବେ ଗୀତଟିର ମ୍ୟୁଜିକ ଭିଡିଓରେ ଜଣେ ଯୁବକ ନଜର ଆସିଛନ୍ତି। ତାଙ୍କୁ ଗୋଟିଏ କାର୍ ଲଗାତାର ପିଛା କରୁଛି। ଅବଶ୍ୟ ପୂରା ଭିଡିଓ ଧୀମା ଗତି, ଅନ୍ଧାରୁଆ ରାସ୍ତା ଓ ରହସ୍ୟମୟ ପରିବେଶରେ ପରିପୂର୍ଣ୍ଣ। ସେହିପରି ଭିଡିଓ ଶେଷରେ କାର୍‌ରେ ନିଆଁ ଲାଗିଯାଉଛି ଏବଂ ସବୁକିଛି ଧୂଆଁ ଭିତରେ ହଜିଯାଉଛି। ଏହି ଦୃଶ୍ୟ ଦର୍ଶକଙ୍କୁ ଅବସାଦର ଅନୁଭବ ପ୍ରଦାନ କରିଥାଏ। ଅବଶ୍ୟ ଏହି ଗୀତ ଓ ଭିଡିଓର ପ୍ରକୃତ ଉଦ୍ଦେଶ୍ୟ ବୁଝାପଡ଼ି ନାହିଁ। ଧୀମା ଗତି ଯୋଗୁଁ ଏହା ବହୁତ ବଡ଼ ଲାଗେ। ଅନେକ ଲୋକଙ୍କୁ ଏହା ବିରକ୍ତିକର ଲାଗିଲେ ବି ଗୀତଟି ଲକ୍ଷାଧିକ ଶ୍ରୋତାଙ୍କ ମନରେ ଅଛି। ଏହାବାଦ୍ ଉକ୍ତ ଗୀତଟି ଶୁଣିବା ଓ ଦେଖିବାକୁ ବିରକ୍ତିକର ଲାଗିଲେ ବି ଏହାକୁ ୟୁଟ୍ୟୁବ୍‌ରେ ୧୨ କୋଟିରୁ ଅଧିକ ଥର ଦେଖାଯାଇଛି ଓ ଶୁଣାଯାଇଛି। ସେହିପରି କିଛି ଲୋକ ଏହାକୁ ଏକାକୀତ୍ୱରେ ଶୁଣୁଥିବା ବେଳେ ଆଉ କେହି କେହି ରାତିରେ ଶୋଇବା ପୂର୍ବରୁ ଶୁଣିଥାନ୍ତି। ଅନ୍ୟପଟେ ଏହା ହେଉଛି ଏମିତି ଏକ ଗୀତ, ଯାହାକୁ ପ୍ରତି ଥର ଶୁଣିବା ପରେ କିଛି ଅଲଗା ଅନୁଭବ ପ୍ରଦାନ କରିଥାଏ।



## ବଢ଼ି ପାଣିରେ ବାହାଘର

ଫିଲିପାଇନ୍ସର ଏକ ନିଆରା ବାହାଘର ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ସାମାଜିକ ଗଣମାଧ୍ୟମରେ ବାହାଘରର କିଛି ଫଟୋ ସେୟାର୍ ହେବା ପରେ ତାହା ଚର୍ଚ୍ଚା ସାଉଁଟୁଛି। ଏଠାରେ ଭୟଙ୍କର ଝଡ଼ ତୋଫାନ ଯୋଗୁଁ ଏବେ ଅନେକ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଏହାସହ ଏଠାକାର ମାଲୋଲୋସରେ ଥିବା ଐତିହାସିକ ବାରସୋଲାଇନ ଚର୍ଚ୍ଚ ସମ୍ପୂର୍ଣ୍ଣ ଜଳବନ୍ଦୀ ହୋଇଛି। ଏଭଳି ପରିସ୍ଥିତିରେ ବି ଏହି ଚର୍ଚ୍ଚରେ ଏକ ବିବାହ ବେଶ୍ ଧୂମଧାମ୍‌ରେ ଅନୁଷ୍ଠିତ ହୋଇଛି। ଜେଡ୍ ରିକ୍ ବର୍ଦିଲୋ(ବର) ଏବଂ ଜମୈକା ଏଗୁଇଲର(କନିଆ) ଏଭଳି ସ୍ଥିତିରେ ବି ନିଜ ବିବାହ ତାରିଖକୁ ନ ଘୁଞ୍ଚାଇ, ବନ୍ୟାପାଣି ଭିତରେ ବିବାହ କରିଛନ୍ତି। ବଢ଼ିପାଣି ଭିତରେ ଦୁହେଁ ବିବାହର ସମସ୍ତ ରୀତିନୀତିକୁ ପାଳନ କରିଛନ୍ତି। ତା’ସହ ବର-କନିଆ ଘର ପକ୍ଷରୁ ଅତିଥି ବି ଏଥିରେ ସାମିଲ ହୋଇଛନ୍ତି। ତେବେ ସେମାନେ ୧୦ ବର୍ଷ ହେବ ପ୍ରେମ ସମ୍ପର୍କରେ ଥିଲେ। ଶେଷରେ ସେମାନଙ୍କ ସମ୍ପର୍କ ବିବାହର ରୂପ ନେଇଛି। ଅବଶ୍ୟ ଏହି ସ୍ଥିତିକୁ ଦେଖି ବର ଜଣକ ସେମାନଙ୍କ ଜୀବନରେ ଆସିଥିବା ଚ୍ୟାଲେଞ୍ଜ କଦାପି ଶେଷ ହେବ ନାହିଁ ବୋଲି କହିଛନ୍ତି। କେବଳ ସେତିକି ନୁହେଁ, ଏଥିରେ ସାମିଲ ଅତିଥିମାନେ ବିବାହକୁ ଖୁବ୍ ଉପଭୋଗ କରିଥିବା ଜଣାପଡ଼ିଛି। ଏପରିକି ବାହାଘରକୁ ଆସଥିବା ପିଲାମାନେ ବି ବନ୍ୟାପାଣିରେ ଖୁବ୍ ମଜାମସ୍ତି କରିଛନ୍ତି। ସେହିପରି ଚର୍ଚ୍ଚରେ ବର-କନିଆ ଓ ଅତିଥି ପାରମ୍ପରିକ ପୋଷାକ ପିନ୍ଧିଥିଲେ। ଏହାବାଦ୍ ଜୋତାକୁ ଶୁଖିଲା ସ୍ଥାନରେ ରଖି ଅତିଥିମାନେ ଆଣ୍ଠୁଏ ପାଣି ଭିତରେ ପ୍ୟାଣ୍ଟକୁ ଟେକି ଛିଡ଼ା ହୋଇଥିବା ଦେଖିବାକୁ ମିଳିଛି। ତେବେ କଠିନ ପରିସ୍ଥିତିରେ କିଭଳି ଖୁସି ମିଳିପାରେ, ତାହା ଏହି ଘଟଣା ପ୍ରମାଣିତ କରିଛି।



# ସମ୍ଭାବନା




## ଅଫିସ୍ ବୈଠକର ପ୍ରସ୍ତୁତି

**ଅନେକ ସମୟରେ ଅଫିସ୍ ମିଟିଂ ବିରକ୍ତିକର ଲାଗେ। ହେଲେ ଏହି ବୈଠକକୁ ଯିବା ପୂର୍ବରୁ ନିଜକୁ ପ୍ରସ୍ତୁତ କରିବା ନିହାତି ଜରୁରି। ବୈଠକ ସମୟରେ କିଛି କଥା ଉପରେ ଧ୍ୟାନ ରଖିବା କର୍ମଚାରୀଙ୍କ ପକ୍ଷେ ଖୁବ୍ ଗୁରୁତ୍ୱ ବହନ କରେ।**



- ଅଫିସ୍ ମିଟିଂକୁ ଯିବା ପୂର୍ବରୁ ମିଟିଂ ଏଜେଣ୍ଡାକୁ ଭଲଭାବେ ପଢ଼ନ୍ତୁ। କେଉଁ ବିଷୟରେ ଆଲୋଚନା ହେବ ଏବଂ ଏଥିରେ ଆପଣଙ୍କ ଭୂମିକା କ’ଣ ରହିବ, ସେକଥା ଜାଣନ୍ତୁ।
- ମିଟିଂରେ କୌଣସି ତଥ୍ୟ ପ୍ରଦାନ କରିବାର ଥିଲେ, ପୂର୍ବରୁ ତାହାକୁ ଏକତ୍ର କରି ରଖନ୍ତୁ।
- ସବୁବେଳେ ମିଟିଂ ଆରମ୍ଭ ହେବାର ୫-୧୦ ମିନିଟ୍ ପୂର୍ବରୁ ପହଞ୍ଚନ୍ତୁ।
- ମିଟିଂରେ ନିଜ ପକ୍ଷ ରଖନ୍ତୁ। ପ୍ରଶ୍ନ କରନ୍ତୁ ଏବଂ ଅନ୍ୟର ବିଚାରରେ ନିଜ ମତ ରଖନ୍ତୁ। ଏହାଦ୍ୱାରା ମିଟିଂରେ ରୁଚି ଥିବା ଜଣାଯାଏ।
- ମିଟିଂରେ ଅଧିକ କଥା ନ କହି ଅନ୍ୟମାନଙ୍କ କଥା ଧ୍ୟାନରେ ଶୁଣନ୍ତୁ। ଅନ୍ୟଜଣକ କଥା ଶୁଣିବା ପରେ ହିଁ ସଠିକ ଓ ପ୍ରଭାବୀ ମତ ରଖିପାରିବେ।
- ମିଟିଂରେ ନିଜ ପକ୍ଷ ରଖିବା କୁହାଗଲେ, ନିଜ କଥାକୁ ସିଧାସଳଖ ରଖନ୍ତୁ।
- ମିଟିଂରେ ସିଧା ଓ ଆତ୍ମବିଶ୍ୱାସର ସହ ବସନ୍ତୁ। ନତ ମସ୍ତକ ହୋଇ ବସନ୍ତୁ ନାହିଁ।

## ଚାକିରି ପାଇଁ ‘ଆଗ୍ରହ ପତ୍ର’



ସାଧାରଣ କର୍ମଚାରୀ ନିଯୁକ୍ତି ସୂଚନା ବାହାରିବା ଦେଖି ଚାକିରି ପାଇଁ ଆବେଦନ କରିଥାନ୍ତି। ଅନେକ ସମୟରେ ଗୋଟିଏ କମ୍ପାନିରେ କାମ କରିବାକୁ ଇଚ୍ଛା ଥିଲେ ମଧ୍ୟ ନିଯୁକ୍ତି ବିଜ୍ଞାପନ ନ ଥିବାରୁ ଆବେଦନ କରି ହୁଏ ନାହିଁ। ତେବେ ନିଯୁକ୍ତି ମିଳି ନ ଥିଲେ ମଧ୍ୟ ‘ଲେଟର୍ ଅଫ୍ ଇଣ୍ଟରେଷ୍ଟ’ (ଆଗ୍ରହ ପତ୍ର) ମାଧ୍ୟମରେ ଚାକିରି ପାଇଁ ଆବେଦନ କରିପାରିବେ। ଏହାକୁ ‘ଲେଟର୍ ଅଫ୍ ଇଣ୍ଟେଣ୍ଟ’ ବା ‘ଲେଟର୍ ଅଫ୍ ଇନକ୍ୱାୟାରି’ ମଧ୍ୟ କୁହାଯାଏ। ଅନେକ ଲୋକ ଏହାକୁ ବାୟୋଡାଟା ସହ ପଠାଯାଉଥିବା କଭର୍ ଲେଟର ଭାବେ ମଧ୍ୟ ବିଚାର କରନ୍ତି।


**କେମିତି ଲେଖିବେ**

- ଯେଉଁ ବିଭାଗରେ ନିଯୁକ୍ତି ଚାହୁଁଛନ୍ତି, ସେହି ବିଭାଗର ପ୍ରବନ୍ଧକଙ୍କୁ ପତ୍ର ଲେଖନ୍ତୁ।
- କମ୍ପାନିର କେଉଁ କଥା ଅଧିକ ପ୍ରେରିତ କରେ, ତାହା ଉଲ୍ଲେଖ କରନ୍ତୁ। କମ୍ପାନିର ଉତ୍ପାଦ, ସେବା ଆଦି ବାବଦରେ ନିଜସ୍ୱ ମତାମତ ଜଣାନ୍ତୁ।
- ନିଜର ସଂକ୍ଷିପ୍ତ ପେଶାଗତ ପରିଚୟ ସମ୍ବନ୍ଧରେ ଉଲ୍ଲେଖ କରନ୍ତୁ।
- କମ୍ପାନି ପାଇଁ କେଉଁ କୌଶଳ ଉପଯୋଗୀ ସାବ୍ୟସ୍ତ ହେବ, ତାହା ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ।
- କିଛି ପ୍ରୋଜେକ୍ଟ ବାବଦରେ ଲେଖନ୍ତୁ, ଯେଉଁଥିରେ ଯୋଗଦାନ ଦେବାକୁ ଚାହାନ୍ତି।

## କାମ ମଝିରେ ବ୍ରେକ୍ ନେବା ଭଲ ଅଭ୍ୟାସ

**ଏବର ବ୍ୟସ୍ତତା ପୂର୍ଣ୍ଣ ଜୀବନ ମଧ୍ୟରେ ସମସ୍ତେ ନିଜ କାମ ଏବଂ ଦାୟିତ୍ୱରେ ବ୍ୟସ୍ତ। ତେଣୁ କର୍ମଚାରୀଙ୍କୁ ନିଜ ପାଇଁ ସମୟ ବାହାର କରିବାରେ ଅସୁବିଧା ହୋଇଥାଏ। ସେହିପରି ଦିନ ତମାମ ଗୋଟିଏ ସ୍ଥାନରେ ବସି ରହି କାମ କରିବା ଦ୍ୱାରା ଶରୀର ଓ ମସ୍ତିଷ୍କ ଚାପଗ୍ରସ୍ତ ହୋଇଥାଏ। ତେଣୁ କାମରେ ବ୍ରେକ୍ ନେବାକୁ ସମୟ ମିଳେ ନାହିଁ। ତେବେ କାମ ମଝିରେ ଛୋଟ ଛୋଟ ବ୍ରେକ୍ ନେବାର ଅଭ୍ୟାସ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ। ଏହା ସହ ଏହା ପ୍ରଡକଟିଭିଟି ଏବଂ କ୍ରିଏଟିଭିଟିକୁ ବଢ଼ାଇଥାଏ।**

**କାହିଁକି ଜରୁରି ବ୍ରେକ୍:** ଲଗାତାର ଦୀର୍ଘ ସମୟ ପର୍ଯ୍ୟନ୍ତ ବସି କାମ କରିବା ଦ୍ୱାରା ମସ୍ତିଷ୍କ ଓ ଶରୀର ଥକ୍କିଯାଏ। ଗୋଟିଏ ସ୍ଥାନରେ ବସି ରହିବା ଏବଂ ଗୋଟିଏ କାମ ଉପରେ ଧ୍ୟାନ ଦେବା ଦ୍ୱାରା ଚାପ ବଢ଼େ ଏବଂ ଏକାଗ୍ରତା କମେ। ଏକ ଗବେଷଣାନୁସାରେ, ମସ୍ତିଷ୍କ ୯୦-୧୨୦ ମିନିଟ୍‌ରୁ ଅଧିକ ସମୟ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଧ୍ୟାନ କେନ୍ଦ୍ରିତ କରିପାରି ନ ଥାଏ। ଏଭଳି ସ୍ଥିତିରେ ଛୋଟ ଛୋଟ ବ୍ରେକ୍ ନେବା ଦ୍ୱାରା ମସ୍ତିଷ୍କକୁ ଆରାମ ମିଳେ ଏବଂ ପୁଣି ଥରେ କାମ କରିବା ପାଇଁ ସକ୍ରିୟ ହୁଏ। ଦୀର୍ଘ ସମୟ ପର୍ଯ୍ୟନ୍ତ ନିଷ୍କ୍ରିୟ ରହିବା ଦ୍ୱାରା ଶରୀରରେ ଥକ୍କାପଣ, ଅଣ୍ଟା ଯନ୍ତ୍ରଣା ସମସ୍ୟା ସୃଷ୍ଟି ହୁଏ। ତେବେ କାମ ମଝିରେ ଛୋଟ ଛୋଟ ବ୍ରେକ୍ ନେବା ଦ୍ୱାରା ଉତ୍ପାଦନକ୍ଷମତା ବୃଦ୍ଧିପାଏ। ବ୍ରେକ ନେବା ପରେ ଫୁର୍ତ୍ତି ଲାଗେ ଓ କାମ କରିବାରେ ଆଗ୍ରହ ଆସେ। ଏହା ସୃଜନାତ୍ମକ ଜ୍ଞାନ କୌଶଳରେ ସୁଧାର ଆଣେ। ଲଗାତାର କାମ କଲେ ମନକୁ କିଛି ନୂତନ ଚିନ୍ତାଧାରା ଆସେ ନାହିଁ। ସେହିପରି ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ରହିବା ଦ୍ୱାରା ବେକ, ଅଣ୍ଟା ସହ ଆଖିରେ ସମସ୍ୟା ସୃଷ୍ଟି ହୁଏ। ଏହା ହାର୍ଟ, ମେଦବହୁଳତା ଓ ମଧୁମେହର କାରଣ ହୁଏ। ତେଣୁ କାମ ମଝିରେ ନିଜ ସିଟ୍‌ରୁ ଉଠି କିଛି ସମୟ ବୁଲାବୁଲି କରିବା କିମ୍ବା ଶିଢ଼ି ଚଢ଼ିବା ଦରକାର।



## ଫଟୋ ପାଇଁ ‘ଇମାଜିନ୍ ମି’ ଟୁଲ୍

ମେଟା ଏଆଇ ଯୁକ୍ତ ଟୁଲ୍ ‘ଇମାଜିନ୍ ମି’କୁ ଭାରତରେ ଲଞ୍ଚ୍ କରିଛି। ଏହି ଟୁଲ୍‌କୁ ଆମେରିକାରେ ପ୍ରଥମରେ ଲଞ୍ଚ କରାଯାଇଥିଲା। ଏହାକୁ ଆମେରିକା ଫେସ୍‌ବୁକ୍, ଇନଷ୍ଟାଗ୍ରାମ୍, ହ୍ୱାଟ୍ସଆପ୍ ମେସେଞ୍ଜର ଏବଂ ମେଟା ଏଆଇ ଆପ୍ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ କରିଥିଲା। ହେଲେ ଏବେ ଭାରତୀୟମାନେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ ଏବଂ ହ୍ୱାଟ୍ସଆପ୍ ମେସେଞ୍ଜର ପାଇଁ ଏହାକୁ ବ୍ୟବହାର କରିପାରିବେ। ଏହି ଟୁଲ୍ ଫଟୋକୁ ଅଲଗା ଅଲଗା ଷ୍ଟାଇଲ୍ ଓ ରୂପ ପ୍ରଦାନ କରିବ। ତେବେ ବ୍ୟବହାରକାରୀଙ୍କୁ ଯେଉଁଭଳି ଭାବେ ଫଟୋ ତିଆରି କରିବାକୁ ହୋଇଥାଏ, ସେଥିଲାଗି କେବଳ ପ୍ରମ୍ପ୍ଟରେ ଇମାଜିନ୍ ମି ଆଜ୍ ଲେଖିବାକୁ ହେବ। ଏହା ସହ ଫଟୋ ଲାଗି ଏହି ଟୁଲ୍‌ରେ କେବଳ ନିଜର ସମ୍ମୁଖ, ବାମ, ଡାହାଣ ପାର୍ଶ୍ୱର ସେଲ୍‌ଫି ଦେବାକୁ ହେବ। ଅନ୍ୟପଟେ ଇମାଜିନ୍ ମି’ ଟୁଲ୍‌ରେ ଯେକୌଣସି ଫଟୋ ତିଆରି କଲେ, ଏଆଇ ୱାଟର୍‌ମାର୍କ ଟୁଲ୍ ମିଳିବ।



### ଗୋଟିଏ ଦିନ ପରେ ପଞ୍ଚମ ଟେଷ୍ଟ

# ଅର୍ଶଦୀପ ଓ ଆକାଶଦୀପ୍ ଖେଳିବା ସମ୍ଭାବନା

କେନିଂଟନ ଓଭାଲ,୨୯।୭ (ଏଜେନ୍ସି)

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ୫ମ ତଥା ଶେଷ ମ୍ୟାଚ୍ ଆଉ ଗୋଟିଏ ଦିନ ପରେ ଅର୍ଥାତ୍ ଜୁଲାଇ ୩୧ ତାରିଖ ଗୁରୁବାରଠାରୁ ଏଠାରେ ଆରମ୍ଭ ହେବ। ଲଣ୍ଡନ ସହରରେ ଅବସ୍ଥିତ କେନିଂଟନ ଓଭାଲ ଅନ୍ୟ ଭେନ୍ୟୁ ପରି ପେସ୍ ବୋଲରଙ୍କୁ ସୁହାଇଥାଏ। ଏଭଳି ସ୍ଥିତିରେ ଭାରତୀୟ ଦଳରେ ଦୁଇ ଜଣ ପେସ୍ ବୋଲର ବାମହାତୀ ଅର୍ଶଦୀପ ସିଂହ ଓ ଡାହାଣହାତୀ ଆକାଶଦୀପଙ୍କ ଖେଳିବା ପ୍ରାୟ ନିଶ୍ଚିତ। ଉଭୟ ଖେଳାଳି ଆହତ ହୋଇ ନ ଥିଲେ ଚତୁର୍ଥ ଟେଷ୍ଟ ଖେଳିଥାନ୍ତେ। ଏବେ ଉଭୟ ଫିଟ୍ ହୋଇଯାଇଛନ୍ତି ଓ ଏଠାରେ ଜୋରଦାର ଅଭ୍ୟାସ ମଧ୍ୟ କରିଛନ୍ତି। ଯାହା ଫଳରେ ଏମାନଙ୍କର ଫିଟ୍‌ନେସକୁ ନେଇ କୌଣସି ସମସ୍ୟା ନାହିଁ। ଦଳର ଶ୍ରେଷ୍ଠ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରା ଖେଳିବେ କି ନାହିଁ କେବଳ ତାହା ଟିମ୍ ଡାକ୍ତର କିମ୍ବା ଟିମ୍ ମ୍ୟାନେଜମେଣ୍ଟ କହିପାରିବେ। ଅବଶ୍ୟ ବୁମରା ଖେଳନ୍ତୁ କି ନାହିଁ ଅର୍ଶଦୀପ ଓ ଆକାଶଦୀପଙ୍କ ଚୂଡାନ୍ତ ଏକାଦଶରେ ସ୍ଥାନ ପାଇବା ଏକପ୍ରକାର ନିଶ୍ଚିତ। ଚତୁର୍ଥ ଟେଷ୍ଟରେ ଡେବ୍ୟୁ କରିଥିବା ଅଂଶୁଲ କାମ୍ବୋଜ ଓ ଶାର୍ଦ୍ଦୁଳ ଠାକୁରଙ୍କୁ ଶେଷ ଟେଷ୍ଟରେ ଅବ୍ୟାହତି ଦିଆଯାଇପାରେ। ମହମ୍ମଦ୍ ସିରାଜ, ଆକାଶ ଦୀପ ଓ ଅର୍ଶଦୀପ ଭାରତୀୟ ପେସ ମଙ୍ଗ ସମ୍ଭାଳିବେ। ବୁମ୍‌ରାଙ୍କ ସମ୍ପର୍କରେ ଶେଷ ମୁହୂର୍ତ୍ତରେ ଯାହା କିଛି ନିଷ୍ପତ୍ତି ନିଆଯିବ।

ଦେଶ ପକ୍ଷରୁ ଟେଷ୍ଟ କ୍ରିକେଟ ଖେଳିବା ଯେ କୌଣସି ଖେଳାଳିଙ୍କ ଲାଗି ସ୍ୱପ୍ନ ରହିଥାଏ। ଅର୍ଶଦୀପଙ୍କର ମଧ୍ୟ ସେହି ଏକା ଇଛା ବୋଲି କହନ୍ତି ତାଙ୍କ ପ୍ରଥମ କୋଚ୍ ଯଶୱନ୍ତ ରାଏ। ଏବେ ସେ ଅନ୍ତର୍ଜାତୀୟ କ୍ରିକେଟ ଖେଳିବାରେ ଢ଼େର ଅଭିଜ୍ଞତା ହାସଲ କରିସାରିଲେଣି। ଏଣୁ ସେ ନର୍ଭସ ହେବାର କୌଣସି କାରଣ ନାହିଁ କିମ୍ବା ବିଫଳ ହେବାର ସମ୍ଭାବନା ନାହିଁ। ଜାହିର ଖାନ୍‌ଙ୍କ ପରେ ବାମହାତୀ ଫାଷ୍ଟ ବୋଲର ଅର୍ଶଦୀପ୍‌ଙ୍କ ଉଭୟପଟୁ ସୁଇଙ୍ଗ କରିବାର ଦକ୍ଷତା ରହିଛି। ସେ ବ୍ୟାଟରଙ୍କୁ ଅସବିଧାରେ ପକାଇବାରେ ସିଦ୍ଧହସ୍ତ। ଏତେ ଦକ୍ଷତା ଥାଇ ସେ ଏଯାଏ ସୁଯୋଗ ପାଇ ନାହାନ୍ତି। ଟେଷ୍ଟ ଖେଳିବାକୁ ହେଲେ ଇଂଲଣ୍ଡ ସର୍ବୋତ୍କୃଷ୍ଟ ସ୍ଥାନ। ଭାରତୀୟ ଦଳ ଏଥିରୁ ଫାଇଦା ଉଠାଇବାକୁ ଯଶୱନ୍ତ ପରାମର୍ଶ ଦେଇଛନ୍ତି। ସୂଚନା ଯୋଗ୍ୟ ଅର୍ଶଦୀପ ସିଂ ଟେଷ୍ଟ ଦଳରେ ସ୍ଥାନ ପାଇବା ପୂର୍ବରୁ ୬୩ଟି ଟି-୨୦ ଓ ୯ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଭାରତ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ହେବାରେ ଅର୍ଶଦୀପଙ୍କ ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ସେ ଏହି ଟୁର୍ଣ୍ଣାମେଣ୍ଟରେ ୧୭ଟି ୱିକେଟ ନେବା ସହ ଦକ୍ଷିଣ ଆଫ୍ରିକା ବିପକ୍ଷ ଫାଇନାଲର ୧୯ତମ ଓଭର ବୋଲିଂ କରି ୪ ରନ୍ ଦେଇଥିଲେ। ଏହା ସତ୍ତ୍ୱେ ପ୍ରକୃତ କ୍ରିକେଟ ହେଉଛି ଟେଷ୍ଟ ମ୍ୟାଚ୍। ଏଥିରେ ନିଜର ପ୍ରତିଭାକୁ ପ୍ରଦର୍ଶନ କରିବାର ଯେତିକି ସୁଯୋଗ ରହିଥାଏ, ଠିକ୍ ସେହିପରିମାଣରେ ଚାପକୁ ନିୟନ୍ତ୍ରଣ କରିବାକୁ ମଧ୍ୟ ଶିକ୍ଷା ମିଳିଥାଏ। ଏଭଳିସ୍ଥଳେ ଇଂଲଣ୍ଡ ଟୁର୍‌ରେ ଡେବ୍ୟୁ କରି ସେ ଟେଷ୍ଟ କ୍ରିକେଟରେ ନିଜର ସ୍ଥାନ ସୁରକ୍ଷିତ ରଖନ୍ତୁ ବୋଲି ଯଶୱନ୍ତ କହିଛନ୍ତି।

#### କୁଲଦୀପଙ୍କୁ ନେଇ ଦ୍ୱନ୍ଦ୍ୱ

ପଞ୍ଚମ ଟେଷ୍ଟରେ ଭାରତ ୩ଜଣ ଫାଷ୍ଟ ବୋଲରଙ୍କୁ ଖେଳାଇବା ଏକପ୍ରକାର ସ୍ଥିର ହୋଇଛି। ଏଭଳି ସ୍ଥିତିରେ ଦଳରେ ଖେଳୁଥିବା ଦୁଇ ସ୍ପିନର ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ ସୁନ୍ଦର ଯେପରି ବ୍ୟାଟିଂ କରୁଛନ୍ତି, ସେଥିରେ ସେମାନଙ୍କୁ ବିଶ୍ରାମ ଦେବା କିମ୍ବା ଡ୍ରପ୍ କରିବା ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଲାଗି କଷ୍ଟକର ବ୍ୟାପାର। ଏଣୁ ଦଳରେ ତୃତୀୟ ସ୍ପିନର ଭାବେ କୁଲଦୀପ ଯାଦବଙ୍କୁ ଖେଳାଇବା କେତେଦୂର ସମ୍ଭବ ତାହା ଏବେଠାରୁ କହିବା କଷ୍ଟକର। ଯଦି କୁଲଦୀପ ଖେଳନ୍ତି ତେବେ ଜଣେ ପେସ୍ ବୋଲରଙ୍କୁ ବାଦ୍ ଦିଆଯିବ। ଏଭଳି ସ୍ଥିତିରେ ଭାରତ ଲାଗି ସମସ୍ୟା ସୃଷ୍ଟି ହୋଇପାରେ। ଏଠାରେ ବର୍ଷା ହେବାର ସମ୍ଭାବନା ରହିଛି। କିନ୍ତୁ ଇଂଲଣ୍ଡର ପିଚ୍ ଗୁଡିକ ଶୁଖିଲା ହୋଇଯାଇଥିବାରୁ ତାହା ବୋଲରଙ୍କୁ ସୁହାଉନାହିଁ। ଏଣୁ କୁଲଦୀପଙ୍କ ଖେଳିବାକୁ ନେଇ ଦ୍ୱନ୍ଦ୍ୱ ରହିବା ସ୍ୱାଭାବିକ୍। ଟିମ୍‌ର ଗୋଟିଏ ରଣନୀତି ସ୍ପଷ୍ଟ ଯେ, ୨୦ଟି ୱିକେଟ ନେଇପାରୁଥିବା ଦକ୍ଷ ବୋଲରଙ୍କୁ ଭାରତ ଏଠାରେ ଖେଳିବାକୁ ସୁଯୋଗ ଦେବ।

### ଗ୍ରାଉଣ୍ଡସମ୍ୟାନ୍‌ଙ୍କ ସହ ଗମ୍ଭୀରଙ୍କ ଯୁକ୍ତିତର୍କ



ଉତ୍ତେଜନାମୂଳକ ଚତୁର୍ଥ ଟେଷ୍ଟକୁ ଭାରତ ଡ୍ର ରଖିବା ପରେ ଗତକାଲି ସୋମବାର ଭାରତୀୟ ଦଳ କେନିଂଟନ ଓଭାଲରେ ପ୍ରଥମଥର ଅଭ୍ୟାସ କରିବାକୁ ଆସିଥିଲେ। କିନ୍ତୁ ପଡ଼ିଆରେ ଅଭ୍ୟାସ ଲାଗି ଥିବା ସୁବିଧା ସୁଯୋଗରେ ସନ୍ତୁଷ୍ଟ ହୋଇ ନ ଥିଲେ ଗମ୍ଭୀର। ଏଥିରେ ଅସନ୍ତୋଷ ପ୍ରକାଶ କରିବା ସହ ପିଚ୍ ନିକଟକୁ ଯାଇଥିଲେ ଗମ୍ଭୀର ଓ ଅନ୍ୟମାନେ। ଦାୟିତ୍ୱରେ ଥିବା ଗ୍ରାଉଣ୍ଡସମ୍ୟାନ୍ ୨.୫ ମିଟର ଦୂରରୁ ପିଚ୍ ଦେଖିବାକୁ କହିବା ପରେ ଭାରତୀୟ ସପୋର୍ଟ ଷ୍ଟାଫ୍ ଉତ୍ତେଜିତ ହୋଇଥିଲେ। ଅଭ୍ୟାସ କରିବା ଲାଗି ଯେଉଁ ପିଚ୍ ଦିଆଯାଇଥିଲା ତାହାରି ଭିତରେ ରହିବାକୁ ଗ୍ରାଉଣ୍ଡସମ୍ୟାନ୍ ଫୋର୍ଟିସ କହିଥିଲେ। ସ୍ପାଇକ୍ ପିନ୍ଧି ନ ଥିଲେ ମଧ୍ୟ ଏତେ ଦୂରରୁ ପିଚ୍ ଦେଖିବା କିମ୍ବା ଅଭ୍ୟାସ କରିବା ସମ୍ଭବ ନୁହେଁ ବୋଲି ଫୋର୍ଟିସଙ୍କୁ କହିବା ପରେ ସେ ଏହାକୁ ହଜମ କରି ପାରି ନ ଥିଲେ। ସେ ଜୋରରେ ବାହାରିଯିବାକୁ କହିଥିଲେ। ଯାହା ଫଳରେ ଗମ୍ଭୀର ଓ ଗ୍ରାଉଣ୍ଡସମ୍ୟାନ୍ ମୁହାଁମୁହିଁ ଅବସ୍ଥାକୁ ଚାଲିଆସିଥିଲେ। ବ୍ୟାଟିଂ କୋଚ୍ ସିତାଂଶୁ କୋଟଙ୍କ ହସ୍ତକ୍ଷେପ ଫଳରେ ଏହି ବିବାଦଟି ତୁଟିଥିଲା। କିନ୍ତୁ ଗ୍ରାଉଣ୍ଡସମ୍ୟାନ୍ ତାଙ୍କ ନାମରେ ଅଭିଯୋଗ କରିବେ ବୋଲି ଜୋରରେ କହିଥିଲେ। ଏହା ଗମ୍ଭୀରଙ୍କ ଅଧିକ ଉତ୍ତେଜିତ କରିଥିଲା। ତୁମେ ଯାହା ନିକଟରେ ଅଭିଯୋଗ କରିବା କଥା କର, ଯାହା ପାଖରେ ରିପାର୍ଟ କରିବା କଥା କର, କିନ୍ତୁ ଆମେ କ'ଣ କରିବୁ ନ କରିବୁ ତାହା ତୁମେ ନିର୍ଦ୍ଦେଶ ଦେଇପାରିବ ନାହିଁ।

## ବିସିସିଆଇ କାର୍ଯ୍ୟାଳୟରୁ ୬.୫ ଲକ୍ଷ ଟଙ୍କାର ଜର୍ସି ଚୋରି

**ମୁମ୍ବଇ, ୨୯।୭ (ଏଜେନ୍ସି):** ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇର ମୁଖ୍ୟ କାର୍ଯ୍ୟାଳୟରୁ ଚୋରି ହୋଇଥିବା ନେଇ ଖବର ପ୍ରକାଶ ପାଇଛି। ମୁମ୍ବଇ ୱାଙ୍ଖେଡେ ଷ୍ଟାଡିୟମ ପରିସରରେ ଥିବା ବିସିସିଆଇ କାର୍ଯ୍ୟାୟଳରୁ ପାଖାପାଖି ୨୬୧ ଖଣ୍ଡ ଆଇପିଏଲ୍ ଜର୍ସି ଚୋରି ହୋଇଯାଇଛି। ଗୋଟିଏ ଜର୍ସିର ମୂଲ୍ୟ ୨୫୦୦ ଟଙ୍କା ହେବ। ଏହି ହିସାବରେ ମୋଟ୍ ୬.୫୨ ଲକ୍ଷ ଟଙ୍କାର ଜର୍ସି ଚୋରି ହୋଇଥିବା ଜଣାପଡ଼ିଛି। ଏହି ଘଟଣାରେ ପୁଲିସ କାର୍ଯ୍ୟାଳୟର ଜଣେ ସୁରକ୍ଷାକର୍ମୀଙ୍କୁ ଗିରଫ କରିଛି। ତାଙ୍କ ନାମ ଫାରୁକ ଅସଲାମ ଖାନ। ଫାରୁକ ସୁରକ୍ଷାକର୍ମୀ ମ୍ୟାନେଜର ଥିବାବେଳେ ବିସିସିଆଇ ଷ୍ଟୋର୍ ରୁମ୍‌ରୁ ଏହି ଜର୍ସି ଚୋରି କରିଥିଲେ। ଏହାକୁ ସେ ଅନ୍‌ଲାଇନ ମାଧ୍ୟମରେ ହରିୟାଣାର ଜଣେ ଜର୍ସି ଡିଲର୍‌ଙ୍କୁ ବିକ୍ରି କରିଥିବା ଜଣାପଡ଼ିଛି। ପୁଲିସ ପକ୍ଷରୁ କୁହାଯାଇଛି ଯେ, ଫାରୁକ୍ ଅନ୍‌ଲାଇନ ଗେମ୍ ଖେଳୁଥିଲେ। ଏହି ଅନ୍‌ଲାଇନ ଗେମ୍ ନିଶାରେ ସେ ଏତେମାତ୍ରରେ ବୁଡ଼ି ଯାଇଥିଲେ ଯେ ଶେଷରେ ଜର୍ସି ଚୋରି କରିବାକୁ ପଛାଇ ନ ଥିଲେ। ଏହି ଚୋରି ଜର୍ସିକୁ ବିକ୍ରି କରି ସେ ଅନ୍‌ଲାଇନ ଗେମ୍ ଖେଳ ଜାରି ରଖିଥିଲେ। ପୁଲିସ ତାଙ୍କ ନିକଟରୁ ୧.୨୫ ଲକ୍ଷ ଟଙ୍କା ଓ ୫୦ଟି ଜର୍ସି ଜବତ କରିଛି। ବିସିସିଆଇର ଅଡିଟ୍ ସମୟରେ ଜର୍ସି ଚୋରି ହୋଇଥିବା ଜଣାପଡ଼ିଥିଲା।

## କେକେଆର୍ ପ୍ରଶିକ୍ଷକ ପଦ ଛାଡ଼ିଲେ ପଣ୍ଡିତ

**କୋଲକାତା, ୨୯।୭ (ଏଜେନ୍ସି):** ଦୁଇଥରର ଆଇପିଏଲ୍ ଚାମ୍ପିଅନ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ଶକ୍ତ ଧକ୍କା ଲାଗିଛି। କେକେଆର୍ ମୁଖ୍ୟ ପ୍ରଶିକ୍ଷକ ପଦରୁ ଚନ୍ଦ୍ରକାନ୍ତ ପଣ୍ଡିତ ମଙ୍ଗଳବାର ଇସ୍ତଫା ଦେଇଛନ୍ତି। ପଣ୍ଡିତ ଦଳରୁ ଇସ୍ତଫା ଦେଇଥିବା ନେଇ ଫ୍ରାଞ୍ଚାଇଜ ପକ୍ଷରୁ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦିଆଯାଇଛି। 'ନୂଆ ସୁଯୋଗ ଅନୁସନ୍ଧାନ ଲାଗି ଚନ୍ଦ୍ରକାନ୍ତ ପଣ୍ଡିତ ଆଉ କୋଲକାତାର ମୁଖ୍ୟ ପ୍ରଶିକ୍ଷକ ପଦ ଜାରି ରଖିବେ ନାହିଁ' ବୋଲି କେକେଆର୍ ପକ୍ଷରୁ ଉଲ୍ଲେଖ କରାଯାଇଛି।



୬୩ ବର୍ଷୀୟ ଚନ୍ଦ୍ରକାନ୍ତ ୨୦୨୨ରେ ମଧ୍ୟପ୍ରଦେଶ ଦଳକୁ ରଣଜୀ ଟ୍ରଫି ଚାମ୍ପିଅନ କରାଇବା ପରେ କେକେଆର୍‌ର ପ୍ରଶିକ୍ଷକ ପଦରେ ନିଯୁକ୍ତ ହୋଇଥିଲେ। ସେ ଗତ ୩ ସିଜନ ଧରି ଫ୍ରାଞ୍ଚାଇଜ ସହ ଜଡ଼ିତ ରହିଥିଲେ। ତାଙ୍କ ପ୍ରଶିକ୍ଷଣରେ କୋଲକାତା ୨୦୨୪ ଆଇପିଏଲ୍‌ରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଥିଲା। କିନ୍ତୁ ଚଳିତ ବର୍ଷ ଆଇପିଏଲ୍‌ରେ କୋଲକାତା ୧୪ ମ୍ୟାଚ୍ ଖେଳି ମାତ୍ର ୫ ବିଜୟ ସହ ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

### ୱେଷ୍ଟଇଣ୍ଡିଜର କ୍ରମାଗତ ୫ମ ଟି-୨୦ ପରାଜୟ

# ଅଷ୍ଟ୍ରେଲିଆ ୫-୦ରେ ସିରିଜ୍ ପୋଛିଲା

**ସେଣ୍ଟ କିଟ୍ସ, ୨୯।୭ (ଏଜେନ୍ସି):** କ୍ରମାଗତ ପଞ୍ଚମ ଟି-୨୦ ମ୍ୟାଚରେ ୱେଷ୍ଟଇଣ୍ଡିଜ ପରାସ୍ତ ହୋଇଛି। ମଙ୍ଗଳବାର ସକାଳେ ସ୍ଥାନୀୟ ୱାର୍ନର ପାର୍କରେ ଅନୁଷ୍ଠିତ ୫ମ ଟି-୨୦ରେ ମ୍ୟାଚରେ ଭ୍ରମଣକାରୀ ଅଷ୍ଟ୍ରେଲିଆ ୩ ୱିକେଟ୍‌ରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଥିଲା। ଏଥିସହ ଅଷ୍ଟ୍ରେଲିଆ ପାଞ୍ଚ ମ୍ୟାଚ୍‌ବିଶିଷ୍ଟ ସିରିଜକୁ ୫-୦ରେ କ୍ଲିନସୁଇପ୍ କରିଛି। ପୂର୍ବରୁ ପ୍ରଥମ ଚାରୋଟି ମ୍ୟାଚରେ ଅଷ୍ଟ୍ରେଲିଆ ଯଥାକ୍ରମେ ୩ ୱିକେଟ୍, ୮ ୱିକେଟ୍, ୬ ୱିକେଟ୍ ଓ ୩ ୱିକେଟ୍‌ରେ ବିଜୟୀ ହୋଇଥିଲା। ପଞ୍ଚମ ଟି-୨୦ରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ୱେଷ୍ଟଇଣ୍ଡିଜ ୩୨ ରନରେ ବ୍ରାଣ୍ଡନ୍ କିଙ୍ଗ୍ (୧୧ ରନ), ଅଧିନାୟକ ସାଇ ହୋପ୍ (୯) ଓ କେସି କାର୍ଟି (୧)ଙ୍କ ୱିକେଟ୍ ହରାଇଥିଲା। ତେବେ ମଧ୍ୟକ୍ରମରେ ସିମରନ ହେଟ୍‌ମାୟର ୫୨ ଓ ସିଫାର୍ନ



ରଦରଫୋର୍ଡ ୩୫ ରନର ଉପଯୋଗୀ ପାଳି ଖେଳିଥିଲେ। ଫଳରେ ଦଳ ୧୯.୪ ଓଭରରେ ୧୭୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ବେନ୍ ଡାରୱିସ ୩ ଓ ନାଥନ ଏଲିସ୍ ୨ଟି ୱିକେଟ୍ ନେଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୩ ଓଭର ଓ ୩ ୱିକେଟ୍ ବଳକା ଥାଇ ମ୍ୟାଚ୍ ଜିତିନେଇଥିଲା। ମିଚେଲ ଓୱିନ ୩୭, ଟିମ୍ ଡେଭିଡ୍ ୩୦ ଓ କାମେରନ ଗ୍ରୀନ ୩୨ ରନ କରିଥିଲେ। ଡାରୱିସ ମ୍ୟାଚ୍‌ର ଓ ଗ୍ରୀନ୍ ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

### ଗ୍ରୀନ ବେଜ୍ କ୍ଲାସିକ୍ ଅଲ୍‌ଓଡ଼ିଶା ସ୍ନୁକର

## ପ୍ରି-କ୍ୱାର୍ଟରରେ ସୁବ୍ରତ, ଚିରାଗ, ଅବିନାଶ



**ଭୁବନେଶ୍ୱର, ୨୯।୭ (ଏଜେନ୍ସି):** ସୁବ୍ରତ ଦାସ, ଚିରାଗ ଆରୋରା ଓ ଅବିନାଶ ମହାପାତ୍ର ସ୍ଥାନୀୟ ଭିନଟେଜ୍ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଗ୍ରୀନ୍ ବେଜ୍ ଅଲ୍‌ଓଡ଼ିଶା ଓପନ୍ ୧୦-ରେଡ୍ ସ୍ନୁକର ଚାମ୍ପିଅନସିପ୍‌ର ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ମୁଖ୍ୟ ପର୍ଯ୍ୟାୟର ୨ୟ ଦିବସରେ ମଙ୍ଗଳବାର ସୁବ୍ରତ ୩-୨ ଫ୍ରେମରେ ଅବିନାଶଙ୍କୁ, ଚିରାଗ ୩-୦ରେ ରଣଜିତ୍ ପତିଙ୍କୁ ଓ ଅବିନାଶ ୩-୧ରେ ନିଶ୍ଚୟ ମହାପାତ୍ରଙ୍କୁ ପରାସ୍ତ କରିଥିଲେ। ଏଥିସହ ଏହି ୩ଜଣ ଗ୍ରୁପ୍‌ରେ ୩ଟି ଲେଖାଏ ବିଜୟ ହାସଲ କରି ରାଉଣ୍ଡ-୧୬ରେ ପହଞ୍ଚିଛନ୍ତି।



### ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ୍

## ମନ୍ଧାନାଙ୍କୁ ହଟାଇ ଶୀର୍ଷକୁ ଉଠିଲେ ନାଟାଲୀ

**ଦୁବାଇ, ୨୯।୭ (ଏଜେନ୍ସି):** ଭାରତର ସ୍ମୃତି ମନ୍ଧାନାଙ୍କୁ ହଟାଇ ଇଂଲଣ୍ଡ ଅଧିନାୟିକା ନାଟାଲୀ ସ୍କିଭର-ବ୍ରଣ୍ଟ ଆଇସିସି ମହିଳା ଦିନିକିଆ ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ ନାଟାଲୀ ୭୩୧ ରେଟିଂ ପଏଣ୍ଟ ସହ ଶୀର୍ଷକୁ ଉଠିଛନ୍ତି। ସେହିଭଳି ମନ୍ଧାନା ଗୋଟିଏ ପାହାଚ ତଳକୁ ଖସି ୨ୟ ସ୍ଥାନରେ ରହିଛନ୍ତି। ଭାରତ ବିପକ୍ଷ ୩ୟ ଦିନିକିଆ ମ୍ୟାଚରେ



ସ୍କିଭର ୯୮ ରନର ପାଳି ସହ ସିରିଜରେ ମୋଟ୍ ୧୬୦ ରନ ସଂଗ୍ରହ କରିଥିଲେ। ଯେଉଁଥିପାଇଁ ତାଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ସ୍କିଭର ୩ୟଥର ଲାଗି ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଏଥିପୂର୍ବରୁ ସେ ୨୦୨୩ ଓ ୨୦୨୪ରେ ଏକ ନମ୍ବର ସ୍ଥାନରେ ରହିଥିଲେ। ଦକ୍ଷିଣ ଆଫ୍ରିକାର ଲୌରା ୱଲଭର୍ଡଟ୍ ଦ୍ୱିତୀୟରୁ ୩ୟ ସ୍ଥାନକୁ ଖସିଯାଇଛନ୍ତି। ତେବେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ କୌର ଗୋଟିଏ ପାହାଚ ଉପରକୁ ଉଠି ଟପ୍-୧୦ରେ ପ୍ରବେଶ କରିଛନ୍ତି। ଜେମିମା ରୋଡ୍ରିଗ୍ସେଜ ମଧ୍ୟ ୨ଟି ପାହାଚ ଲମ୍ଫ ପ୍ରଦାନ କରି ୧୩ତମ ସ୍ଥାନରେ ରହିଛନ୍ତି।

## ରୋମାନିଆ କ୍ଲବ୍ ପକ୍ଷରୁ ଫୁଟବଲ ଖେଳିବାରେ ହର୍ଷିକା ପ୍ରଥମ ଭାରତୀୟ

**ନୂଆଦିଲ୍ଲୀ,୨୯।୭ (ଏଜେନ୍ସି):** ମୁମ୍ବାଇର ୨୨ ବର୍ଷିୟା ହର୍ଷିକା ଜୈନ ଭାରତର ପ୍ରଥମ ମହିଳା ଫୁଟବଲ ଖେଳାଳି ଭାବେ ରୋମାନିଆର ଫୁଟବଲ ଲିଗ୍ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି। ଏଯାଏ ଦେଶ ପକ୍ଷରୁ ଖେଳିବାକୁ ସୁଯୋଗ ପାଇ ନ ଥିବା ହର୍ଷିକା କଠିନ ପରିଶ୍ରମ ବଳରେ ଏହି ସଫଳତା ହାସଲ କରିଛନ୍ତି। ଶେଷରେ ଦୀର୍ଘ ୨୦ ଦିନ ଧରି ଟ୍ରାଏଲ୍ସରେ ଭାଗନେଇଥିଲେ। ଏଥିରେ ସେ କିଂବଦନ୍ତୀ କୋଚ୍ ମିରେଲ ଆଲବନଙ୍କୁ ଆକୃଷ୍ଟ କରିବା ପରେ ଅଲିମ୍ପିଆ ଘେରଲା ତାଙ୍କୁ ଚୁକ୍ତିବଦ୍ଧ କରିଥିଲା। ଆଲବନଙ୍କ କଠିନ ପରିଶ୍ରମ



ଯୋଗୁଁ ରୋମାନିଆର ଅନ୍ତର୍ଜାତୀୟ ଫୁଟବଲରେ ଢ଼େର ଉତ୍‌ଥାନ ହୋଇଛି। ଏବେ ହର୍ଷିକା ଏହି କ୍ଲବ୍‌ରେ ଏକ ଅଂଶହୋଇ ଯାଇଛନ୍ତି। ଭାରତ ପକ୍ଷରୁ ବାଲା ଦେବୀ, ମନିଷା କଲ୍ୟାଣ ଓ ଅଦିତି ଚୌହାନ ପୂର୍ବରୁ ୟୁରୋପୀୟ କ୍ଲବ୍ ଫୁଟବଲ ଖେଳିସାରିଛନ୍ତି। ଏମାନଙ୍କ ପଦାଙ୍କ ଅନୁସରଣ କରି ହର୍ଷିକା ଏବେ ସଫଳ ହୋଇଛନ୍ତି। ଏଠାରେ ମୋତେ ପରିବାର ସହ ରହିଲା ଭଳି ଲାଗୁଛି ଓ ମୋର ପରିଶ୍ରମର ମୂଲ୍ୟ ମିଳିଛି। କିନ୍ତୁ ଦେଶ ଲାଗି ଖେଳିବା ମୋର ସ୍ୱପ୍ନ ବୋଲି ହର୍ଷିକା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

## ଭୁବନେଶ୍ୱରରେ ନିଖିଳ ଓଡ଼ିଶା ଆମନ୍ତ୍ରଣୀୟ ସ୍କୁଲ ଜିମ୍ନାଷ୍ଟିକ୍ସ

**ଭୁବନେଶ୍ୱର,୨୯।୭ (ସମିସ):** ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ଆନୁକୁଲ୍ୟରେ ଚତୁର୍ଥ ନିଖିଳ ଓଡ଼ିଶା ଆମନ୍ତ୍ରଣୀୟ ସ୍କୁଲ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଅଗଷ୍ଟ ୨୮ରେ ଅନୁଷ୍ଠିତ ହେବ। ମଞ୍ଚେଶ୍ୱର ନିକଟସ୍ଥ ସମେଇଗାଡିଆରେ ଥିବା ଏକାଡେମୀ ପରିସରରେ ଏହି ପ୍ରତିଯୋଗିତା ବିଭିନ୍ନ ବିଭାଗରେ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଓଡ଼ିଶାର ସମସ୍ତ ସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିପାରିବେ। ବିଶେଷକରି ୬, ୮, ୧୦ ବର୍ଷରୁ କମ୍ ଓ ଆଡଭାନ୍ସଡ ଲେଭଲରେ ପ୍ରତିଯୋଗିତା ଆୟୋଜିତ ହେବ। ୬ ଓ ୮ ବର୍ଷରୁ କମ୍ ବୟସ ବିଭାଗରେ କେବଳ ଫ୍ଲୋର ଏକ୍ସରସାଇଜ୍, ୧୦ ବର୍ଷରୁ କମ୍ ବାଳକ ବିଭାଗରେ ଫ୍ଲୋର ଏକ୍ସରସାଇଜ୍ ଓ ଭଲ୍ଟିଙ୍ଗ ଟେବଲ, ବାଳିକା ବିଭାଗରେ ଫ୍ଲୋର ଏକ୍ସରସାଇଜ୍ ଓ ବାଲନ୍ସିଙ୍ଗ ବିମ୍, ଆଡଭାନ୍ସଡ ବାଳକ ବିଭାଗରେ ଫ୍ଲୋର ଏକ୍ସରସାଇଜ୍, ଭଲ୍ଟିଙ୍ଗ ଟେବଲ, ପୋମେଲ ହର୍ସ ଓ ପାରାଲାଲ ବାର୍ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଜେଏମ୍ ସ୍ପୋର୍ଟ୍ସ ଏକାଡେମୀର ଅଧ୍ୟକ୍ଷା ମୀରାରାଣୀ ଦାସ ଜଣାଇଛନ୍ତି। ପ୍ରତିଯୋଗିତା ସମ୍ପର୍କରେ ଅଧିକ ଜାଣିବା ଲାଗି ଫୋନ୍ ନଂ-୯୪୩୮୫-୦୪୯୧୫ କିମ୍ବା ୯୪୩୭୯-୩୪୦୨୪ ସହ ଯୋଗାଯୋଗ କରିବାକୁ ଶ୍ରୀମତି ଦାସ ଅନୁରୋଧ କରିଛନ୍ତି।

### ସିଙ୍କୁନ ଦକ୍ଷିଣ ଶୃଙ୍ଗ

## ଆରୋହଣ କଲେ ପ୍ରଭାସିନି

**ଭୁବନେଶ୍ୱର, ୨୯।୭ (ସମିସ):** ଓଡ଼ିଶାର ପର୍ବତାରୋହୀ ପ୍ରଭାସିନି ବେହେରା ହିମାଚଳ ପ୍ରଦେଶରେ ଥିବା ୬୦୩୦ ମିଟର ଉଚ୍ଚତା ବିଶିଷ୍ଟ ସିଙ୍କୁନ ଦକ୍ଷିଣ ଶୃଙ୍ଗ ଆରୋହଣ କରିବାରେ ସଫଳ ହୋଇଛନ୍ତି। ୧୬ ଜଣିଆ ଅଭିଯାତ୍ରୀ ଦଳରେ ପ୍ରଭାସିନି ଏକମାତ୍ର ମହିଳା ଥିଲାବେଳେ ତାଙ୍କ ସହ ୬ଜଣ ଜୁଲାଇ ୨୫ରେ ଏହି ଶୃଙ୍ଗ ଶୀର୍ଷରେ ପହଞ୍ଚିବାରେ ସମର୍ଥ ହୋଇଛନ୍ତି। ଏହା ପୂର୍ବରୁ ସେ ୬,୧୧୧ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ୟୁନମ, ୫୨୮୯ ମିଟର ଉଚ୍ଚତା ବିଶିଷ୍ଟ ମାଉଣ୍ଟ ଫ୍ରେଣ୍ଡସିପ୍, ମାଉଣ୍ଟ କେଦାରକାନ୍ତ ଓ ଚନ୍ଦ୍ରଶିଳା ପର୍ବତ ଆରୋହଣ କରିବାରେ ସଫଳ ହୋଇଛନ୍ତି। ଢେଙ୍କାନାଳର ବାସିନ୍ଦା ପ୍ରଭାସିନି ଦୁଃସାହସିକ ସଂଗଠନ ଏଏଏସ୍‌ଏ'ର ସଦସ୍ୟ। ଏହି ସଫଳତା ଲାଗି ତାଙ୍କୁ ଏଏଏସ୍‌ଏ ପକ୍ଷରୁ ସମ୍ପାଦକ ତଥା ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହଣକାରୀ ଗଣେଶ ଜେନା, ବିକ୍ରମ କିଶୋର ଦାସ, ଶକ୍ତିରଞ୍ଜନ ମହାନ୍ତି, ହରେଶ ମିଶ୍ର, ଶିବଶଙ୍କର ପଣ୍ଡା ଓ ଅଶୋକ ମହାନ୍ତି ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।



### ଏଏଫ୍‌ସି ଓମେନ୍ସ ଏସିଆନ୍ କପ୍

## ଜାପାନ ସହ ଗ୍ରୁପ୍-ସି'ରେ ଭାରତ

**ନୂଆଦିଲ୍ଲୀ, ୨୯।୭ (ଏଜେନ୍ସି):** ଏସିଆ ମହାଦେଶର ଶ୍ରେଷ୍ଠ ମହିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଏଏଫ୍‌ସି ଓମେନ୍ସ ଏସିଆନ୍ କପ୍ ଲାଗି ଡ୍ର ଘୋଷଣା ହୋଇଛି। ଶକ୍ତିଶାଳୀ ଜାପାନ, ପୂର୍ବ ବିଜେତା ଚାଇନିଜ ତାଇପେଇ ଓ ଭିଏତ୍‌ନାମ ସହ ଭାରତୀୟ ମହିଳା ଦଳ ଗ୍ରୁପ୍-ସି'ରେ ସ୍ଥାନ ପାଇଛି। ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟର ୨୧ତମ ସଂସ୍କରଣ ଆସନ୍ତା ବର୍ଷ ମାର୍ଚ୍ଚ ୧ରୁ ୨୧ ତାରିଖ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଖେଳାଯିବ। ଏଥିରେ ଯୋଗ୍ୟତା ଅର୍ଜନକାରୀ ଶ୍ରେଷ୍ଠ ୧୨ଟି ଦଳକୁ ୩ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ମାର୍ଚ୍ଚ ୪ରେ ଭିଏତ୍‌ନାମ ବିପକ୍ଷରେ ଖେଳି ଭାରତ ଟୁର୍ଣ୍ଣାମେଣ୍ଟରେ ଅଭିଯାନ ଆରମ୍ଭ କରିବ। ଏହାପରେ ଭାରତ ମାର୍ଚ୍ଚ ୭ରେ ଜାପାନ, ୧୦ରେ ଚାଇନିଜ ତାଇପେଇ ସହ ଖେଳିବାର କାର୍ଯ୍ୟସୂଚୀ ରହିଛି। ପ୍ରତି ଗ୍ରୁପ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲକୁ ଉନ୍ନିତ ହେବ।

# ଦିବ୍ୟା ଦେଶମୁଖ: ବିଶ୍ୱ ଚେସ୍‌ର ନୂଆ ତାରକା

ନୂଆଦିଲ୍ଲୀ,୨୯।୭ (ଏଜେନ୍ସି)

ଭାରତ ନମ୍ବର-୧ ଖେଳାଳି ତଥା ବିଶ୍ୱ ରାପିଡ ଚେସ୍ ଚାମ୍ପିଅନ କୋନେରୁ ହମ୍ପିଙ୍କୁ ହରାଇ ମହାରାଷ୍ଟ୍ର ନାଗପୁରର ଦିବ୍ୟା ଦେଶମୁଖ ପ୍ରଥମ ଭାରତୀୟ ମହିଳା ଭାବେ ଫିଡେ ମହିଳା ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ହୋଇଛନ୍ତି। ଏହା ସହ ତାଙ୍କୁ ମଧ୍ୟ ପୁରୁଷ ଗ୍ରାଣ୍ଡସ୍ଲାମ୍ ଟାଇଟଲ ମିଳିଛି। ଏହି ସଫଳତା ପରେ ସେ ବିଶ୍ୱର ନୁଆ ଚେସ୍ ତାରକା ଭାବେ ଉଭା ହୋଇଛନ୍ତି। ମାତ୍ର ୧୯ ବର୍ଷ ବୟସରେ ସେ ୩୮ ବର୍ଷିୟା ହମ୍ପିଙ୍କୁ ହରାଇ ରଚିଛନ୍ତି ନୂଆ ଇତିହାସ। ଚେସ୍ ବିଶ୍ୱକପ୍ ଟାଇଟଲ ଜିତିବା ଫଳରେ ତାଙ୍କୁ ୨୦୨୬ କ୍ୟାଣ୍ଡିଡେଟ୍ସ ଚେସ୍ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି। ଚେସ୍‌ର ନିୟମ ଅନୁଯାୟୀ କ୍ୟାଣ୍ଡିଡେଟ୍ସ ଚେସ୍‌ରେ ଯିଏ ଚାମ୍ପିଅନ ହେବେ ସିଏ ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ଟାଇଟଲ ବିଜେତା ଚୀନ୍‌ର ଜୁ ୱେନ୍‌ଜୁନ୍‌ଙ୍କ ସହ ଖେଳିବେ। ଏଥିରେ ଯିଏ ବିଜୟୀ ହେବେ ସିଏ ବିଶ୍ୱର ଶ୍ରେଷ୍ଠ ଖେଳାଳିରେ ରୂପାନ୍ତରିତ ହେବେ।

ଚେସ୍ ବିଶ୍ୱକପ୍‌ରେ ଚାମ୍ପିଅନ ଓ ଗ୍ରାଣ୍ଡସ୍ଲାମ୍ ଟାଇଟଲ ଜିତିବା ପୂର୍ବରୁ ଦିବ୍ୟା ବିଶ୍ୱର ୧୫ ନମ୍ବର ଖେଳାଳି ହୋଇଥିଲେ। ଏହା ପୂର୍ବରୁ ୨୦୨୪ ବୁଡାପେଷ୍ଟରେ



ଅନୁଷ୍ଠିତ ବିଶ୍ୱ ଚେସ୍ ଅଲିମ୍ପିଆଡ୍‌ରେ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ସେ ବ୍ୟକ୍ତିଗତ ଓ ଦଳଗତ ବିଭାଗରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଏହା ବ୍ୟତୀତ ଚୀନର ଉପସ୍ଥିତି ସତ୍ତ୍ୱେ ସେ ଏସିଆନ୍ ଚାମ୍ପିଅନସିପ୍ ଓ ୱାର୍ଲ୍ଡ ୟୁଥ୍ ଚାମ୍ପିଅନସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଗତବର୍ଷ ଅନୁଷ୍ଠିତ ବିଶ୍ୱ ଜୁନିଅର ଚେସ୍ ଚାମ୍ପିଅନ୍‌ସିପ୍‌ରେ ମଧ୍ୟ ସେ ଚାମ୍ପିଅନ ହୋଇଥିଲେ। ସେ ଭାରତର ଚତୁର୍ଥ ତଥା ବିଶ୍ୱର ୪୪ତମ ମହିଳା ଖେଳାଳିଭାବେ ଓପନ (ଉଭୟ ପୁରୁଷ ଓ ମହିଳା) ବିଭାଗରେ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ସେ ମଧ୍ୟ ଭାରତର ୮୮ତମ ଗ୍ରାଣ୍ଡମାଷ୍ଟର। ଏହା ପୂର୍ବରୁ ତାଙ୍କୁ ଗୋଟିଏ ହେଲେ ଗ୍ରାଣ୍ଡ ମାଷ୍ଟର ନର୍ମ ମିଳିଥିଲା। ନିକଟରେ ଡି ଗୁକେଶ ଭାରତ ପକ୍ଷରୁ ପୁରୁଷ ବିଭାଗରେ ଚେସ୍ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲେ। ପୂର୍ବରୁ ବିଶ୍ୱନାଥନ ଆନନ୍ଦ ବିଶ୍ୱ ଚେସ୍ ଚାମ୍ପିଅନ ହୋଇଥିଲେ। ଏବେ ବିଶ୍ୱର ପ୍ରଥମ ୧୦ଜଣ ଖେଳାଳିଙ୍କ ମଧ୍ୟରେ ଭାରତର ୪ଜଣ ଖେଳାଳି ରହିଛନ୍ତି। ମୋଟା ମୋଟି ଭାବେ କହିବାକୁ ଗଲେ ଗୁକେଶ ଓ ଦିବ୍ୟା ଚେସ୍ ବିଶ୍ୱକପ୍ ଚାମ୍ପିଅନ ହେବା ପରେ ଭାରତୀୟ ଚେସ୍‌ର ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି। ମହାରାଷ୍ଟ୍ରର ନାଗପୁରଠାରେ ଡାକ୍ତର ଦମ୍ପତି ନମ୍ରତା ଓ ଜିତେନ୍ଦ୍ର ଦେଶମୁଖଙ୍କ କନ୍ୟା ଦିବ୍ୟା ୨୦୦୫ ଡିସେମ୍ବର ୯ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ ଭଗବାନଦାସ ପୁରୋହିତ ବିଦ୍ୟା ମନ୍ଦିରରେ ସ୍କୁଲ ଶିକ୍ଷା ଶେଷ ଗ୍ରହଣ କରିଥିଲେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS